# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୧୮/୨୦୧୮ (୨୦ ପୃଷ୍ଠା+ଛୁଟିଦିନ) Sambalpur, Sunday, November 18/ 2018 ★★

୧୪ଶ ଭାଗ ୩୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ଲକ୍ଷ୍ୟ ସେନ୍ ସେମିଫାଇନାଲରେ**

ଭାରତର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ କାନାଡାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୯

୧୩

**ମହିଳା କମିଶନ ସମ୍ମୁଖରେ ହାଜର ହେଉନାହାନ୍ତି**

ନୋଟିସ ଜାରି ସତ୍ତ୍ୱେ ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ନିକଟରେ ହାଜର ହେଉନାହାନ୍ତି ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ।








ମୋ ଝିଅ ବାହାଘର ପାଇଁ ମିଳିଲା ୨୫ ହଜାର ଟଙ୍କାର ସହାୟତା। ଆମ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା।

- ପ୍ରମୋଦ ଡାକୁଆ, ଖୋର୍ଦ୍ଧା ଜିଲ୍ଲା

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର

|| ୨୪ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ||

|| ଟ.୫୮.୩୭ କୋଟିରୁ ଅଧିକ ସହାୟତା ||

ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ

ସବୁଦିନେ ନିର୍ମାଣ ଶ୍ରମିକଙ୍କ ସାଥିରେ

@CMO_Odisha CMO.Odisha @Naveen_Odisha



DADLS-182


## ନୀରବି ଗଲା ବନମାଳୀଙ୍କ ମର୍ଦ୍ଦଳ



ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୧୭।୧୧(ଡି.ଏନ୍.ଏ.)

ନୀରବି ଯାଇଛି ବିଶିଷ୍ଟ ତାଳବାଦ୍ୟ ଗୁରୁ ବନମାଳୀ ମହାରଣାଙ୍କ ଯନ୍ତ୍ର ସଙ୍ଗୀତର ଧ୍ୱନ୍। ନିଜ ପ୍ରିୟ ମର୍ଦ୍ଦଳକୁ ଛାଡ଼ି ଚିରଦିନ ପାଇଁ ଆଖି ବୁଜିଛନ୍ତି ଓଡ଼ିଶା ଯନ୍ତ୍ର ସଙ୍ଗୀତ ଜଗତର ଏହି ମହାନ୍ ଶିଳ୍ପୀ। ଶନିବାର ଅପରାହ୍ନରେ ତାଙ୍କର ୭୭ବର୍ଷ ବୟସରେ ପରଲୋକ ଘଟିଛି। ଦୁଇବର୍ଷ ଧରି ଯକୃତ ରୋଗରେ ଆକ୍ରାନ୍ତ ଥିବା ଏହି ଖ୍ୟାତନାମା ମର୍ଦ୍ଦଳ ବାଦକ ଭୁବନେଶ୍ୱର ଶ୍ୟାମପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୨୦ଦିନ ଧରି ଚିକିତ୍ସାଧୀନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ହେଲେ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ନ ଆସିବାରୁ ଆଇସିୟୁରୁ ☞ପୃଷ୍ଠା-୪

## ବିୟର ଫ୍ୟାକ୍ଟ୍ରି ପାଇଁ ଗଛକଟା
# ବିରୋଧକୁ ଦମନ

- ପୋଲିସ-ଗ୍ରାମବାସୀ ଛକାପଞ୍ଝା
- କଟାଗଲା ୪୦୦ରୁ ଊର୍ଦ୍ଧ୍ୱ ଗଛ
- ୩ ମହିଳାଙ୍କ ସମେତ ୧୩ ଗିରଫ

ଓଡ଼ାପଡ଼ା, ୧୭।୧୧(ଡି.ଏନ.ଏ.)

ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ନିର୍ମାଣ ପାଇଁ ଗଛକଟାକୁ ନେଇ ଅଶାନ୍ତ ହୋଇଉଠିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ବଳରାମପୁର। ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ, ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ କଟାଯାଇଛି ଶତାଧିକ ଗଛ। ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝାରେ ଶନିବାର ସବୁଜିମାଭରା ଫ୍ୟାକ୍ଟ୍ରି ନିର୍ମାଣ ପରିବେଶ ପାଲଟିଯାଇଥିଲା ରଣକ୍ଷେତ୍ର। ନିରୁପାୟ ହୋଇପଡ଼ିଥିବା ପୋଲିସ ଶେଷରେ ଆନ୍ଦୋଳନ ଦମନ କରିବାକୁ ଆରମ୍ଭ କରିଦେଇଥିଲା ପ୍ରୟାସ। ଘଟଣାରେ ୩ ମହିଳାଙ୍କ ସମେତ ମୋଟ ୧୩ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ଢେଙ୍କାନାଳ ସଦର ଉପଜିଲାପାଳଙ୍କ କୋର୍ଟରେ ହାଜର କରାଯିବା ପରେ ସେଠାରୁ ଜାମିନରେ ଛଡ଼ାଯାଇଛି। ଏ ନେଇ ନଂ. ୧୬୯/୧୮, ୧୭୪/୧୮ ଏବଂ ଦଫା ୧୦୭ରେ ଦୁଇଟି ମାମଲା ରୁଜୁ କରାଯାଇଛି।

ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବରୁ ଏକାଧିକବାର ବିରୋଧର ସମ୍ମୁଖୀନ ହୋଇଥିବା ପ୍ରଶାସନ ପକ୍ଷରୁ ଶନିବାର ଗଛକାଟିବାକୁ ବ୍ୟାପକ ପ୍ରାକ୍ ପ୍ରସ୍ତୁତି କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ୫ ପ୍ଲାଟୁନ ଫୋର୍ସ, ପୋଲିସ



ଗଛକୁ ଜଗି ରହିଛନ୍ତି ମହିଳା।

ଏବଂ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନ ୮ଟାରେ ପୋଲିସ ଫୋର୍ସ ସହିତ ଗଛକଟା ଦଳ ପହଞ୍ଚି ସାରିଥିଲେ ଘଟଣାସ୍ଥଳରେ। ହେଲେ ଏହାକୁ ସାମାନ୍ୟତମ ଖାତିର କରି ନ ଥିଲେ ଅଞ୍ଚଳବାସୀ। ଗଛକଟାକୁ ତୀବ୍ର ବିରୋଧ କରିବା ସହ ପ୍ରଶାସନ ବିରୋଧୀ ସ୍ଲୋଗାନ ଦେଇ ସେମାନେ ମଧ୍ୟ ପହଞ୍ଚିଥିଲେ ପ୍ରସ୍ତାବିତ ପ୍ଲାଣ୍ଟ ନିର୍ମାଣସ୍ଥଳରେ। ଗଛକଟାରେ ନିୟୋଜିତ କର୍ମଚାରୀଙ୍କୁ ସେମାନେ ଗୋଡ଼ାଇଥିଲେ। ଆଉ ଗ୍ରାମବାସୀଙ୍କ ପଛରେ ପଡ଼ିଥିଲା ପୋଲିସ ଫୋର୍ସ। ବେଶ୍ କିଛି ସମୟ ଧରି ପୋଲିସ ଓ ବିରୋଧକାରୀଙ୍କ ମଧ୍ୟରେ ଯୁକ୍ତିତର୍କ, ଛକାପଞ୍ଝା ହୋଇ ଧସ୍ତାଧସ୍ତି ଯାଏ କଥା ଯାଇଥିଲା। ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ପୋଲିସ ଆରମ୍ଭ କରିଦେଇଥିଲା ଗିରଫଦାରି। ଏସବୁ ଭିତରେ ଗଛ କଟାଳିମାନେ ଗଛକଟା ଜାରି ରଖିଥିଲେ। ଅଞ୍ଚଳବାସୀ ନିଜ ସାମର୍ଥ୍ୟ ଅନୁଯାୟୀ ପ୍ରତିବାଦ କରିଥିଲେ। ବିରୋଧକୁ ଜୋରଦାର କରିବା ଲାଗି ଗାଁକୁ ଯାଇ ଭରସା ଦେଇଥିବା ରାଜନୈତିକ ନେତୃବୃନ୍ଦଙ୍କୁ ପ୍ରତିବାଦସ୍ଥଳରେ ଦେଖିବାକୁ ମିଳି ନ ଥିଲା।

ନଭେମ୍ବର ୩ରେ ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ ବିୟର ବଟ୍‌ଲିଂ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିବାବେଳେ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ ଏହାର ଶିଳାନ୍ୟାସ କରିଥିଲେ। ବିୟର ପ୍ଲାଣ୍ଟ ହେଲେ ହାତୀ ଉପଦ୍ରବ ବଢ଼ିବା ଅଭିଯୋଗ କରିବା ସହ ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ଏପରି କି ଜିଲାପାଳଙ୍କ ଗାଡ଼ିକୁ ଅଟକାଇଥିଲେ। ଶିଳାନ୍ୟାସ ଦିନରୁ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଶନିବାର ଏହା ଉଗ୍ରରୂପ ନେଇଥିଲା। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଭାବେ ଗଁଦିଆ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ହରେକୃଷ୍ଣ ପ୍ରଧାନ, ଏସ୍‌ଡିପିଓ ଶେଖ ଅବଦୁଲ କରିମ୍ ପ୍ରମୁଖ ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏ ସମ୍ପର୍କରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କୁହନ୍ତି, ଗଛକଟାକୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନଙ୍କୁ ବୁଝାଶୁଝା କରି ପଠାଇ ଦିଆଯାଇଛି। ଏବେ ପରିସ୍ଥିତି ସ୍ୱାଭାବିକ ଅଛି।

**ଲୋଟିବ ୧ହଜାରରୁ ଊର୍ଦ୍ଧ୍ୱ ଗଛ**

ପ୍ରସ୍ତାବିତ ପ୍ଲାଣ୍ଟ ଅଞ୍ଚଳରେ ରହିଛି ବହୁ ପୁରାତନ ଶାଳ, ବେଲ, ପଟାସ, ବାହାଡ଼ା, କାଜୁ ଗଛ। ଶନିବାର ଖୁବ୍ କମ୍ ସମୟରେ ୪୦୦ରୁ ଊର୍ଦ୍ଧ୍ୱ ଗଛ କାଟି ☞ପୃଷ୍ଠା-୪


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ମନ୍ତବ୍ୟ**

ଯେଉଁମାନେ ଅନେକ କିଛି ଲୁଚାଉଛନ୍ତି ସେମାନେ କେନ୍ଦ୍ରୀୟ ସଂସ୍ଥାର ତଦନ୍ତକୁ ଭୟ କରୁଛନ୍ତି।

-ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

**କିଛି ତଥ୍ୟ**

୨୦୧୩-୧୪ରେ ଦେଶରେ ୫୬୫.୭୭ ନିୟୁତ ଟନ୍ କୋଇଲା ଉତ୍ପାଦନ ହୋଇଥିବା ବେଳେ ୨୦୧୭-୧୮ରେ ଏଥିରେ ୧୧୦.୭୧ ନିୟୁତ ଟନ୍ ବୃଦ୍ଧି ଘଟି ୬୭୬.୪୮ ନିୟୁତ ଟନ୍ ଛୁଇଁଛି।

-କୋଲ୍ ଇଣ୍ଡିଆ

## ଆଡ୍ ଗୁରୁ ଆଲିକ୍ ପଦମ୍‌ସୀଙ୍କ ପରଲୋକ



ମୁମ୍ବାଇ,୧୭।୧୧(ଆଇଏଏନ୍‌ଏସ୍)

ବିଶିଷ୍ଟ ଅଭିନେତା, ମଞ୍ଚ କଳାକାର ତଥା ଆଡଭର୍ଟାଇଜିଂ (ବିଜ୍ଞାପନ) ଗୁରୁ ଆଲିକ୍ ପଦମ୍‌ସୀଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ଅସୁସ୍ଥ ଥିବାରୁ ମୁମ୍ବାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ପଦମ୍‌ସୀ। ଶନିବାର ସକାଳେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ପାରିବାରିକ ସୂତ୍ରରୁ ଜଣାପଡ଼ିଛି। ପଦମ୍‌ସୀ ଦୁଇ ପୂର୍ବତନ ସ୍ତ୍ରୀ, ଜଣେ ପୂର୍ବତନ ପାର୍ଟନର ଏବଂ ☞ପୃଷ୍ଠା-୪

## ଅନୁଦାନ ଖର୍ଚ୍ଚକୁ ନେଇ ହଙ୍ଗାମା: ମନ୍ତ୍ରୀ ହଟହଟା

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

କେନ୍ଦ୍ର ସରକାର ଦେଉଥିବା ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା(ଏସ୍‌ସିଏ) ଅନୁଦାନ ଟ୍ରାଇବାଲ ସବ୍‌ପ୍ଲାନ(ଟିଏସ୍‌ପି) ଜରିଆରେ ଆଦିବାସୀଙ୍କ ବିକାଶ ପାଇଁ ଖର୍ଚ୍ଚ ହେଉନି। ବିଜେଡି କର୍ମୀମାନେ ଦଳୀୟ ଭିତ୍ତିରେ ଏହାକୁ ଖର୍ଚ୍ଚ କରୁଛନ୍ତି। ଆଦିବାସୀ ଉନ୍ନୟନ ପରିଷଦ ବୈଠକ ବସୁ ନାହିଁ। ମନ୍ତ୍ରୀ ଗୃହରେ ମିଥ୍ୟା ତଥ୍ୟ ଦେଉଛନ୍ତି। ଏ ପଇସା କାହା ବାପର ନୁହେଁ। ସରକାରଙ୍କ ପଇସା। ଆଦିବାସୀଙ୍କ ପାଇଁ ଖର୍ଚ୍ଚ ହେବା କଥା । ତାହା ନ କରି ଦଳୀୟ କର୍ମୀମାନେ ନିଜ ଇଚ୍ଛାରେ ଖର୍ଚ୍ଚ କରୁଛନ୍ତି। ପ୍ରକଳ୍ପ ଅନୁମୋଦନ ନେଇ ବୈଠକ ହେଉନି କିମ୍ବା କେଉଁ ଆଡେ ଖର୍ଚ୍ଚ ହେଉଛି ତାହା ମଧ୍ୟ ଜଣାପଡୁନି। ଏଭଳି ଗୁରୁତର ଅଭିଯୋଗ ଆଣି ବିରୋଧୀ କଂଗ୍ରେସ ଦଳର ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ବିରୋଧୀଙ୍କ ପ୍ରଚଣ୍ଡ



ଆକ୍ରମଣରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ରମେଶ ମାଝି ଆବାକାବା ହୋଇ ଯାଇଥିଲେ। ମନ୍ତ୍ରୀ ବିରୋଧୀଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲେ। ପ୍ରବଳ ହଟ୍ଟଗୋଳରେ ହଜି ଯାଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ବାଚସ୍ପତି ବାଧ୍ୟ ହୋଇ ୧୦ଟା ୪୭ରୁ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ବିଧାନସଭାର କାର୍ଯ୍ୟସୂଚୀ ଅନୁଯାୟୀ ବାଚସ୍ପତି ପ୍ରଦୀପ କୁମାର ଅମାତ ୧୦ଟା ୩୦ ମିନିଟରେ ଗୃହକୁ ପ୍ରବେଶ କରିଥିଲେ। ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ ନ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରଶ୍ନ ନଂ ୩୧ରୁ ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ପ୍ରଶ୍ନ ଥିଲା କଂଗ୍ରେସ ସଦସ୍ୟ ପ୍ରଫୁଲ୍ଲ ମାଝିଙ୍କର। ରାଜ୍ୟ ପାଇଁ ୨୦୧୮-୧୯ ଆର୍ଥିକବର୍ଷରେ ଅନୁଚ୍ଛେଦ ୨୭୫(୧) ଅନୁଯାୟୀ ଏସସିଏରୁ ଟିଏସପି ପାଇଁ କେତେ ବଜେଟ ଥିଲା। ସୁନ୍ଦରଗଡ ଆଇଟିଡିଏ ପାଇଁ କେତେ କେଉଁ ବାବଦରେ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକଳ୍ପ ରିପୋର୍ଟ ଉପସ୍ଥାପନ କରିବା ସହ ଏସ୍‌ସିଏରୁ ଟିଏସପି ପାଇଁ କେତେ ରଖାଯାଇଛି ଓ କେଉଁ ପ୍ରକଳ୍ପ ଅନୁମୋଦନ ହୋଇଛି, ସେ ନେଇ ବିସ୍ତୃତ ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କୁ ପଚାରିଲେ। ମନ୍ତ୍ରୀ ଲେଖା ଉତ୍ତର ପଢି ଶୁଣାଇଲେ। ୨୦୧୮-୧୯ରେ କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜନଜାତିଙ୍କ ☞ପୃଷ୍ଠା-୪


**ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା**

**କଟକ /ଭୁବନେଶ୍ୱର (ବରମୁଣ୍ଡା) - ରସୁଲଗଡ - କଳ୍ପନା/ପିପିଲି / ପୁରୀ ମାର୍ଗରେ ଚୂଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)**

ଏତଦ୍ୱାରା **କଟକ / ଭୁବନେଶ୍ୱର (ବରମୁଣ୍ଡା) - ରସୁଲଗଡ - କଳ୍ପନା / ପିପିଲି / ପୁରୀ ମାର୍ଗରେ** ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ପ୍ରଥମ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (1st Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" ତା **୦୫.୦୩.୨୦୧୫** ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରାଯାଇଥିଲା । ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକୁ ତର୍ଜମା କରାଯାଇ ଦ୍ୱିତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (2nd Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ଧରିତ୍ରୀ", "ସମାଜ" ଓ "ସମ୍ବାଦ" ତା **୧୯.୦୪.୨୦୧୮** ରିଖରେ ପ୍ରକାଶିତ କରାଯାଇଥିଲା । ଉକ୍ତ ପ୍ରକାଶିତ ବିଜ୍ଞାପନକୁ ଆଧାରକରି, ୪୮ ଗୋଟି ଆପତ୍ତି ଓ ଅଭିଯୋଗ ହସ୍ତଗତ ହୋଇଅଛି । ଅଭିଯୋଗ ତଥା ଆପତ୍ତି ଗୁଡିକୁ ବିଚାରକୁ ନିଆଯାଇ ମାନଦଣ୍ଡରେ ପରିବର୍ତ୍ତନ କରାଯାଇ ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇଅଛି, ଯାହାକି ରାଜ୍ୟ ପରିବହନ ଆୟୁକ୍ତଙ୍କର ନିମ୍ନରେ ପ୍ରଦତ୍ତ ୱେବସାଇଟରେ ଉପଲବ୍ଧ ଅଟେ ।

1. www.odishatransport.gov.in
2. www.orissatransport.nic.in

ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ତା ୨୦.୧୧.୨୦୧୮ ରିଖରୁ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରାଗଲା । ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ସୁଚାଇ ଦିଆଯାଉଅଛି କି ସେମାନଙ୍କର ଯାତ୍ରୀବାହୀ ଯାନ ଗୁଡିକୁ ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀରେ ଚଳାଚଳ କରିବେ । ଅନୁମତି ପତ୍ର / ପର୍ମିଟଧାରୀ ଯଦି ଚାହିଁବେ ତେବେ ଦିଆଯାଇଥିବା ସମୟକୁ ପରିବର୍ତ୍ତନ ନିମନ୍ତେ ଖାଲିଥିବା ସ୍ଥାନକୁ ଯାଇପାରିବେ । ଏଥିପାଇଁ ଖବର କାଗଜରେ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଆବେଦନ କଲେ ତାହା ଯୋଗ୍ୟତା ଭିତିରେ ବିଚାରକୁ ନିଆଯିବ ।

ବି.ଦ୍ର : ଚୂଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ରେ ଯଦି କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ସେଗୁଡିକୁ case to case ଭିତିରେ ଶୁଣାଣି ମାଧ୍ୟମରେ ଅଭିଯୋଗ ପ୍ରାପ୍ତ ହେବାର ୩୦ ଦିନ ମଧ୍ୟରେ ବିଚାର କରାଯିବ ।

**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ**
**ଓଡିଶା, କଟକ**


## ବିସ୍ଫୋରଣରେ ଦୁଇଭାଇ ଗୁରୁତର

- ସାନ ଭାଇଙ୍କ ଗୋଟିଏ ଗୋଡ଼ ଡାକ୍ତରଖାନାରେ କାଟି ଦିଆଗଲା

କେନ୍ଦୁଝର, ୧୭।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ବିନିଦା ଗ୍ରାମରେ ବୋମା ବିସ୍ଫୋରଣ ଘଟିବାରୁ ଏଥିରେ ମୁକୁନ୍ଦ ଜୁଆଙ୍ଗ (୪୦) ଓ କେଦାର ଜୁଆଙ୍ଗ (୩୫) ନାମକ ଦୁଇଭାଇ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସାନଭାଇ କେଦାରଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ନିଆଯିବା ପୂର୍ବରୁ ଗୁରୁତର ଆଘାତପ୍ରାପ୍ତ ଏକ ଗୋଡ଼କୁ କେନ୍ଦୁଝର ଡାକ୍ତରଖାନାରେ କାଟିଦିଆଯାଇଛି। ବଡଭାଇ ମୁକୁନ୍ଦଙ୍କ ମୁଣ୍ଡ ଓ ଗୋଡରେ ମଧ୍ୟ ଗୁରୁତର ଆଘାତ ଲାଗିଛି। ହାତୀ ଘଉଡ଼ାଇବା ପାଇଁ ଦୁଇଭାଇ ଯାଇଥିବାବେଳେ ଜଙ୍ଗଲ ☞ପୃଷ୍ଠା-୪



ବୋମା ବିସ୍ଫୋରଣରେ ଆହତ ମୁକୁନ୍ଦ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

**ଆଜିର ସମ୍ପାଦକୀୟ**

**କଂଗ୍ରେସ ପାଇଁ ଆହ୍ୱାନ**


NECC NATIONAL EGG CO-ORDINATION COMMITTEE 17.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 56 | 101 | 111 |
| ANG | 60 | 106 | 116 |

*Conditions Apply

**Eggs Retail Price- 51/-Dozen**
Issued in the Interest of Consumers

# ବିଜେତାଙ୍କୁ ମିଳିଲା ସ୍ମାର୍ଟଫୋନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)– ‘ଧରିତ୍ରୀ’ ପକ୍ଷରୁ ଏହାର ‘ସେଲ୍‌ଫି କର୍ନର’ ବିଜେତାଙ୍କ ପାଇଁ ଶନିବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ‘ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା’ ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ଅକ୍ଟୋବର ମାସର ୨୯ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପ୍ରଥମ ଥର ପାଇଁ ହୋଇଥିବା ଏହି ଉତ୍ସବରେ ସେଲ୍‌ଫି ପଠାଇଥିବା ଶ୍ରେଷ୍ଠ ପାଠିକା ପାଠକଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ପ୍ରତି ବିଜେତାଙ୍କୁ ଏକ ସ୍ମାର୍ଟ ଫୋନ୍ ସହ ‘ଟେକ୍ ଆଡ୍ଡା’ ପକ୍ଷରୁ ଏକ ହଜାର ଟଙ୍କାର ଭାଉଚର ପ୍ରଦାନ କରାଯାଇଥିଲା। ଏହା ସହ ଏୟାରଟେଲ ପକ୍ଷରୁ ଏକ ମାସର ଅନ୍‌ଲିମିଟେଡ୍ ଡାଟା ଓ ଅନ୍‌ଲିମିଟେଡ୍ କଲ୍ ଥିବା ଏକ ସିମ୍‌କାର୍ଡ ଦିଆଯାଇଥିଲା। ମଞ୍ଚରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ‘ଟେକ୍ ଆଡ୍ଡା’ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ, ଏୟାରଟେଲ୍ ଓଡ଼ିଶାର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ହେଡ୍ କୀର୍ତ୍ତିନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ସମ୍ପାଦକ ସତପଥୀ କହିଥିଲେ, ଏଭଳି ଏକ କାର୍ଯ୍ୟକ୍ରମ ଦ୍ୱାରା ଆମେ ଆମର ପାଠିକା ପାଠକଙ୍କ ସହ ଭାବର ଆଦାନପ୍ରଦାନ କରିବାର ସୁଯୋଗ ପାଇଲୁ। ଏହି ଧାରା ଆଗକୁ ଜାରି ରହିବ। ଲୋକମାନେ ଏମିତି ସେଲ୍‌ଫି ପଠାନ୍ତୁ। ଆମେ ନିରପେକ୍ଷ ଭାବେ ବିଚାର କରୁଛୁ। ଶ୍ରେଷ୍ଠ ସେଲ୍‌ଫି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେବ। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ, ଆମ ‘ସେଲ୍‌ଫି କର୍ନର’କୁ ବହୁତ ଭଲ ରେସ୍‌ପନ୍ସ ମିଳୁଛି। ପ୍ରତିଦିନ ୧୦୦୦ରୁ ଊର୍ଦ୍ଧ୍ୱ ସେଲ୍‌ଫି ଆମ ପାଖକୁ ଆସୁଛି। ସେଥିମଧ୍ୟରୁ ୭ରୁ ୮ଟି ଫଟୋ ଚୟନ କରି ଖବରକାଗଜରେ ପ୍ରକାଶ କରିବା ଆମ ପାଇଁ ମଧ୍ୟ ବହୁତ କଷ୍ଟ ଥିଲା। ଏଥିପାଇଁ ମୁଁ ମୋ ଟିମ୍‌କୁ ଧନ୍ୟବାଦ ଦେବି। ଯେଉଁ ସେଲ୍‌ଫି ଆଜି ପୁରସ୍କାର ପାଇବାକୁ ବଛାଯାଇଛି ସେଗୁଡ଼ିକ ଭାଗ୍ୟଶାଳୀ ସେଲ୍‌ଫି।

ଉତ୍ସବକୁ ମନୋରଞ୍ଜନଧର୍ମୀ କରିବାକୁ ସ୍ୱତନ୍ତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ‘ଭିଗ୍ନେଶ’ ବ୍ୟାଣ୍ଡ୍‌ର ମୁଖ୍ୟ କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବ ଏହି ଅବସରରେ ମନଛୁଆଁ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ, ଯାହାର ତାଳେ ତାଳେ ଉପସ୍ଥିତ ଶ୍ରୋତାମାନେ ନାଚିବା ସହ କାର୍ଯ୍ୟକ୍ରମକୁ ଭରପୂର ଉପଭୋଗ କରିଥିଲେ। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

‘ଟେକ୍ ଆଡ୍ଡା’ର ତାରିଣୀ ଦାସ କହିଥିଲେ, ଓଡ଼ିଶାରେ ସେଲ୍‌ଫିରେ ଏମିତି କ୍ରେଜ୍ ଥିବ ବୋଲି ଜାଣି ନ ଥିଲି। ଆଶାଠାରୁ ଏହି କାର୍ଯ୍ୟକ୍ରମ ଅଧିକ ଭଲ ହୋଇଛି। ଆଗକୁ ଏହି ଧାରା ଜାରି ରଖିବୁ ବୋଲି ଚିନ୍ତା କରୁଛୁ। ‘ଧରିତ୍ରୀ’ର ଏହି ‘ସେଲ୍‌ଫି କର୍ନର’ କନ୍‌ସେପ୍ଟକୁ ପଶ୍ଚିମବଙ୍ଗର କେତେକ ଖବରକାଗଜ ସଂସ୍ଥା ଆପଣେଇବାକୁ ଆଗ୍ରହ ଦେଖାଇଛନ୍ତି। ବର୍ତ୍ତମାନ ଓଡ଼ିଶାରେ ଆମର ୩ଟି ଷ୍ଟୋର ରହିଛି। ଭବିଷ୍ୟତରେ ୩୦ଟି ଜିଲାରେ ଆମର ଷ୍ଟୋର କରିବା ପାଇଁ ଚିନ୍ତା କରିଛୁ। ଏୟାରଟେଲ୍‌ର କୀର୍ତ୍ତିନାଥ ତ୍ରିପାଠୀ କହିଥିଲେ, ଏହା ଏକ ଭଲ କାର୍ଯ୍ୟକ୍ରମ ଥିଲା। ସାଧାରଣ ପାଠକମାନଙ୍କ ସହିତ ସମ୍ପର୍କ ରଖିବା ପାଇଁ ଏହା ଉତ୍କୃଷ୍ଟ ମାଧ୍ୟମ। ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଆମେ ଆମର ନୂଆ ନୂଆ ସ୍କିମର ପ୍ରଚାର ପ୍ରସାର କରିପାରିବୁ। କଣ୍ଠଶିଳ୍ପୀ ଦୁର୍ଗାମାଧବ କହିଥିଲେ, ‘ଧରିତ୍ରୀ’ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଏମିତି ସଫଳତା ମିଳିବ ବୋଲି ଭାବି ନ ଥିଲି। ଏଥିରେ ମୁଁ ସାମିଲ ହୋଇଥିବାରୁ ଖୁସି ଅନୁଭବ କରୁଛି।


ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ ପ୍ରଦାନ କରୁଛନ୍ତି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ। ନିକଟରେ ଅଛନ୍ତି ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ‘ଟେକ୍ ଆଡ୍ଡା’ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ (ଡାହାଣ)


କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବ


କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବ ଓ ମଞ୍ଚ ପରିଚାଳିକା ଶୋଭନା ମିଶ୍ରଙ୍କ ସହ ସେଲ୍‌ଫି କର୍ନର ବିଜେତାମାନଙ୍କ ନୃତ୍ୟ


ଉତ୍ସବରେ ସେଲ୍‌ଫି ଉଠାଉଥିବା ଜଣେ ବିଜେତା


ସେଲ୍‌ଫି କର୍ନର ବିଜେତା ଓ ଧରିତ୍ରୀର ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତା, ଏୟାରଟେଲ୍ ଓଡ଼ିଶାର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ହେଡ୍ କୀର୍ତ୍ତିନାଥ ତ୍ରିପାଠୀ, ‘ଟେକ୍ ଆଡ୍ଡା’ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ, କର୍ମଚାରୀ ଅରିଜିତ୍ ବୋଷ, ଜୋନାଲ ବିଜ୍‌ନେସ୍ ହେଡ୍ ସୁମିତ୍ ପଟ୍ଟନାୟକଙ୍କ ସହ ସେଲ୍‌ଫି ଉଠାଉଛନ୍ତି ମଞ୍ଚ ପରିଚାଳିକା ଶୋଭନା ମିଶ୍ର


କଣ୍ଠଶିଳ୍ପୀ ଜି. ଦୁର୍ଗାମାଧବଙ୍କ ଗୀତରେ ଉତ୍ସାହିତ ସେଲ୍‌ଫି କର୍ନର ବିଜେତାମାନେ


ସେଲ୍‌ଫି କର୍ନର ବିଜେତାମାନଙ୍କ ସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ‘ଟେକ୍ ଆଡ୍ଡା’ର ନ୍ୟାଶନାଲ ବିଜନେସ୍ ହେଡ୍ ତାରିଣୀ ଦାସ ଓ ଅନ୍ୟମାନେ



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ






## ସଂକ୍ଷେପରେ

### ■ ଏଚ୍-୧ବି ଭିଜା ଜୀବନସାଥୀଙ୍କ ୱର୍କ ପରମିଟ ପାଇଁ ଆସିଲା ବିଲ

**ୱାଶିଂଟନ,୧୭।୧୧:** ଆମେରିକାରେ କାର୍ଯ୍ୟରତ ଏଚ-୧ବି ଭିଜାଧାରକଙ୍କ ପତ୍ନୀଙ୍କ ପାଇଁ ସଂସଦରେ ଏକ ବିଲ୍ ଆଗତ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଭଳି ଭିଜାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚାହୁଁଛନ୍ତି। ଦୁଇଜଣ ସାଂସଦ ଆନ୍ନା ଜି ଇଶୁ ଏବଂ ଜୋ ଲାଫଗ୍ରେନ ଏହି ବିଲ୍ ଆଣିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଜୀବନସାଥୀଙ୍କ ଭିଜା ରଦ୍ଦ କରିବା ଲାଗି ଟ୍ରମ୍ପ ପ୍ରଶାସନ ପକ୍ଷରୁ ହେଉଥିବା ଉଦ୍ୟମ ବିପଦପୂର୍ଣ୍ଣ। ଏହାଦ୍ୱାରା ଏଚ୍-୧ବି ଭିଜାଧାରୀ ବିଦେଶୀ କର୍ମଚାରୀମାନେ ନିଜ ଦେଶକୁ ଫେରିଯିବେ ଏବଂ ନିଜ ପ୍ରତିଭାର ଉପଯୋଗ ଆମେରିକା କମ୍ପାନୀଙ୍କ ବିରୋଧରେ ପ୍ରତିଯୋଗୀ ଭାବେ ଉଭା ହେବେ। ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ଏଚ୍-୧ବି ଭିଜା ସହ ଏଚ୍-୪ ଭିଜା ବ୍ୟବସ୍ଥା କରାଯାଇଥିଲା। ଏହି ଭିଜା ଜରିଆରେ ଏଚ୍-୧ବି ଭିଜାଧାରୀ ମାନେ ଆମେରିକାରେ ସେମାନଙ୍କ ଜୀବନସାଥୀଙ୍କୁ ରଖିପାରୁଛନ୍ତି ଏବଂ ସେମାନେ କାର୍ଯ୍ୟ କରିବାକୁ ଅନୁମତି ପାଉଛନ୍ତି। ଏହାକୁ ଟ୍ରମ୍ପ ସରକାର ବନ୍ଦ କରିବାକୁ ଚାହୁଁଛନ୍ତି।




# ଦେବ୍ରିଗଡ଼ରେ ଆଉ ଏକ ବାଘର ସନ୍ଧାନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଦେବ୍ରିଗଡ଼ ଅଭୟାରଣ୍ୟରେ ଆଉ ଏକ ବାଘର ସନ୍ଧାନ ମିଳିଛି। ହୀରାକୁଦ ବନଖଣ୍ଡ ଅଧୀନ ଲଖନପୁର ବନାଞ୍ଚଳରେ ଗ୍ରାମବାସୀ ଏକ ମହାବଳ ବାଘ ଦେଖିଛନ୍ତି। ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ଖବର ଦେବା ପରେ ବନ କର୍ମଚାରୀ ପହଞ୍ଚି ଜଙ୍ଗଲରୁ ବାଘର ମଳ ନମୁନା ସଂଗ୍ରହ କରିଛନ୍ତି। ମାତ୍ର ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। କିଛିଦିନ ତଳେ ବରଗଡ଼ରେ ମହାବଳ ବାଘ ଶିକାର ଘଟଣା ସମସ୍ତ ବନ୍ୟପ୍ରାଣୀପ୍ରେମୀଙ୍କୁ ହତୋତ୍ସାହିତ କରିଥିଲା। କିନ୍ତୁ ପୁଣି ଏକ ବାଘ ଦେଖାଯିବାର ଖବର ମିଳିବା ପରେ ସମସ୍ତଙ୍କ ମନରେ ଖୁସି ଖେଳିଯାଇଛି। ବନ ବିଭାଗ ନିଜ ତ୍ରୁଟି ସୁଧାରି ଏହି ବାଘକୁ କିପରି ସୁରକ୍ଷା ଦେବ ସେନେଇ ତତ୍ପରତା ଦେଖାଇବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଗ୍ରାମବାସୀ ମହାବଳ ବାଘକୁ ଦେଖିଥିବା କଥାକୁ ବନବିଭାଗ ଗୁରୁତ୍ୱର ସହ ନେବା ଉଚିତ। ଯଥାରୀତି କ୍ୟାମେରା ଟ୍ରାପ୍ ଲଗାଇ ବାଘର ଉପସ୍ଥିତିକୁ ନିଶ୍ଚିତ କରିବା ଉଚିତ। ଯେଉଁଭଳି ହୀରାକୁଦ ବନଖଣ୍ଡରେ ଆଇଏଫ୍ଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି ଅନୁରୂପ ଭାବେ ବରଗଡ଼ରୁ ସମ୍ପୃକ୍ତ ଡିଏଫ୍ଓଙ୍କୁ ତୁରନ୍ତ ହଟାଇ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତ କରା ନ ଗଲେ ଏହି ମହାବଳକୁ ସୁରକ୍ଷା ଦେବା ଅସମ୍ଭବ ହୋଇପଡ଼ିବ ବୋଲି ଶୁଭେନ୍ଦୁ କହିଛନ୍ତି।

### ସମ୍ବଲପୁର ଆର୍‌ସିସିଏଫ୍‌ଙ୍କ ବଦଳି

ଅନ୍ୟପଟେ ବରଗଡ଼ରେ ମହାବଳ ବାଘ ହତ୍ୟା ପରେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆର୍‌ସିସିଏଫ୍) ଓ.ପି. ସିଂଙ୍କୁ ବଦଳି କରାଯାଇଛି। କିନ୍ତୁ ବନ ବିଭାଗ ଏହାକୁ ସାଧାରଣ ବଦଳି ଓ ବାଘ ହତ୍ୟା ସହିତ କିଛି ସମ୍ପର୍କ ନାହିଁ ବୋଲି କହିଛି।

# ସାତକୋଶିଆରେ ବନ୍ଦ ହେବନି ବ୍ୟାଘ୍ର ପ୍ରକଳ୍ପ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରି ଧରିବା ଓ ବାଘ 'ମହାବୀର'ର ମୃତ୍ୟୁ ପରେ ସାତକୋଶିଆରେ ବ୍ୟାଘ୍ର ପ୍ରକଳ୍ପ ଜାରି ରହିବା ନେଇ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ମହାବୀର ମୃତ୍ୟୁ ପରେ ଏନ୍‌ଟିସିଏ ପ୍ରକଳ୍ପକୁ ସାମୟିକ ସ୍ଥଗିତ ରଖିବା ପାଇଁ କହିଥିବାରୁ ଏହି ପ୍ରକଳ୍ପ ବନ୍ଦ ହୋଇଯିବ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ପ୍ରକଳ୍ପ ବନ୍ଦ ହେବ ନାହିଁ ବୋଲି ଏନ୍‌ଟିସିଏ ଆଇଜି ଅମିତ ମଲ୍ଲିକ କହିଛନ୍ତି। ମଲ୍ଲିକ ସାତକୋଶିଆରେ ୨ଦିନ ଅନୁଧ୍ୟାନ କରି ଶନିବାର ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାମୟିକ ଭାବେ ଏହି



ପ୍ରକଳ୍ପକୁ ସ୍ଥଗିତ ରଖାଯାଇଛି। ଆଗାମୀ ଦିନରେ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ପ୍ରକଳ୍ପ ଆଗେଇବ। ସୂଚନାଯୋଗ୍ୟ, ଗତ ଦୁଇଦିନ ମଧ୍ୟରେ ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇ(ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ)ର ଟିମ୍ ସାତକୋଶିଆ ଯାଇ ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହିତ ବ୍ୟାଘ୍ର ପ୍ରକଳ୍ପ ସମ୍ପର୍କରେ ପର୍ଯ୍ୟାଲୋଚନା କରିଥିଲେ। କାହ୍ନାରୁ ଆସିଥିବା ବାଘ 'ମହାବୀର'ର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘା ସଂକ୍ରମଣ ଯୋଗୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### ରଣପୁର ବୃଦ୍ଧା ମୃତ୍ୟୁ ନେଇ ବିଧାନସଭାରେ ଉଦ୍‌ବେଗ

# ବାର୍ଦ୍ଧକ୍ୟ ଭତ୍ତା ୫୦୦ ଦାବି କଲେ ବିରୋଧୀ- ଶାସକ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଗଣମାଧ୍ୟମରେ ପ୍ରକାଶିତ ରଣପୁର ଅଞ୍ଚଳରେ ଭତ୍ତା ନେବାକୁ ଆସିଥିବା ୮୦ ବର୍ଷ ବୃଦ୍ଧାଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, ୩୦୦ ଟଙ୍କା ଭତ୍ତା ଆଣିବାକୁ ଯାଇ ବୃଦ୍ଧାଙ୍କ ପ୍ରାଣ ଗଲା। ସେ ଦୀର୍ଘ ୭ କିଲୋମିଟର ବାଟ ଚାଲି କରି ଭତ୍ତା ନେବାକୁ ଆସିଥିଲେ। ୮୦ ବର୍ଷର ବୃଦ୍ଧାଙ୍କ ପକ୍ଷେ ଏତେବାଟ ଯିବା ସମ୍ଭବ କି ବୋଲି ସେ ପ୍ରଶ୍ନ କରିଥିଲେ। ୩୦୦ ଟଙ୍କା ହିସାବରେ ଦିନକୁ ୧୦ ଟଙ୍କା ପଡୁଛି। ୧୦ ଟଙ୍କାରେ ଜଣେ ବ୍ୟକ୍ତି ଚଳିପାରିବ କି। ଏ ବିଷୟ ସରକାର ଚିନ୍ତା କରିବା ଦରକାର। ବାର୍ଦ୍ଧକ୍ୟ ଭତ୍ତା ଅତି କମରେ ୫୦୦ ଟଙ୍କା କରାଯାଉ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ମହେଶ ସାହୁ ବିରୋଧୀ ଦଳ ନେତାଙ୍କ ପ୍ରସ୍ତାବକୁ ସମର୍ଥନ କରିଥିଲେ। ସେ କହିଥିଲେ ଏଥିପାଇଁ ବିଡିଓ ଏବଂ ପଞ୍ଚାୟତ ସମିତି ସେକ୍ରେଟାରୀ ଦାୟୀ। ଯେଉଁମାନେ ଯାଇପାରୁନାହାନ୍ତି ସେମାନଙ୍କୁ ସେମାନଙ୍କ ଘରେ ଭତ୍ତା ଦିଆଯାଉ। ଭାଜପା ବିଧାୟକ କନକବର୍ଦ୍ଧନ ସିଂଦେଓ ବିରୋଧୀ ଦଳ ନେତାଙ୍କ ପ୍ରସ୍ତାବକୁ ସମର୍ଥନ କରିବା ସହ ଛତିଶଗଡରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କୁ ରାଜ୍ୟ ସରକାର ଶହୀଦ ମାନ୍ୟତା ଦିଅନ୍ତୁ। ତାଙ୍କ ପରିବାର ବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ମଧ୍ୟ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ଏଥିସହିତ ବିୟର କମ୍ପାନୀ ପାଇଁ ଢେଙ୍କାନାଳ ବଳରାମପୁରରେ ଗଛ କଟାଯିବାକୁ ସେ ବିରୋଧ କରିଥିଲେ। ବାଚସ୍ପତି ପ୍ରଦୀପ କୁମାର ଅମାତ ସଦସ୍ୟମାନେ ଉଠାଇଥିବା ପ୍ରସ୍ତାବଗୁଡ଼ିକ ପ୍ରତି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।


**ଦି ଓରିଏଣ୍ଟାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିଃ.**

କ୍ଷେତ୍ରୀୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଆଲୋକ ଭାରତୀ ଟାୱାର୍ସ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍: ୦୬୭୪-୨୫୪୧୪୬୧,୨୫୪୨୭୪୧
Website: www.orientalinsurance.org.in
CIN-U66010DL1947GOI007158, GSTIN- 21AAACT0627R3Z9

**ଭଡାସୂତ୍ରରେ ବ୍ୟବସାୟୀକ ଗୃହ ଆବଶ୍ୟକ**

**ସମ୍ବଲପୁର ସହର**ରେ ଭଡାସୂତ୍ରରେ ଆବଶ୍ୟକ ସର୍ବାଧିକ ୧୮୦୦ ବର୍ଗଫୁଟ (କାର୍ପେଟ କ୍ଷେତ୍ର)ର ବ୍ୟବସାୟୀକ ଗୃହ ନିମନ୍ତେ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ନିମନ୍ତେ ଆମର ୱେବ୍‌ସାଇଟ୍: www.orientalinsurance.org.in (tender) ଦେଖନ୍ତୁ।

ବିଡ୍ ଦାଖଲର ଅନ୍ତିମ ତାରିଖ: ୩୦.୧୧.୨୦୧୮

ସ୍ୱା/- ପି.ସି. ହୋତା
ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ



**TRACK & TRAIL**
CYCLES AND MORE

Looking for a business opportunity that gives you much more than just profits? Be part of a green revolution. Do your bit towards a greener & healthier environment. Become a Track & Trail franchisee & inspire India to get on a bicycle. Preferred locations :-

**Bhubaneswar/Angul/Puri/Jharsuguda/Jajpur Road/Balangir/Sambalpur/Bhawanipatna**

Interested people may please get in touch with:-
Mr. Nishant Khattwani @ 8334905905


### ■ କୋଣାର୍କ, ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ

# ଅଭିଜିତ୍‌ଙ୍କୁ କ୍ଷମା ଦେବାକୁ ଗୃହ କମିଟିର ସୁପାରିସ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

କୋଣାର୍କ ଓ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବେଳେ ଅଭିଜିତ୍ ଆୟର ମିତ୍ରଙ୍କୁ କ୍ଷମା କରି ଦେବାକୁ ଗୃହ କମିଟି ବିଧାନସଭାକୁ ସୁପାରିସ କରିଛି। ଶନିବାର ବିଧାନସଭାରେ ଗୃହ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ବିନା ସର୍ତ୍ତରେ ଆୟର ନିଜର ଭୁଲ ପାଇଁ କ୍ଷମାପ୍ରାର୍ଥନା କରିଥିବାରୁ ଏହି ବିଷୟକୁ ଏଠାରେ ସମାପ୍ତ କରାଯିବା ଆବଶ୍ୟକ। ଏଥିସହିତ ଓଡିଶାର କଳା, ସଂସ୍କୃତି ଓ ଐତିହ୍ୟ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଆହରଣ ପାଇଁ ଆବଶ୍ୟକ ତଥ୍ୟ ଯୋଗାଇ ଦେବାକୁ କମିଟି ସୁପାରିସ କରିଛି। ଏହି ଅବସରରେ କମିଟି ସଦସ୍ୟ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଜଗନ୍ନାଥ ମହାପ୍ରଭୁଙ୍କର ଗୌରବମୟ ସଂସ୍କୃତି ଏବଂ ପବିତ୍ର ଭୂମି କଳିଙ୍ଗ କ୍ଷମା ଦେବାରେ ପରିଚିତ। କମିଟି ରିପୋର୍ଟ ଆଜି ଗୃହରେ ଉପସ୍ଥାପନ କରାଗଲା। ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହ କମିଟି ରିପୋର୍ଟ ଦେଇଥିବା ସୁପାରିସକୁ ପଢି ଶୁଣାଇବା ସହ ଗୃହରେ ଅଭିଜିତଙ୍କୁ କ୍ଷମା ଦେବାକୁ ଏକ ସଂକଳ୍ପ ଆଗତ କରିଥିଲେ। ତାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ଆୟରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଗତ ବିଧାନସଭାରେ ତୁମ୍ଭିତୋଫାନ ହୋଇଥିଲା। ଦଳଗତ ନିର୍ବିଶେଷରେ ଗତ ମୌସୁମୀ ଅଧିବେଶନରେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଥିଲେ। କମିଟି ଅଭିଜିତ୍‌ଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଦେଇଥିଲେ। କମିଟି ଆଗରେ ହାଜର ହେବା ଆଗରୁ ସେ ଅକ୍ଟୋବର ୧୭ ତାରିଖରେ ନିଜର ଭୁଲ ପାଇଁ ଇ-ମେଲ୍ ଜରିଆରେ ବାଚସ୍ପତିଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସେ ବିଧାନସଭା ଗୃହ କମିଟି ନିକଟକୁ ମଧ୍ୟ ଜଣାଇଥିଲେ। ସେ ଅକ୍ଟୋବର ୨୩ ଏବଂ ନଭେମ୍ବର ୨ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବା ସହ ନିଜର ଭୁଲ ପାଇଁ କ୍ଷମା ମାଗିଥିଲେ ଓ ଏ ନେଇ ଏକ ସତ୍ୟପାଠ ମଧ୍ୟ ଦାଖଲ କରିଥିଲେ। ଗୃହ କମିଟି ତାଙ୍କୁ କ୍ଷମା କରିଦେବାକୁ ଗୃହକୁ ସୁପାରିସ କରିଥିଲା।











"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଇଷାନ
ପରିବାରବର୍ଗ



ବବ୍‌ଲି
ପରିବାରବର୍ଗ



ପିନୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖରିଫ ଧାନ ସଂଗ୍ରହରେ ଭାଗ ନେବେ ନାହିଁ ମିଲର

## ୩ ଜିଲାର ୬୦ ମିଲ ମାଲିକଙ୍କ ନିଷ୍ପତ୍ତି

**ନୟାଗଡ଼ ଅଫିସ,୧୭।୧୧**

୨୦୧୮-୧୯ ଖରିଫ ଧାନ ସଂଗ୍ରହରେ ଭାଗ ନେବେ ନାହିଁ ୩ଟି ଜିଲାର ମିଲର। ଚୁକ୍ତି (ଏଗ୍ରିମେଣ୍ଟ) ପୂର୍ବରୁ ବକେୟା ଟଙ୍କା କ୍ଲିୟର କରିବା, ସରକାର ମିଲରମାନଙ୍କୁ କେଉଁ କେଉଁ କାମ ପାଇଁ କେତେ ଟଙ୍କା ଦେବେ ତାହା ମିଲରମାନଙ୍କୁ ଜଣାଇଦେବା ଲାଗି ସେମାନେ ଦାବି କରିଛନ୍ତି। ଏହା ନ ହେଲେ ଚଳିତ ବର୍ଷ ସରକାରଙ୍କ କଷ୍ଟମ ମିଲିଂରେ ଭାଗ ନେବେ ନାହିଁ ବୋଲି ନୟାଗଡ଼ ଜିଲା ମିଲର୍ସ ସଂଘର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାର ଗୋଟିସାହିଠାରେ ନୟାଗଡ଼, ପୁରୀ ଓ ଖୋର୍ଦ୍ଧା ଜିଲାର ରାଇସ୍‌ମିଲ ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି।




# ପାଟିରେ ଘା', ହାତୀ ଅସୁସ୍ଥ



**ଟାଙ୍ଗୀ(କଟକ) ୧୭।୧୧ (ଡି.ଏନ୍.ଏ.)**

କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ସଫା ସେକ୍ସନ ଅଧୀନ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମର ବିଲରେ ଶୁକ୍ରବାର ଗୋଠଛଡା ଏକ ଦନ୍ତାହାତୀ ପଶି ଫସଲ ନଷ୍ଟ କରିଥିଲା। ଖବରପାଇ ବନପାଳ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ନିକଟସ୍ଥ ଜଙ୍ଗଲକୁ ଘଉଡାଇ ଦେଇଥିଲେ। କିନ୍ତୁ ଜଙ୍ଗଲକୁ ନ ଯାଇ ଦନ୍ତା ହାତୀଟି ଉକ୍ତ ଗ୍ରାମ ନିକଟ ଏକ ଗଛ ମୂଳରେ ଅସୁସ୍ଥ ହୋଇ ପଡିଯାଇଥିଲା। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ପରେ ବନଖଣ୍ଡ ଅଧିକାରୀ ଏସ୍.ଏମ୍.ଟି. ରହେମନ୍, ରେଞ୍ଜ ଅଫିସର ମନୋରଞ୍ଜନ ସ୍ୱାଇଁ, ଓୟୁଏଟି ପ୍ରଫେସର ନିରଞ୍ଜନ ସାହୁ, ଟାଙ୍ଗୀସ୍ଥିତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ଖୁଣ୍ଟିଆ, ବନପାଳ ଚନ୍ଦ୍ରଶେଖର ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ଚିକିତ୍ସା କରିଥିଲେ। ଅସୁସ୍ଥ ହାତୀ ପାଟିରେ କୌଣସି କାରଣରୁ ଘା' ସୃଷ୍ଟି ହୋଇଛି। ଏଥିଯୋଗୁ ସେ ଆହାର ଗ୍ରହଣ କରି ନ ପାରି ଅସୁସ୍ଥ ହୋଇପଡିଥିବା ବନପାଳ କହିଛନ୍ତି। ଏହି ଘା' ପ୍ରାୟ ୧୦ରୁ ୧୫ ଦିନ ହେବ ବୋଲି ଅନୁମାନ କରାଯାଉଥିବା ଓୟୁଏଟି ପ୍ରଫେସର ସାହୁ କହିଛନ୍ତି। ଘା' ସଫା କରିବାବେଳେ ସେଥିରେ ପୋକ ଲାଗିଥିବା ଦେଖିବାକୁ ମିଳିଥିଲା। ଘା' ଶୁଖି ହାତୀ ନିୟମିତ ଆହାର ନେବା ନିମନ୍ତେ କିଛିଦିନ ସମୟ ଲାଗିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି। ସେ ପର୍ଯ୍ୟନ୍ତ ହାତୀକୁ ବନ କର୍ମଚାରୀଙ୍କ ହେପାଜତରେ ରଖାଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

## ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ

# ରାଧାପାଦ ଦର୍ଶନ କଲେ ଶ୍ରଦ୍ଧାଳୁ

**ସାକ୍ଷୀଗୋପାଳ, ୧୭।୧୧(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁମାନେ ଓଡ଼ିଆଣୀ ବେଶରେ ଶ୍ରୀରାଧାଙ୍କୁ ଦେଖିବା ସହ ପାଦ ଦର୍ଶନ କରିଥିଲେ। ଅଳତା, ସିନ୍ଦୂର, କଜ୍ଜଳ ଓ ଚନ୍ଦନ ନାଇ ରାଧାରାଣୀ ଜୀବନ୍ତ ପ୍ରତୀୟମାନ ହୋଇଥିଲେ। ଶ୍ରୀରାଧାଙ୍କୁ ପାରମ୍ପରିକ ଗହଣା ସୁବର୍ଣ୍ଣ କିରଟୀ, ଦ୍ରାବିଡ଼ ଚନ୍ଦ୍ର, ମଥାମଣି, ମୟୂରବସାଗୁଣା, ନୁଥ, ଚାପସରି, ସେବତୀ ହାର, ଅଁଳା ଏବଂ ପୋହଳା ମାଳ, ଚନ୍ଦ୍ରହାର ଶିକୁଳୀ, ବେଙ୍ଗପାଟିଆ, ତାବିଜ, ବାଘନଖ, ଡେଉଁରିଆ, ପଣସକଣ୍ଟା ଖଡୁ, ପାଉଁଜି, ପାଦପଦ୍ମ ଝୁଣ୍ଟିଆ ପ୍ରଭୃତି ଲାଗି ହେବା ସହ ପାଟଶାଢ଼ୀ କାଣିଆ କଚ୍ଛାମାରି ପିନ୍ଧାଯାଇଥିଲା। ଶ୍ରୀରାଧାଙ୍କ ପାଦ ଯୁଗଳ ବର୍ଷକୁଥରେ ଦର୍ଶନର ସୁଯୋଗ ମିଳୁଥିବାରୁ ଦୁର୍ଲଭ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପାଦ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ବେଢ଼ା ପରିକ୍ରମା କରି ଅଁଳାବୃକ୍ଷ ପୂଜାର୍ଚ୍ଚନା ଓ ବନ୍ଦାପନା ସହିତ ବୃକ୍ଷରେ ଶଙ୍ଖା ସିନ୍ଦୂର ଓ ଡୋରି ବାନ୍ଧିଥିଲେ।

ପୂର୍ବରାତ୍ର ସାଢ଼େ ୧୨ଟାରୁ ମନ୍ଦିରର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ପରେ ସାକ୍ଷୀଗୋପାଳଙ୍କୁ ନଟବର ବେଶରେ ଏବଂ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯାଇଥିଲା। ଭୋର ସମୟରୁ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ, ବାଳଧୂପ ଓ ମଦନ ମୋହନଙ୍କ ଭୋଗ ସମାପନ କରାଯିବା ପରେ ପ୍ରଥମେ ସେବାୟତ ଓ ମନ୍ଦିର କର୍ମଚାରୀଙ୍କ ପରିବାରବର୍ଗ ଶ୍ରୀରାଧାଙ୍କୁ ଦର୍ଶନ କରିବାସହ ପାଦସ୍ପର୍ଶ କରିଥିଲେ। ସକାଳ ୬ଟାରୁ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ସାହାଣମେଳା କରାଯାଇଥିଲା। ଭକ୍ତମାନେ ଗର୍ଭଗୃହକୁ ପ୍ରବେଶ କରି ପାଦ ଦର୍ଶନ କରିଥିଲେ। ଚଳିତ ବର୍ଷ ପାଦସ୍ପର୍ଶ ବନ୍ଦ କରାଯାଇଥିବାରୁ ଭକ୍ତମାନେ ଯେପରି ପାଦସ୍ପର୍ଶ କରି ନ ପାରିବେ ସେଥି ନିମନ୍ତେ ଗର୍ଭଗୃହ ଓ ରତ୍ନ ସିଂହାସନ ନିକଟରେ ଲୁହାର ବ୍ୟାରିକେଡ୍ କରାଯାଇଥିଲା।



ଦର୍ଶନ ପାଇଁ ଭକ୍ତଙ୍କ ଭିଡ।

- ବ୍ୟବସ୍ଥାବଳୀ ଯୋଗୁ ଫିକା ପଡ଼ିଲା ଯାତ୍ରା
- ନିରାଶ ହେଲେ ସେବାୟତ ଓ କ୍ଷୁଦ୍ର ବ୍ୟବସାୟୀ

ପାଦସ୍ପର୍ଶ ଓ ଭିଆଇପି ପାସ୍ ବ୍ୟବସ୍ଥାକୁ ଉଠାଇ ଦିଆଯାଇଥିବାରୁ ପୂର୍ବବର୍ଷ ତୁଳନାରେ ଭିଡ଼ କମ୍ ରହିଥିବା ଦେଖାଯାଇଥିଲା। ପୂର୍ବବର୍ଷମାନଙ୍କରେ ମନ୍ଦିରଠାରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଲମ୍ୱାଧାଡି ଲାଗୁଥିବାବେଳେ ଚଳିତ ବର୍ଷ ୫ଶହ ମିଟର ବ୍ୟାରିକେଡ୍ ଭିତରେ ଧାଡି ସୀମିତ ରହିଥିଲା। ବିଗତ ବର୍ଷ ମାନଙ୍କରେ ଭିଡଯୋଗୁ ସୃଷ୍ଟି ହେଉଥିବା ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରଶାସନ ପାଦସ୍ପର୍ଶ ଓ ଭିଆଇପି ପାସ୍ ପ୍ରଚଳନ ଉଠାଇଦେବା ସହିତ ବ୍ୟାପକ ବ୍ୟବସ୍ଥାବଳୀ ଜାରି ହୋଇଥିଲା। ମାତ୍ର ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଯିବାରୁ ଯାତ୍ରା ଫିକା ପଡିଯାଇଥିଲା। ଯାତ୍ରାରୁ କିଛି ଉପାର୍ଜନ କରିବାକୁ ଆଶା ରଖିଥିବା ସେବାୟତ ଓ କ୍ଷୁଦ୍ର ବ୍ୟବସାୟୀମାନେ ନିରାଶ ହୋଇଥିଲେ। ସାଧାରଣ ଦର୍ଶନ ଯେପରି ଶୃଙ୍ଖଳିତ ହେବ ସେଥିପାଇଁ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ଏବଂ ଦେବୋତ୍ତର ବିଭାଗର କମିଶନର ବିରଜାପ୍ରସାଦ ଦତ୍ତ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଉପଜିଲାପାଳ ଭବ ତାରଣ ସାହୁଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମନ୍ଦିର ପରିଚାଳନା କମିଟି ଓ ସେବାୟତ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ ବିଷୟ ତଦାରଖ କରିଥିଲେ। ଶାନ୍ତି ଶୃଙ୍ଖଳା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୫ଜଣ ମାଜିଷ୍ଟ୍ରେଟ, ୪ଜଣ ଅତିରିକ୍ତ ଏସ୍‌ପି, ଦୁଇଜଣ ଡେପୁଟି କମାଣ୍ଡାଣ୍ଟ, ୮ଜଣ ଡିଏସ୍‌ପି, ୧୭ଜଣ ଇନ୍ସପେକ୍ଟର, ୭୪ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୬ ହାବିଲଦାର, ୬୩ କନଷ୍ଟେବଲ, ୮ ଜଣ ଟ୍ରାଫିକ କନଷ୍ଟେବଲ, ୧୫୮ ଜଣ ଗୃହରକ୍ଷୀ ଏବଂ ୧୭ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା ଓ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀମାନେ ପାନୀୟଜଳ, ପରିମଳ ସେବା ଯୋଗାଇ ଦେଇଥିଲେ। ମନ୍ଦିରକୁ ଫୁଲମାଳ ଓ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜା ଯାଇଥିଲା। ପଞ୍ଚସଖା ପଡିଆରେ ପଲ୍ଲୀଶ୍ରୀ ମେଳା ଓ ତିନିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାତି ୧୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବାପରେ ଅବଶିଷ୍ଟ ଦେବନୀତି କରାଯାଇ ଠାକୁରଙ୍କ ପହୁଡ଼ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଆଡ୍ ଗୁରୁ...

୪ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ପରିବାରର ଅଧିକାଂଶ ସଦସ୍ୟ ମନୋରଞ୍ଜନ ଦୁନିଆରେ ନାମ ଅର୍ଜନ କରିଛନ୍ତି। କ୍ୟାରିୟରରେ ଅନେକ ସଫଳତା ପାଇଥିବା ଆଡ୍ ଗୁରୁ ପଦ୍ମଶ୍ରୀ ଓସ୍କାର ପୁରସ୍କାର ବିଜୟୀ ସିନେମା 'ଗାନ୍ଧୀ' (୧୯୮୨) ପାଇଁ ବେଶ୍ ଜଣାଶୁଣା। ଏଥିରେ ସେ ମହମ୍ମଦ ଅଲି ଜିନ୍ନା ଭୂମିକାରେ ଅଭିନୟ କରିଛନ୍ତି। ଇଂଲିଶ୍ ଭାଷାରେ ୭୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକ କରି ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। 'ଏଭିତା', 'ତୁଗ୍ଲକ୍', 'ଜେସସ୍ କ୍ରାଏଷ୍ଟ ସୁପରଷ୍ଟାର', 'ଡେଥ୍ ଅଫ୍ ଏ ସେଲ୍ସମ୍ୟାନ୍' ଆଦି ଲୋକପ୍ରିୟ ନାଟକରେ ସେ ଅଭିନୟ ପାରଦର୍ଶିତା ଦେଖାଇଛନ୍ତି। ବିଜ୍ଞାପନ ଜଗତରେ ପଦ୍ମଶ୍ରୀ ହେଉଛନ୍ତି ଜଣାଶୁଣା ବ୍ୟକ୍ତିତ୍ୱ। ଦେଶର ସର୍ବବୃହତ୍ ଆଡଭର୍ଟାଇଜିଂ ଏଜେନ୍ସି 'ଲିଣ୍ଟାସ୍ ଇଣ୍ଡିଆ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ୧୯୮୦ରୁ ୧୯୯୪ ପର୍ଯ୍ୟନ୍ତ ଏହି ସଂସ୍ଥା ସହ ସେ ଜଡ଼ିତ ଥିଲେ। ମନୋରଞ୍ଜନ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦମ୍‌ସୀଙ୍କୁ ପଦ୍ମଶ୍ରୀ, ଆଡଭର୍ଟାଇଜିଂ ମ୍ୟାନ୍ ଅଫ୍ ଦ ସେନ୍ଚୁରୀ ଏବଂ ସଙ୍ଗୀତ ନାଟକ ଏକାଡେମୀ, ଟାଗୋର ରତ୍ନ ଆଦି ସମ୍ମାନ ମିଳିଛି।

### ନୀରବି ଗଲା...

ବାହାରକୁ ଅଣାଯାଇଥିଲା। ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୪୧ ମସିହା ମେ' ୧୬ରେ ପୁରୀ ଜିଲା ରଘୁରାଜପୁରଠାରେ ଜନ୍ମଗ୍ରହଣ କରିଥିବା ବନମାଳୀ ଶାସ୍ତ୍ରୀୟ ସଙ୍ଗୀତ ଧାରାରେ ନୃତ୍ୟ, ସଙ୍ଗୀତ ସହ ମର୍ଦ୍ଦଳକୁ ସମାନ୍ତରାଳ ମର୍ଯ୍ୟାଦା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯେଉଁଥିପାଇଁ ତାଙ୍କୁ ମର୍ଦ୍ଦଳର ବିଶ୍ୱକର୍ମା ଭାବେ ଆଖ୍ୟା ଦିଆଯାଇଥିଲା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପ୍ରଥମେ ସେ ଜଣେ ସହଯୋଗୀ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ପରେ ତାଙ୍କୁ ନେଇ ୧୯୭୦ରେ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ମର୍ଦ୍ଦଳ ବିଭାଗ ଖୋଲାଯାଇଥିଲା। ଗୁରୁ କେଳୁଚରଣ ମହାପାତ୍ରଙ୍କର ଜଣେ ନିବିଡ଼ ସହଯୋଗୀ ଭାବେ ସେ ଦୀର୍ଘ ଦଶନ୍ଧି ଧରି ତାଙ୍କ ସହିତ କାମ କରିଥିଲେ। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ପରିବେଷଣ କରି ଓଡ଼ିଶୀ ମର୍ଦ୍ଦଳକୁ ଏକ ନୂଆସ୍ତରକୁ ନେଇଥିଲେ। ମର୍ଦ୍ଦଳ ବାଦନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ୧୯୯୪ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୨୦୦୪ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ୨୦୧୬ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ମିଳିଥିଲା।

ଏହି ମହାନ୍ ଶିଳ୍ପୀଙ୍କ ପରଲୋକରେ ଓଡ଼ିଶା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ପୁରୁଣା ଭୁବନେଶ୍ୱରସ୍ଥିତ ଶାସନ ପଡ଼ିଆ ବାସଭବନକୁ ଅଣାଯିବା ପରେ ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର, ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଇଲିଆନା ଚିତାରିଷ୍ଟି, ଭାଜପା ନେତା ଅମିୟ ଦାଶ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥ, ସଚ୍ଚିଦାନନ୍ଦ ଦାଶ, ନିରଞ୍ଜନ ପାତ୍ର, ଜଗନ୍ନାଥ କୁଅଁର, ବିଜୟ ବାରିକ, କାଳିନ୍ଦୀ ଚରଣ ପରିଡ଼ା ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରୁ ତାଙ୍କର ଜନ୍ମସ୍ଥାନ ରଘୁରାଜପୁର ଏବଂ ପରେ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

### ବିସ୍ଫୋରଣରେ...

ସଂଲଗ୍ନ ଚାଷ ଜମିରେ ରଖାଯାଇଥିବା ବୋମା ବିସ୍ଫୋରଣ ଘଟିବାରୁ ଏଭଳି ଘଟିଥିବା ପରିବାର ଲୋକେ କହିଛନ୍ତି। କିନ୍ତୁ ବନ ବିଭାଗ ପକ୍ଷରୁ ଏନେଇ ଭିନ୍ନ ସୂଚନା ଦିଆଯାଇଛି। ଚାଷ ଜମିରେ ନୁହେଁ, ଘରେ ରଖାଯାଇଥିବା ବୋମା ବିସ୍ଫୋରଣ ଘଟି ଦୁଇଭାଇ ଗୁରୁତର ହୋଇଥିବା କେନ୍ଦୁଝର ଡିଏଫ୍‌ଓ ସନ୍ତୋଷ ଜୋଶୀ କହିଛନ୍ତି। ହାତୀ ଘଉଡାଇବା ଲାଗି ବୋମା ରଖାଯାଇଥିବା କଥା କୁହାଯାଉଥିବାରୁ ବନ ବିଭାଗ ପକ୍ଷରୁ ଏହାର ପ୍ରାରମ୍ଭିକ ତଦନ୍ତ କରାଯାଉଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ପକ୍ଷରୁ ଏହାର ତଦନ୍ତ କରାଯାଉଛି। ଆହତ ଦୁଇଭାଇଙ୍କ ପରିବାର ପକ୍ଷରୁ କୁହାଯାଇଛି ଯେ, ମୁକୁନ୍ଦ ଓ କେଦାର ଗାଁରେ ଟେଷ୍ଟ ହାଉସ କରି ଘର ଚଳାଉଥିଲେ। ସେମାନେ ଗରିବ। ଜଙ୍ଗଲ ତଳି ଇଲାକାରେ ଥିବା ସେମାନଙ୍କ ଚାଷ ଜମିରେ ହାତୀ ପଶିଥିବା ଜାଣି ଶନିବାର ଭୋର ସମୟରେ ଦୁଇଭାଇ ସେଠାକୁ ଯାଇଥିବାବେଳେ ଏଭଳି ଦୁର୍ଘଟଣା ଘଟିଛି।

### ଅନୁଦାନ ଖର୍ଚ୍ଚକୁ...

ବିକାଶ ସକାଶେ ରାଜ୍ୟକୁ ଏସସିଏରୁ ଟିଏସପି ଯୋଜନାରେ ଯଥାକ୍ରମେ ୧୪୮୫୬.୯୭ ଲକ୍ଷ ଏବଂ ୧୨୫୫୩.୨୨ ଲକ୍ଷ ଅନୁଦାନ ମଞ୍ଜୁର କରାଯାଇଛି। ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ସୁନ୍ଦରଗଡକୁ ଏହି ଆର୍ଥିକ ବର୍ଷରେ ଏସସିଏରୁ ଟିଏସଏସ ଯୋଜନାରେ ବିଭିନ୍ନ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପାଇଁ ୪୩୬.୮୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି।

ସେହିପରି ଅନୁଚ୍ଛେଦ ୨୭୫(୧) ଯୋଜନାରେ ବିଭିନ୍ନ ସ୍କୁଲ, କଲେଜ ଓ ଛାତ୍ରାବାସ ଭିତ୍ତିଭୂମି ନିର୍ମାଣ ପାଇଁ ୪୫୮.୧୮ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ମୂଳ ପ୍ରଶ୍ନକର୍ତ୍ତା ପ୍ରଫୁଲ୍ଲ ମାଝି ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କେଉଁ ଯୋଜନାରେ କେତେ ଖର୍ଚ୍ଚ ହୋଇଛି ସେ ବିଷୟରେ ଜଣାଇବାକୁ କହିଥିଲେ। ବିଜେଡି ସଭ୍ୟ ପଦ୍ମନାଭ ବେହେରା କେନ୍ଦ୍ର ସରକାର ଯେତିକି ଅନୁଦାନ ଦେବା କଥା ଦେଉଛନ୍ତି କି ନାହିଁ ବୋଲି ପଚାରିଥିଲେ। ଭାଜପା ସଭ୍ୟ ରବି ନାରାୟଣ ନାଏକ ୨୦୧୫-୧୬ରୁ ୨୦୧୮-୧୯ ମଧ୍ୟରେ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ କେତେ ଅନୁଦାନ ପାଇଛି ତାହାର ହିସାବ ଦେବାକୁ କହିଥିଲେ। କଂଗ୍ରେସ ସଭ୍ୟ ଭୁଜବଳ ମାଝି ଟିଏସପି ଅର୍ଥ ଦଳୀୟ ଭିତ୍ତିରେ ଖର୍ଚ୍ଚ ହେଉଥିବା ଅଭିଯୋଗ କଲେ। ମନ୍ତ୍ରୀ କହିଥିଲେ ଗତ ୫ ବର୍ଷରେ କେନ୍ଦ୍ରୀୟ ଅନୁଦାନ କମି ଯାଇଛି। ରାଜ୍ୟ ସରକାର ଦଳୀୟ ଭିତ୍ତିରେ ଅର୍ଥ ଖର୍ଚ୍ଚ କରୁନାହାନ୍ତି, ଯେମିତି ଖର୍ଚ୍ଚ ହେବା କଥା ହେଉଛି । ମନ୍ତ୍ରୀଙ୍କ ଉତ୍ତର ଶୁଣି ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଚାଇଁ କରି ଉଠିଲେ। ଅଭିଯୋଗ କଲେ ମନ୍ତ୍ରୀ ଗୃହରେ ଅସତ୍ୟ ତଥ୍ୟ ଦେଉଛନ୍ତି। ଏସସିଏ ଅର୍ଥ ବାଟମାରଣା ହେଉଛି। ବିଜେଡି କର୍ମୀମାନେ ଖର୍ଚ୍ଚ କରୁଛନ୍ତି। ସେ ବିଷୟରେ କାହାକୁ କିଛି ମାଲୁମ ପଡୁନି। ଏହା କହିବା ସହ ମନ୍ତ୍ରୀଙ୍କ ଉତ୍ତରକୁ ଜୋରଦାର ବିରୋଧ କରି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ତାଙ୍କୁ ସମର୍ଥନ କରି କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗରେ ନାରାବାଜି କଲେ। ଏ ପଇସା କାହା ବାପର ନୁହେଁ। ସରକାରୀ ପଇସା । ଆଦିବାସୀଙ୍କ ବିକାଶ ପାଇଁ ଖର୍ଚ୍ଚ ହେବା କଥା। ତାହା ହେଉ ନାହିଁ କହି ହଟ୍ଟଗୋଳ କଲେ। ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କଲେ। ବିଜେଡି ସଭ୍ୟମାନେ ମଧ୍ୟ ନିଜ ଆସନରେ ଛିଡା ହୋଇ ବିରୋଧୀ ଦଳ ସଦସ୍ୟମାନଙ୍କୁ ମୁକାବିଲା କଲେ। ଗୃହରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟର ପ୍ରତିବାଦ କଲେ। ସ୍ଥିତି ଅସମ୍ଭାଳ ହେଉଥିବା ଦେଖି ବାଚସ୍ପତି ଗୃହକୁ ୧୦ଟା ୪୭ରୁ ୧୨ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ । ୧୨ଟାରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ବିରୋଧକୁ...

ଦିଆଯାଇଛି। ପ୍ଲାଣ୍ଟ ପାଇଁ ୧୦୦୦ରୁ ଊର୍ଦ୍ଧ୍ୱ ଗଛ କଟାଯିବାକୁ ଯୋଜନା ରହିଛି। ହେଲେ ଗଛ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୋଲି ରୋକ୍‌ଠୋକ ଶୁଣାଇଛନ୍ତି ଅଞ୍ଚଳବାସୀ। ବାପା, ଜେଜେ ଅମଳରୁ ଯତ୍ନର ସହ ବଢ଼ାଇଥିବା ଗଛକୁ ଦାୟିତ୍ୱହୀନ ଭାବେ ମଦ କମ୍ପାନୀ ପାଇଁ କାଟି ଦିଆଯାଉଛି। ପ୍ରଶାସନ ପାଇଁ ଗଛଠାରୁ ମଦ ବେଶି ମୂଲ୍ୟବାନ। ଏପରି ଏକପାଖିଆ କାର୍ଯ୍ୟପନ୍ଥାକୁ ନେଇ ଆଗାମୀ ଦିନରେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଜିଲା ପ୍ରଶାସନ ଏବଂ ସରକାର ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ପ୍ରସ୍ତାବିତ ଅଞ୍ଚଳ ଜଙ୍ଗଲ ଜମି ନୁହେଁ**

ବଳରାମପୁର ଅଞ୍ଚଳରେ ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ଅଞ୍ଚଳ ଜଙ୍ଗଲ ଜମି ନୁହେଁ। ଏହା ରାଜସ୍ୱ ବିଭାଗର ଜମି। ୨୦୧୩-୧୪ ବର୍ଷରେ ସମ୍ପୃକ୍ତ ଅଞ୍ଚଳର ୮୯ ଏକର ଜମି ଇଡ୍‌କୋକୁ ଲିଜ୍ ଦିଆଯାଇଥିଲା। ସେଠାରେ ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ ପାଇଁ ଇଡ୍‌କୋ ଉକ୍ତ ଜମି ନେଇଛି। ସେଥିରୁ ୧୨.୮୬ ଏକର ଜମି ବିୟର ବଟ୍‌ଲିଂ ପ୍ଲାଣ୍ଟ ପାଇଁ ଦିଆଯାଇଥିବା ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ ସୂଚନା ଦେଇଛନ୍ତି।

**ବର୍ଷକୁ ପ୍ରସ୍ତୁତ ହେବ ୩.୬୦ କୋଟି ବୋତଲ ମଦ**

ଗାୟତ୍ରୀ ଗ୍ରୁପ୍ ତରଫରୁ ପି ଆଣ୍ଡ୍ ଏ ବଟ୍‌ଲର୍ସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ପକ୍ଷରୁ ଏହି ପ୍ଲାଣ୍ଟ ସ୍ଥାପନ କରାଯାଉଛି। ନିର୍ଦ୍ଧାରିତ ସମୟରେ କାମ ଆରମ୍ଭ ହେଲେ ୨୦୧୯ ଡିସେମ୍ବର ସୁଦ୍ଧା କାରଖାନାରୁ ବିୟର ଉତ୍ପାଦନ ଆରମ୍ଭ ହେବ। ପ୍ଲାଣ୍ଟରୁ ବାର୍ଷିକ ୨.୫ ଲକ୍ଷ ହେକ୍ଟୋଲିଟର ଅର୍ଥାତ୍ ୩ କୋଟି ୬୦ଲକ୍ଷ ବୋତଲ ମଦ ପ୍ରସ୍ତୁତ ହେବ। କମ୍ପାନୀରେ ମୋଟ ୨୮୦ କର୍ମଚାରୀ କାର୍ଯ୍ୟ କରିବେ। ମୁଖ୍ୟ ପରିଚାଳନା ବିଭାଗ, ବୈଷୟିକ ବିଭାଗକୁ ବାଦ୍ ଦେଲେ ୯୦% ନିଯୁକ୍ତି ସ୍ଥାନୀୟ ଲୋକଙ୍କୁ ଦିଆଯିବ ବୋଲି କମ୍ପାନୀ ଉପାଧ୍ୟକ୍ଷ ଦ୍ୱିବେନ୍ଦ୍ର କୁମାର ତୋଡେ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜିର ଗ୍ରହ ସ୍ଥିତି ଆପଣଙ୍କ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରକୁ ସରସ ସୁନ୍ଦର କରିବାରେ ସହାୟକ ହେବ। ଆକସ୍ମିକ ଭାବରେ ଜଣେ ବନ୍ଧୁ ଆସିବେ କିନ୍ତୁ ଫେରିବା ସମୟରେ ମନଦୁଃଖ କରି ବହୁତ ଅନୁରୋଧପୂର୍ଣ୍ଣ କଥା କହି ବିଦାୟ ନେବେ। ବ୍ୟବସାୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** - ନିକଟ ଭବିଷ୍ୟତରେ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମିଥୁନ** - ଆଜି ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଦୂରକୁ ଯିବାକୁ ପଡିବ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚ ବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ପିତୃବର୍ଗରେ ଶ୍ରଦ୍ଧାଭାଜନ ହେବେ ଏବଂ ସାମୟିକ ଆଶ୍ୱସ୍ତି ଲାଭ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ।

**କର୍କଟ** - ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ। ଦୀର୍ଘଦିନ ପରେ ଆଜି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ନିର୍ମାଣ, ପରିବହନରେ କିଛି ସମସ୍ୟା ଦେଖାଦେବ। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପକୃତ ହେବେ।

**ସିଂହ** - ଶୁଭଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ ମୁକାବିଲା କରିବେ ଓ ସଫଳତା ମଧ୍ୟ ପାଇବେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। କୌଣସି ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** - କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନପାରେ। ତରବର ନହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ ।ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ତୁଳା** - ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧିରେ ଧିରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ମୂଲ୍ୟବାନ ଜିନିଷ କିଣି ପାରନ୍ତି। ଚାକିରିରେ, ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯେତେ ଭଲକାମ କଲେ ସୁଦ୍ଧା ପାରିପାର୍ଶ୍ୱିକ କାରଣରୁ ଆଶାନୁଯାୟୀ ଆଦର,ସମ୍ମାନ ପାଇ ପାରିବେ ନାହିଁ।

**ବିଛା** - ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବ ଫଳରେ ମନଟା ଭଲ ଲାଗିବ ନାହିଁ। ବନ୍ଧୁମିଳନ ଜନିତ ସାମୟିକ ହସଖୁସିର ଖୁରାକ ଜ୍ୟେଷ୍ଠା ନକ୍ଷତ୍ର ପାଇପାରନ୍ତି। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହେବେ, ଯଦ୍ୱାରାକି- ଜାଣିଶୁଣି ମଧ୍ୟ ସବୁ କଥାରେ ନୀରବ ରହିବାକୁ ପଡିବ। ଅତିନିଜର ଜଣେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନପାରେ।

**ଧନୁ** - ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଅତିରିକ୍ତ କରିବା କ୍ଷତିର କାରଣ ହୋଇପାରେ । ବାଧ ବାଧକତାରେ ନାହିଁ କରି ନପାରି ଦୂରଯାତ୍ରା କରିବାକୁ ପଡିବ । ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସୀ ରହିବ ।

**ମକର** - ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କାମ ଓ କଥାକୁ ସରଳତାରସହ ଗ୍ରହଣ କଲେ ଉପକୃତ ହେବେ। କ୍ରୀଡା, ଚଳଚ୍ଚିତ୍ର, କଳା, ସାହିତ୍ୟରେ ଉନ୍ନତି କରିବେ। ଅପ୍ରିୟସତ୍ୟ କହିବା କିମ୍ବା ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବା ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ** - ନିକଟ ସମ୍ପର୍କୀୟମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବହୁତ ଦିନ ହେଲା ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** - ପ୍ରତ୍ୟେକ କ୍ଷେତ୍ରରେ ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ । ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ । ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ପକ୍ଷ ଦଶମୀ ଯୁକ୍ତ ଏକାଦଶୀ ରବିବାର, ନଭେମ୍ବର ୧୮ତାରିଖ, ଶ୍ରୀକୃଷ୍ଣଙ୍କର ଶରଦ୍ରାସାଧିବାସ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ୍/କୁମ୍ଭ, ଦିବା ଘ୧୦।୨୫, ଗତେ, ମୀନ ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଶରଣଂ, ଦିବା ଘ୭।୨୭ମି. ଗତେ ଘ୮।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୦ମି. ଗତେ ଘ୧୦।୧୫ମି. ମଧ୍ୟେ, ଘ୧।୦୧ମି. ଗତେ ଘ୨।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୪୦ମି. ଗତେ ଘ୫।୦୩ମି. ମଧ୍ୟେ ରାହୁକାଳ।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଆଜି ଏମ୍ସ ପିଜି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ):** ଏମ୍ସ ସ୍ନାତକୋତ୍ତର(ପିଜି) ପ୍ରବେଶିକା ପରୀକ୍ଷା ରବିବାର ସାରା ଦେଶରେ ଅନୁଷ୍ଠିତ ହେବ। ଦେଶରେ ଥିବା ଏମ୍ସ ଶିକ୍ଷାନୁଷ୍ଠାନଗୁଡିକରେ ମାଷ୍ଟର ଅଫ୍ ସର୍ଜରି(ଏମ୍ଏସ୍), ଡକ୍ଟର ଅଫ୍ ମେଡିସିନ(ଏମ୍ଡି) ଏବଂ ମାଷ୍ଟର ଅଫ୍ ଡେଣ୍ଟାଲ ସର୍ଜରି(ଏମ୍ଡିଏସ୍) ବିଭାଗରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଦିଲ୍ଲୀ ଏମ୍ସ ପରୀକ୍ଷା ପରିଚାଳନା କରୁଛି। ପରୀକ୍ଷା ଦୁଇଟି ସିଟିଂରେ ଅନୁଷ୍ଠିତ ହେବ। ପ୍ରଥମ ସିଟିଂରେ ମେଡିକାଲ ପାଠ୍ୟକ୍ରମ ପାଇଁ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଦ୍ୱିତୀୟ ସିଟିଂରେ ଡେଣ୍ଟାଲ ପାଠ୍ୟକ୍ରମ ପାଇଁ ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ୨୫ ରାଜ୍ୟର ୬୮ ସହରରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତି ସହରରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର କରାଯାଇଛି। ଦିଲ୍ଲୀ, ହରିୟାଣା, ଗୋଆ ଏବଂ ମହାରାଷ୍ଟ୍ର ପରି ଓଡ଼ିଶାର ଭୁବନେଶ୍ୱରରେ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା ଅନ୍‌ଲାଇନରେ ହେବାକୁ ଥିବାବେଳେ ପରୀକ୍ଷାର୍ଥୀ ୨୦୦ଟି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ରଖିବେ। ପରୀକ୍ଷାଫଳ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ। ର୍‍ୟାଙ୍କ ପାଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ନଭେମ୍ବର ୩୦ରେ ପ୍ରଥମ ପର୍ଯ୍ୟାୟ କାଉନ୍‌ସେଲିଂ ହେବ। ଡିସେମ୍ବର ୬ରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଡିସେମ୍ବର ୧୪ରେ ତୃତୀୟ ପର୍ଯ୍ୟାୟ କାଉନସେଲିଂ ଅନୁଷ୍ଠିତ ହେବ। ନାମଲେଖା ପ୍ରକ୍ରିୟା ସରିବା ପରେ ଯଦି ସିଟ୍ ବଳକା ପଡ଼େ ତେବେ ସେସବୁ ପୂରଣ ପାଇଁ ଫେବୃୟାରୀ ୨୨ରେ ସ୍ପଟ୍ ଆଡ୍‌ମିଶନ କରାଯିବ ବୋଲି ଦିଲ୍ଲୀ ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

### ଭିଜିଲାନ୍ସ ଜାଲରେ ନୟାଗଡ଼ ଏମ୍‌ଭିଆଇ

**ନୟାଗଡ଼ ଅଫିସ,୧୭।୧୧:** ନୟାଗଡ଼ ଜିଲା ଏମ୍‌ଭିଆଇ ପ୍ରଭାକର ପାଣିଗ୍ରାହୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ନଗଦ ୧ ଲକ୍ଷ ୮୧ ହଜାର ଟଙ୍କା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ନୟାଗଡ଼-ଓଡ଼ଗାଁ ରାସ୍ତା ଲେଙ୍କୁଡ଼ିପଡ଼ା ମିଳନ ମାର୍ବଲ୍ସଠାରେ ଏମଭିଆଇ ପ୍ରଭାକର ଘର ଭଡ଼ା ନେଇ ରହୁଥିଲେ। ଶନିବାର ସନ୍ଧ୍ୟା ୭ଟା ୩୦ ମିନିଟରେ ସେ କାର (ନଂ.ଓଡ଼ି ୦୭ ଏଲ୍ ୫୯୮୨)ରେ ପରିବାର ସହିତ ବ୍ରହ୍ମପୁର ଷ୍ଟେଶନ ନିକଟରେ ଥିବା ତାଙ୍କ ଘରକୁ ଯାଉଥିଲେ। ସେ ଘରୁ ବାହାରି କିଛି ବାଟ ଯାଇଥିବା ବେଳେ ଲେଙ୍କୁଡ଼ିପଡ଼ା ଛକଠାରେ ଭିଜିଲାନ୍ସ ଟିମ୍ ଅଟକାଇଥିଲା। ଏହାପରେ ସେ ସାଥିରେ ନେଇ ଯାଉଥିବା ୧



ପ୍ରଭାକର ପାଣିଗ୍ରାହୀ

ଲକ୍ଷ ୮୧ ହଜାର ଟଙ୍କା ଗାଡିରୁ ଜବତ କରାଯାଇଥିଲା। ଏତେ ଟଙ୍କା କେଉଁଠାରୁ ଆସିଲା ସେ ନେଇ ହିସାବ ଦେଇପାରି ନ ଥିଲେ ପ୍ରଭାକର। ପରେ ଭିଜିଲାନ୍ସ ଟିମ୍ ତାଙ୍କ ଭଡ଼ା ଘରେ ଚଢ଼ାଉ କରିଥିଲା। ଘରେ ଆସବାବପତ୍ର ଛଡ଼ା ଅନ୍ୟ କିଛି ସାମଗ୍ରୀ ନ ଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ୩ଟି ଗାଡ଼ିରେ ୧୪ ଜଣିଆ ଏକ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ସେହିପରି ବ୍ରହ୍ମପୁରର ପ୍ରଭାକରଙ୍କ ପୈତୃକ ବାସଭବନରେ ଚଢ଼ାଉ କରାଯାଉଥିବା ନେଇ ଡିଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ତାଙ୍କ ନାମରେ ବିଭିନ୍ନ ଅଭିଯୋଗ ଥିବାରୁ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ପ୍ରଭାକର ୬ ମାସ ଧରି ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଦାୟିତ୍ୱରେ ରହିଛନ୍ତି।

# ଗାଁରେ ମିଳିବ ବିଶୁଦ୍ଧ ପାନୀୟ ଜଳ



ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବସୁଧା'ର ଲୋଗୋ, ଟୋଲ୍ ଫ୍ରି ନମ୍ବର ଶୁଭାରମ୍ଭ କରୁଛନ୍ତି।

## ବସୁଧା ଯୋଜନାର ଲୋଗୋ, ଟୋଲ୍ ଫ୍ରି ନମ୍ବରର ଶୁଭାରମ୍ଭ

- ସାରା ରାଜ୍ୟରେ ୭୮ ପରୀକ୍ଷାଗାର
- ତୁରନ୍ତ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବକ୍ସି ଜଗବନ୍ଧୁ ଆସ୍ୟୁରର୍ଡ ଡ୍ରିଙ୍କିଙ୍ଗ୍ ୱାଟର ଟୁ ଅଲ୍ ହାବିଟେଶନ୍ସ(ବସୁଧା)ର ଲୋଗୋ ଉନ୍ମୋଚନ ସହ ଟୋଲ୍ ଫ୍ରି ନମ୍ବରର ଶୁଭାରମ୍ଭ କରିଛନ୍ତି। ସଚିବାଳୟର ତୃତୀୟ ମହଲାସ୍ଥିତ ସମ୍ମିଳନୀ କକ୍ଷରେ ଶନିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ଏହି ଯୋଜନାର ପ୍ରାଥମିକତା।

ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବସୁଧା ସମ୍ପର୍କିତ ସମସ୍ତ ଅଭିଯୋଗ ଶୁଣାଣି ହେଲ୍ପ ଲାଇନ-୧୯୧୬ ଦ୍ୱାରା ଗ୍ରହଣ କରାଯିବ। ଶନିବାରଠାରୁ ଏହା ସାଧାରଣ ଜନତାଙ୍କ ପାଇଁ ଉତ୍ସର୍ଗ କରାଗଲା। ଉକ୍ତ ନମ୍ବର ଜରିଆରେ ଗ୍ରାମାଞ୍ଚଳରେ ଅଚଳ ଏବଂ ବନ୍ଦ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ନେଇ ଅଭିଯୋଗ ଗ୍ରହଣ କରାଯିବ। ଏଥିସହିତ ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟର ପ୍ରତିଟି ଗ୍ରାମାଞ୍ଚଳରେ କିପରି ଶୁଦ୍ଧ ଓ ପାନୀୟଜଳ ପହଞ୍ଚିବ, ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାରା ରାଜ୍ୟରେ ପ୍ରାୟ ୭୮ଟି ଜଳ ପରୀକ୍ଷଣ ପରୀକ୍ଷାଗାର ନିର୍ମାଣ କରାଯାଇଛି। ବର୍ଷକ ମଧ୍ୟରେ ପ୍ରାୟ ୫ ଲକ୍ଷ ଜଳ ନମୁନା ପରୀକ୍ଷା କରାଯାଇଛି। ଏହି କାର୍ଯ୍ୟକ୍ରମର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଯନ୍ତ୍ରୀ, ତୃତୀୟ ପକ୍ଷ ଗୁଣାତ୍ମକ ମାନ ନିର୍ଦ୍ଧାରଣ ସଂସ୍ଥାକୁ ନିୟୋଜିତ କରାଯାଇଛି। ନିକଟରେ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଜିଓଲୋଜିଷ୍ଟ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଟୋଲ୍ ଫ୍ରି ନମ୍ବରରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଭିଯୋଗ ଗ୍ରହଣ କରାଯିବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ। ଏତଦ୍ ବ୍ୟତୀତ ସାଧାରଣ ଜନତାଙ୍କଠାରୁ ବିଭିନ୍ନ ପ୍ରସ୍ତାବ ମଧ୍ୟ ଏହି ଟୋଲ୍ ଫ୍ରି ନମ୍ବର ଦ୍ୱାରା ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏଥିପାଇଁ ଭୂତତ୍ତ୍ୱବିତ୍‌ଙ୍କ ସହଯୋଗ ଲୋଡାଯାଇଛି।

'ବସୁଧା' ରାଜ୍ୟ ସରକାରଙ୍କ ଦ୍ୱାରା ବହୁ ପୂର୍ବରୁ କଳ୍ପନା କରାଯାଇଥିବା ଏକ ଯୋଜନା। ପ୍ରଥମେ ୨୦୧୪-୧୫ ଆର୍ଥିକବର୍ଷରେ ଓଡ଼ିଶା ଗ୍ରାମାଞ୍ଚଳ ଜଳ କାର୍ଯ୍ୟକ୍ରମ ନାମକ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା। ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ଏକ କାର୍ଯ୍ୟକ୍ରମର ପ୍ରାଥମିକତା ରହିଥିଲା। ପରବର୍ତ୍ତୀ ସମୟରେ ୨୦୧୭-୧୮ ଆର୍ଥିକ ବର୍ଷରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ନାମରେ ଏହି ଯୋଜନାକୁ ଉତ୍ସର୍ଗୀକୃତ କରାଯାଇଥିଲା। ଏଥିସହିତ ଉକ୍ତ ଆର୍ଥିକ ବର୍ଷ ପାଇଁ ୬୦୦ କୋଟି ଏବଂ ୨୦୧୮-୧୯ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଗତ ୧୮ ମାସ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ୪୨୦୦ ନୂଆ ପାଇପ ଲାଇନ ବ୍ୟବସ୍ଥା କରାଯାଇ ଜଳ ଯୋଗାଣ କରାଯାଇଛି। ସେହିପରି ୬୫ଟି ବହୁମୁଖୀ ପାଇପ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୧୦,୫୦୦ କୋଟି ଟଙ୍କାର ଅବଧାରଣା କରାଯାଇଛି। ୩୦୦୦ ସୌର ଡୁଆଲ ପମ୍ପ ବ୍ୟବସ୍ଥା କରାଯାଇଛି। ଗୁଣାତ୍ମକ ମାନ ହ୍ରାସ ହୋଇଥିବା ୨୫୦୦ଟି ଅଞ୍ଚଳରେ ଶୁଦ୍ଧ ଜଳର ବ୍ୟବସ୍ଥା କରାଯାଇଛି।

# ଆଜି ଆସିବେ ଅନିଲ କୁମ୍ବଲେ

## ଏଣ୍ଡୋକ୍ରାଇନ୍ ରୋଗ ଉପରେ ସଚେତନ କରାଇବେ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଶରୀରରେ ଥିବା ହରମୋନକୁ ନେଇ କେତେକ ଜାତୀୟ ଏବଂ ଅନ୍ତର୍ଜାତୀୟ ଖେଳାଳି ବିବାଦ ଭିତରକୁ ଠେଲି ହୋଇଯାଉଛନ୍ତି। ଆଉ କେତେଜଣ ଖେଳାଳି ଏହାକୁ ନେଇ ଖେଳ ଜଗତରୁ ଦୂରେଇ ଯାଉଛନ୍ତି। ଖେଳାଳିଙ୍କ ଶରୀରରେ ଥିବା ଏଭଳି ହରମୋନ ସମ୍ପର୍କରେ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ୪୮ତମ ଜାତୀୟ ସମ୍ମିଳନୀରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଏବଂ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗନେବେ ବୋଲି ଓଡ଼ିଶା ଶାଖା ସାଂଗଠନିକ ସମ୍ପାଦକ ଡ. ଅଭୟ ସାହୁ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଏଣ୍ଡୋଇକ୍ରାଇନ୍ ସମ୍ପର୍କିତ ରୋଗଗୁଡିକ ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ମେ ଫେୟାର ହୋଟେଲ ସମ୍ମୁଖରୁ ବାହାରି କଳିଙ୍ଗ ଷ୍ଟାଡିୟମ୍ ମୁଖ୍ୟ ଗେଟ୍ ସମ୍ମୁଖରେ ପହଞ୍ଚିବା ପରେ ସେଠାରୁ ପୁଣି ହୋଟେଲ ସମ୍ମୁଖକୁ ଫେରିବ। ଏଥିରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ଏଣ୍ଡୋକ୍ରାଇନ୍ ଡାକ୍ତରଙ୍କ ସହିତ ଓଡ଼ିଆ ଫିଲ୍ମ ଜଗତର କଳାକାର ଏବଂ ସାଧାରଣ ଜନତା ଭାଗନେବେ ବୋଲି ଡ. ସାହୁ କହିଛନ୍ତି।

ଶନିବାର ସମ୍ମିଳନୀର ତୃତୀୟ ଦିନରେ ଜାତୀୟ ଏବଂ ଅନ୍ତର୍ଜାତୀୟ ଏଣ୍ଡୋଇକ୍ରାଇନ୍ ଡାକ୍ତରମାନେ ଶିଶୁ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ସମ୍ପର୍କରେ ଆଲୋଚନା କରିଛନ୍ତି। ଗୋଟିଏ ଶିଶୁ କାହିଁକି ଡେଙ୍ଗା ନ ହେବା, ମସ୍ତିଷ୍କ ବିକଶିତ ନ ହେବା ଏବଂ କେତେଜଣ ମହିଳା ଗର୍ଭବତୀ ନ ହେବାର କାରଣ ବିଷୟରେ ଆଲୋଚନା ହୋଇଥିଲା। ଏ ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦିଆଯିବାର ପ୍ରସ୍ତାବ ରହିଛି ବୋଲି ସାଂଗଠନିକ ସମ୍ପାଦକ ଡାକ୍ତର ସାହୁ ସୂଚନା ଦେଇଛନ୍ତି।

# ଏଏସ୍ଆଇକୁ ୩ ଐତିହ୍ୟର ସଂରକ୍ଷଣ ଦାୟିତ୍ୱ

- ଧର୍ମେନ୍ଦ୍ରଙ୍କୁ ଚିଠି ଲେଖି ଅବଗତ କଲେ ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧକ୍ରମେ ଏଏସ୍ଆଇ ରାଜ୍ୟର ୩ଟି ଐତିହ୍ୟର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବ। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଏଏସ୍ଆଇ ଦ୍ୱାରା ସଂରକ୍ଷିତ ହେବାକୁ ଥିବା ଐତିହ୍ୟଗୁଡ଼ିକ ହେଉଛି- ଅନୁଗୋଳ ଜିଲାର ବ୍ରଜକୋଟ ଭ୍ରିଙ୍ଗେଶ୍ୱର ମନ୍ଦିର, ମୟୂରଭଞ୍ଜର ହରିପୁରଗଡ଼ସ୍ଥିତ ଦୁର୍ଗ ଏବଂ ଢେଙ୍କାନାଳ କୁଆଳସ୍ଥିତ କନକେଶ୍ୱର ମହାଦେବ ମନ୍ଦିର। ଧର୍ମେନ୍ଦ୍ରଙ୍କ ଅନୁରୋଧ ପରେ ଏଏସ୍ଆଇ ଦ୍ୱାରା ପ୍ରାଥମିକ ଭାବେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଚିଠିରେ ସଂସ୍କୃତି ମନ୍ତ୍ରୀ ଶର୍ମା ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ



ଧର୍ମେନ୍ଦ୍ର ପ୍ରଧାନ

ଅନୁରୋଧକ୍ରମେ ଗତ ମେ' ମାସରେ ଭୁବନେଶ୍ୱରସ୍ଥିତ ଏଏସ୍ଆଇ ସର୍କଲ ଦ୍ୱାରା ୩ଟି ସ୍ଥାନର ଅନୁଧ୍ୟାନ କରାଯାଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଉକ୍ତ ସ୍ଥଳଗୁଡ଼ିକର ବିସ୍ତୃତ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଆକଳନ ପରେ ଅନୁମୋଦନ ମଧ୍ୟ କରାଯାଇଛି। ଅନୁଗୋଳ ବ୍ରଜକୋଟ ଭ୍ରିଙ୍ଗେଶ୍ୱର ମନ୍ଦିର ଓ ଢେଙ୍କାନାଳ କୁଆଳସ୍ଥିତ କନକେଶ୍ୱର ମହାଦେବ ମନ୍ଦିର ପାଇଁ ଟେଣ୍ଡର ଆହ୍ୱାନ ଆରମ୍ଭ ହୋଇସାରିଛି। ସେହିପରି ମୟୂରଭଞ୍ଜ ହରିପୁରସ୍ଥିତ ଦୁର୍ଗ ପାଇଁ ଟେଣ୍ଡର ଆବେଦନ ପ୍ରକ୍ରିୟା ଚାଲିଛି। ୨ ମନ୍ଦିର ଏବଂ ଗୋଟିଏ ଦୁର୍ଗର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ସମ୍ପର୍କିତ କାର୍ଯ୍ୟ ଚଳିତ ଡିସେମ୍ବର ସୁଦ୍ଧା ଆରମ୍ଭ ହେବ ବୋଲି କୁହାଯାଇଛି।

ପ୍ରକାଶ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମେ ୧୧ରେ ଉକ୍ତ ସ୍ଥଳଗୁଡ଼ିକର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ସଂସ୍କୃତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଡିସେମ୍ବର ପହିଲାରୁ ଅନଲାଇନ ଟ୍ରାଞ୍ଜାକ୍‌ଶନ କରିପାରିବେନି ଏସ୍‌ବିଆଇ ଗ୍ରାହକ

ନୂଆଦିଲ୍ଲୀ,୧୭।୧୧

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଗ୍ରାହକ ଅନ୍‌ଲାଇନରେ ଟ୍ରାଞ୍ଜାକଶନ କରୁଥିଲେ ସେମାନଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ନିଜର ମୋବାଇଲ ନମ୍ବରକୁ ବ୍ୟାଙ୍କରେ ପଞ୍ଜୀକରଣ କରିବାକୁ ହେବ। ନଚେତ ସେମାନଙ୍କୁ ଡିସେମ୍ବର ପହିଲାରୁ ଅନଲାଇନରେ ଟ୍ରାଞ୍ଜାକଶନ କରିବାକୁ ସୁଯୋଗ ମିଳିବ ନାହିଁ। ଏ ସମ୍ପର୍କରେ ବ୍ୟାଙ୍କର ୱେବସାଇଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏସ୍ଏମ୍ଏସ ପଠାଇବା ଲାଗି ମୋବାଇଲ ନମ୍ବର ପଞ୍ଜୀକରଣକୁ ରିଜର୍ଭ ବ୍ୟାଙ୍କ ବାଧ୍ୟତାମୂଳକ କରିଛି। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ସର୍କୁଲାର ପୂର୍ବରୁ ଜାରି କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ପୂର୍ବରୁ ଏକ ଟୁଇଟ୍ ଜରିଆରେ ଗ୍ରାହକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା।







ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୧୪ ଡିସେମ୍ବର ୨୦୧୮ ଉପଲକ୍ଷେ
ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ସପ୍ତମ ରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ କରାଯାଉଅଛି ।
ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଶକ୍ତି ସଂରକ୍ଷଣ ସଚେତନତା ସୃଷ୍ଟି ଏହି ପ୍ରସାର ଅଭିଯାନର ଏକ ଅଂଶବିଶେଷ ।




**ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**
- ସମସ୍ତ ସ୍କୁଲର ସପ୍ତମରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନେ ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଭାଗ ନେଇପାରିବେ । ଏହି ପ୍ରତିଯୋଗିତା ସମସ୍ତ ବ୍ଲକରେ **୨୫ ନଭେମ୍ବର, ୨୦୧୮** ରେ ଆୟୋଜନ କରାଯିବ । ଏହାର ଅବଧି ୧ ଘଣ୍ଟା ଅଟେ । ଛାତ୍ର ଛାତ୍ରୀ ମାନେ ପରୀକ୍ଷାନିମନ୍ତେ ନିଜର ଆବଶ୍ୟକୀୟ ଲେଖନ ଉପକରଣ ଆଣିବେ । ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ । ପୌରାଞ୍ଚଳର ଛାତ୍ରଛାତ୍ରୀମାନେ ସଂପୃକ୍ତ ବ୍ଲକରେ ଭାଗ ନେଇପାରିବେ ।
- ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ ।
- ଶ୍ରେଷ୍ଠ ବିବେଚିତ ୩ଜଣ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି ଯେ, ସେମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମ୍ନରେ ଦିଆଯାଇଥିବା websiteରୁ ପାଇପାରିବେ ।

**ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**
- ପ୍ରତି ବ୍ଲକରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଜିଲ୍ଲାସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ପାଇଁ ମନୋନୟନ କରାଯିବ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସମସ୍ତ ଜିଲ୍ଲାର ସଦର ମହକୁମାରେ **୦୨ ଡିସେମ୍ବର, ୨୦୧୮** ତାରିଖରେ ଆୟୋଜନ କରାଯିବ । ଏହି ପ୍ରତିଯୋଗିତାର ଅବଧି ୧ ଘଣ୍ଟା ଅଟେ । ପିଲାମାନେ ପରୀକ୍ଷା ନିମନ୍ତେ ନିଜର ଆବଶ୍ୟକୀୟ ଲେଖନ ଉପକରଣ ଆଣିବେ । ପ୍ରତିଯୋଗିତାର ପ୍ରଶ୍ନୋତ୍ତର ନିମନ୍ତେ ପ୍ରଦତ୍ତ ଅନେକ ସମ୍ଭାବ୍ୟଉତ୍ତର ମଧ୍ୟରୁ ଗୋଟିଏ ସଠିକ୍ ଉତ୍ତର ବାଛିବାକୁ ପଡ଼ିବ ।
- ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କର କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ ।
- ଶ୍ରେଷ୍ଠ ବିବେଚିତ ୩ଜଣ ପ୍ରତିଯୋଗିଙ୍କୁ ପ୍ରମାଣପତ୍ର ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ ।
- ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ସ୍ଥାନ ଏବଂ ସମୟର ବିବରଣୀ ନିମ୍ନରେ ଦିଆଯାଇଥିବା website ରୁ ପାଇପାରିବେ ।

**ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା**
- ପ୍ରତି ଜିଲ୍ଲାରୁ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସେମାନଙ୍କୁ ରାଜ୍ୟସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଯୋଗଦେବା ନିମନ୍ତେ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ । ଏହି ପ୍ରତିଯୋଗିତାଟି **୧୩.୧୨.୨୦୧୮**, ସମୟ-ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବ ।
- ଭୁବନେଶ୍ୱରରେ ୧୪.୧୨.୨୦୧୮ ଦିନ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ସମସ୍ତ ପୁରସ୍କାର ବଣ୍ଟନ କରାଯିବ ।
- କେବଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀ ଓ ତାଙ୍କ ସହିତ କେବଳ ଜଣେ ଶିକ୍ଷକ / ଅଭିଭାବକଙ୍କର ଗସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ବହନ କରାଯିବ ।
- ସମସ୍ତ ପ୍ରତିଯୋଗୀ ୧୪.୧୨.୨୦୧୮ ଦିନ ଆୟୋଜିତ ହେଉଥିବା ପଦଯାତ୍ରାରେ ଭାଗ ନେବେ ।
- ମନୋନୀତ ୪୦ ଜଣ ଛାତ୍ର/ଛାତ୍ରୀଙ୍କୁ ୩ଟି ବିଭାଗରେ ଯଥା ପ୍ଲାଟିନମ୍, ସ୍ୱର୍ଣ୍ଣ ଏବଂ ରୌପ୍ୟ ପୁରସ୍କାର ପ୍ରଦାନ କରାଯିବ ।

ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ୧୪ ଡିସେମ୍ବର ୨୦୧୮ ଦିନ ଆୟୋଜିତ ହେଉଥିବା ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେବା ସହିତ ଶକ୍ତି ସଂରକ୍ଷଣ ଅଭିଯାନରେ ସହଯୋଗ କରନ୍ତୁ ।
ବି.ଦ୍ର. କେବଳ ଓଡ଼ିଶାର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ । ବିଚାରକ ମଣ୍ଡଳୀ / ଆୟୋଜକମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସବୁସ୍ତର ପାଇଁ ଅନ୍ତିମ ଅଟେ ।

**ବ୍ଲକ ପୁରସ୍କାର:** ପ୍ରଥମ-ଟ୧୦୦୦/-, ଦ୍ୱିତୀୟ-ଟ୭୦୦/-, ତୃତୀୟ-ଟ୫୦୦/-
**ଜିଲ୍ଲା ପୁରସ୍କାର:** ପ୍ରଥମ-ଟ୧୫୦୦/-, ଦ୍ୱିତୀୟ-ଟ୧୦୦୦/-, ତୃତୀୟ-ଟ୭୦୦/-
**ରାଜ୍ୟ ପୁରସ୍କାର:** ପ୍ଲାଟିନମ୍- ଟ୮୦୦୦/- (୫ଟି), ସ୍ୱର୍ଣ୍ଣ- ଟ୫୦୦୦/- (୧୦ଟି), ରୌପ୍ୟ- ଟ୩୦୦୦/-(୨୫ଟି)

ସ୍ଥାନ ଓ ସମୟ ପାଇଁ ଦେଖନ୍ତୁ: www.orienvis.nic.in, www.ecoclubodisha.org, www.cesorissa.org
ଫୋନ-୦୬୭୪-୨୫୫୧୮୫୩ / ୯୪୩୭୬୦୪୩୮୯/ ୯୪୩୭୦୫୭୩୩୧/ ୯୪୩୭୧୦୫୧୭୭ / ୯୪୩୮୧୮୭୦୧୯, E-mail: energyquiz2018@gmail.com

ସହଯୋଗ: ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବି.ଇ.ଇ.) କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ, ନୂଆଦିଲ୍ଲୀ
ପ୍ରାୟୋଜକ: ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଏବଂ ରାଜ୍ୟପଦାଧିକାରୀ ସଂସ୍ଥା (ଏସ୍.ଡି.ଏ), ଶକ୍ତି ବିଭାଗ, ଓଡ଼ିଶା ସରକାର SDA, Odisha
ସଂଯୋଜନା: ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ୍ ଷ୍ଟଡିଜ ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

ସହନଶୀଳ ସମାଜ ପାଇଁ ଶକ୍ତି ସଂରକ୍ଷଣ କରିବା ।

# କଂଗ୍ରେସ ପାଇଁ ଆହ୍ୱାନ



ଆକାର ପଟେଲ

ଆମ ପ୍ରଧାନମନ୍ତ୍ରୀଙ୍କର ଗୋଟିଏ ବଡ଼ ଗୁଣ ହେଲା, ସେ ଖୁବ୍ ଭଲ ଯୁକ୍ତି କରିପାରନ୍ତି। ସେ କୌଣସି ସାଧାରଣ ଜିନିଷକୁ ଲୋକମାନେ ବିଶ୍ୱାସ କଲାଭଳି ନୂଆ ଢଙ୍ଗରେ ଉପସ୍ଥାପନ କରିପାରନ୍ତି। ଚଳିତ ସପ୍ତାହରେ କଂଗ୍ରେସ ଦାବି କଲା ଯେ, ଜବାହରଲାଲ ନେହେରୁ ତିଆରି କରିଥିବା ବ୍ୟବସ୍ଥା ଯୋଗୁ ସେ ଆଜି ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଏହାର ଉତ୍ତରରେ ମୋଦି କହିଲେ, ''ମୁଁ ସେମାନଙ୍କୁ ଆହ୍ୱାନ କରୁଛି, କଂଗ୍ରେସର କୌଣସି ଭଲ ନେତାଙ୍କୁ ଗାନ୍ଧୀ ପରିବାର ବାହାରୁ ପାଞ୍ଚବର୍ଷ ପାଇଁ ଦଳର ଅଧ୍ୟକ୍ଷ କରନ୍ତୁ, ତା'ହେଲେ ମୁଁ ସ୍ୱୀକାର କରିବି ଯେ ନେହେରୁ ବାସ୍ତବରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ତିଆରି କରିଥିଲେ।'' ଏହାର ଏକମାତ୍ର ପ୍ରତ୍ୟୁତ୍ତର ହେଉଛି ଯେ, ପି.ଭି. ନରସିଂହ ରାଓ ଗାନ୍ଧୀ ପରିବାରର ସଦସ୍ୟ ନ ହୋଇ ମଧ୍ୟ ପାଞ୍ଚବର୍ଷ କଂଗ୍ରେସର ଅଧ୍ୟକ୍ଷ ଥିଲେ ଏବଂ ସେ ମଧ୍ୟ ପ୍ରଧାନମନ୍ତ୍ରୀ ଥିଲେ। ତାଙ୍କ ପରେ ଅଳ୍ପ ସମୟ ପାଇଁ ହେଉ ପଛେ ସୀତାରାମ କେଶରୀ କଂଗ୍ରେସର ଅଧ୍ୟକ୍ଷ ଥିଲେ।

କିନ୍ତୁ ବାସ୍ତବ କଥା ହେଲା ନରେନ୍ଦ୍ର ମୋଦି ଠିକ୍ କହିଛନ୍ତି: କଂଗ୍ରେସ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପରି, ଯାହାର ସମସ୍ତ ଅଂଶଧନ ଗୋଟିଏ ପରିବାର ହାତରେ ରହିଛି। ଅପରପକ୍ଷେ ଭାରତୀୟ ଜନତା ପାର୍ଟି (ଭାଜପା) ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ପରି, ଯାହାର ଅଂଶଧନ ବହୁ ଲୋକଙ୍କ ଭିତରେ ବାଣ୍ଟି ହୋଇଛି ଏବଂ ଯେଉଁଠି ପାରିବାରିକ ବନ୍ଧନ ଅପେକ୍ଷା ଯୋଗ୍ୟତାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଆପଣ ଯଦି ଗାନ୍ଧୀ ପରିବାରର ସଦସ୍ୟ ହୋଇଥାନ୍ତି, ତେବେ ଆପଣ ବାରମ୍ବାର ବିଫଳ ହେଲେ ମଧ୍ୟ କଂଗ୍ରେସର ମୁଖ୍ୟ ରହିପାରିବେ। ଭଲ ପ୍ରଦର୍ଶନ କରିବା ପାଇଁ କୌଣସି ଚାପ ପଡ଼ିବ ନାହିଁ। ଅନ୍ୟପକ୍ଷରେ ୨୦୧୯ ନିର୍ବାଚନ ଜିତିବା ଲାଗି ଯଦି ମୋଦି ନିର୍ଣ୍ଣାୟକ ଢଙ୍ଗରେ ଦଳକୁ ନେତୃତ୍ୱ ଦେଇ ନ ପାରିବେ, ତେବେ ତାଙ୍କ ବିରୋଧରେ ଦଳ ଭିତରେ ଅସନ୍ତୋଷ ଦାନା ବାନ୍ଧିବ ଓ ସେ ଆହ୍ୱାନର ସମ୍ମୁଖୀନ ହେବେ। ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ପ୍ରତ୍ୟେକ ରାଜନୈତିକ ଦଳରେ ଏହା ହିଁ ଘଟିଥାଏ। ତେଣୁ ମୋଦି ଯାହା କହିଛନ୍ତି, ତାହା ସତ୍ୟ। ତେବେ ପ୍ରଶ୍ନ ହେଉଛି, ମୋଦିଙ୍କର ଏହି ଆହ୍ୱାନ ଓ ଉପଦେଶକୁ କ'ଣ କଂଗ୍ରେସ ଗ୍ରହଣ କରିପାରିବ ? ମୁଁ ଭାବୁଛି ପାରିବ। ତେବେ ମୁଁ ଭାବୁନାହିଁ ମୋଦି ଯାହା କହିଲେ ଅବିକଳ ତାହା କରିବା ଅର୍ଥାତ୍ ଦଳର ଅଧ୍ୟକ୍ଷ ପଦ ଛାଡ଼ିଦେବା ଦରକାର ନାହିଁ। ପ୍ରଧାନମନ୍ତ୍ରୀ ହେବା ଲାଗି ମୋର କୌଣସି ଅଭିପ୍ରାୟ ନାହିଁ ବୋଲି ରାହୁଲ ଗାନ୍ଧୀ କହିଲେ ମଧ୍ୟ ତାଙ୍କୁ ଦଳ ଭିତରେ ତଥା ଜନସାଧାରଣରେ ନିଜର ବିଶ୍ୱନୀୟତା ସୃଷ୍ଟି କରିବାକୁ ପଡ଼ିବ। ଆତ୍ମତ୍ୟାଗ କରୁଥିବା ଲୋକଙ୍କୁ ଆମ ସମାଜରେ ସବୁଠାରୁ ଉଚ୍ଚ ଆସନରେ ରଖାଯାଏ। ମହାତ୍ମା ଗାନ୍ଧୀଙ୍କ ପରି ଯେଉଁମାନେ କ୍ଷମତା, ପଦପଦବୀ ଓ ଧନସମ୍ପତ୍ତି ମୋହରୁ ସର୍ବଦା ଊର୍ଦ୍ଧ୍ୱରେ ରହିଛନ୍ତି, ସେମାନେ ଜନସାଧାରଣଙ୍କ ଦୃଷ୍ଟିରେ ସ୍ୱତଃ ମହାନ୍ ହୋଇଉଠନ୍ତି। ୨୦୦୪ରେ ଭାଜପାକୁ ପରାଜିତ କଲେ ମଧ୍ୟ ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ ପଦର ମୋହ ତ୍ୟାଗ କରିଥିବାରୁ ତାଙ୍କ ପ୍ରତି ଲୋକଙ୍କର ଉଚ୍ଚ ଧାରଣା ସୃଷ୍ଟି ହୋଇଥିଲା।

ବର୍ତ୍ତମାନର କଂଗ୍ରେସ ଅଧ୍ୟକ୍ଷ ଅନେକ ସମୟରେ କହିଛନ୍ତି ଯେ, ସେ ଏପରି ଏକ ଭାରତ ପାଇଁ ଲଢ଼େଇ କରୁଛନ୍ତି, ଯେଉଁଠି ହିନ୍ଦୁତ୍ୱ ଗଠନମୂଳକ ଓ ଉତ୍ପାଦନଶୀଳ ହୋଇଥିବ। ଭବିଷ୍ୟତରେ ଘୃଣା ଓ ହିଂସା କାଳେ ବୃଦ୍ଧି ପାଇପାରେ ବୋଲି ସେ ଭୟ କରନ୍ତି ଏବଂ ସେ ଚାହାନ୍ତି ଏକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାରତ। ତାଙ୍କର ଏପରି ଚିନ୍ତାଧାରା ପ୍ରଶଂସନୀୟ। କିନ୍ତୁ ଦେଶ ଯଦି ସେହି ଦିଗକୁ ଗତି କରୁଥାଏ, ଯାହା ସେ ଚାହୁଁଛନ୍ତି, ତେବେ ତାଙ୍କର ବ୍ୟକ୍ତିଗତ ଉଚ୍ଚାଭିଳାଷକୁ ଦୂରେଇ ରଖିବାରେ କୌଣସି ଅସୁବିଧା ନାହିଁ। ସବୁଦିନ ପାଇଁ ନ ହେଲେ ବି ଅନ୍ତତଃ ଏହି ନିର୍ବାଚନ ପାଇଁ। କଂଗ୍ରେସରେ ଦଳର ନେତୃତ୍ୱ ନେଇ ନିର୍ବାଚନ ପରିଚାଳନା କରିବା ଲାଗି ଦକ୍ଷ ନେତାଙ୍କର ଅଭାବ ନାହିଁ। ବ୍ୟକ୍ତିଗତ ଉଚ୍ଚାଭିଳାଷକୁ ବାଦ୍ ଦେବା ସହ ସେପରି ନେତାଙ୍କୁ ଦାୟିତ୍ୱ ଦେଲେ କଂଗ୍ରେସ ସହ ଅନ୍ୟ ଦଳଗୁଡ଼ିକ ମେଣ୍ଟ କରିବାକୁ ଆଗେଇଆସିବେ। ତା'ହେଲେ ଜାତୀୟ ସାମ୍ମୁଖ୍ୟ ଚିନ୍ତାଧାରା ପ୍ରତି ବିଶ୍ୱାସ ବୃଦ୍ଧି ପାଇପାରିବ। ସେପରି କଲେ ଗାନ୍ଧୀମାନେ କ୍ଷମତା ପ୍ରତି ଲାଳାୟିତ ନୁହନ୍ତି ବୋଲି କଂଗ୍ରେସ ଯେଉଁ ଦାବି କରୁଛି, ତାହା ସତ୍ୟ ପ୍ରମାଣିତ ହୋଇପାରିବ। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ଚାହାଁନ୍ତି ନାହିଁ ବୋଲି ରାହୁଲ ଯାହା କହୁଛନ୍ତି, ତାକୁ ଲୋକେ ବିଶ୍ୱାସ କରିବେ। ଏହା ଦଳକୁ ମଧ୍ୟ ସାହାଯ୍ୟ କରିବ। ଏହାଦ୍ୱାରା କଂଗ୍ରେସ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ଆଡ଼କୁ ଗତି କରିବ ଏବଂ ତା'ର ଭବିଷ୍ୟତ ଅଧିକ ସୁରକ୍ଷିତ ହୋଇପାରିବ। ପ୍ରଧାନମନ୍ତ୍ରୀ ଯାହା କହିଲେ ରାହୁଲ ଗାନ୍ଧୀ ତାକୁ ସକାରାତ୍ମକ ଭାବେ ଗ୍ରହଣ କରିବା ଉଚିତ। ସେ ଉକ୍ତ ଆହ୍ୱାନକୁ ଗ୍ରହଣ କରିବା ତାଙ୍କ ପାଇଁ ଓ ଦଳ ପାଇଁ ମଙ୍ଗଳକର। ଅବଶ୍ୟ ଅନ୍ୟ ଯେକୌଣସି ରାଜନୈତିକ ଦଳର ନେତାଙ୍କ ଅପେକ୍ଷା ଗାନ୍ଧୀ ପରିବାର ଯେ ଦେଶ ପାଇଁ ଅନେକ କିଛି ତ୍ୟାଗ କରିଛନ୍ତି, ଏଥିରେ ସନ୍ଦେହ ନାହିଁ। ଏହି ପରିବାରର ଦୁଇଜଣ ଆତତାୟୀଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି। ତେଣୁ ଏ ପରିବାରକୁ ରାଜନୀତିରେ ତିଷ୍ଠି ରହିବା ଲାଗି ସାହସ ଓ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ସେମାନେ ସମ୍ମାନ ପାଇବାକୁ ହକ୍‌ଦାର, ଯାହା ଅନେକ ସମୟରେ ପାଉ ନାହାନ୍ତି। ତେଣୁ ଆଉ ଏକ ତ୍ୟାଗ ଦ୍ୱାରା ହିଁ ସେମାନଙ୍କ ସମ୍ମାନ ଫେରିଆସିବ ବୋଲି ମୁଁ ଆଶା କରୁଛି।

Email: aakar.patel@gmail.com

## su|do|ku | ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | C | E | 5 | 3 | 4 | 1 | 8 | D | 6 | 2 | 9 | 7 | B |
| 6 | 3 | 7 | 4 | 9 | 8 | 2 | D | 0 | 1 | C | B | A | E | 5 |
| E | B | 5 | 1 | 2 | 0 | 9 | A | 7 | 8 | 4 | 3 | C | D | 6 |
| 4 | 9 | 1 | C | D | 6 | 3 | B | 5 | 7 | A | E | 2 | 0 | 8 |
| 8 | 2 | D | B | 7 | A | C | E | 6 | 9 | 0 | 5 | 1 | 3 | 4 |
| 7 | 1 | 4 | A | 0 | C | B | 3 | 2 | E | 8 | 6 | 5 | 9 | D |
| 2 | C | 8 | 3 | 6 | 4 | A | 5 | E | B | D | 9 | 7 | 1 | 0 |
| A | 6 | 0 | 9 | B | 1 | 8 | 7 | D | 2 | 5 | C | E | 4 | 3 |
| D | E | B | 7 | 8 | 5 | 0 | 9 | C | 3 | 1 | 4 | 6 | 2 | A |
| 3 | 5 | 9 | D | E | 2 | 6 | 4 | 1 | A | 7 | 0 | B | 8 | C |
| 1 | 8 | 2 | 5 | A | B | D | C | 9 | 4 | 3 | 7 | 0 | 6 | E |
| 5 | D | A | 0 | C | 9 | 7 | 8 | 3 | 6 | E | 1 | 4 | B | 2 |
| B | 0 | 6 | 8 | 4 | 7 | E | 2 | A | 5 | 9 | D | 3 | C | 1 |
| 9 | 4 | 3 | 6 | 1 | E | 5 | 0 | B | C | 2 | 8 | D | A | 7 |
| C | 7 | E | 2 | 3 | D | 1 | 6 | 4 | 0 | B | A | 8 | 5 | 9 |

ଗତକାଲିର ଉତ୍ତର

# ଆମ ଗାଁର ଚିତ୍ରପଟ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ସକାଳ ଦଶଟାରେ ବି ଦଶମିଟର ଦୂରର ଦୃଶ୍ୟ ଦେଖି ହେଉ ନ ଥିବା ଆମ ଦେଶର ରାଜଧାନୀ ଦିଲ୍ଲୀ ଭଳି ଆମ ଭୁବନେଶ୍ୱରର ବି ସମାନ ଅବସ୍ଥା ହେବ ବୋଲି ପରିବେଶବିତ୍‌ମାନେ ସତର୍କ କଲା ପରେ ଏଠାକାର ବାସିନ୍ଦାମାନଙ୍କ ମନରେ ଛନକା ପଶିଲାଣି। କେବଳ ପରିବେଶ ପ୍ରଦୂଷଣ ନୁହେଁ, ଏକ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟର ବିଷାକ୍ତ ବଳୟ ମଧ୍ୟରେ ଅବରୁଦ୍ଧ ହୋଇ ଉଠୁଥିବା ଆମ ରାଜ୍ୟ ରାଜଧାନୀର ନବ୍ୟ ଚେହେରା ପ୍ରତ୍ୟକ୍ଷ କରି ସେଦିନ ଜଣେ ବନ୍ଧୁ ପ୍ରତିକ୍ରିୟା ପ୍ରକାଶ କରି କହୁଥିଲେ, 'ଏଠାକାର ବହୁଳ ଜନସଂଖ୍ୟା, କଂକ୍ରିଟର କୋଠାବଣ ଓ ମାଳ ମାଳ ଗାଡି ମୋଟରରୁ ନିର୍ଗତ କଳାଧୂଆଁ ଭିତରେ ଜୀବନ ବଡ଼ ଦୁର୍ବିଷହ ମନେହେଲାଣି। ତା' ସାଙ୍ଗକୁ ଚରସ, ବ୍ରାଉନ୍‌ସୁଗାର ଭଳି ନିଶା ସେବନ କରି ନାଗରିକମାନଙ୍କ ନିରାପତ୍ତା ବିପନ୍ନ କରୁଥିବା ଉଦ୍ଦାମ ଯୁବଶକ୍ତିର ବିପଜ୍ଜନକ ଜାଗରଣ ମଣିଷର ଶାନ୍ତି ଚୋରାଇ ନେଲାଣି ବରଂ ସବୁଠୁ ଭଲ ଗାଁକୁ ଫେରିଯିବା ଓ ବାକି ଜୀବନ ସେଇଠି ବିତାଇଦେବା।'

ପ୍ରକୃତରେ ଚାଳିଶବର୍ଷ କାଳ ଗାଁ ଛାଡି ରାଜଧାନୀରେ ବସା ବାନ୍ଧିଥିବା ଅବସରପ୍ରାପ୍ତ ବନ୍ଧୁଙ୍କର ଏହି ସହର ବୈରାଗ୍ୟ କିଛି ଅମୂଳକ ନ ଥିଲା। ଏଠି ମନ୍ଦିର ଅଛି, ମାତ୍ର ଅପବିତ୍ର ଭକ୍ତଙ୍କ କୃତ୍ରିମ ଭକ୍ତିକୁ ଡରି ଠାକୁର କେଉଁକାଳରୁ ଉଭାନ ହୋଇଗଲେଣି। ଏଠି ପାର୍କ ଅଛି, ମାତ୍ର ଆଧୁନିକ ଜୀବନର ନଗ୍ନତା ମଧ୍ୟରେ ପ୍ରତ୍ୟେକ ସକାଳ ଓ ସନ୍ଧ୍ୟା କେମିତି ରୁଗ୍‌ଣ ଓ ରଙ୍ଗହୀନ ମନେହେଉଛି। ଏଠି ଅପର୍ଯ୍ୟାପ୍ତ ପଇସା ଅଛି, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ଭରଣା କରିବା ମଧ୍ୟରେ ବାପା ପୁଅ ଓ ମାଆ ଝିଅ ମଧ୍ୟରେ ଦୂରତା ବଢି ବଢି ଯାଉଛି। ନବ୍ୟ ଆଧୁନିକତାର ଭବ୍ୟ ଆକର୍ଷଣ ମଧ୍ୟରେ ଯୁବବର୍ଗ ସିନା ମସ୍‌ଗୁଲ ହୋଇ ଯୌବନର ଜୟଗାନରେ ମାତିଛନ୍ତି, ହେଲେ ପରିଣତ ବୟସର ବାର୍ଦ୍ଧକ୍ୟକୁ ନେଇ ବଞ୍ଚୁଥିବା ଲୋକଙ୍କ ପାଇଁ ଜୀବନ ଏକ ବୋଝ ପାଲଟିଯାଉଛି।

କେବଳ ଆମର ଏହି ବନ୍ଧୁ ନୁହନ୍ତି, ଅସତ୍ୟ ସହରର ଆଧୁନିକତାର ଅନ୍ଧ କୂପରେ ଛଟପଟ ହେଉଥିବା ପ୍ରତ୍ୟେକ ପରିଣତ ବୟସ୍କ ବହୁ ବର୍ଷ ତଳେ ଛାଡି ଆସିଥିବା ନିଜ ଗାଁର ମୁକ୍ତ ଆକାଶର ନିର୍ମଳ ସୂର୍ଯ୍ୟୋଦୟ ଆଉଥରେ ଦେଖିବାର ଆଶା ରଖୁଛନ୍ତି। ସରଳ, ନିଷ୍କପଟ ଅପାଠୁଆ ଗାଁ ପଡିଶାଙ୍କ ସହୃଦୟ ଆଚରଣ, ସମବୟସ୍କମାନଙ୍କ ସହ କେତୋଟି ଅନ୍ତରଙ୍ଗ ଅନାବିଳ ମୁହୂର୍ତ୍ତ, ଖୋଲା ଆକାଶ ତଳେ ଗାଁ ମେଲଣ ପଡିଆରେ ମୁକ୍ତବାୟୁ ସେବନ, ଗାଁ ପାଳଜମିର ସଜତୋଳା ପରିବାର ଲୋଭିଲା ଚେହେରା, ସାହୁବୁଢା ଦୋକାନର ନାଲି ଚା' ସାଙ୍ଗକୁ ଚାରଣିଆ ବରା ଓ ସର୍ବୋପରି ମୁହଁରେ ପାଏ ଓଜନର ଶସ୍ତା ପାଉଡର ମାଖି ଟୋକାଟିଏ ରାଣୀ ହେଉଥିବା ଗାଁ ଆଖଡାଶାଳର ପାର୍ବଣ ନାଟ। ଆଃ! କି ଅପରୂପ ଅନୁଭବର ସଯତ୍ନ ସାଇତା ସତେଜ ସ୍ମୃତିସବୁ!!

ଅଥଚ ସମୟର ଦୁର୍ଭାଗ୍ୟ, ଚାଳିଶ ପଚାଶ ବର୍ଷ ତଳେ ଯେଉଁ ଗାଁକୁ ଛାଡି ଆମେସବୁ ସହରକୁ ଆସିଥିଲେ, ଏବେ ଫେରିଯାଇ ଯେତେ ଖୋଜିଲେ ବି ସେ ଗାଁ ଆଉ ମିଳିବାକୁ ନାହିଁ। ହାଫ୍ ପ୍ୟାଣ୍ଟ ପିନ୍ଧା ସ୍କୁଲ ଫେରନ୍ତା କିଶୋରଟି ଅଧାକଂସା ପଖାଳ ଓ ବଡିଚୂରାର ସେଇ ବିଭୋର ସ୍ମୃତିକୁ ବଡ଼ ହେଲାପରେ ଯେତେ ଖୋଜିଲେ ତାହା ଯେମିତି କେବେ ବି ମିଳେନାହିଁ। ସେମିତି ଆପଣାର ସୁକୁମାର ଶୈଶବ ଯେଉଁ ମାଟିର ବାସନାରେ ବିମୋହିତ ହୋଇଥିଲା, ସେଇ ଗାଁ ମାଟି ଏବେ ତାହାର ରଙ୍ଗ ହରାଇ ଅଚିହ୍ନା ଲାଗିଲାଣି। ଏଠି ତ ସହରର କଳାଧୂଆଁ ନାହିଁ କି ଗାଡିମୋଟରର ଗୁରୁଗର୍ଜନ ନାହିଁ। ଉଦ୍ଦଣ୍ଡ ସହରୀ ଟୋକାଙ୍କ ଉତ୍ପାତ ନାହିଁ କି ଆଧୁନିକତାର ଅଶୋଭନୀୟ ଆକର୍ଷଣ ନାହିଁ। ତଥାପି ଏଠି ବିଷାକ୍ତ ବଳୟ ମଧ୍ୟରେ ମାନବୀୟ ସତ୍ତା ଶ୍ୱାସରୁଦ୍ଧ ହୋଇଯାଉଛି କାହିଁକି। କାହିଁକି ଏ ପରିବର୍ତ୍ତନ। ତେବେ କ'ଣ ସହର ଓ ଗାଁ ମଧ୍ୟରେ ବିଶେଷ କିଛି ପ୍ରଭେଦ ନାହିଁ। ସବୁଠି କ'ଣ ଆଧୁନିକତାର ମୁଖଶାଳା ମଧ୍ୟରେ ଅସଭ୍ୟତାର ତାଣ୍ଡବ ଲୀଳା।

ସର୍ବଦା ଶାନ୍ତି ଓ ସଦିଚ୍ଛା ମଧ୍ୟରେ ବସବାସ କରୁଥିବା ଗାଁ ଲୋକେ ପୂର୍ବରୁ କଦବା କେମିତି ଯଦି ପରସ୍ପର ମଧ୍ୟରେ ଝଗଡ଼ା ଲାଗୁଥିଲେ, ତେବେ ଗାଁ ବା ପଞ୍ଚାୟତ ସ୍ତରରେ ତାହାର ନିଷ୍ପତ୍ତି ହେଉଥିଲା ଓ ଝଲକାଏ ବିଜୁଳି ଚମକିଲା ପରି ସେହି ସାମୟିକ ମନୋମାଳିନ୍ୟ ଅପସରି ଯାଇ ପୁଣି ଶାନ୍ତିର ବାତାବରଣ ବିରାଜମାନ କରୁଥିଲା। ମାତ୍ର ଏବେ ସାମାନ୍ୟ ସ୍ୱାର୍ଥ ପାଇଁ ଦଳଗତ ରାଜନୀତିର ପଶାକାଠିରେ ଛନ୍ଦିହୋଇ ପରସ୍ପର ମଧ୍ୟରେ ବିଦ୍ୱେଷ ଏତେ ହୀନସ୍ତରକୁ ଯାଉଛି ଯେ, ତାହା ଶେଷ ହେଉଛି କେଉଁଠି ଖଣ୍ଡା, ଭୁଜାଲି, ବନ୍ଧୁକ ବା ମୋବାମାଡ଼ରେ କାହାର ଜୀବନ ନେବାରେ ବା ନିଜ ଜୀବନ ଦେବାରେ। ଗୋଟିଏ ପରିବାର ମଧ୍ୟରେ ଶଙ୍ଖ, ପଦ୍ମ ବା ହାତ ଭଳି ପ୍ରତୀକର ପରିଚୟ ଭିତ୍ତିରେ ଚୁଲି ଅଲଗା ହୋଇଯାଉଛି ତ ଘର ମଧ୍ୟରେ ପାଚେରି ଉଠୁଛି। କୋର୍ଟ କଚେରିକୁ ଦୌଡି ଦୌଡି ଜୀବନ ସରିଯାଉଛି ସିନା, ବିବାଦ ଛିଡୁନାହିଁ।

ଆଧ୍ୟାତ୍ମିକ ଚେତନାର ଜାଗରଣକୁ ଜୀବନର ମୂଳ ଲକ୍ଷ୍ୟ ବୋଲି ବିଚାରୁଥିବା ବୟସ୍କ ମୁରବିମାନେ ପୂର୍ବ ଭଳି ଭାଗବତ ତୁଙ୍ଗିରେ ଭଗବତ୍ ଚର୍ଚ୍ଚା କରି ନିଜ ସମୟ ଅପଚୟ କରିବାକୁ ଆଉ ଉଚିତ ମଣୁନାହାନ୍ତି। ବରଂ ସେହି ସମୟରେ ବିଧାୟକ ବା ସାଂସଦଙ୍କ ପାଣ୍ଠିରେ ନବୀକରଣ ହୋଇଥିବା ପୁରୁଣା ତୁଙ୍ଗି ଘରେ ସରଗରମ ଆଲୋଚନା ହେଉଛି କେଉଁଠି ଗାଁ ରାସ୍ତା ତିଆରି ପାଇଁ ଆସିଥିବା ଟଙ୍କାରୁ କାହାର ଭାଗ କେତେ ସମ୍ପର୍କରେ ଅବା ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀ ଦଳର ପଡୋଶୀଙ୍କ ପକ୍ଷଚ୍ଛେଦନ କରିବାର ରଣନୀତି ସମ୍ପର୍କରେ।

ଗ୍ରାମ୍ୟ ଜୀବନର ଏହି ବିକାଶ ପଥରେ ଗାଁର ନବ ଯୁବକମାନେ ପଛରେ ପଡିନାହାନ୍ତି। ଚାଳିଶ ପଚାଶ ବର୍ଷ ତଳେ ଗାଁର କେହି ସମୃଦ୍ଧ ଲୋକଙ୍କର ଘରେ ସାଇକେଲଟିଏ ବା ରେଡିଓଟିଏ ଥିବା ଥିଲା ତାଙ୍କ ସମ୍ଭ୍ରାନ୍ତପଣର ଏକମାତ୍ର ପରିଚୟ। ପ୍ରତି କୋଡ଼ିଏ ଘର ମଧ୍ୟରୁ ଗୋଟିଏ ଘର ହିଁ ଥିଲା ଏମିତି, ଯାହାଙ୍କର ଏ ଦୁଇଟି ଚିଜ ଥିବାର ଗୌରବ ପାଇଁ ଅନ୍ୟମାନଙ୍କଠୁ ସେ ସମ୍ମାନର ହକ୍‌ଦାର ହେଉଥିଲେ। ଏବେ ପ୍ରତି ଘରେ ଘରେ ଭିନ୍ନ କିସମର ଦୁଇଟିରୁ ଊର୍ଦ୍ଧ୍ୱ ମୋଟର ବାଇକ୍। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗାଁର ମାଟି କାଦୁଅର ରାସ୍ତା ନିଜର ଚେହେରା ବଦଳାଇ ସାରିଥିଲା ବେଳେ ତା' ଉପରେ ଘଡିକୁ ଘଡି ଛୁଟି ଚାଲିଛନ୍ତି ମାଳ ମାଳ ମୋଟର ବାଇକ୍। ପୁଣି ଉଚ୍ଚଶିକ୍ଷାର ବିକାଶ ମଧ୍ୟରେ ଗାଁଗୁଡିକରେ ଗଢି ଉଠିଥିବା କଲେଜମାନଙ୍କରୁ ପ୍ରତିବର୍ଷ ବାହାରି ପଡୁଛନ୍ତି ଶହ ଶହ ଗ୍ରାଜୁଏଟ, ଯେଉଁମାନେ କଲେଜ ନିର୍ବାଚନରେ ଭାଗନେଇ ନେତୃତ୍ୱର ସ୍ୱାଦ ଚାଖୁଛନ୍ତି, ରାଜଧାନୀକୁ ଆସି ମାସିକ ପାଞ୍ଚ ଛଅ ହଜାର ଟଙ୍କିଆ ଚାକିରି କରିବାକୁ ନିଜର ଭାଗ୍ୟ ମଣୁଛନ୍ତି ଅଥବା ବ୍ୟାଙ୍କରୁ ବେକାରି ଲୋନ୍ ଆଣି ବ୍ୟବସାୟ କରୁଛନ୍ତି ସିନା ମାତ୍ର ବାପାଙ୍କ ସହ କୃଷିଖେତକୁ ଯାଇ ଚାଷ କରିବାକୁ ନିଜ ମର୍ଯ୍ୟାଦାର ପରିପନ୍ଥୀ ବୋଲି ବିଚାରୁଛନ୍ତି।

କଲେଜ ପଢ଼ା ଶେଷକରି ଘରକୁ ଫେରି ଆସିଥିବା ଗ୍ରାମ୍ୟ ଯୁବକଟି ଆଖି ଆଗରେ ବେକାରିର ଭୟଙ୍କର କଳାରୂପ ଦେଖି ଆଉ ଡରିଯାଉନି। ବରଂ ସେମାନଙ୍କ ଅଞ୍ଚଳର ରାଜନେତାଙ୍କ ଛତ୍ରଛାୟା ତଳେ ନିଜ ମାଂସପେଶୀୟ ଶକ୍ତି ବିନିମୟରେ ବିନା ପୁଞ୍ଜିରେ ଅର୍ଥ ରୋଜଗାର କରିବାର ପନ୍ଥା ନିର୍ଦ୍ଧାରଣ କରି ମା'ବାପାଙ୍କର ଯୋଗ୍ୟ ପୁଅ ହୋଇପାରୁଛି। ଏ ସବୁ ବାହାରେ ଆଉ କିଛି ହତଭାଗ୍ୟ ନିଷ୍କର୍ମା ଯୁବକ ନିଜ ଅସାମର୍ଥ୍ୟର ଅଭିଶାପକୁ ଭୁଲିଯିବା ପାଇଁ ମଦ ଗଞ୍ଜେଇର ସାହାଯ୍ୟ ନେଉଛନ୍ତି ଓ ଏହାର ଖର୍ଚ୍ଚ ଭରଣା କରିବା ପାଇଁ ଉଭୟ ଘରେ ଓ ବାହାରେ ଛୋଟବଡ଼ ଅପରାଧ କରି ଆଖପାଖ ଅଞ୍ଚଳରେ ବେଶ୍ ନାଁ କମାଉଛନ୍ତି।

ଗାଁ ମୁଣ୍ଡ ବରଗଛ ମୂଳରେ ପୂର୍ବରୁ ଥିବା ସାହୁ ବୁଢାର ବରା ଗୁଲୁଗୁଲା ଦୋକାନଟି କେବେଠାରୁ ବିକାଶର ବଳିଷ୍ଠ ଆଲିଙ୍ଗନରେ ପେଷିହୋଇ ନିଜର ସତ୍ତା ହରାଇ ବସିଲାଣି। ବଦଳରେ ସେଠି ମୁଣ୍ଡ ଟେକିଛି ଏକ ଛୋଟକାଟର ବଜାର। ପ୍ରାୟ ତିରିଶରୁ ଊର୍ଦ୍ଧ୍ୱ ଛୋଟବଡ଼ ଦୋକାନ ସାଙ୍ଗକୁ ପ୍ରତିଦିନ ସନ୍ଧ୍ୟାରେ ବସୁଥିବା ପରିବା ଓ ମାଛ ଦୋକାନଗୁଡିକରେ କିଣାବିକାର କୋଳାହଳ ମଧ୍ୟରେ ଗାଁର ନିଶୂନ ନିଃଶବ୍ଦତା ସତ୍ତା ହରାଇ ବସିଲେଣି। ପିଲାଠୁ ବୁଢାଙ୍କ ଯାଏ ସମସ୍ତଙ୍କ ପାଇଁ ଏ ବଜାରଟି ଯେମିତି ଏକ ଚିତ୍ତ ବିନୋଦନ କେନ୍ଦ୍ର। ଏହାର କୋଳାହଳ ଯେମିତି ବ୍ୟସ୍ତ ଜୀବନର ଉତ୍ତାଳ ସଙ୍ଗୀତ।

ପୂର୍ବରୁ ବର୍ଷରେ ଚାରି ପାଞ୍ଚଥର ପାଲା, ଦାସକାଠିଆ, ଅପେରା ବା ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଥିଲା ଗାଁ ଲୋକଙ୍କ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ। ମାତ୍ର ଏବେ ସହରରୁ ସଂକ୍ରମିତ ହୋଇ ଆସିଥିବା ସ୍ମାର୍ଟଫୋନ ଓ ତହିଁରୁ ଉପଲବ୍ଧ ଇଣ୍ଟରନେଟ ଆବାଳବୃଦ୍ଧବନିତାଙ୍କ ମନ କିଣିନେଇଛି। ଅଙ୍ଗୁଳି ଟିପରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପହଞ୍ଚିଯାଉଛି ଗାଁର ବୁଢ଼ାବୁଢ଼ୀ, ଯୁବତୀଯୁବକ, ତରୁଣୀତରୁଣ, ଏପରି କି ପ୍ରାଥମିକ ବିଦ୍ୟାଳୟ ଛାଡି ନ ଥିବା କୋମଳମତି ବାଳିକାବାଳକଙ୍କ ପାଖରେ। ଏଥିପାଇଁ ବେଳେବେଳେ ଅପ୍ରତ୍ୟାଶିତ ପରିଣାମ ବି ଦେଖିବାକୁ ମିଳୁଛି। କେଉଁଠି ଦୁଇ ଯୁବତୀଯୁବକ ଅକସ୍ମାତ ଗାଁରୁ ଉଭାନ ହୋଇଗଲେଣି ତ ଅନ୍ୟ କେଉଁଠି ହାଇସ୍କୁଲରେ ପଢୁଥିବା କୁମାରୀଟିଏ ଗର୍ଭବତୀ ହେଲାଣି।

ଏ ସବୁ ହେଲା ସାମ୍ପ୍ରତିକ ଗ୍ରାମ୍ୟ ଜୀବନର ଏକ ସାଙ୍କେତିକ ଚିତ୍ରପଟ। ସହରରେ ଅଶାନ୍ତିର ଉଦ୍‌ବେଳନରେ ଅତିଷ୍ଠ ହୋଇ ଗାଁରେ ଆଶ୍ରୟ ଲୋଡୁଥିବା ଲୋକଟି ଯଦି ଦେଖେ ଯେ ସେ ଯେଉଁ ବିଷକୁ ଡରି ଅମୃତ ସନ୍ଧାନରେ ଏଠାକୁ ଆସିଥିଲା, ସେହି ବିଷର ପ୍ରଭାବରେ ଏଠି ମଧ୍ୟ ସବୁକିଛି ଝାଉଁଳି ପଡିଛି, ସେ ଯିବ କେଉଁଠାକୁ। ଆଶ୍ରୟ ଲୋଡିବ କେଉଁଠି। କିଏ ଦେବ ତାକୁ ଏକ ନିରାପଦ, ଶାନ୍ତିମୟ ଆବାସର ଠିକଣା।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣୀ, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ଆଚରଣ ପରିବର୍ତ୍ତନକାରୀ

ବ୍ୟକ୍ତିତ୍ୱ



ସେନ୍ଧିଲ ମୁଲ୍ଲାଇନାଥନ୍

ଇନ୍‌ଫୋସିସ୍ ସାଇନ୍ସ ଫାଉଣ୍ଡେଶନ (ଆଇଏସ୍ଏଫ୍) ପକ୍ଷରୁ ପ୍ରତିବର୍ଷ ଗବେଷକ, ବୈଜ୍ଞାନିକ, ସମାଜ ବିଜ୍ଞାନୀ ଏବଂ ଇଞ୍ଜିନିୟରମାନଙ୍କୁ ୬ଟି ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଆସୁଛି। ୨୦୧୮ ସକାଶେ ଇଞ୍ଜିନିୟରିଂ ଆଣ୍ଡ କମ୍ପ୍ୟୁଟର ସାଇନ୍ସ ପାଇଁ ନବକାନ୍ତ ଭଟ୍ଟ, ମାନବବାଦ ସମ୍ବନ୍ଧୀୟ ଅଧ୍ୟୟନ ଲାଗି କବିତା ସିଂ, ଜୀବ ବିଜ୍ଞାନ ନିମନ୍ତେ ରୂପ ମଲିକ୍, ଗାଣିତିକ ବିଜ୍ଞାନ ଲାଗି ନଳିନୀ ଅନନ୍ତରାମନ୍, ଫିଜିକାଲ ସାଇନ୍ସ ପାଇଁ ଏସ୍.କେ. ସତ୍ୟଶ ଏବଂ ସେନ୍ଧିଲ ମୁଲ୍ଲାଇନାଥନ୍‌ଙ୍କୁ ସମାଜ ବିଜ୍ଞାନ ଲାଗି ବିଜେତା ଘୋଷିତ ହୋଇଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତିରେ ମଣିଷ ଆଚରଣରେ ଦେଖାଦେଉଥିବା ପରିବର୍ତ୍ତନ ବିଶ୍ୱବ୍ୟାପୀ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ସେହି ଦୃଷ୍ଟିରୁ ଦେଖିଲେ ମୁଲ୍ଲାଇନାଥନ୍‌ଙ୍କ ଏ ଦିଗରେ ନିରନ୍ତର ପରୀକ୍ଷାନିରୀକ୍ଷା ନୂଆ ଦିଗ୍‌ଦର୍ଶନ ଦେଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

୧୯୭୩ରେ ଭାରତରେ ଜନ୍ମିତ ମୁଲ୍ଲାଇନାଥନ୍ ୧୯୮୦ରେ ଆମେରିକାର ଲସ୍ ଏଞ୍ଜେଲ୍ସକୁ ଚାଲିଯାଇଥିଲେ। ୧୯୯୩ରେ କର୍ନେଲ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସ, ମାଥ୍‌ମେଟିକ୍ସ ଏବଂ ଇକନୋମିକ୍ସରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୯୮ରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ପିଏଚ୍.ଡି. କରିଥିଲେ। ଏବେ ସେ ଶିକାଗୋ ବିଶ୍ୱବିଦ୍ୟାଳୟ ଅଧୀନ ବୁଥ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ରେ ପ୍ରଫେସର ଭାବେ କାର୍ଯ୍ୟରତ। ଏହା ପୂର୍ବରୁ ଏମ୍‌ଆଇଟିରେ ୬ ବର୍ଷ ଅଧ୍ୟାପନା କରିବା ପରେ ସେ ହାର୍ଭାର୍ଡରେ ଯୋଗ ଦେଇଥିଲେ। ମୁଲ୍ଲାଇନାଥନ୍‌ଙ୍କ ଗବେଷଣା ମଣିଷର ଆଚରଣ ସମ୍ବନ୍ଧୀୟ ଅର୍ଥନୀତି ବା ବିହେଭିରାଲ୍ ଇକ୍‌ନୋମିକ୍ସ ବିଷୟବସ୍ତୁ ଉପରେ ଆଧାରିତ ନୂତନ ଥିଓରି ଦେବାରେ ସଫଳ ହୋଇଛି। ପକ୍ଷପାତ, ଦୁର୍ନୀତି ଏବଂ କମ୍ପାନୀ ଶାସନରେ ଦେଖା ଦେଉଥିବା ଅବ୍ୟବସ୍ଥାର କାରଣ ଓ ନିରାକରଣ ନେଇ ସେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଚାଲିଛନ୍ତି। ୨୦୧୩ରେ 'ପୋଭର୍ଟି ଇମ୍ପେଡ୍‌ସ କଗ୍‌ନିଟିଭ୍ ଫଙ୍କସନ୍ସ' ସମ୍ପର୍କିତ ଗବେଷଣାଧର୍ମୀ ଲେଖାରେ ସେ ଦାରିଦ୍ର୍ୟ କିପରି ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେବା ସହିତ ବୋଧଶକ୍ତି ବିକାଶରେ ବାଧକ ସାଜିପାରେ ତାହା ଉପରେ ମାର୍ମିକ ଆଲୋଚନା କରିଛନ୍ତି। କାରଣ ମଣିଷ ଦାରିଦ୍ର୍ୟ ଦେଇ ଗତି କଲେ ସର୍ବଦା ସେ ଚାପରେ ପଡ଼ି ରହେ। ଫଳରେ ତା'ର ମାନସିକ ଅସ୍ଥିରତା ବଢ଼ିଯାଇଥାଏ। ସେହିପରି ୨୦୦୭ରେ ସେ ଦିଲ୍ଲୀରେ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଲୋକେ କିଭଳି ଲାଞ୍ଚ ଦେଉଛନ୍ତି, ତାହା ଉପରେ ଅଧ୍ୟୟନ କରିଥିଲେ। କେତେ ଜଣଙ୍କୁ ଛାଡ଼ିଦେଲେ ଚାଳକ ହେବାକୁ ଚାହୁଁଥିବା ବ୍ୟକ୍ତି ଧାର୍ଯ୍ୟ ଦରଠାରୁ ଦୁଇଗୁଣା ଲାଞ୍ଚ ଦେଉଥିବା ସେ ଜାଣିବାକୁ ପାଇଥିଲେ। ଗାଡ଼ିଚାଳନା କ୍ଷେତ୍ରରେ ଅନଭିଜ୍ଞଙ୍କୁ ଆଇନଗତ ପ୍ରମାଣପତ୍ର ମିଳିଯାଉଥିବାରୁ ତାହା ବେପରୁଆ ଗାଡ଼ି ଚାଳନାକୁ ପ୍ରୋତ୍ସାହନ ଦେଉଛି ବୋଲି କହିଛନ୍ତି। ଏଥିସହିତ ନାଗରିକଙ୍କଠାରୁ ଅମଲାତନ୍ତ୍ରୀଙ୍କ ପାଖକୁ ଡ୍ରାଇଭିଂ ଲାଇସେନ୍ସ ସକାଶେ କେବଳ ଯେ ଅର୍ଥ ଯାଉଛି ତାହା ନୁହେଁ, ମଣିଷର ଆଚରଣରେ ଅସ୍ୱାଭାବିକତା ଦେଖାଦେଉଛି। ଏପରିକି କେତେକଙ୍କ ଏଭଳି ବ୍ୟବହାର ଡ୍ରାଇଭିଂ ଲାଇସେନ୍ସ ଆବଣ୍ଟନ କ୍ଷେତ୍ରରେ ଘୋର ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ମୁଲ୍ଲାଇନାଥନ୍ ତଥ୍ୟ ଉପସ୍ଥାପନ କରିଛନ୍ତି। ଅନୁରୂପ ଭାବେ ୨୦୦୪ରେ ଶ୍ରମ ବଜାରରେ ଦେଖାଦେଉଥିବା ପକ୍ଷପାତ ଯୋଗୁ ଅର୍ଥନୀତି କିଭଳି ପ୍ରଭାବିତ ହେଉଛି, ତାହା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ସମୟରେ ତାଙ୍କ ଗବେଷଣାଲବ୍ଧ ତଥ୍ୟ ମଣିଷର ଆଚରଣ ଓ ବ୍ୟବହାରରେ କିଭଳି ତତ୍‌କ୍ଷଣାତ୍ ପରିବର୍ତ୍ତନ ଆଣିପାରିବ, ସେହି ଦିଗରେ ସେ ଧାବମାନ ହେଉଥିବାରୁ ତାଙ୍କୁ ବିଭିନ୍ନ ସଙ୍ଗଠନ, ବିଶ୍ୱବିଦ୍ୟାଳୟରୁ ସମ୍ମାନ ଓ ପୁରସ୍କାର ମିଳିଛି। ତେବେ ଇନ୍‌ଫୋସିସ୍ ସାଇନ୍ସ ଫାଉଣ୍ଡେଶନ ପକ୍ଷରୁ ସଦ୍ୟ ଘୋଷିତ ପୁରସ୍କାର ତାଙ୍କ ଗବେଷଣା କ୍ଷେତ୍ରକୁ ଅଧିକ ପରିବ୍ୟାପ୍ତ କରିବ ବୋଲି ସେ କହିଛନ୍ତି।

-ଜିତେନ୍ଦ୍ର

## ଏଇ ଭାରତରେ

କ୍ରୋଧ ପରମ ଶତ୍ରୁ। କ୍ରୋଧୀ ବ୍ୟକ୍ତି ଅନ୍ୟର କ୍ଷତି ଘଟାଇବା ସହିତ ନିଜର ମଧ୍ୟ କ୍ଷତି କରିଥାଆନ୍ତି। ୩୨ବର୍ଷ ବୟସର ଜଣେ ବ୍ୟକ୍ତି ତାଙ୍କ ଭାଇଙ୍କ ସହିତ କଳି କରି ନିଜ ଶିଶୁକନ୍ୟାଙ୍କୁ ହତ୍ୟାକରିବା ଭଳି ଏକ ବିରଳ ଘଟଣା ରାଜସ୍ଥାନରେ ଘଟିଛି। ଏହି ରାଜ୍ୟର ଝଲଓ୍ୱାର ଜିଲାର ମହାରାଜପୁର ଗାଁର ବାସିନ୍ଦା ପ୍ରକାଶ ଏକ ଘରୋଇ ସମସ୍ୟାକୁ କେନ୍ଦ୍ରକରି ତାଙ୍କ ଭାଇ ଭିଲ୍‌ଙ୍କ ସହ କଳି କରିଥିଲେ। କଳହ ତୀବ୍ରରୂପ ଧାରଣ କରିବାରୁ କ୍ରୋଧବଶତଃ ଭିଲ୍ ଘରେ ଶୋଇଥିବା ତାଙ୍କ ୩ ମାସର ଶିଶୁକନ୍ୟାକୁ ଉଠାଇ ଆଣି ପାଣିଭର୍ତ୍ତି କୂଅକୁ ଫିଙ୍ଗି ଦେଇଥିଲେ। ତାଙ୍କ ସ୍ତ୍ରୀ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। କଳହ କରି ପ୍ରଚଣ୍ଡ କ୍ରୋଧର ପରିଣାମ ସ୍ୱରୂପ ନିଜ ଶିଶୁକନ୍ୟାକୁ ଭିଲ୍ ସବୁଦିନ ପାଇଁ ହରାଇ ଦେଇଛନ୍ତି। ଏହି ଘଟଣା ଅନ୍ୟମାନଙ୍କ ପାଇଁ ଏକ ସତର୍କ ଘଣ୍ଟି ସଦୃଶ।

### ଚିରନ୍ତନୀ

ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା ମିଳାଇ ଗଲା କନୁ।
(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୯୩

- ଶକ୍ତିବିନିମୟକ୍ଷେତ୍ରରେପାରସ୍ପରିକସହଯୋଗକୁସୁଦୃଢ଼କରିବା ପାଇଁ ଭାରତ ଏବଂ ବ୍ରିଟେନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।
- ମହାକାଶ ଗବେଷଣାର ଶାନ୍ତିପୂର୍ଣ୍ଣ ବିନିଯୋଗ କ୍ଷେତ୍ରରେ ସହଯୋଗ ଲାଗି ଇସ୍ରୋ ଓ ଫ୍ରାନ୍ସର ମହାକାଶ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### କାଷ୍ଟିଂ କାଉଚ୍

ମହାଶୟ,

ହଲିଉଡ୍‌ଠାରୁ ଆରମ୍ଭ କରି ବଲିଉଡ୍ ଓ ଓଲିଉଡ୍ ପର୍ଯ୍ୟନ୍ତ ଫିଲ୍ମ ଦୁନିଆରେ କାଷ୍ଟିଂ କାଉଚ୍ କିଛି ନୂଆକଥା ନୁହେଁ। ତେବେ ଏହା ଆଗରୁ ପ୍ରକାଶ ପାଉ ନ ଥିଲା, ଏବେ ମିଟୁ ଅଭିଯାନ ଯୋଗୁ ଏହା ଲୋକଲୋଚନକୁ ଆସୁଛି। ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଖବର ପ୍ରକାଶ ପାଇବା ପରେ ରାତାରାତି ହିରୋଇନ୍ ହେବା ଲାଗି ସ୍ୱପ୍ନ ଦେଖୁଥିବା କେତେଜଣ ଯୁବତୀ ସାମୟିକ ହତୋତ୍ସାହ ହୋଇପଡିଥିଲେ। ବର୍ତ୍ତମାନ ଟିଭି ଚ୍ୟାନେଲରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ ସେହି ସଂସ୍ଥାର ଦୁଇଜଣ ଉଚ୍ଚ ପଦାଧିକାରୀଙ୍କ ବିରୋଧରେ କାଷ୍ଟିଂ କାଉଚ୍ ଅଭିଯୋଗରେ ପୋଲିସରେ ମାମଲା ଦାଏର କରିବା ଘଟଣା ଚର୍ଚ୍ଚା ପରିସରକୁ ଆସିଛି। ଏପରି ବହୁତ ଘଟଣା ସମାଜରେ ଘଟୁଥିଲେ ମଧ୍ୟ ଲୋକଲଜ୍ଜା ଦୃଷ୍ଟିରୁ ଏ ସବୁ ପଦାକୁ ବାହାରେ ନାହିଁ, ଯାହା ପୀଡିତା ପ୍ରତି ବୁମରାଂ ହେବାର ଆଶଙ୍କା ଥାଏ । କେତେଦିନ ଆଉ ନାରୀ ସମାଜରେ ନିର୍ଯାତିତ ହେବେ, ଏହାର କ'ଣ ସମାପ୍ତି ନାହିଁ ?

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ପୂଜ୍ୟପୂଜାରେ ବ୍ୟତିକ୍ରମ

ମଣିମଣ୍ଡଳୀ ଶାସନ ଗ୍ରାମ ଶ୍ରୀରାମଚନ୍ଦ୍ରପୁରରେ ଓକିଲ ହରିହର ଦାଶ, ଡିପୋଟି ତଥା ଲେଖକ ଗୋବିନ୍ଦ ତ୍ରିପାଠୀ, ଲିଙ୍ଗରାଜ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଆଚାର୍ଯ୍ୟ ହରିହର ଦାଶ ତଥା ପ୍ରଚାରକ ଅନନ୍ତ ମିଶ୍ର ପ୍ରମୁଖ ବରପୁତ୍ରଗଣ ଜନ୍ମଗ୍ରହଣ କରି ଏହି ଗ୍ରାମର ମୁଖଶ୍ରୀ ଉଜ୍ଜ୍ୱଳ କରିଥିଲେ। ସେମାନଙ୍କର ଜୟନ୍ତୀ ଉତ୍ସବ ତଥା ଶ୍ରାଦ୍ଧଦିବସ ପାଳିତ ହୋଇଥାଏ। ମାତ୍ର ପ୍ରଚାରକ ଅନନ୍ତ ମିଶ୍ରଙ୍କ ନାମ ବୋଧହୁଏ ସତ୍ୟବାଦୀ ଇତିହାସ ପୃଷ୍ଠାରେ ନାହିଁ। ଦୁଃଖର କଥା, ତାଙ୍କ ନାମରେ ଥିବା ଅନନ୍ତ ପାଠାଗାରର ନାମ ବାଦ୍ ଦିଆଯାଇ ସେଠାରେ ଆଚାର୍ଯ୍ୟ ଯୁବ ପରିଷଦ ପଞ୍ଜୀକୃତ ହୋଇଛି। ପୂଜ୍ୟପୂଜାରେ ବ୍ୟତିକ୍ରମ ଭଲ ଲକ୍ଷଣ କି ? ଏ କଥା ସଂସ୍କୃତି ବିଭାଗ, ଓଡିଆ ସାହିତ୍ୟ ଏକାଡେମୀର ବିଜ୍ଞମାନେ ଭାବିବା ଉଚିତ। ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ତାଙ୍କ ଜନ୍ମିତ ଘର ସମ୍ମୁଖରେ ହେଉ।

ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



**ସଂକ୍ଷେପରେ**

## ଫେରାର ବଳାତ୍କାର ଅଭିଯୁକ୍ତ ଗିରଫ

ପଦ୍ମପୁର, ୧୭।୧୧ (ଡି.ଏନ.ଏ.) - ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନା ପୋଲିସ ଶନିବାର ଜଣେ ଫେରାର ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରପଡ଼ା ଜିଲା ତାଳଚୁଆ ଗ୍ରାମର ଗଣେଶ ଦାସ। ପୋଲିସ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୩୦ ତାରିଖରେ ଗଣେଶ ବାଲିମେଦ ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପରେ ପୀଡ଼ିତା ଲୋକଲଜ୍ଜା ସହି ନ ପାରି ବିଷପିଇ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ପୀଡ଼ିତାଙ୍କ ମା' ଙ୍କ ଅଭିଯୋଗ କ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା(ନଂ.୧୦୮/୧୮) ରୁଜୁ କରାଯାଇଥିଲା। ଅଭିଯୁକ୍ତ ଗଣେଶଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ ତାଙ୍କ ପତ୍ତା ପାଇପାରି ନ ଥିଲା। ପୀଡ଼ିତା ଦୀର୍ଘଦିନ ଧରି କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାରୁ ତଦନ୍ତ ପ୍ରକ୍ରିୟା ଆଗେଇ ପାରୁ ନ ଥିଲା। ଶନିବାର ସକାଳେ ଗଣେଶ ନାୟକାଣିଡିହୀ ଥାନା ଅନ୍ତର୍ଗତ ମିଶ୍ରପୁର ଅଞ୍ଚଳରେ ରହି ଅନ୍ୟ ଜାଗାକୁ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଖବର ପାଇ ଥାନାଧିକାରୀ ରତିକାନ୍ତ ଗିରି ସଦଳବଳ ଯାଇ ତାଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଦୁର୍ଘଟଣା ରୋକିବାରେ ସରକାର ବିଫଳ

**୧୦ବର୍ଷରେ ରାଜ୍ୟରେ ୪୩,୩୧୨ ଜଣଙ୍କ ମୃତ୍ୟୁ**

**୩ ବିଭାଗର ଅପାରଗତା ଦାୟୀ**

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ଜାତୀୟ ହାର ଅନୁଯାୟୀ ଓଡ଼ିଶା ବର୍ତ୍ତମାନ ୬ନମ୍ବର ସ୍ଥାନରେ ରହିଛି। ୨୦୧୬ ତୁଳନାରେ ୨୦୧୭ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ଜାତୀୟ ହାର ୩ପ୍ରତିଶତ ହ୍ରାସ ପାଇଥିଲାବେଳେ ଓଡ଼ିଶାରେ କିନ୍ତୁ ୭.୩ ପ୍ରତିଶତ ବୃଦ୍ଧି ପାଇଥିଲା। ଏହି କାରଣରୁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ। ଏହାପରେ ସରକାର ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବାକୁ ଉଦ୍ୟମ କରୁଥିଲେ ମଧ ବିଫଳ ହେଉଛନ୍ତି। ବିଧାନସଭାର କିଛି ଲିଖିତ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ କହିଛନ୍ତି, ପ୍ରତ୍ୟେକ ଦିନ ରାଜ୍ୟରେ ୧୨ଜଣ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ୨୦୦୮ରୁ ୨୦୧୮ ସେପ୍ଟେମ୍ବର ୧୬ ଭିତରେ ରାଜ୍ୟରେ ୪୩,୩୧୨ଜଣ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଥିବାବେଳେ ୬୧,୮୮୪ଜଣ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ସମୟ ମଧ୍ୟରେ ମୋଟରଯାନ ଆଇନ ଉଲ୍ଲଂଘନ କରିଥିବା ଚାଳକଙ୍କଠାରୁ ୪୮୬କୋଟି ଟଙ୍କାର ଜରିମାନା ଆଦାୟ ହୋଇଛି। ଅର୍ଥାତ୍ ସରକାରଙ୍କ ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ବର୍ଷ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଗୁରୁତର ଆହତଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପ୍ରତ୍ୟେକ ମାସରେ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରି ସଡକ ଦୁର୍ଘଟଣା ହ୍ରାସ କରିବା ନେଇ ସମୀକ୍ଷା କରୁଛନ୍ତି। ହେଲେ ସରକାରଙ୍କ ସବୁ ପ୍ରଚେଷ୍ଟା ବିଫଳ ହେଉଛି।

ଲିଖିତ ପ୍ରଶ୍ନରେ ମନ୍ତ୍ରୀ ରଖିଥିବା ଉତ୍ତର ଅନୁଯାୟୀ, ୨୦୦୯-୧୦ ଆର୍ଥିକ ବର୍ଷଠାରୁ ୨୦୧୬-୧୭ ବର୍ଷ ମଧ୍ୟରେ ବେପରୁଆ ଭାବେ ଗାଡି ଚଳାଉଥିବା ୮୨,୭୬୨ଜଣଙ୍କ ଲାଇସେନ୍ସ ସରକାର ରଦ୍ଦ କରିଛନ୍ତି। ଏହି ସମୟ ମଧ୍ୟରେ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ୧ଲକ୍ଷ ୧୨ହଜାର ୯୬୦ଜଣଙ୍କ ଠାରୁ ଫାଇନ୍ ଆଦାୟ କରାଯାଇଛି। ସେହିପରି ବେପରୁଆ ଭାବେ ଗାଡି ଚଳାଉଥିବା ୬୪ହଜାର ୦୯୭ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୧ଲକ୍ଷ ୦୫ହଜାର ୭୦୧ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସରକାରଙ୍କ ତମାମ ଉଦ୍ୟମ ସତ୍ତ୍ୱେ ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଉନାହିଁ। ଏଥିପାଇଁ ବିଭିନ୍ନ ମହଲରେ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି। ସରକାର ଏଥିରେ ବିଫଳ ହେବା ପଛରେ ଅନେକ କାରଣ ଥିବା ଦର୍ଶାଇ ଜଣେ ପରିବହନ ବିଭାଗ ଅଧିକାରୀ କହିଛନ୍ତି, ସଡକ ଦୁର୍ଘଟଣା ରୋକିବା ଲାଗି ଗୃହ, ପୂର୍ତ୍ତ ଏବଂ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ରହିଛି। କିନ୍ତୁ ବ୍ୟାପକ ଅନିୟମିତତା ସକାଶେ ସବୁ ବିଭାଗରେ କିଛି ନା କିଛି ତ୍ରୁଟି ରହୁଥିବା ଲକ୍ଷ୍ୟ କରାଯାଉଛି। ଯେପରି କି ସମସ୍ତ ଗ୍ରାମାଞ୍ଚଳ ଥାନାଗୁଡିକୁ ମୋଟର ଭେଇକିଲ୍ ଆକ୍ଟର ବିଭିନ୍ନ ଧାରା ଅନୁଯାୟୀ ଏମ୍‌ଭି ଅଫେନ୍ସ ପାଇଁ ଜରିମାନା ଆଦାୟ କରିବାକୁ ଅଧିକୃତ କରାଯାଇଛି। ପୂର୍ବରୁ କେବଳ ସହରାଞ୍ଚଳ ପୋଲିସ୍‌ଙ୍କ ହାତରେ ଏହା ନ୍ୟସ୍ତ ରହିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱୀକୃତି ପରେ ୨୦୧୮ ଏପ୍ରିଲ ୧୮ରେ ଏନେଇ ଗ୍ରାମାଞ୍ଚଳ ଥାନାଗୁଡିକୁ ବିଭାଗୀୟ ନିର୍ଦ୍ଦେଶ ଦିଆଗଲା। କିନ୍ତୁ ଏକାଧିକ ଥାନାରେ ପୋଲିସ୍ କର୍ମଚାରୀଙ୍କ ଅଭାବ ଏଥିରେ ବାଧା ସାଜିଲା। ଅଧିକ ପଦବୀ ପୂରଣ କରିବାକୁ ପୋଲିସ ଡିଜି ଗୃହ ବିଭାଗକୁ ପ୍ରସ୍ତାବ ଦେଇଥିବା ଜଣାପଡିଛି। ହେଲେ ଏବେପର୍ଯ୍ୟନ୍ତ ଏହା କରାଯାଇପାରୁନାହିଁ।

ଏହାସହ ରାଜପଥରେ ଘଟୁଥିବା ଦୁର୍ଘଟଣାଗୁଡିକ ରୋକିବା ଲାଗି ୫ ମୁଖ୍ୟ ଜାତୀୟ ରାଜପଥରେ ହାଇୱେ ପାଟ୍ରୋଲିଂ ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଓଡିଶା ସଡକ ସୁରକ୍ଷା ପାଣ୍ଠିରୁ ୧୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମାତ୍ର ସେ କ୍ଷେତ୍ରରେ ମଧ ସେତେଟା ସଫଳତା ମିଳିପାରୁନାହିଁ। ଅନ୍ୟପଟେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡିକ(ବ୍ଲାକ୍ ସ୍ପଟ୍)ରେ ପୋଲିସ, ଏମ୍‌ଭିଆଇ, ରୋଡ୍ ନିର୍ମାଣ କରିଥିବା ସମ୍ପୃକ୍ତ ସଂସ୍ଥା, ଏନ୍‌ଏଚ୍‌ଏଆଇ ଏବଂ ପୂର୍ତ୍ତ ବିଭାଗର ଅଧିକାରୀମାନେ ଜଏଣ୍ଟ ଇନ୍‌ସ୍ପେକ୍‌ସନ କରି ଦୁର୍ଘଟଣାର କାରଣ ଏବଂ ନିରାକରଣ ଲାଗି ଖସଡା ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିଶାସକ୍ତ ଚାଳକଙ୍କୁ ଧରିବା ଲାଗି ସମସ୍ତ ଥାନାକୁ ବ୍ରିଥ୍ ଆନାଲାଇଜର ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତୁ ଦୁଃଖର ବିଷୟ ବିଜୁ ଯୁବ ବାହିନୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସରକାର ମାତ୍ର ୨୫୪ଟି ବ୍ରିଥ୍ ଆନାଲାଇଜର ଯୋଗାଇ ଆଗକୁ ଅଧିକ ଦିଆଯିବ କହି ରହିଯାଇଛନ୍ତି। ୨୦୧୪ରେ ରାଜ୍ୟ ସରକାର ୨୭୮ଟି ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରିଥିଲେ। ଏସବୁ ସ୍ଥାନଗୁଡିକରେ ଯାନ ନିୟନ୍ତ୍ରଣ କରିବାକୁ ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ହାତକୁ ଦାୟିତ୍ୱ ଦିଆଯାଇଥିଲା। ରାସ୍ତା ନିର୍ମାଣ ପୂର୍ବରୁ ସଡକ ସୁରକ୍ଷା ଅଡିକ୍ ଠିକ୍‌ଭାବେ କରିବାକୁ ମଧ ନିର୍ଦ୍ଦେଶ ରହିଛି, ହେଲେ ସେଥିରେ ବ୍ୟାପକ ତ୍ରୁଟି ରହୁଥିବା ଲକ୍ଷ୍ୟ କରାଯାଉଛି। ରାସ୍ତା ନିର୍ମାଣକାରୀ ସଂସ୍ଥାଗୁଡିକଙ୍କ ଲାଭଖୋର ମନୋବୃତ୍ତି ପାଇଁ କାର୍ଯ୍ୟରେ ଅନେକ ତ୍ରୁଟି ରହୁଛି। ମୁଖ୍ୟ ରାସ୍ତାର ସଂଯୋଗୀକରଣ ସ୍ଥାନରେ କାମ ଠିକ୍‌ଭାବେ ହେଉନାହିଁ। ରାସ୍ତାର ମେଡିଆନରେ ଅଧିକୃତ କଟ୍ ନିୟମାନୁଯାୟୀ କରାଯାଉନାହିଁ। ଜନବସତି ପୂର୍ଣ୍ଣ ସ୍ଥାନରେ ବିଭିନ୍ନ ଗୃହପାଳିତ ପଶୁ ରାସ୍ତା ଉପରକୁ ନ ଆସିବାକୁ ବ୍ୟାରିକେଡ୍ ନିର୍ମାଣ କରାଯିବାର ନିୟମ ଥିଲେ ମଧ ଏହାକୁ କେହି ପାଳନ କରୁନାହାନ୍ତି। ଏନେଇ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏହାକୁ ବେଖାତିର କରିଦିଆଯାଉଛି। ଫଳରେ ସରକାରଙ୍କ ପକ୍ଷରୁ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା କାଗଜକଲମରେ ସୀମିତ ରହୁଛି।

ଅପରପକ୍ଷରେଏହି କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗର ମଧ ପ୍ରମୁଖ ଭୂମିକା ରହିଛି। ଦୁର୍ଘଟଣାରେ ଆହତ ହେଉଥିବା ବ୍ୟକ୍ତିଙ୍କୁ ଏକ ଘଣ୍ଟା ମଧ୍ୟରେ ଚିକିତ୍ସା କରାଗଲେ ସେମାନଙ୍କ ଜୀବନ ବଞ୍ଚାଯାଇପାରିବ ବୋଲି ସମସ୍ତଙ୍କୁ ଜଣାଅଛି। ହେଲେ ସରକାରଙ୍କ ବ୍ୟବସ୍ଥା ଭିତରେ ପ୍ରାୟତଃ ସେଭଳି ହୋଇପାରୁନାହିଁ। ଆହତଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚାଇବାକୁ ପୂର୍ବରୁ ଲୋକମାନେ କୁଣ୍ଠାବୋଧ କରୁଥିଲେ। କାରଣ ଆହତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତି ଅନେକ ସମୟରେ ପୋଲିସ୍ ଏବଂ ଡାକ୍ତରଙ୍କ ବିଭିନ୍ନ ପ୍ରକାର ପ୍ରଶ୍ନର ସମ୍ମୁଖୀନ ହେଉଥିଲେ। ୨୦୧୮ ପ୍ରାରମ୍ଭରେ ସରକାର ଏଥିରେ ସୁଧାର ପାଇଁ ଏକ ନୂଆ ନୀତି ପ୍ରଣୟନ କରିଛନ୍ତି। ଏହାଦ୍ୱାରା ପୋଲିସ୍ କିମ୍ବା ଡାକ୍ତର ଆଉ ଆହତଙ୍କୁ ଡାକ୍ତରଖାନା ଆଣିଥିବା ବ୍ୟକ୍ତି କୌଣସି ପ୍ରଶ୍ନ ପଚାରିପାରିବେ ନାହିଁ।

ଅନ୍ୟପଟେ ସେମାନଙ୍କୁ ପ୍ରୋତ୍ସାହନ ରାଶି ବାବଦକୁ ୨ହଜାର ଟଙ୍କା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି। ଅନ୍ୟପଟେ ରାଜ୍ୟ ସରକାର ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ନେଇ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ତା'ର ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆମ୍ବୁଲାନ୍ସ ଅଭାବ, ଆବଶ୍ୟକତା ଅନୁଯାୟୀ ଟ୍ରମାକେୟାର ସେଣ୍ଟରର ଅଭାବ ଏବଂ ଟ୍ରମାକେୟାରରେ ଆବଶ୍ୟକ ମେଡିକାଲ ଅଫିସର୍ ଓ ପାରାମେଡିକାଲ ଅଫିସରଙ୍କ ଅଭାବ ଏବଂ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ନ ମିଳିବା ଅସୁବିଧାର ମୁଖ୍ୟ କାରଣ। ରାଜ୍ୟରେ ବର୍ତ୍ତମାନ ମାତ୍ର ୮ଟି ଟ୍ରମାକେୟାର ସେଣ୍ଟର ଅଛି। ଅଧିକ ୯ଟି ଟ୍ରମାକେୟାର ସେଣ୍ଟର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରସ୍ତାବ ଦେଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୯ଶହ ପାରାମେଡିକାଲ ଷ୍ଟାଫଙ୍କୁ ତାଲିମ ଦେବାକୁ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ସହ ଅଧିକ ଆମ୍ବୁଲାନ୍ସ ସେବା ଦେବାକୁ କୁହାଯାଇଛି ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।



ଭୀମସାର ନିର୍ଦ୍ଦେଶକ ହିଟଲର ଶାସନ ଚଳାଇଥିବା ଅଭିଯୋଗ

# ଆନ୍ଦୋଳନରେ କନିଷ୍ଠ ଡାକ୍ତରୀ ସଂଘ

ବୁର୍ଲା, ୧୭।୧୧(ଡି.ଏନ.ଏ.)

ଭୀମସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ ହିଟଲର ଶାସନ ଚଳାଇଥିବା କନିଷ୍ଠ ଡାକ୍ତରୀ ସଂଘ (ଜେଡିଏ) ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଗତ ଗୁରୁବାର ତଦନ୍ତ ସହ ନିର୍ଦ୍ଦେଶକଙ୍କୁ ଅପସାରଣ ଦାବିରେ ସଂଘ ପକ୍ଷରୁ ଏକ ୧୦ ଦଫା ଦାବିପତ୍ର ଡିନ୍ ପ୍ରିନ୍ସିପାଲଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଅଦ୍ୟାବଧି ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଶନିବାର କନିଷ୍ଠ ଡାକ୍ତରୀ ସଂଘ ଓପିଡି ଓ ଆଇପିଡି ସେବା ବନ୍ଦ କରିଥିଲେ। ୪୮ ଘଣ୍ଟା ମଧ୍ୟରେ ଦାବି ପୂରଣ ନ ହେଲେ ସୋମବାରରୁ ପୂର୍ଣ୍ଣ କାର୍ଯ୍ୟବନ୍ଦ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ନିର୍ଦ୍ଦେଶକ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ରାତାରାତି ଡାକ୍ତରମାନଙ୍କୁ ବଦଳି କରୁଛନ୍ତି। ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ମଧ ବେଖାତିର କରିଆସୁଛନ୍ତି। ପ୍ରତିବାଦ କଲେ ପରୀକ୍ଷାରେ ଫେଲ କରି ସେମାନଙ୍କର କ୍ୟାରିୟର ନଷ୍ଟ କରି ଦିଆଯିବ ବୋଲି ନିର୍ଦ୍ଦେଶକ ଧମକ ଦେଉଥିବା ସଂଘ ଗୁରୁତର ଅଭିଯୋଗ ଆଣିଛି।

ନିର୍ଦ୍ଦେଶକ ପୂଜହାରୀ କିନ୍ତୁ ଏଭଳି ଅଭିଯୋଗକୁ ଖଣ୍ଡନ କରି ତଦନ୍ତର ସାମ୍ନା କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ସେ ନିଜ ପକ୍ଷରୁ ରାଜ୍ୟପାଳଙ୍କୁ ଚିଠି ଲେଖି ତଦନ୍ତ କମିଟି ଗଠନ କରିବାକୁ ଅନୁରୋଧ କରିଥିବା ଜଣାଇଛନ୍ତି।




- ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଦାବ
- ସୋମବାରରୁ ପୂର୍ଣ୍ଣ କାର୍ଯ୍ୟବନ୍ଦ ଚେତାବନୀ
- ତଦନ୍ତ କମିଟି ଗଠନ କରିବାକୁ ରାଜ୍ୟପାଳଙ୍କୁ ଚିଠି ଲେଖିଲେ ନିର୍ଦ୍ଦେଶକ

## ୮ମ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ

# ସମନ୍ୱୟ ଆଣିବ ପରିବର୍ତ୍ତନ

- ଜେ.କେ. ମହାନ୍ତିଙ୍କୁ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ପୁରସ୍କାର
- ଅକ୍ଷୟପାତ୍ର ଫାଉଣ୍ଡେଶନଙ୍କୁ ପ୍ରଥମ ଜାତୀୟ ଲିଭିଙ୍ଗ୍ ଲିଜେଣ୍ଡ ସମ୍ମାନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଓଡ଼ିଶା ଡାଏରୀ ପକ୍ଷରୁ ୮ମ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଏବଂ ଯୁବ ପ୍ରେରଣା ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ଓଡ଼ିଶା ଡାଏରୀ ଜାତୀୟ ଲିଭିଙ୍ଗ୍ ଲିଜେଣ୍ଡ ପୁରସ୍କାର ଆରମ୍ଭ କରିଛି। ଅକ୍ଷୟପାତ୍ର ଫାଉଣ୍ଡେଶନ ଅଧକ୍ଷ ମଧୁପଣ୍ଡିତ ଦାସଙ୍କୁ ଏଥର ପ୍ରଥମ ଜାତୀୟ ଲିଭିଙ୍ଗ୍ ଲିଜେଣ୍ଡ ପୁରସ୍କାର ୨୦୧୮ ପ୍ରଦାନ କରାଯାଇଛି। ଏହାସହ ଚଳିତବର୍ଷ ଆଧୁନିକ କବି ପଦ୍ମଭୂଷଣ ରମାକାନ୍ତ ରଥ, ପ୍ରତିଷ୍ଠିତ ସିନେମା ନିର୍ଦ୍ଦେଶକ ତଥା ସଂଳାପ ଲେଖକ ପଦ୍ମଶ୍ରୀ ଶିଶିର ମିଶ୍ର, କେନିଆ ସଂସଦର ଏମ୍‌ପି ଡ. ସ୍ୱରୂପ ରଞ୍ଜନ ମିଶ୍ର, ସ୍ମାଇଲ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ଶାନ୍ତନୁ ମିଶ୍ର, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବୁଦ୍ଧଦେବ ମେହେର, ମାଉଣ୍ଟେନମ୍ୟାନ୍ ଦୈତାରି ନାଏକ, ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କୁ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ ୨୦୧୮ ପ୍ରଦାନ କରାଯାଇଛି। ସେହିପରି ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ ମସାକୋ ଓନୋ, ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ, କିମ୍ବଦନ୍ତୀ କ୍ରୀଡ଼ା ପ୍ରଶିକ୍ଷକ ନାଗପୁରୀ ରମେଶ, କିମ୍ବଦନ୍ତୀ ଗୋଷ୍ଠୀ କାର୍ଯ୍ୟକର୍ତ୍ତା ତଥା କବି ଗୌନ୍ତିଆ ମହମ୍ମଦ ଜମ୍ମିଉଲ୍ଲାଙ୍କୁ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ ଦିଆଯାଇଛି। ଉଦ୍ୟୋଗ ଶିଳ୍ପ ତଥା ହୋଟେଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ଲାଗି ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍‌ର ମ୍ୟାନେଜିଂ ଡାଇରେକ୍ଟର ତଥା ଶିଳ୍ପପତି ଜେ.କେ. ମହାନ୍ତିଙ୍କୁ ଚଳିତବର୍ଷର ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ।

ଏତଦ୍‌ବ୍ୟତୀତ ଅନୁଷ୍ଠାନ ପକ୍ଷରୁ ରାଜ୍ୟର ଯୁବପ୍ରତିଭାମାନଙ୍କୁ ଯୁବ ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଛି। ସରୋଜ ଦାସ, ଭାରତ ମାଝି, ରଶ୍ମି ସାହୁ, ସନ୍ଦୀପ କୁମାର ପଟ୍ଟନାୟକ, ପଦ୍ମିନୀ ପାଣିଗ୍ରାହୀ, ପ୍ରମୋଦ ଭଗତ, ଏଲିନା ସାମନ୍ତରାୟ, ଦିଲୀପ ସାହୁ, ଶୁଭୋଜିତ ସାହୁ, ନରେଶ ମହାପାତ୍ର ଓ ରୁଦ୍ର ପ୍ରସନ୍ନ ରଥଙ୍କୁ ଏଥର ଓଡ଼ିଶା ଯୁବ ପ୍ରେରଣା ଆୱାର୍ଡ ୨୦୧୮ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅକ୍ଷୟପାତ୍ର ଫାଉଣ୍ଡେଶନ ଉପାଧ୍ୟକ୍ଷ ଚଞ୍ଚଳପତି ଦାସ 'ଏକବିଂଶ ଶତାବ୍ଦୀରେ ପରୋପକାର: ଆହ୍ୱାନ ଏବଂ ସୁଯୋଗ' ଉପରେ ବକ୍ତବ୍ୟ ରଖିଥିଲେ। ସମାଜରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ନିମନ୍ତେ ଲାଭକାରୀ ତଥା ଅଣଲାଭକାରୀ ସଂସ୍ଥା ମଧ୍ୟରେ ଯୋଜନାବଦ୍ଧ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସ୍ମାଇଲ ଫାଉଣ୍ଡେଶନ ପ୍ରତିଷ୍ଠାତା ଶାନ୍ତନୁ ମିଶ୍ର ଅନ୍ୟତମ ବକ୍ତା ଭାବେ ଉପସ୍ଥିତ ରହି ସରକାର ଏବଂ ଏନ୍‌ଜିଓମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥିବା କହିଥିଲେ। ଓଡ଼ିଶା ଡାଏରୀ ସମ୍ପାଦକ ତଥା ଓଡ଼ିଶା ଡାଏରୀ ଫାଉଣ୍ଡେଶନ ପ୍ରତିଷ୍ଠାତା ରଶ୍ମିରଞ୍ଜନ ପରିଡ଼ା ଏହି ଅବସରରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ଶିଶୁ ମହୋତ୍ସବ ସୁରଭି-୨୦୧୮ ଉଦ୍‌ଯାପିତ




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)

ପିଲାମାନେ ଆଦର୍ଶ ଓ ମୂଲ୍ୟବୋଧ ସହିତ ସାଲିସ୍ ନ କରି ନିଜର ପ୍ରତିଭାକୁ ଦେଶ ଓ ସମାଜର କଲ୍ୟାଣରେ ବିନିଯୋଗ କର। ଏହାହିଁ ଛାତ୍ର ଜୀବନର ସବୁଠାରୁ ବଡ଼ ସଫଳତା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କହିଛନ୍ତି।

ଶିଶୁ ମହୋତ୍ସବ ସୁରଭି-୨୦୧୮ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ କହିଛନ୍ତି, ରାଜ୍ୟର ସବୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷାନୁଷ୍ଠାନ ପିଲାମାନଙ୍କ ପ୍ରଗତିରେ ସାମିଲ ହୁଅନ୍ତୁ। ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ହିଁ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇ ପାରିବ। ସଭାରେ ଉପସ୍ଥିତ ଥିବା ଭୁବନେଶ୍ୱର ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ମଧ୍ୟମ ବିଧାୟକ ବିଜୟ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ର ନିଜ ନିଜର କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ ନିମନ୍ତେ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ସ୍ୱାଗତ ଭାଷଣ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଲେ, ଛାତ୍ରୀଛାତ୍ରମାନେ ଗୋଟିଏ ଶିକ୍ଷିତ ଏବଂ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପ ନେଇ ଘରକୁ ବାହୁଡିବେ। ସୁରଭି ବାର୍ତ୍ତା ନେଇ ସମଗ୍ର ରାଜ୍ୟକୁ ସୁରଭିତ କରିବେ। ଉତ୍ସବରେ ଓପେପା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଏହି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବର ସଫଳତା ପାଇଁ ଧନ୍ୟବାଦ ଜଣାଇଥିଲେ।

# ଶିଖରରେ ପହଞ୍ଚିବାର ସ୍ୱପ୍ନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)




- ୭ ମହାଦେଶର ୭ ଉଚ୍ଚତମ ପର୍ବତ ଶିଖର ଛୁଇଁବା ଲକ୍ଷ୍ୟ
- ଅର୍ଥ ସାଜିଛି ବାଧକ

ଏକ ସାଧାରଣ ପରିବାରର ହୋଇ ବି ଶିଖରରେ ପହଞ୍ଚିବା ତାଙ୍କ ସ୍ୱପ୍ନ। କିଛି ଅସାଧାରଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଏବଂ ପ୍ରତିକୂଳ ପରିସ୍ଥିତିରେ ଆଗକୁ ବଢ଼ି ରାଜ୍ୟ ଓ ଦେଶର ନାମକୁ ଗୌରବାନ୍ୱିତ କରିବା ପାଇଁ ତାଙ୍କର ରହିଛି ଉଚ୍ଚ ଆଶା। ପର୍ବତାରୋହଣ ଭଳି ଦୁଃସାହସିକ କାର୍ଯ୍ୟକୁ ଜୀବନର ଏକମାତ୍ର ଲକ୍ଷ୍ୟପଥ ଭାବେ ପରିଣତ କରିବାର ଦୃଢ଼ ଇଚ୍ଛାଶକ୍ତି ରଖିଛନ୍ତି ଭୁବନେଶ୍ୱରର ଏହି ୨୪ ବର୍ଷୀୟ ଯୁବକ ନୀଳାଚଳ ପରିଡ଼ା। ପେସା ଡ୍ରାଇଭିଂ, ହେଲେ ନିଶା ତାଙ୍କର ମାଉଣ୍ଟେନିୟରିଂ। ପିଲାବେଳୁ ଦୁଃସାହସିକ କ୍ରୀଡ଼ାରେ ଆଗ୍ରହ ରଖୁଥିବା ନୀଳାଚଳ ୭ ମହାଦେଶର ୭ ଉଚ୍ଚତମ ପର୍ବତ ଶିଖର 'ସେଭେନ୍ ସମିଟ୍‌ସ'କୁ ଛୁଇଁବାର ଲକ୍ଷ୍ୟ ରଖିଛନ୍ତି।

ଭୁବନେଶ୍ୱର ବରମୁଣ୍ଡାରେ ରହୁଥିବା ଏକ ଗରିବ ପରିବାରରୁ ଆସିଛନ୍ତି ନୀଳାଚଳ। ଅର୍ଥାଭାବ ଯୋଗୁ କମ୍ ବୟସରେ ପାଠପଢ଼ାରେ ଡୋରି ବନ୍ଧା ହୋଇଥିବା ବେଳେ ପରିବାର ଚଳାଇବାର ବୋଝ ତାଙ୍କୁ ଛୋଟବେଳୁ ବୋହିବାକୁ ପଡ଼ିଛି। ମା', ବଡ଼ଭାଇ ଓ ସାନଭଉଣୀର ଦେଖାଶୁଣା କରିବା ସହ ତାହା ଭିତରେ ବି ନିଜ ସ୍ୱପ୍ନକୁ ସାକାର କରିବାର ପ୍ରଚେଷ୍ଟା ସେ ଜାରି ରଖିଛନ୍ତି। ଡିଷ୍ଟାନ୍ସ ଏଜୁକେଶନ ମାଧ୍ୟମରେ ଯୁକ୍ତ ୨ ଓ ଯୁକ୍ତ ୩ ଶିକ୍ଷା ସମାପ୍ତ କରିଛନ୍ତି। ଗାଡ଼ି ଡ୍ରାଇଭିଂ କରିବା ସହ କମିଶନରେଟ୍ ପୋଲିସ୍‌ର ଟ୍ରାଫିକ୍ ଭଲ୍ୟୁଣ୍ଟିୟର୍ ଭାବେ କାମ କରୁଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅନୁଷ୍ଠିତ ଅନେକ ଆଡ୍‌ଭେଞ୍ଚର୍ କ୍ୟାମ୍ପରେ ଭାଗନେଇଥିବା ନୀଳାଚଳ ୨୦୧୫ରେ ପ୍ରଥମେ ଚଣ୍ଡିଗଡ଼ ସରକାରଙ୍କ ଦ୍ୱାରା ଆୟୋଜିତ ହାତୁ ଟେମ୍ପୁଲ୍ ପିକ୍ ଆରୋହଣ କରିଥିଲେ। ଏହାପରେ ହିମାଚଳରେ ଥିବା ଶିଟିଧର ପିକ୍ ଏବଂ ଭାରତ-ନେପାଳ ବର୍ଡରରେ ଥିବା ମାଉଣ୍ଟ ସାଣ୍ଡାଫୁ ଆରୋହଣ କରିଥିଲେ। ଏହାସହ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ବିଜୁ ପଟ୍ଟନାୟକ ହିମାଳୟ ଏକ୍ସପିଡିସନର ମଧ ସେ ଏକ ଅଂଶ ଥିଲେ। କଶ୍ମୀରର ଜବାହର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନିୟରିଂରେ କୋର୍ସ କରୁଥିବା ବେଳେ ସେଠାରେ ସେ 'ସେଭେନ୍ ସମିଟ୍‌ସ'ର ସ୍ୱପ୍ନ ଦେଖିଥିଲେ। ଯେତେବେଳେ ତାଙ୍କ ସାଥୀ ମାଉଣ୍ଟେନର୍‌ମାନେ 'ଓଡ଼ିଶା କେଉଁଠାରେ ଅଛି?' ବୋଲି ପ୍ରଶ୍ନ କରିଥିଲେ, ସେତେବେଳେ ନୀଳାଚଳ 'ସେଭେନ୍ ସମିଟ୍‌ସ' ଆରୋହଣ କରି କେବଳ ଭାରତକୁ ନୁହେଁ, ସମଗ୍ର ବିଶ୍ୱକୁ ଓଡ଼ିଶା କେଉଁଠାରେ ଅଛି ଜଣାଇବେ ବୋଲି ସ୍ଥିର କରିଥିଲେ। ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ 'କିଲିମାଞ୍ଜାରୋ'ରୁ ଯାତ୍ରା ଆରମ୍ଭ କରି ଏହାପରେ ଆର୍ଜେଣ୍ଟିନାର 'ଆକୋନ୍‌କାଗୁଆ' ଶୃଙ୍ଗ, ବିଶ୍ୱର ସର୍ବୋଚ୍ଚ ତଥା ଏସିଆ ମହାଦେଶର 'ମାଉଣ୍ଟ ଏଭରେଷ୍ଟ', ୟୁରୋପର 'ମାଉଣ୍ଟ ଏଲ୍‌ବ୍ରୁସ୍', ଉତ୍ତର ଆମେରିକାର 'ଡେନାଲୀ', ଆଣ୍ଟାର୍କଟିକାର 'ଭିନ୍‌ସନ୍ ମାସିଫ୍' ଓ ଅଷ୍ଟ୍ରେଲିଆର 'କାର୍ଷ୍ଟେଞ୍ଜ ପିରାମିଡ୍' ଆରୋହଣ କରିବାକୁ ସ୍ଥିର କରିଥିଲେ। ପ୍ରଥମ ଓଡ଼ିଆ ଭାବେ ସେ ଏହା କରିବାକୁ ଯାଉଥିବା ବେଳେ ଅର୍ଥାଭାବ କିନ୍ତୁ ତାଙ୍କ ଲକ୍ଷ୍ୟପଥରେ ଏବେ ବାଧକ ସାଜିଛି। ପୂର୍ବରୁ ନିଜ ପ୍ରଚେଷ୍ଟାରେ ଦେଶ ମଧ୍ୟରେ ଅନେକ ଉଚ୍ଚତମ ଶୃଙ୍ଗ ଆରୋହଣ କରିଥିବା ନୀଳାଚଳ ଗତ ଅକ୍ଟୋବରରେ ଆଫ୍ରିକାର କିଲିମାଞ୍ଜାରୋ ଶୃଙ୍ଗରୁ 'ସେଭେନ୍ ସମିଟ୍‌ସ' ଯାତ୍ରା ଆରମ୍ଭ କରିବାର ଥିଲା। ହେଲେ ପ୍ରାୟୋଜକ ଅଭାବରୁ ତାହା ସମ୍ଭବ ହୋଇପାରିନାହିଁ। ଆସନ୍ତା ଜାନୁୟାରୀରୁ ସେ ନିଜର ପ୍ରଥମ ଆରୋହଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମାତ୍ର ୩ ବର୍ଷ ମଧ୍ୟରେ ସେଭେନ୍ ସମିଟ୍‌ସ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଥିବା ନୀଳାଚଳ ଭାରତର ୭୫ତମ ସ୍ୱାଧୀନତା ଦିବସରେ ଉଭୟ ଦେଶ ଓ ରାଜ୍ୟକୁ ଏକ ନୂଆ ରେକର୍ଡ ଉପହାର ଦେବେ ବୋଲି କହିଛନ୍ତି।

**ରିପୋର୍ଟ: ସସ୍ମିତା ପାଇକରାୟ**



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


## ସେଲ୍ଫି କର୍ନର



@ ଟୁଟୁ



@ ସହଦେବ



@ ଶ୍ରବଣ



@ ଶୁଭମ



@ ସୌମ୍ୟକାନ୍ତ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ପୋଲିସ, ଓକିଲଙ୍କୁ ଦାୟିତ୍ୱବୋଧର ଶିକ୍ଷା ଦେଲେ ହାଇକୋର୍ଟ

- କେବଳ ସାଧାରଣ ଲୋକଙ୍କ କ୍ଷତି ହୋଇଛି
- ୭ ଦିନ ଭିତରେ କମିଟି କରିବାକୁ ନିର୍ଦ୍ଦେଶ



**କଟକ ଅଫିସ, ୧୭।୧୧**

ବାର୍ କାଉନସିଲରୁ ଲାଇସେନ୍ସ ପାଇଗଲେ ଜଣଙ୍କୁ ବୈଷୟିକ ଭାବେ ଓକିଲ ଭାବେ ବିବେଚନା କରାଯାଏ। କିନ୍ତୁ ଯିଏ ରୀତିମତ କୋର୍ଟରେ ପ୍ରାକ୍ଟିସ କରୁଥିବେ, ମାମଲା ପରିଚାଳନା କରୁଥିବେ ସେମାନଙ୍କୁ ପ୍ରକୃତ ଓକିଲ କୁହାଯିବ। ଓକିଲଙ୍କ ମର୍ଯ୍ୟାଦା ଉପରେ କୋର୍ଟଙ୍କ ମର୍ଯ୍ୟାଦା ନିର୍ଭର କରେ। ଶୃଙ୍ଖଳା, ଧୈର୍ଯ୍ୟବାନ, ସମାଜ ପ୍ରତି ସମ୍ମାନ, ସାହସୀ ଓ ମାନବିକତା ଆଦି ଗୁଣ ଓକିଲଙ୍କ ଭିତରେ ଭରି ରହିବା କଥା। ତେଣୁ ଯିଏ ନିଜକୁ ଓକିଲ ଭାବେ ବିବେଚନା କରୁଛନ୍ତି ତାଙ୍କ ନିକଟରେ ଉପରୋକ୍ତ ଗୁଣମାନ ଅଛି କି ନାହିଁ ତାହାକୁ ସେ ପ୍ରଥମେ ନିରୀକ୍ଷଣ କରିବା କଥା। ସେହିପରି ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷାକରିବା କ୍ଷେତ୍ରରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୋଲିସ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କ ପଛରେ ଲାଗି ରହିବା କଥା। ଗୋଟିଏ ବିକଶିତ ସମାଜ ପାଇଁ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପୋଲିସ ନିଜର କର୍ତ୍ତବ୍ୟ ଓ କର୍ମ ଉପରେ ସଚେତନ ରହିବା କଥା। କଟକରେ ଓକିଲ-ପୋଲିସ ବିବାଦକୁ ନେଇ ଦୀର୍ଘ ଅଢେଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଅପ୍ରୀତିକର ପରିସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ବିଚାରପତି ଜଷ୍ଟିସ ସି.ଆର୍. ଦାଶ। ଗତ ୧୪ ତାରିଖରେ ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଦାଶ ଉପରୋକ୍ତ ମତ ଦେବା ସହିତ ଉଭୟ ପୋଲିସ ଏବଂ ଓକିଲଙ୍କୁ ସେମାନଙ୍କର କର୍ତ୍ତବ୍ୟ, ଦାୟିତ୍ୱ ବୋଧତା ଉପରେ ଉପାଦେୟ ପରାମର୍ଶ ଦେଇଛନ୍ତି।

ନିଜର ୧୫ ପୃଷ୍ଠା ସମ୍ବଳିତ ରାୟରେ ଜଷ୍ଟିସ ଦାଶ ଇଂଲିଶ କବି ରବର୍ଟ ସାଉଦୀଙ୍କ କବିତାର ଏକ କିୟଦଂଶକୁ ଉଦ୍ଧୃତ କରି କହିଛନ୍ତି ଯେ, ପ୍ରତ୍ୟେକ ଦୁଃଖଦ ଘଟଣା ମଣିଷକୁ ଦୃଢ଼ କରିଥାଏ। ପ୍ରତ୍ୟେକ ଅପ୍ରୀତିକର ଘଟଣା ପରେ ଏକ ପରିଷ୍କାର ବାଟ ଦୃଶ୍ୟମାନ ହୋଇଥାଏ। ଅର୍ଥାତ୍ ଠିକିଲେ ଶିକ୍ଷାଲାଭ କରିବା କଥାକୁ ବିଚାରପତି ଦାର୍ଶନିକ ଆଦେଶନାମାରେ ଉଲ୍ଲେଖ କରିଛନ୍ତି। ଏହାକୁ ଉଲ୍ଲେଖ କରି ସେ ଦର୍ଶାଇଛନ୍ତି ଯେ, ଦୀର୍ଘଦିନର ଏହି ଆନ୍ଦୋଳନରେ କେହି ହାରିନାହାନ୍ତି କି କେହି ଜିତିନାହାନ୍ତି। କାରଣ ଏହା ଏକ ଯୁଦ୍ଧ ନ ଥିଲା। ଗୋଟିଏ କାରଣକୁ ନେଇ ଏଭଳି ବିବାଦ ଲାଗି ରହିଥିଲା। ତେଣୁ ଏହା ହାରଜିତ୍‌ର ପ୍ରସଙ୍ଗ ନୁହେଁ। ତେଣୁ ସମସ୍ତେ ଜିତିଛନ୍ତି ବୋଲି ବିଚାରପତି କହିଛନ୍ତି। ଏହି ଆନ୍ଦୋଳନରେ ଯାହା କିଛି କ୍ଷତି ହୋଇଛି ତାହା ସାଧାରଣ ଲୋକଙ୍କର ଏବଂ ଏହି କ୍ଷତିଭରଣା କରାଯାଇପାରିବ ନାହିଁ। ତେଣୁ ଭବିଷ୍ୟତରେ ଏଭଳି ଅପ୍ରୀତିକର ପରିସ୍ଥିତିର ସଫଳ ପରିଚାଳନା ପାଇଁ ସରକାରଙ୍କୁ ଏକ କମିଟି ଗଠନ କରିବାକୁ ବିଚାରପତି ଦାଶ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ସରକାରଙ୍କ ପସନ୍ଦରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷ ରହିବେ। ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ କମିଟିର ସଦସ୍ୟ ସଚିବ ଭାବେ ସ୍ଥାନ ପାଇବେ। ଆଇନ ବିଭାଗ ସଚିବ, ପୋଲିସ ଡିଜି, ପୋଲିସ ଆଇଜି, ପୋଲିସ କମିଶନର ପ୍ରମୁଖ ମଧ୍ୟ ସଦସ୍ୟ ରହିବେ। ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଓ ସମ୍ପାଦକ ଉକ୍ତ କମିଟିରେ ଏକ୍ସ ଅଫିସିଓ ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏହାବାଦ୍ ହାଇକୋର୍ଟ ବାର୍ ଆସୋସିଏଶନ କାର୍ଯ୍ୟକାରୀ ପରିଷଦ ଦ୍ୱାରା ଚୟନ କରାଯାଇଥିବା ୩ ଜଣ ଆଇନଜୀବୀ କମିଟିରେ ସଦସ୍ୟ ରହିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଅତିକମ୍‌ରେ ୩୦ରୁ ୪୦ ବର୍ଷ ଓକିଲାତି ପେସା କରିଥିବା ଆବଶ୍ୟକ ବୋଲି ବିଚାରପତି ଆଦେଶରେ ସ୍ପଷ୍ଟ କରିଛନ୍ତି। ତେବେ ଉକ୍ତ କମିଟିରେ ରାଜନୀତି ଦଳ ସହିତ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିବିଶେଷଙ୍କୁ ସ୍ଥାନ ନ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ ଉକ୍ତ କମିଟି ଗଠନ କରିବାକୁ ଆଦେଶ ରହିଛି। କମିଟି ଗଠନ ହେବାର ୨ ମାସ ମଧ୍ୟରେ ତା'ର ପ୍ରଥମ ବୈଠକ ସମ୍ପର୍କିତ ରିପୋର୍ଟ ଦାଖଲ କରିବା ପାଇଁ ବିଚାରପତି ଆଦେଶ ଦେଇଛନ୍ତି। ଏହାବାଦ ଉକ୍ତ ବିବାଦକୁ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ମଧ୍ୟରେ ଯେଉଁ ତିକ୍ତତା ଦେଖାଦେଇଛି ତାହାକୁ ନେଇ ବିଚାରପତି ଦାଶ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବ ମନୋମାଳିନ୍ୟକୁ ଭୁଲି ସମସ୍ତେ ଏକଜୁଟ ହେବାକୁ ସେ ପରାମର୍ଶ ଦେଇଛନ୍ତି।

ସୂଚନାଥାଉ କି, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଓକିଲମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ, ଯାହା ଗତ ବୁଧବାର ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘଦିନର ଉକ୍ତ ଆନ୍ଦୋଳନ ସମୟରେ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେଉଁ ଘରକୁ ଯେଉଁ ବତା,**
**ଖଞ୍ଜାଇ ରଖିଛି ବିଧାତା ।**

କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଯେଉଁ ଘରକୁ ସେହି ବତା ଭଳି ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେଉଁ ଲୋକ ପାଇକ ସାଜେ,**
**ତା' ମୁଣ୍ଡରେ ଠେଙ୍ଗା ବାଜେ ।**

ସାଧାରଣତଃ ପରିବାରର ବା କୌଣସି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥାଏ। ନେତୃସ୍ଥାନୀୟ ବ୍ୟକ୍ତି ଯେହେତୁ ସକଳ ଦାୟିତ୍ୱ ସମ୍ଭାଳିଥାନ୍ତି ତେଣୁ କୌଣସି କିଛି ଅପ୍ରୀତିକର ଘଟଣା ପାଇଁ ସେମାନେ ଉତ୍ତରଦାୟୀ ହେବାକୁ ବାଧ ହୋଇଥାନ୍ତି। ଅଘଟଣ ବା ଭୁଲ୍ ପାଇଁ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ମୁଣ୍ଡରେ ସବୁ ଦୋଷ ଲଦିଦିଆଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

- ଓଡ଼ିଶା ପାଇଁ ବର୍ଷକୁ ଦରକାର ୬.୭୦ ଲକ୍ଷ ଟନ୍ ଲୁଣ

# ଉତ୍ପାଦନ ହେଉଛି ମାତ୍ର ୧୫୦ ଟନ୍

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

ଓଡ଼ିଶା ପାଇଁ ବାର୍ଷିକ ୬ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍ ଲୁଣ ଆବଶ୍ୟକ ଥିବା ବେଳେ ଗତବର୍ଷ ରାଜ୍ୟରେ ଉତ୍ପାଦିତ ହୋଇଛି ମାତ୍ର ୧୫୦ ମେଟ୍ରିକ୍ ଟନ୍ ଲୁଣ। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପାଇଁ ବାର୍ଷିକ ଆବଶ୍ୟକ ପଡୁଥିବା ୬.୭୦ ଲକ୍ଷ ଟନ୍ ଲୁଣ ମଧ୍ୟରୁ ଖାଇବା ପାଇଁ ୨.୨୦ ଲକ୍ଷ ଟନ୍ ବ୍ୟବହାର କରାଯାଉଥିବା ବେଳେ ଶିଳ୍ପ ସଂସ୍ଥା ପାଇଁ ସାଢ଼େ ୪ ଲକ୍ଷ ଟନ୍ ଲୁଣ ଆବଶ୍ୟକ ହେଉଛି। ରାଜ୍ୟରେ ୨୦୧୦-୧୧ ବର୍ଷରେ ୨୬୫୮ ମେଟ୍ରିକ୍ ଟନ୍ ଲୁଣ ଉତ୍ପାଦିତ ହୋଇଥିବା ବେଳେ ୨୦୧୬-୧୭ ବେଳକୁ ଏହାର ପରିମାଣ ଥିଲା ୧୯୭୫ ମେଟ୍ରିକ୍ ଟନ୍। ତେବେ ୨୦୧୭-୧୮ ବର୍ଷରେ ଓଡ଼ିଶାରେ ମାତ୍ର ୧୫୦ ମେଟ୍ରିକ୍ ଟନ୍ ଲୁଣ ଉତ୍ପାଦିତ ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡିଛି। ଲୁଣ ଉତ୍ପାଦନ ପାଇଁ ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଗଞ୍ଜାମ ଜିଲ୍ଲାର ହୁମା ଓ ବୀଣାପାଲି, ବାହୁଦା ଏବଂ ବାଲେଶ୍ୱର ବୋଲଙ୍ଗରେ ୪ଟି ଲବଣ ଉତ୍ପାଦନ ଓ ବିକ୍ରୟ ସମବାୟ ସମିତି ରହିଛି। ଏଥିମଧ୍ୟରୁ କେବଳ ବାଲେଶ୍ୱର ଜିଲ୍ଲାର ବୋଲଙ୍ଗ ସମବାୟ ସଂସ୍ଥା କାର୍ଯ୍ୟକ୍ଷମ ଥିବା ବେଳେ ଅନ୍ୟ ୩ଟି ଯାକ ବନ୍ଦ ରହିଛି। ରାଜ୍ୟରେ ଲୁଣ ଉତ୍ପାଦନ ବୃଦ୍ଧି ପାଇଁ ଓ ଲବଣ ଶ୍ରମିକମାନଙ୍କ ଜୀବିକାରେ ସୁଧାର ଲାଗି ସରକାର ୨୦୦୭-୦୮ରୁ ୨୦୧୩-୧୪ ମଧ୍ୟରେ ୩ଟି ଲବଣ ସମବାୟ ସମିତିକୁ ୯୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

## ହାଜର ହେଲେ ୧୪ ଖଣି ସଂସ୍ଥା

**କେନ୍ଦୁଝର, ୧୭।୧୧(ସ୍ୱ.ପ୍ର.)**-କେନ୍ଦୁଝର ଜିଲ୍ଲାପାଳଙ୍କ କୋର୍ଟରେ ଶନିବାର ନୋଟିସ ହୋଇଥିବା ୧୪ ଖଣିରୁ ୧୩ଟି ଖଣିର ପ୍ରତିନିଧି ହାଜର ହୋଇଥିଲେ ବୋଲି ଜଣାପଡିଛି। ହାଜର ହୋଇ ନ ଥିବା ଏମଆର ଦାସ ଖଣିକୁ ୨୪ ତାରିଖ ହାଜର ହେବାକୁ ନୋଟିସ କରାଯାଇଛି। ହାଜର ନ ହେଲେ ଶୁଣାଣି ହେବ ବୋଲି ଜଣାପଡିଛି । ସୁପ୍ରିମକୋର୍ଟରେ ଏକ ମାମଲା ବିଚାର ପାଇଁ ଗ୍ରହଣ ହୋଇଥିବାରୁ ଏମଆର ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ବିପିଏମଏଇ ସଂସ୍ଥା ଶନିବାର ହାଜର ହୋଇ ୨ କୋଟି ଟଙ୍କା ଦାଖଲ କରିଥିବା ଜଣାପଡିଛି ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଗ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ନାକଟିଦେଉଳରେ ହାତୀ ଖାଇଲେ ଧାନ

ନାକଟିଦେଉଳ, ୧୭।୧୧ (ଡି.ଏନ.ଏ)- ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦର ଗ୍ରାମ ତଥା ଆଖପାଖରେ ଗ୍ରାମରେ ହାତୀମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି । ଏହି ଜଙ୍ଗଲି ହାତୀପଲ ଶୁକ୍ରବାର ରାତିରେ ଧାନ କ୍ଷେତରେ ପଶି ଅମଳକ୍ଷମ ପାଚିଲା ଧାନ ସବୁ ଖାଇ ଯିବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି । ଗତ କିଛି ଦିନ ହେବ ଏହି ହାତୀପଲ ସାହେବୀ, ପୋଡାମାଳ, ମାନକୁଣ୍ଡା ଏବଂ ଧଣ୍ଡମୁଣ୍ଡା ଗ୍ରାମରେ ପଶି ଉପଦ୍ରବ କରି ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରିଥିଲେ । ତେବେ ହାତୀପଲ ଗତ ରାତିରେ ମୁଷାକାନ, ପଣସଡ଼ିପ, ଜଗନ୍ନାଥ ପ୍ରସାଦ, ନାକଟିଦେଉଳ, ଖମଣମୁଣ୍ଡା ଏବଂ ପେଣ୍ଡବାହାଲ ଗ୍ରାମରେ ଥିବା ଧାନ କ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି । ହାତୀମାନଙ୍କ ଏହି ଉପଦ୍ରବରେ ସଂପୃକ୍ତ ଗ୍ରାମ ଗୁଡିକର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ୧୫ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଛି। ହାତୀ ଘଉଡ଼ାଇବା ଦିଗରେ ଜଙ୍ଗଲ ବିଭାଗ ଦୃଢ଼ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ କ୍ଷତି ପୁରଣ ଯୋଗାଇ ଦେବାକୁ ଦୃଢ଼ ଦାବି ହୋଇଛି। ଏହି ହାତୀପଲରେ ଦନ୍ତା ଓ ଛୁଆ ହାତୀ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହାତୀ ଥିବା ଗ୍ରାମବାସୀମାନେ କହିଛନ୍ତି। ସନ୍ଧ୍ୟା ହେବାମାତ୍ରେ ଏମାନେ ନିକଟସ୍ଥ ଜଙ୍ଗଲରୁ ବାହାରି ଗାଁ ମୁଣ୍ଡ ଧାନ କ୍ଷେତ୍ରରେ ପଶି ଉପଦ୍ରବ କରୁଛନ୍ତି।

ବୀରସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଦୈନିକ ଉଡ଼ାଣ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୟୁଏଇର ଓଡ଼ିଆ ପ୍ରତିନିଧି

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଦୈନିକ ବିମାନ ଉଡ଼ାଣ ସେବା କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଶନିବାର ଏ ନେଇ ୟୁଏଇରେ ବାସ କରୁଥିବା ଓଡ଼ିଆଙ୍କ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଇଣ୍ଟରନ୍ୟାସନାଲ ସିପିଂ ଏଣ୍ଡ ଲଜିଷ୍ଟିକ୍ସର ନିର୍ଦ୍ଦେଶକ ତଥା ସିଇଓ କ୍ୟାପଟେନ ସୌମ୍ୟରଞ୍ଜନ ପଟ୍ଟନାୟକ, ୱିପ୍ରୋ ଉନ୍‌ଜା ମିଡ଼ିଲ ଇଷ୍ଟ ଲିମିଟେଡ୍‌ର ଜିଏମ ପ୍ରିୟଦର୍ଶୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ବହୁ ଆଶା ଆକାଂକ୍ଷାର ପ୍ରତିଫଳନ ଅଟେ। ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାର ଆବଶ୍ୟକତା ରହିଛି ବୋଲି ପ୍ରତିନିଧି ଦଳ ଅନୁରୋଧ କରିଥିଲେ।

ଅପରପକ୍ଷେ, ପ୍ରତିନିଧିମାନେ ବିଶ୍ୱକପ ହକି ଭୁବନେଶ୍ୱରରେ ଆୟୋଜନ ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହା ବିଶ୍ୱରେ ଓଡ଼ିଶାର ସମ୍ମାନକୁ ବଢ଼ାଇଛି ବୋଲି କହିଥିଲେ। ସେମାନେ କହିଛନ୍ତି ଯେ, ଝାରସୁଗୁଡ଼ା ବିମାନବନ୍ଦରକୁ କାର୍ଯ୍ୟକାରୀ କରିବା ପଶ୍ଚିମ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଦାବି ଥିଲା। ନବୀକୃତ ଓ ସମ୍ପ୍ରସାରିତ ବିମାନବନ୍ଦରର ସେପ୍ଟେମ୍ବର ୨୨ ତାରିଖରେ ଉଧଘାଟନ ହେବା ଅବସରରେ ୟୁଏଇରେ ବାସ କରୁଥିବା ଓଡ଼ିଆ ଲୋକେ ବିଶ୍ୱର ସର୍ବୋଚ୍ଚ କୋଠା ବୁର୍ଜ ଖଲିଫା ସାମ୍ନାରେ ଆନନ୍ଦ ଉତ୍ସବ ପାଳନ କରିଥିଲେ। ଦୁବାଇସ୍ଥିତ କନ୍‌ସୁଲ ଜେନେରାଲଙ୍କୁ ସାକ୍ଷାତ କରି ଝାରସୁଗୁଡ଼ା ବିମାନବନ୍ଦରକୁ ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ମହାନଗରୀଗୁଡ଼ିକ ସହିତ ଯୋଡ଼ିବାକୁ ଦାବି ଜଣାଇଥିଲେ। ଉଦ୍‌ଘାଟନର ମାତ୍ର ୬ଟି ଉଡ଼ାଣ ପରେ ଝାରସୁଗୁଡ଼ାରେ ବିମାନ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବା ଅତ୍ୟନ୍ତ ଦୁଃଖଦାୟକ ଅଟେ। ପଶ୍ଚିମ ଓଡ଼ିଶାର ସାମଗ୍ରୀକ ବିକାଶ ଓ ବାହାରେ ରହୁଥିବା ଲୋକଙ୍କ ସୁବିଧାଜନକ ଯାତାୟତ ସକାଶେ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ପୁନଃ କାର୍ଯ୍ୟକ୍ଷମ ହେବା ନିହାତି ଆବଶ୍ୟକ ଅଟେ । ଏଣୁ କେତୋଟି ବିମାନ ଝାରସୁଗୁଡ଼ା ଦେଇ ଯିବା ଆସିବା କଲେ ଲୋକେ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ଦାବିପତ୍ରରେ ଦୁବାଇର ଏନଭେଣ୍ଟ ଇଲେକ୍ଟ୍ରିକାଲର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନେଜର ମାନସ ପଣ୍ଡା, ଜଏଣ୍ଟ ସ୍କୁଲ ଅଫ୍ ଗ୍ଲୋବାଲ ମ୍ୟାନେଜମେଣ୍ଟର ଜିଏମ୍ ରମେଶ ତ୍ରିପାଠୀ, ଭିଏଫଏସ ତାସିଲ ଇଣ୍ଟରନ୍ୟାଶନାଲର ଲିଗାଲ ହେଡ୍ ଅରବିନ୍ଦ ବିଶ୍ୱାଳ, ସୁରାୟା କମ୍ୟୁନିକେଶନର ରଜତ ରଥ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ନୂଆଦିଲ୍ଲୀ-ଭୁବନେଶ୍ୱର ଏୟାର ଇଣ୍ଡିଆର ବିମାନଗୁଡ଼ିକୁ ଝାରସୁଗୁଡ଼ା ବିମାନ ବନ୍ଦରରେ ଚଲାଇବାକୁ ରାଜ୍ୟ ସରକାର ଭାରତ ସରକାରଙ୍କୁ ସୁପାରିଶ କରିଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ସବ୍‌ସିଡ଼ି ଯୋଗାଇବାକୁ ମଧ୍ୟ ପ୍ରସ୍ତାବ ଦେଇଥିବା ସେ କହିଛନ୍ତି।



ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦେଇଥିବା ୟୁଏଇରେ ବାସ କରୁଥିବା ଓଡିଆ ପ୍ରତିନିଧିମାନେ ।

### କଣ୍ଟେନରରୁ ୩୭ ଗୋରୁ ଉଦ୍ଧାର

ସମ୍ବଲପୁର,୧୭।୧୧(ବ୍ୟୁରୋ) ସମ୍ବଲପୁର ଜିଲା ଧନୁପାଲି ଥାନା ଟାଙ୍ଗରପାଲି ବ୍ରିଜ ନିକଟରେ ଏକ କଣ୍ଟେନରରେ ଚାଲାଣ ବେଳେ ୩୭ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ବଜରଙ୍ଗ ଦଳର ସହଯୋଗରେ ଧନୁପାଲି ପୋଲିସ ଚଢ଼ାଉ କରି କଣ୍ଟେନରର ଚାଳକ ପଶ୍ଚିମବଙ୍ଗର ଅଶୋକ ଘୋଷ (୪୮) ଏବଂ ହେଲପର ଏସ କେ ରହମନ (୨୬)ଙ୍କୁ ଗିରଫ କରିଛି। ଡ୍ରାଇଭର ଗାଡ଼ିରୁ ଡେଇଁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା। ସେ ଜିଲା ସଦର ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୩୭୯/୧୮)ରୁଜୁ ହୋଇଛି। ସୂଚନାଯୋଗ୍ୟ ବରଗଡ ହାଟରୁ ୩୭ ଗୋରୁ କିଣି ବେଆଇନ ଭାବେ ଚାଲାଣ ହେଉଥିଲା । ଏହି ଖବର ବଜରଙ୍ଗ ଦଳ ପାଖରେ ପହଞ୍ଚିଥିଲା। ସେମାନେ ଗାଡ଼ିକୁ ଅଇଁଠାପାଲି ଛକରେ ଅଟକାଇ ଥିଲେ । ହେଲେ ଡ୍ରାଇଭର ଫେରାର ହୋବକୁ ଉଦ୍ୟମ କରିଥିଲା। ଟାଙ୍ଗରପାଲି ବ୍ରିଜ ନିକଟରେ ଗାଡି ଗତି କମିଯିବାରୁ କଣ୍ଟେନରକୁ ବଜରଙ୍ଗଦଳ କର୍ମୀମାନେ ଅଟକାଇବାରେ ସକ୍ଷମ ହୋଇଥିଲେ।

ସୈରେନ୍ଦ୍ରୀ ନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

## ଫାଇନାଲରେ ମୁଣ୍ଡେନପାଲି, ଟାଉନ ହାଇସ୍କୁଲ

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ ଶନିବାର ହାୱା ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟାଉନ ହାଇସ୍କୁଲ ବନାମ ମୁଣ୍ଡେନପାଲି ମଧ୍ୟରେ ରବିବାର ଖେଳାଯିବ। ପ୍ରଥମ ସେମିଫାଇନାଲ ମ୍ୟାଚ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ବନାମ ମୁଣ୍ଡେନପାଲି ଇନ୍ଦିରାଗାନ୍ଧୀ ହାଇସ୍କୁଲ ମଧ୍ୟରେ ଏକତରଫା ହୋଇଥିଲା। ମୁଣ୍ଡେନପାଲି ଉନ୍ନତ ଖେଳ ପ୍ରଦର୍ଶନ କରି ୨-୦ ଗୋଲରେ ବିଜୟୀ ହୋଇଥିଲା। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସିତାଂଶୁ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ମୁଣ୍ଡେନପାଲି ଦଳର ସୁମିତ ମିର୍ଦ୍ଧାଙ୍କୁ ପୁରସ୍କୃତ କରିଥିଲେ।

ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ନୃସିଂହଗୁରୁ ଟାଉନ ହାଇସ୍କୁଲ ବନାମ କାଇଁଶିର ହାଇସ୍କୁଲ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଓ ଚିତାକର୍ଷକ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ଗୋଲଶୂନ ରହିଥିଲା। ଫଳରେ ରେଫରି ଟ୍ରାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଏଥିରେ ଟାଉନ ହାଇସ୍କୁଲ ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ପୂର୍ବତନ ଜିଲା କ୍ରୀଡ଼ାଧିକାରୀ ବିଦ୍ୟାଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାଇଁଶିର ଦଳର ଅକ୍ଷୟ ଓରାମଙ୍କୁ ପୁରସ୍କୃତ କରିଥିଲେ। ମଥୁରା ଓରାମ, ପଦ୍ମ ନାୟକ, ମନୋଜ ଭୋଇ ଓ ବଳରାମ ମଟାରୀ ମ୍ୟାଚ ପରିଚାଳନା କରିଥିଲେ। କ୍ରୀଡ଼ା ସଙ୍ଗଠକ ସଂଗ୍ରାମ କେଶରୀ ସାହାଣି, ଆର୍ତ୍ତତ୍ରାଣ ମାଝୀ, ଓମ ପ୍ରକାଶ ଶାଙ୍ଖୁଲିଆ, ଇଦ୍ରିଶ ମଲ୍ଲିକ, ବିଶ୍ୱମ୍ବର ବହିଦାର, ସୁକାନ୍ତ ବୋଷ, ବିଜୟ ଦେହୁରୀ, ଜନ୍ ଖାଲକୋ, ଅମୂଲ୍ୟ କୁମାର ମିଶ୍ର, କର୍ତ୍ତିକ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବର୍ଷିୟାନ କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ, ଡ. ବିଜୟ କୁମାର ପ୍ରଧାନ, ସଭାପତି ଗୋକୁଳ ଚନ୍ଦ୍ର ଦର୍ଜି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁକ ଭୁମିକା ଗ୍ରହଣ କରିଥିଲେ ।



ଶନିବାର ସମ୍ବଲପୁର ହାୱା ମଇଦାନଠାରେ ହୋଇଥିବା ସେମିଫାଇନାଲ ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ ।

### ବ୍ଲେଡ୍‌ରେ ପ୍ରେମିକାଙ୍କ ଗଳା କାଟି ହତ୍ୟା ଉଦ୍ୟମ

- ପ୍ରେମିକ ଫେରାର, ଥାନାରେ ମାମଲା

**ଧମା,୧୭।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବଡେମୁରା ପଞ୍ଚାୟତର ସୁରଡା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ବ୍ଲେଡ୍‌ରେ ଗ୍ରାମର ଜଣେ ୨୨ ବର୍ଷୀୟ ଯୁବତୀଙ୍କୁ ଗଳା କାଟି ହତ୍ୟା ଉଦ୍ୟମ ହୋଇଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଛି। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ବଡ଼ଟିକ୍ରା ଗାଁର ସାଗର ପୋଡ଼ (୨୪)ଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି। ଏହା ଏକ ପ୍ରେମଜନିତ ଅପରାଧ ବୋଲି ଜଣାଯାଇଛି। ଉଭୟଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା। ଶନିବାର ପୂର୍ବାହ୍ନ ୧୨ଟାରେ ଅଭିଯୁକ୍ତ ସାଗର ଯୁବତୀଙ୍କ ଘରକୁ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କଥା କଟାକଟିରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାଗର ଯୁବତୀଙ୍କ ଗଳାକୁ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ଦୌଡି ଆସିବାରୁ ସାଗର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ଅଙ୍ଗନୱାଡ଼ି ଚାଉଳ ଯୋଗାଣରେ ଦୁର୍ନୀତି

### - ୧୦ହଜାର କୁଇଣ୍ଟାଲ ଚାଉଳ ବାଟମାରଣା ହୋଇଥିବା ଅଭିଯୋଗ

**ବାମରା,୧୭।୧୧(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଚାଉଳ ଯୋଗାଣରେ ଅନିୟମିତତା ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଚଳିତ ମାସରେ ଯୋଗାଣକାରୀ ସଂସ୍ଥା ୧୦ ହଜାର କୁଇଣ୍ଟାଲ ଚାଉଳ ହେର୍‌ଫେର୍ କରିଥିବା ଜଣାପଡ଼ିଛି। ମାତ୍ର ପ୍ରଶାସନିକସ୍ତରରେ ଏ ସଂକ୍ରାନ୍ତରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଣୁ ଯୋଗାଣକାରୀ ସଂସ୍ଥାକୁ ଏଭଳି ଦୁର୍ନୀତି କରିବାକୁ ପ୍ରୋତ୍ସାହିତ କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗ୍ରାମାଞ୍ଚଳରେ ମାଆ ଓ ଶିଶୁମାନଙ୍କୁ କୁପୋଷଣରୁ ଦୂରେଇ ରଖିବା ପାଇଁ ସରକାର ବିଭିନ୍ନ ଯୋଜନା ମାଧମରେ ପ୍ରାଥମିକସ୍ତରରେ ପୁଷ୍ଟିକର ଖାଦ୍ୟ ଓ ପାଠ୍ୟ ଉପକରଣ ଯୋଗାଇଦେବାକୁ ଅଙ୍ଗନୱାଡ଼ିର ବ୍ୟବସ୍ଥା କରିଛନ୍ତି। ହେଲେ ଏସବୁ ସରକାରୀ ସାମଗ୍ରୀ ଗଳାବାଟ ଦେଇ ବାଟମାରଣା ହୋଇଚାଲିଛି।

ସମ୍ବଲପୁର ଜିଲା ବାମରା ବ୍ଲକରେ ୧୬୫ ଅଙ୍ଗନୱାଡି ଓ ୩୬ ମିନି ଅଙ୍ଗନୱାଡି ରହିଥିବା ବେଳେ ଚଳିତ ମାସରେ ସମ୍ବଲପୁରର ଏକ ଚାଉଳ ଯୋଗାଣକାରୀ ସଂସ୍ଥା ୩ କୁଇଣ୍ଟାଲ ଚାଉଳ ଯୋଗଇଦେବା ବଦଳରେ ୨.୫ କୁଇଣ୍ଟାଲ ହିସାବରେ ୫ବସ୍ତା ଚାଉଳ ଯୋଗାଇ ଅଙ୍ଗନୱାଡି କର୍ମୀଙ୍କଠାରୁ ଦସ୍ତଖତ କରାଇ ନେଇଥିଲେ। ଏପରି ସ୍ଥଳେ ୫୦ କେଜି ଚାଉଳ ସିଧାସଳଖ ବାଟମାରଣା ହୋଇଥିବା ଜଣାପଡ଼ିଥିଲା। ଅଙ୍ଗନୱାଡି କର୍ମୀମାନେ ନିଜ ନିଜ ଅଞ୍ଚଳର ସୁପରଭାଇଜରମାନଙ୍କୁ ଏ ବିଷୟରେ ଜଣାଇଥିଲେ। କେତେକ କର୍ମୀ ଖୋଲାଖୋଲି ଏହାକୁ ବିରୋଧ ମଧ କରିଥିଲେ। ମାତ୍ର ସେମାନଙ୍କୁ ଉପରସ୍ଥ ଅଧିକାରୀମାନଙ୍କ ଭୟ ଦେଖାଇ ଚୁପ୍ ରହିବାକୁ କୁହାଯାଇଥିଲା। ଚାକିରି ଯିବା ଭୟରେ ଅଙ୍ଗନୱାଡି କର୍ମୀମାନେ ମୁହଁ ଖୋଲି ନଥିଲେ। ହେଲେ ନିଅଣ୍ଟ ୫୦ କେଜି ଚାଉଳକୁ କିପରି ଭରଣା କରିବେ ସେମାନେ ଚିନ୍ତାରେ ରହିଛନ୍ତି। ଗତ ନଭେମ୍ବର ମାସରେ ୧୦ ହଜାର ୫୦୦ କୁଇଣ୍ଟାଲ ଚାଉ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ରହିଛି। ବାମରା ସିଡିପିଓ ମେହରୁନ ନିଶା ବେଗମଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରେ ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ, ଯୋଗାଣକାରୀ ସଂସ୍ଥାର ମୁଖ୍ୟ ଠିକାଦାର ସଂଯୋସ ପଣ୍ଡା ଏଭଳି ଦୁର୍ନୀତି ଅଭିଯୋଗକୁ ଏଡ଼ାଇ ଯାଇ ମେଡିକାଲରେ ଥିବା କହିଛନ୍ତି। ଭିଜିଲାନ୍ସ ତଦନ୍ତ ହେଲେ ଦୁର୍ନୀତି ପର୍ଦ୍ଦାପାଶ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଲୋକସେବା ଆଇନ ପ୍ରାଧିକରଣ ସଚେତନତା ରାଲି

**ରେଙ୍ଗାଲି,୧୭।୧୧(ଡି.ଏନ.ଏ)**

ରେଙ୍ଗାଲି ନୂଆଁରମ୍ଫେଲା ନୋଡ଼ାଲ ହାଇସ୍କୁଲରେ ଶନିବାର ଲୋକସେବା ଆଇନ ପ୍ରାଧିକରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିକଳ୍ପ ବିବାଦର ସମାଧାନ ତଥା ଲୋକ ଅଦାଲତ, ଶିଶୁ ଶ୍ରମିକ ଉଚ୍ଛେଦ, କନ୍ୟାଭ୍ରୁଣ ହତ୍ୟା ବନ୍ଦ ଆଦି ବିଷୟରେ ସ୍ଲୋଗାନ ଦେଇ ହାଇସ୍କୁଲର ଛାତ୍ରୀଛାତ୍ରମାନେ ସ୍କୁଲରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଲିଲି ସେନାପତି, ନୂଆଁରମ୍ଫେଲା ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ମାନିନୀ ସାହୁ, ଶିକ୍ଷକ କିଶୋର ଚନ୍ଦ୍ର ପାଣିଗ୍ରାହୀ, ରମଣିରଞ୍ଜନ ପଶାୟତ, ନିହାର ରଞ୍ଜନ ମହାନ୍ତି, ଚିତ୍ତରଞ୍ଜନ ବାଗ, ରମେଶ ଚନ୍ଦ୍ର ଦଲେଇ, ପ୍ରଦୀପ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଶୌଚାଳୟ ଦିବସ ଅବସରରେ ମିନି ମାରାଥନ

**ନାକଟିଦେଉଳ,୧୭।୧୧(ଡି.ଏନ.ଏ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଶନିବାର ବ୍ଲକ ପ୍ରଶାସନ ଏବଂ ଜଳ ଓ ପରିମଳ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ଶୌଚାଳୟ ଦିବସ ଅବସରରେ ଏକ ମିନି ମାରାଥନ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ଶନିବାର ସକାଳ ସାଢ଼େ ୭ଟାରେ ସ୍ଥାନୀୟ ଗୋଧୁଡ଼ିପ ଛକଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ମାରାଥନରେ ସାମିଲ ଥିବା ବ୍ୟକ୍ତି ଏବଂ ଛାତ୍ରୀଛାତ୍ରମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ଶୌଚାଳୟର ବ୍ୟବହାର ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ମିନି ମାରାଥନରେ ନାକଟିଦେଉଳ ବିଡିଓ ମେଥୋଡିୟସ ଲାକ୍ରା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ୟାମକୁମାର ହରିଜନ, ଅଶୋକ କୁମାର ମହାନନ୍ଦିଆ, ବ୍ଲକ ସହାୟକ ଯନ୍ତ୍ରୀ ବିକ୍ରମ ମୁର୍ମୁ, ଜିଲା ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗଡତ୍ୟା, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ନାକଟିଦେଉଳ ମହାବିଦ୍ୟାଳୟ ଯୁକ୍ତ ୩ର ଛାତ୍ରୀଛାତ୍ର ଏବଂ ବିଭିନ୍ନ ବେସରକାରୀ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ପ୍ରାରମ୍ଭରେ ବିଡିଓ ଲାକ୍ରା ଏହି ମାରାଥନକୁ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ।

# ଲୋକ ସାହିତ୍ୟ ବିନା ଆଧୁନିକ ସାହିତ୍ୟ ଅସମ୍ପୂର୍ଣ୍ଣ






ଶନିବାର ଜିଏମୟୁ ଅମୃତ ବିହାର ପରିସରସ୍ଥ ଅଧାପନା ପ୍ରକୋଷ୍ଠ-୧ରେ ଅତିଥିମାନେ ଆଲୋଚନା ଚକ୍ରର ଶୁଭାରମ୍ଭ କରୁଛନ୍ତି (ବାମ)। କୁଳସଂଗୀତ ଗାନ ସମୟରେ ଛିଡା ହୋଇଛନ୍ତି ।

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ଆଧୁନିକ ଓଡ଼ିଆ ସାହିତ୍ୟରେ ଲୋକ ଉପାଦାନ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅମୃତ ବିହାର ପରିସରସ୍ଥ ଅଧାପନା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଜିଏମୟୁ କୁଳପତି ଡ. ଅତନୁ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂହ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦ୍ୱାରିକାନାଥ ନାୟକ ଓଡ଼ିଆ ସାହିତ୍ୟର ସମସ୍ତ ପର୍ଯ୍ୟାୟରେ ଲୋକ ସାହିତ୍ୟର ପ୍ରଭାବ ବିସ୍ତାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକ ସାହିତ୍ୟ ବିନା ଆଧୁନିକ ଓଡ଼ିଆ ସାହିତ୍ୟ ଅସମ୍ପୂର୍ଣ୍ଣ ବୋଲି କହିଥିଲେ। ସଭା ଶେଷରେ କୁଳସଚିବ ଗିରିଶ ଚନ୍ଦ୍ର ସିଂ ଧନ୍ୟବାଦ ଦେଇଥିଲେ।

### ଅମୃତ ବିହାରରେ ଓଡ଼ିଆ ଜାତୀୟ କର୍ମଶାଳା

ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଶ୍ୟାମସୁନ୍ଦର ଧର ସଭା ପରିଚାଳନା କରିଥିଲେ। ଡ. ସିଦ୍ଧାର୍ଥ ପଣ୍ଡା ଲୋକ ସାହିତ୍ୟର ବିଭିନ୍ନ ସ୍ୱରୂପ ବିଷୟରେ, ଯୁବ ଗାଳ୍ପିକ କ୍ଷେତ୍ରବାସୀ ନାଏକ ଓଡ଼ିଆ ଗଳ୍ପରେ ଲୋକ ଉପାଦାନ, ଡ. ଲମ୍ବୋଦର ସାହୁ ଓଡ଼ିଆ କବିତାରେ ଲୋକ ଉପାଦାନ, ଡ. ଶ୍ୟାମ ଭୋଇ ଓଡ଼ିଆ ଉପନ୍ୟାସରେ ଲୋକ ଉପାଦାନ ଏବଂ ସ୍ୱୟଂପ୍ରକାଶ ପଣ୍ଡା ଓଡ଼ିଆ ନାଟକରେ ଲୋକ ଉପାଦାନ ସମ୍ପର୍କରେ ନିଜସ୍ୱ ପ୍ରବନ୍ଧ ପାଠ କରିଥିଲେ। ଅଧାପକ ଶ୍ରୀବନ୍ତ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ଘନଶ୍ୟାମ ଦୀପ, ପ୍ରକାଶ ଡାଙ୍ଗ, ଜଗନ୍ନାଥ ମେହେର, ଶୁଭ୍ରାଂଶୁ ବେହେରା, ସୁମିତ ସାହୁ, ବିମ୍ବରାଜ ବାଗ, ଦେବାଶୀଷ ସାଗର, ଦିଗାମ୍ବର ପ୍ରଧାନ, ରାହୁଲ ମହାପାତ୍ର, ଆୟୁଷି ହୋତା, ଗାୟତ୍ରୀ ଆଚାରୀ, ରାଜଲକ୍ଷ୍ମୀ ଆଚାରୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ, ସହରର ବିଭିନ୍ନ ବର୍ଗର ସାହିତ୍ୟିକ ଓ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ସାମିଲ ଥିଲେ। ସଭା ପ୍ରାରମ୍ଭରେ ସ୍ୱାଭାବ କବି ଗଙ୍ଗାଧର ମେହେର ଓ ଇଷ୍ଟଦେବୀ ସମଲେଇଙ୍କ ପ୍ରତିଛବିରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟ କୁଳସଙ୍ଗୀତ ମୁଁ ତ ଅମୃତ ସାଗର ବିନ୍ଦୁ ଗାନ କରାଯାଇଥିଲା।



ଛାତ୍ରୀଛାତ୍ର ଓ ସାହିତ୍ୟିକମାନେ ଆଲୋଚନା ଚକ୍ରରେ ସାମିଲ ହୋଇଛନ୍ତି ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଯାଏ ତେବେ ମୁକ୍ତି ମିଳିଯାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କର୍ମଶାଳା

**ସମ୍ବଲପୁର, ୧୭।୧୧(ବ୍ୟୁରୋ) :** ଭାରତୀୟ ସଂସ୍କୃତିର ସଂରକ୍ଷଣ, ସମ୍ବର୍ଦ୍ଧନା ଓ ଉତ୍ଥାନ ଶୀର୍ଷକ କର୍ମଶାଳା ଶନିବାର ଟାଙ୍ଗରପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷିକା ଦୀପାଲି ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍କୁଲ ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ଭୀଷ୍ମ କୁମାର ମେହେର ସୂଚନା ପ୍ରଦାନ କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ କୁମାର ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ ଓ ଜୀବନାନନ୍ଦ ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଷଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ଛାତ୍ରୀଛାତ୍ର କର୍ମଶାଳାରେ ଭାଗ ନେଇଥିଲେ। ସହପ୍ରଧାନ ଶିକ୍ଷକ ଜ୍ଞାନେନ୍ଦ୍ରୀୟ ଦାଶ ଓ ରୀତିସ୍ମିତା ଦାଶ ପୁରସ୍କାର ବିତରଣୀ କାର୍ଯ୍ୟ ପରିଚାଳନା କରିଥିଲେ ।

# ଭତ୍ତା ରାଶି ବୃଦ୍ଧି, କର୍ମନିଯୁକ୍ତି ପାଇଁ ଦାବିପତ୍ର

**ଦେବଗଡ,୧୭।୧୧(ସ୍ୱ.ପ୍ର.)**

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ ଶାଖା ତରଫରୁ ସାମାଜିକ ସୁରକ୍ଷା ସହ ଭତ୍ତା ରାଶି ବୃଦ୍ଧି ଦାବିରେ ତିଲେଇବଣି ବ୍ଲକ ଟାଇଁସର ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତର ୭ଶହରୁ ଊର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କୁ ୧୫୦୦ ଟଙ୍କାକୁ ଭତ୍ତା ରାଶି ବୃଦ୍ଧି ଓ ବେକାରୀ ଯୁବତୀଯୁବକଙ୍କୁ ସମ୍ବିଧାନର ଅନୁଚ୍ଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ଦାବିରେ ଏକ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା । ଏ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ସଂଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପ ସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ରାମସିଂ ମୁଣ୍ଡା, ସାମାଜିକ କର୍ମୀ ନବୀନ ଶଗଡିଆ, ଅବନୀ ଦେହୁରୀଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।



ଭତ୍ତା ବୃଦ୍ଧି ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

■ ଚୋରି ଲାପ୍‌ଟପ୍ ବିକ୍ରି ଅର୍ଥ ଭାଗବଣ୍ଟାକୁ ନେଇ ମତଭେଦ

# ଚୋର ଗ୍ୟାଙ୍ଗ୍‌ର ୪ଗିରଫ

**ସିଂଘିଯୁବା,୧୭।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ପୋଲିସ ଏକ ଡକାୟତି ଘଟଣାରେ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଲ୍ୟାପଟପ, ୪ମୋବାଇଲ ଓ ବାଇକ ଜବତ ହୋଇଛି। ବିନିକା ଥାନା ପରିସରରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ସୋନପୁର ଏସ୍‌ଡିପିଓ ମହିର ପଣ୍ଡା ଓ ବିନିକା ଥାନା ଆଇଆଇସି କଲ୍ୟାଣୀ ବେହେରା। ୪ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ଗିରଫ ଅନ୍ୟ ଅଭିଯୁକ୍ତ ହେଲେ ବିନିକା ବ୍ଲକ୍ କଲୋନୀ ପଡାର ଦେବାଶିଷ ଖପରଧୁଆ ଓରଫ୍ କଏଁରୁ (୧୯) ସମ୍ବଲପୁର ଜିଲା ଧମା ପଞ୍ଚାୟତ ଅନ୍ତର୍ଗତ ବାଧୁବାହାଲି ଗାଁର ଶଙ୍କର ଦାଶ ଓରଫ୍ ସଞ୍ଜୟ (୨୪) ଓ ସମ୍ବଲପୁର ଜିଲା ଧମା ଥାନା ସାଲେସିଂର ପୀତବାସ ବେହେରା ଓରଫ କେଜେରିଆର (୨୭)। ଏ ନେଇ ବିନିକା ଥାନାରେ ତିନିଟି ପୃଥକ ମାମଲା ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ଦେବାଶିଷଙ୍କ ମା' ସଞ୍ଜୁ ଗତ ୧୪ ତାରିଖରେ ବିନିକା ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅର ବାଇକ ନଂ ଓଡି୩୧ବି-୪୮୩୪ ଘର ବାରଣ୍ଡାରୁ ଚୋରି ହୋଇଛି। ପୋଲିସ ଚୋରି ମାମଲାର ତଦନ୍ତ କରିବା ସମୟରେ ଜଣେ ନାବାଳକ ବାଇକ୍ ଚୋରି କରିଥିବା ଜାଣିବାକୁ ପାଇଥିଲା। ତଦନ୍ତ ସମୟରେ ଜଣା ପଡିଥିଲା ଯେ ମତଭେଦ କାରଣରୁ ନାବାଳକ ବାଇକ୍ ଚୋରି କରିଛି। ନାବାଳକଙ୍କ ସମେତ ୪ ଅଭିଯୁକ୍ତ ବିନିକା, ସୋନପୁର ଓ ବରପାଲି ଅଞ୍ଚଳରୁ ଲାପଟପ୍ ଓ ମୋବାଇଲ ଫୋନ ଚୋରି କରୁଥିଲେ।

# ୧୨୭ହିତାଧିକାରୀଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ଦେବଗଡ,୧୭।୧୧(ସ୍ୱ.ପ୍ର.)**

ଦେବଗଡ ପୌର ପରିଷଦ ଏବଂ ଜିଲା ସହରାଞ୍ଚଳ ବାସଗୃହ ସମିତି ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତୃତୀୟ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାସଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ପ୍ରୋତ୍ସାହନ ରାଶି ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷା ଅନୀତା ପାତ୍ର ଯୋଗଦେଇ ହିତାଧିକାରୀମାନେ ବାସଗୃହ ନିର୍ମାଣରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ପୌରପରିଷଦର ଦୃଷ୍ଟିକୁ ଆଣିବାକୁ କହିଥିଲେ । ପୌରପରିଷଦ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେବା ସଙ୍ଗେ ସଙ୍ଗେ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ସମାରୋହରେ ଅନ୍ୟତମ ଅତିଥି ଭାବେ ଏମପି ପ୍ରତିନିଧି ଇଂ. ସୁଜିତ କୁମାର ପ୍ରଧାନ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ସମାରୋହରେ କାଉନସିଲର ଅହିଂସା ନାୟକ, ଯାତ୍ରା ବେହେରା, ମିନାକ୍ଷୀ ମିଶ୍ର, ସବିତା ନାଏକ, ମାନସ କୁମାର ପ୍ରଧାନ, ପ୍ରିୟମ୍ବଦା ପ୍ରଧାନ, କୁଳଚନ୍ଦ୍ରମା ହସ୍ତୀ ଏବଂ ମନୋଜ ମଞ୍ଜରୀ ସେଠୀ ନିଜ ନିଜ ୱାର୍ଡର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସୂଚନାଥାଉକି, ତୃତୀୟ ପର୍ଯ୍ୟାୟରେ ପୌରାଞ୍ଚଳର ୧୨୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ପୂର୍ବରୁ ୨ଟି ପର୍ଯ୍ୟାୟରେ ୩୯୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେଥିମଧ୍ୟରୁ ୨୯୯ଜଣ ହିତାଧିକାରୀ ସେମାନଙ୍କର ବାସଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ୬୩ ହିତାଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାସଗୃହ ସମ୍ପୂର୍ଣ୍ଣ କରି ପ୍ରୋତ୍ସାହନ ରାଶି ପାଇପାରିଛନ୍ତି। ଶେଷରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ସୁଦୀପ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ସମାରୋହରେ ମଞ୍ଚାସୀନ ଅତିଥି।

### ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଜବତ, ଜଣେ ଗିରଫ

**ବଲାଙ୍ଗୀର ଅଫିସ, ୧୭।୧୧**

ବଲାଙ୍ଗୀର ଡିଏଫଓ ସମୀର କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ରେଞ୍ଜ ଅଫିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଶନିବାର ବଜରଙ୍ଗନଗର (ବିହାରୀପଡା)ର ରାଜୁ ଶର୍ମା (୩୨) ନାମକ ଜଣେ ବ୍ୟକ୍ତିଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ୍ କାଠ ଓ ପଟା ଜବତ୍ ହୋଇଛି। ବେଆଇନ୍ କାଠ କାରବାରରେ ରାଜୁ ଶର୍ମାଙ୍କୁ ବନବିଭାଗ ସ୍କ୍ୱାର୍ଡ ଗିରଫ କରିଛି । ସହର ଭିତରେ ସୁରୁଖୁରୁରେ ବେଆଇନ୍ କାଠ କାରବାର କରୁଥିବା ରାଜୁ ଶର୍ମାଙ୍କ ଘରେ ଶନିବାର ସକାଳେ ଅତିର୍କିତ ଚଢ଼ାଉ କରାଯାଇଥିଲା। ସେଠାରୁ ପ୍ରାୟ ୧୫୦ ସିଏଫ୍‌ଟି କାଠ ଜବତ କରାଯାଇଥିଲା । ଜବତ୍ କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି । ଜବତ୍ କାଠରେ ଶାଳ, ଶାଗୁଆନ, ବିଜା କାଠ ସହ କାଠ କଟା ମେଶିନ୍ ଜବତ କରାଯାଇଥିଲା।

■ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗରେ ମୁହଁ ଖୋଲିଲେ ଗଜପତି

# ଓଡ଼ିଆ ଜାତି ମହାପ୍ରଭୁଙ୍କଠାରୁ ଦୂରେଇଯାଉଛି

**ପୁରୀ ଅଫିସ,୧୭।୧୧**

ବ୍ରହ୍ମ ବିଭ୍ରାଟର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବା ପରେ ଆରମ୍ଭ ହୋଇଯାଇଛି ଆରୋପ ପ୍ରତ୍ୟାରୋପ। ଏହି ପ୍ରସଙ୍ଗରେ କିଛିଦିନର ନୀରବତା ପରେ ଶନିବାର ମୁହଁ ଖୋଲିଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ। ବର୍ତ୍ତମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଯେଉଁଭଳି ବୟାନବାଜି ଚାଲିଛି ତାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଗଜପତି କହିଛନ୍ତି, ଓଡ଼ିଆ ଜାତି ମହାପ୍ରଭୁଙ୍କଠାରୁ ଦୂରେଇଯାଉଛି। ଆଧ୍ୟାତ୍ମିକ ଚେତନାର ଅଭାବ ସବୁ ବିଭ୍ରାଟର ମୂଳ କାରଣ। ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ରହିଲେ କିଛି ବି ବିଭ୍ରାଟ ହେବନି। ଶ୍ରୀମନ୍ଦିରରେ କ'ଣ, କେଉଁଠାରେ କିଛି ବି ବିଭ୍ରାଟ ହେବନି ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଗଜପତି ମାପିଚୁପି ତାଙ୍କ ମତ ରଖିଛନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିରର ନୀତି ପ୍ରଶାସକ ଶନିବାର ଗଣମାଧ୍ୟମ ସମ୍ମୁଖରେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଗଣମାଧ୍ୟମରେ ଦାରୁଙ୍କୁ ନେଇ ଯେଉଁ ବୟାନବାଜି ଚାଲିଛି ତାହା ଅଶୋଭନୀୟ ଓ ଅପ୍ରାସଙ୍ଗିକ। ଯେଉଁମାନେ ଏଭଳି ବୟାନବାଜି କରୁଛନ୍ତି ସେମାନେ ନିଜ ଗୋଡ଼ରେ କୁରାଢ଼ି ମାରୁଛନ୍ତି। ଦାରୁ ଏବେ ଦେବତା ହୋଇଗଲେଣି। ତେଣୁ ଏଭଳି କହିବା ଆଦୌ ଶୁଭଙ୍କର ନୁହେଁ। ଯିଏ ଏବେ ଅଭିଯୋଗ କରୁଛନ୍ତି ଘଟଣା ସମୟରେ ଚୁପ୍ ରହିଥିଲେ କାହିଁକି? ସେମାନେ ଯେଉଁ ଅଭିଯୋଗ କରୁଛନ୍ତି ତାହାର କୌଣସି ଭିତ୍ତି ନାହିଁ। ଠାକୁର ବ୍ରହ୍ମମୟ ହେବା ପରେ ଏଭଳି କହିବା ଅନୁଚିତ। ଜଗନ୍ନାଥ ହେଉଛନ୍ତି ପ୍ରାଣ ଏବଂ ସମଗ୍ର ଓଡ଼ିଆ ଜାତିର ଆସ୍ଥା। ମହାପ୍ରଭୁଙ୍କ ସମ୍ପର୍କରେ ଏଭଳି କହିବା ଉଚିତ ହେଉନାହିଁ। ବ୍ରହ୍ମ ବିଭ୍ରାଟ ଘଟଣାରେ ନୋଟିସ ପାଇବା ପୂର୍ବରୁ ଏଭଳି କହିବା ନିଶ୍ଚିତ ରୂପେ ଅଶୋଭନୀୟ। ନୋଟିସ ପ୍ରସଙ୍ଗରେ ସେ କହିଥିଲେ ଯେ, ତଦନ୍ତ ରିପୋର୍ଟକୁ ଆଧାରକରି ମୁଖ୍ୟ ପ୍ରଶାସକ ନୋଟିସ କରିଛନ୍ତି। ଏ ପ୍ରସଙ୍ଗରେ ଅଧିକ କିଛି କହିହେବ ନାହିଁ।

ସୂଚନାଥାଉକି, ବ୍ରହ୍ମ ବିଭ୍ରାଟ ନୋଟିସ ପାଇବା ପୂର୍ବରୁ ସୁଭଦ୍ରାଙ୍କ ବାଡ଼ର ମୁଖ୍ୟ ମହାରଣା କୃଷ୍ଣଚନ୍ଦ୍ର ମହାରଣା ଦାରୁ ଚୟନ ଏବଂ ମାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ସବୁ ବିଭ୍ରାଟ ମୂଳରେ ଦଇତାଙ୍କ ହାତ ବୋଲି କହିଥିଲେ। ତାଙ୍କର ଏହି ପୁରୁଣା ମନ୍ତବ୍ୟକୁ ସେ ଦୋହରାଇବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ଆରୋପ ପ୍ରତ୍ୟାରୋପ। ଶାସକ ଏବଂ ବିରୋଧୀ ଏହାକୁ ରାଜନୈତିକ ଅସ୍ତ୍ର କରିଛନ୍ତି।

## ରେଙ୍ଗାଲବେଡ଼ା ସେବାଧାମରେ ଗୋ ସମ୍ବର୍ଦ୍ଧନା ଉତ୍ସବ

**ରିଆମାଳ, ୧୭।୧୧ (ଡି.ଏନ.ଏ.)**

ରିଆମାଳ ବ୍ଲକ ରେଙ୍ଗାଲବେଡ଼ା ସେବାଧାମଠାରେ ଗୋସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେବାଧାମର ସମ୍ପାଦକ ଇଂ. ନେତ୍ରାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଗୋ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ପ୍ରକାଶ କୁମାର ଆଚାର୍ଯ୍ୟ, ଶୁଶିଲ କୁମାର ମହନ୍ତ ଯଜ୍ଞର କର୍ତ୍ତା ହୋଇ ଗୋଚାଷୀଙ୍କ ମଙ୍ଗଳ କାମନା ପାଇଁ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। କଂସର ତେରଣ୍ଡାକଟା ଆନନ୍ଦ ଆଶ୍ରମର ବ୍ରହ୍ମଚାରୀ ମୋହନ ଚୈତନ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱାମୀ ଧନଞ୍ଜୟ ପୁରିଜୀ ମହାରାଜ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରମଣୀକାନ୍ତ ଦାଶ, ପୁରୁଷୋତ୍ତମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଶାଖା ଗ୍ରାମ ବିକାଶ ପ୍ରମୁଖ ପ୍ରମୋଦ ନାରାୟଣ ନାଏକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆମ୍ବଘାଟ ଆଶ୍ରମର ସର୍ବେଶ୍ୱର ଚୈତନ୍ୟଜୀ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଉତ୍ସବରେ ରେଙ୍ଗାଲବେଡ଼ା, କେନ୍ଦୁଘାଟ, ଟାବଡ଼ା ଆଦି ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

**ରିଆମାଳ,୧୭।୧୧(ଡି.ଏନ.ଏ.)**

ରିଆମାଳ ବ୍ଲକ ଅଧୀନ ତୁଳସୀତଇଲାଠାରେ ୬୭ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀମାନେ ଗୋ ପାଳନ କରି ଆର୍ଥିକ ସ୍ଥିତି ସୁଦୃଢ଼ କରିପାରିବେ ବୋଲି ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବିନାରାୟଣ ବେହେରା ସଭାପତିତ୍ୱ କରି ଗୋପାଳକମାନଙ୍କୁ ଉତ୍ସାହିତ କରିବା ସହିତ ଗୋପାଳନ ଉପରେ ପ୍ରକାଶ କରିଥିଲେ। ଟିଙ୍କବର ସରପଞ୍ଚ ସସ୍ମିତା ସାହୁ, କୋଲବସା ସରପଞ୍ଚ ରଣଜିତ କିଷାନ, କୋଲବସା ସମିତିସଭ୍ୟ କୁମୁଦ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ସମୀର କୁମାର ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିବାବେଳେ ରିଆମାଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ସପ୍ନେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଗୋପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚାଷୀ ଅନ୍ତର୍ଯାମୀ ବେହେରା, ଗଦାଧର ପ୍ରଧାନ, କ୍ଷୀରସିନ୍ଧୁ ପ୍ରଧାନ, ବାବୁଲାଲ ପ୍ରଧାନ, ବନମାଳି ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନଙ୍କୁ ଜିଲା ପ୍ରାଣୀ ବିଭାଗ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିନୋଦ ବିହାରୀ ରଥ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଉତ୍ସବରେ ଡା. ପ୍ରଭାତୀ ବେହେରା, ପରିସଂଖ୍ୟାନ ଅଧିକାରୀ ତୀର୍ଥବାସୀ ଦେହୁରୀ, କମ୍ପ୍ୟୁଟର ଅଫିସର ସ୍ମିତାରାଣୀ ନାୟକ, ସମ୍ପଦ ପଦବୈଷୟିକ ଅଧିକାରୀ କୁବେର ପ୍ରଧାନ, ସହକାରୀ ତୃଣ ଉନ୍ନୟନ ଅଧିକାରୀ ସଞ୍ଜୟ ନେଗୀ, ପ୍ରାଣୀଧନ ନିରୀକ୍ଷକ ତରୁଣ କୁମାର ନାୟକ, ନିରଞ୍ଜନ ସ୍ୱାଇଁ, ସତ୍ୟବତୀ ପ୍ରଧାନଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଏଥିରେ ୪ଶହରୁ ଊର୍ଦ୍ଧ୍ୱ ଗୋଚାଷୀ ଯୋଗ ଦେଇଥିଲେ।



ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ସଂକଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମ

**ଦେବଗଡ,୧୭।୧୧(ସ୍ୱ.ପ୍ର)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଦେବଗଡ ତରଫରୁ ତିଲେଇବଣି ବ୍ଲକ ତାଲୁଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଂକଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି । ଯୁବକେନ୍ଦ୍ରର ଜିଲା ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣବାସୀ ନାଏକ, ସିନ୍ଦୁରାପାଟ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରହ୍ଲାଦ ସାହୁ, ଜନଶିକ୍ଷା ସଂସ୍ଥାନର ନିର୍ଦ୍ଦେଶକ ମାନସ ରଞ୍ଜନ ଦାଶ, ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନର ପ୍ରଶିକ୍ଷକ ଚନ୍ଦ୍ରଶେଖର ପ୍ରଧାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସଡିଆରର ସମ୍ପାଦିକା ରୀତାରାଣୀ ରାଉତ, ଓଡିଶା ଜୀବିକା ମିଶନର ସବିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଯୁବତୀଯୁବକ ମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ, ସ୍ୱଚ୍ଛ ଭାରତ ମିଶନ ସଫଳତା ଏବଂ ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖଥିଲେ । ଉକ୍ତ କର୍ମଶାଳାରେ ୯୦ଜଣ ଯୁବତୀଯୁବକ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଚନ୍ଦ୍ରକାନ୍ତୀ ଭୋଇ, ପ୍ରିୟଙ୍କା ପାତ୍ର, ନିରୁପ ଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଭୁବନେଶ୍ୱର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ ।



ସଙ୍କଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

■ ନିର୍ବାଚନ ପାଇଁ ପ୍ରାକ୍ ପ୍ରସ୍ତୁତି

# ଜିଲା କଂଗ୍ରେସରେ ବ୍ୟାପକ ଅଦଳବଦଳ

**ଦେବଗଡ,୧୭।୧୧(ସ୍ୱ.ପ୍ର.)**

ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦେବଗଡ ଜିଲା କଂଗ୍ରେସ ସଂଗଠନରେ ବ୍ୟାପକ ଅଦଳ ବଦଳ କରିଛନ୍ତି। ଜିଲା ପରିଷଦ ତିଳେଇବଣି ଜୋନ-୧ ପାଇଁ ଗଣେଷ ପ୍ରଧାନ, ଜୋନ-୨ ପାଇଁ ରମେଶ ପ୍ରଧା. ମିତ୍ରଭାନୁ ସ୍ୱାଇଁ ରିଆମାଳ ଜୋନ-୧, ପ୍ରସନ୍ନ ପ୍ରଧାନଙ୍କ ଜୋନ-୨ ପାଇଁ ସଭାପତି ପଦବୀ ମିଳିଛି । ସେହିପରି ବାରକୋଟ ଜୋନ-୧ ରେ କ୍ଷେତ୍ରକୁମାର ପ୍ରଧାନ, ଜୋନ୍-୨ ପାଇଁ ଗଣନାଥ ମହାପାତ୍ର ଓ ଜୋନ-୩ ପାଇଁ କୈବଲ୍ୟ ସାହୁଙ୍କ ସଭାପତି କରାଯାଇଛି । ଜିଲା କମିଟି ଉପାଧ୍ୟକ୍ଷ ଭାବେ ସଚ୍ଚିଦାନନ୍ଦ ପଟ୍ଟନାୟକ, ହେମନ୍ତ ସାହୁ ଓ ପ୍ରକାଶ ଦେବତାଙ୍କୁ ମିଳିଥିବା ବେଳେ ରଞ୍ଜନ ସାହୁ କୋଷାଧ୍ୟକ୍ଷ, ଅନୁଜ ପ୍ରଧାନଙ୍କୁ ଟାଉନ ସଭାପତି କରାଯାଇଛି । ସେହିପରି ବିନୋଦ ବିହାରୀ ନାୟକ, କ୍ଷୀତିଶ୍ ଚନ୍ଦ୍ର ପ୍ରଧାନ, ପ୍ରକାଶ ପାଳ, ଜୟନାରାୟଣ ସାହୁ, ବିକାଶ ରଞ୍ଜନ ଖଡିରତ୍ନ, ଦିଲୀପ ବିଶ୍ୱାଳ, ଚନ୍ଦ୍ରଶେଖର ପ୍ରଧାନ, ବିଜୟ ସାହୁ ସାଧାରଣ ସମ୍ପାଦକ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ପ୍ରବୀର ଶତପଥୀ, ଦୀପକ ସାହୁ, ରୋହିତ ଭୁକ୍ତା, ବସନ୍ତ କବି, ଟିକେଶ୍ୱର ପ୍ରଧାନ, ସୁରଜ ନାଏକ, ରାଧାମାଧବ ମିଶ୍ର, ପ୍ରମୋଦ ବାରିକ, ସପ୍ତେଶ୍ୱର ସାହୁ, ଜ୍ଞାନେନ୍ଦ୍ର ପ୍ରଧାନ ଓ ସୁରେନ୍ଦ୍ର ସାହୁଙ୍କୁ ଦାୟିତ୍ୱ ମିଳିଛି । ଅନ୍ୟପକ୍ଷରେ ଶେଷଦେବ ପ୍ରଧାନ, ଗନଶ୍ୟାମ ସାହୁ, ସୁନୀଲ ବାର୍ଲା, ଭାଗ୍ୟ ପ୍ରଧାନ, ଅଚ୍ୟୁତାନନ୍ଦ ପ୍ରଧାନ, ବିରେନ୍ ଦେବ, ପ୍ରଦୀପ ଲାକ୍ରା, ଯାଜ୍ଞସେନୀ ନାଏକ, ଯୁଗଳକିଶୋର ନାଏକ, କମଳ ଲୋଚନ କାଲୋ, ପ୍ରଦୀପ ବେହେରା, ରାକେଶ ବେହେରା, ଦୀନବନ୍ଧୁ ପ୍ରଧାନ, ପାଣ୍ଡବ ନାଏକ ଓ ଅବନୀକାନ୍ତ ସାହୁ ପ୍ରମୁଖଙ୍କ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ତାପସ ମହାପାତ୍ର, ମନୋଜ କୁମାର ପାଢୀ, ଲଳିତା ସାହୁ, ପ୍ରମୋଦ ମିଶ୍ର, ବସନ୍ତ ମିଶ୍ର, ଲକ୍ଷ୍ମଣ ଗୁରୁ, କୁଂଜବିହାରୀ ଗଡନାୟକ, ସୁବାଷ ଭୋଇ, ଜୟକୃଷ୍ଣ ଦେବତା, ବିଜୟ ପ୍ରଧାନ, ଭୋଳେଶ୍ୱର ସାହୁ, କୁଳମଣୀ ମହାକୁଳ, ପଂଚାନନ ଭୁକ୍ତା, ଡିଲେଶ୍ୱର ସାହୁ, ମଦନ ଗଡନାୟକ ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନୀତ ହୋଇଛନ୍ତି। ସେହିପରି ଜିଲା କଂଗ୍ରେସର ପରାମର୍ଶଦାତା ଭାବେ ସୌମରେନ୍ଦ୍ର ଜିତ, ଇନ୍ଦୁକାନ୍ତ ପ୍ରଧାନ, ସେମ ହେମ୍ବ୍ରମ, ନେତ୍ରାନନ୍ଦ ସାମଲ, ପ୍ରଫୁଲ୍ଲ ପାତ୍ର, କ୍ଷୀରୋଦଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପବିତ୍ର ମୋହନ ପ୍ରଧାନ, ସରୋଜଚନ୍ଦ୍ର ଦାଶ, ରସାନନ୍ଦ ବିଶ୍ୱାଳ, ତୀର୍ଥବାସୀ ଗଡନାୟକ, ବିଲକାନୀ ହେଣେଜ, ଦଣ୍ଡବିହାରୀ ପ୍ରଧାନ, ଶିବଚରଣ ସାହୁ, ବୀରକିଶୋର ଦେହୁରୀ, ରାମଜୀ ପ୍ରସାଦ ଗୁପ୍ତା, ଗୌରଚନ୍ଦ୍ର ପ୍ରଧାନ, ପର୍ଶୁରାମ ବେହେରା, ଇଶ୍ୱରଚନ୍ଦ୍ର ଦ୍ୱିବେଦୀ ଓ ଇଶ୍ୱରଚନ୍ଦ୍ର ମିଶ୍ର ପ୍ରମୁଖଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ସଂକ୍ଷେପରେ

### ଭୋଜପୁର କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜମନକିରା,୧୭।୧୧(ଡି.ଏନ୍.ଏ) ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର କଲେଜର ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷ କୁମରମଣୀ ପଟେଲ ଅଧକ୍ଷତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଅଧାପକ ପ୍ରତାପ କୁମାର ମହାକୁଳ ଅଧକ୍ଷତା କରିଥିଲେ। ଉଭୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ପ୍ରାଣୀଧନ ଅଧିକାରୀ ଡା: ରାଜେଶ କୁମାର ନାଏକ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ବାଳକ ବର୍ଗରେ ତୋଳାମଣୀ ପଧାନ ବିଜେତା ଘୋଷିତ ହୋଇଥିବା ବେଳେ ବାଳିକା ବର୍ଗରେ ସଙ୍ଗୀତା ଏକ୍କା ବିଜେତା ହୋଇଥିଲେ। କ୍ରୀଡ଼ା କମିଟିର ସଭାପତି ଜନ୍ମେଜୟ କୁମୁରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ପରିଚାଳନା କଲେଜ ପିଇଟି ଦେବେନ୍ଦ୍ର ପଧାନ କରିଥିଲେ। ଖେଳ ସମୟରେ କଲେଜର ବରିଷ୍ଠ ଅଧାପିକା ସୁବାଷିନୀ ସତପଥୀ, ଅନିତା ପଟେଲ ଓ ଆଲିଶାରାଣୀ ପଲେଇ ସହଯୋଗ କରିଥିଲେ। ବରିଷ୍ଠ ଅଧାପକ ଓ କର୍ମଚାରୀ ଗଣେଷ ପଟେଲ, ରାଜିବ ନାଏକ, ମୁଜମ ମହମ୍ମଦ ପ୍ରମୁଖ ସହଯୋଗ କରିଥିଲେ। ଖେଳ ଅଧାପକ ଘାସିରାମ ବାରିକ ଧନ୍ୟବାଦ ଦେଇଥିଲେ।

ଲଜପତ ରାୟ ଆଇନ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ପ୍ଲାଷ୍ଟିକ ପରିବେଶ ପ୍ରଦୂଷଣର କାରଣ





ଶନିବାର ସମ୍ବଲପୁର ଆଇନ କଲେଜ ସମ୍ମିଳନୀ କକ୍ଷରେ ମହାନଗର ନିଗମ ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। ଆୟୋଜିତ ପ୍ଲାଷ୍ଟିକ ପରିବେଶ ପ୍ରଦୂର୍ଷଣ କାରଣ ଆଲୋଚନା ଚକ୍ରରେ ଛାତ୍ରୀଛାତ୍ର ।

ସମ୍ବଲପୁର,୧୭।୧୧(ବ୍ୟୁରୋ)

ପ୍ଲାଷ୍ଟିକ ପରିବେଶ ପ୍ରଦୂଷଣର କାରଣ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଲଜପତ ରାୟ ଆଇନ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ବିଜୟାନନ୍ଦ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ଗିରିଜା ଶଙ୍କର ଶର୍ମା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଭାଗ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ, ସମ୍ବଲପୁର ମହାନଗର ନିଗମ ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ଅଟେ। ଏହାଦ୍ୱାରା ସ୍ୱାସ୍ଥ୍ୟ ହାନୀ ହେବା ସହ ଜଳ ସଂରକ୍ଷଣରେ ଅସୁବିଧା ଉପୁଜୁଛି। ସମ୍ପ୍ରତି ରାଜ୍ୟ ଓ ଦେଶରେ ଜନସାଧାରଣ ବହୁଳ ମାତ୍ରାରେ ପ୍ଲାଷ୍ଟିକ ବ୍ୟବହାର କରୁଛନ୍ତି। ଯଦ୍ୱାରା ପୃଥିବୀପୃଷ୍ଠରେ ପ୍ଲାଷ୍ଟିକର ଆବରଣ ଆଚ୍ଛାଦିତ ହୋଇଛି। ଏଣୁ ପ୍ରତ୍ୟେକ ସ୍ତରରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାର ସମୟ ଆସିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଡ. ବିକ୍ରମ କୁମାର ଦାଶ ଅତିଥି ପରିଚୟ ପ୍ରଦାନ, ଡ. ଲକ୍ଷ୍ମୀକାନ୍ତ ଦାଶ ସୂଚନା ପ୍ରଦାନ ଓ ଅଧାପକ ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିବିଏଏଲଏଲବି ଶେଷ ବର୍ଷ ଛାତ୍ରୀଛାତ୍ରମାନେ କଲେଜକୁ ସମ୍ବଲପୁରୀ ପାଟବସ୍ତ୍ରରେ ନିର୍ମିତ ସମଲେଇଙ୍କ ପ୍ରତିଛବି ପ୍ରଦାନ କରିଥିଲେ। ଆଲୋଚନାଚକ୍ର ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀ ଲାଲଲଜପତ ରାୟଙ୍କ ୯୦ତମ ବଳୀଦାନ ଦିବସ ପାଳିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ଲଜପତ ରାୟ ଦେଶର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସାମାଜିକ ନ୍ୟାୟ, ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ସମାନତା ବିଷୟରେ ସ୍ୱପ୍ନ ଦେଖିଥିଲେ। ଏହା ଦ୍ୱାରା ସମାଜରେ ଧନୀ ଓ ଗରିବଙ୍କ ମଧ୍ୟରେ ରହିଥିବା ଦୂରତ୍ୱ ହ୍ରାସ ପାଇବ। ଏଣୁ ତାଙ୍କ ବିଚାରଧାରା ଓ ଆଦର୍ଶରେ ଛାତ୍ରୀଛାତ୍ରମାନେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ରଘୁନାଥ ମିଶ୍ର ଓ ମଳୟ ଦେ ସମ୍ମାନିତ ଅତିଥି ଥିଲେ।




## ନିୟନ୍ତ୍ରକ ସଞ୍ଚାର ଲେଖା ଶାଖା ଅଫିସ ଉଦ୍‌ଘାଟିତ

ସମ୍ବଲପୁର,୧୭।୧୧(ବ୍ୟୁରୋ)

ଭାରତ ସରକାରଙ୍କ ଦୂର ସଞ୍ଚାର ମନ୍ତ୍ରଣାଳୟର ନିୟନ୍ତ୍ରକ ସଞ୍ଚାର ଲେଖା ଶାଖା ଅଫିସ ଶନିବାର ସମ୍ବଲପୁର ବିଏସଏନଏଲ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି । ବିଭାଗୀୟ ନିୟନ୍ତ୍ରକ ଡେକୁ ତୁରୱାର, ସମ୍ବଲପୁର ଜିଏମଟିଡି ବଲବୀର ସିଂ, ରାଉରକେଲା ଜିଏମଟିଡି ଗୁରୁଦାସ ମେହେର, ବଲାଙ୍ଗୀର ଟିଡିଏମ ବିଏନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଫିସ ଉଦ୍‌ଘାଟନ କରିଥିଲେ। ଯୁଗ୍ମ ନିୟନ୍ତ୍ରକ ପିକେ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଡେପୁଟି ନିୟନ୍ତ୍ରକ ଏକେ ରାୟ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ବିତ୍ତ ଅଧିକାରୀ ବସନ୍ତ କୁମାର ପଣ୍ଡା ଓ ବରିଷ୍ଠ ବିତ୍ତ ଅଧିକାରୀ ଧନେଶ୍ୱର ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ଷେତ୍ରୁ ଭୋଇ, ଲକ୍ଷ୍ମଣ କୁମାର ମେହେର, ଜେକେ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ନିୟନ୍ତ୍ରକ ସଞ୍ଚାର ଲେଖା ଶାଖା ଅଫିସ ପଶ୍ଚିମ ଓଡ଼ିଶାର ୯ଟି ରାଜ୍ୟସ୍ୱ ଜିଲା ଏବଂ ସମ୍ବଲପୁର, ରାଉରକେଲା, ଭବାନୀପାଟଣା ଓ ବଲାଙ୍ଗୀର ଟେଲିକମ୍ ଜିଲା ମଧ୍ୟ ଏହି ଅଧିନରେ ରହିଛି।

ପରିତ୍ୟକ୍ତ ସ୍ଥାନରେ ପଡ଼ିରହିଛି ଖାଲି ଡ୍ରମ

# କିରୋସିନ, ଡିଜେଲ ଚୋରାଚାଲାଣ ସନ୍ଦେହ

ସମ୍ବଲପୁର,୧୭।୧୧(ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ ଯୁଯୁମୁରା ଥାନା ଭୀମଖୋଜ ନିକଟ ରାସ୍ତାକଡ଼ ପରିତ୍ୟକ୍ତ ସ୍ଥାନରେ ଖାଲି ଡ୍ରମ ସବୁ ପଡ଼ି ରହିଛି। ରାସ୍ତା ଆଖପାଖ ଦୁଇଟି ସ୍ଥାନରେ ପଡ଼ି ରହିଥିବା ପ୍ରାୟ ୧୨ ରୁ ଅଧିକ କମ୍ପାନୀର ଖାଲି ଡ୍ରମଗୁଡ଼ିକ ହଳଦିଆ, ଲାଲ୍ ଓ ନୀଳ ରଙ୍ଗର। ସେଗୁଡ଼ିକରୁ କିରୋସିନ ଓ ଡିଜେଲ ଗନ୍ଧ ହେଉଥିବାରୁ ଚୋରା କାରବାର ହେଉଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକଙ୍କ ଅଭଯୋଗ ଅନୁଯାୟୀ, ଗରିବ ଲୋକଙ୍କ ପାଇଁ ପିଡିଏସରେ ଆସୁଥିବା କିରୋସିନି ତେଲ କଳା ବଜାର ହେଉଛି। ଏହି ଘଟଣାରେ ସହରର କେତେକ ବ୍ୟବସାୟୀଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କ ଇଙ୍ଗିତରେ ଗ୍ରାମାଞ୍ଚଳରେ ଚୋରା ଚାଲାଣ କରାଯାଉଛି। ଏପରି କି କିରୋସିନି ଖୋଲା ବଜାରରେ ମିଳି ନଥାଏ। ଏହା ପିଡିଏସ ଯୋଜନାରେ ହିତାଧିକାରୀଙ୍କୁ ଦିଆଯାଇଥାଏ। ହେଲେ ଏହି ସ୍ଥାନରେ ଲିଟର ଲିଟର କିରୋସନି କେଉଁଭଳି ଭାବେ ତଳେ ପଡ଼ି ରହଛି ଓ ଦୁର୍ଗନ୍ଧ ବାହାରୁଛି କାରଣ ଅସ୍ୱଷ୍ଟ ରହିଛି। ଏଥିରୁ ସ୍ୱଷ୍ଟ ହେଉଛି ଯେ ଏହି ଚୋରା ଚାଲାଣରେ ଯୋଗାଣ ବିଭାଗ ଓ ସ୍ଥାନୀୟ ଅଞ୍ଚଳର ଡିଲର କିମ୍ବା ପଞ୍ଚାୟତ କାର୍ଯ୍ୟାଳୟର ସମ୍ପୃକ୍ତି ରହୁଛି। ଘଟଣାସ୍ଥଳରୁ ଡିଜେଲ ଗନ୍ଧ ବାହାରୁଛି। ଏଠାରେ ଡିଜେଲରେ କିରୋସିନି ମିଶ୍ରଣ କରି ବିକ୍ରି ହେଉଥିବା କେତେକ ଅଭିଯୋଗ କରିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ପୀତାମ୍ବର ଆଚାର୍ଯ୍ୟଙ୍କୁ ପଚାରିବାରେ ଘଟଣା ଉପରେ ତଦନ୍ତ କରାଯିବ। କିଭଳି ଭାବେ ସେଠାରେ ଖାଲି ଡ୍ରମଗୁଡ଼ିକ ପଡ଼ିଛି ଯାଞ୍ଚ୍ ହେବ ବୋଲି କହିଥିଲେ।



ସମ୍ବଲପୁର ଜିଲା ଯୁଯୁମୁରା ନିକଟ ପରିତ୍ୟକ୍ତ ସ୍ଥାନରେ ପଡ଼ିଥିବା ଖାଲି ଡ୍ରମ।

# ମାଓପ୍ରବଣ ସରଡ଼ା ଉନ୍ନୀତ ହାଇସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା



ମଶାଲ୍ ଜଳାଇ କ୍ରୀଡ଼ାକୁ ଉଦ୍‌ଘାଟନ କରୁଛନ୍ତି ଅତିଥି।

ଜମନକିରା,୧୭।୧୧(ଡି.ଏନ୍.ଏ):

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମାଓପ୍ରବଣ ତଥା ଉଷାକୋଠୀ ଅଭୟାରଣ୍ୟ ମଧ୍ୟରେ ଅବସ୍ଥାପିତ ସରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷକ ସାରଦାପ୍ରସନ୍ନ ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ଲକ୍ଷ୍ମଣ ବେହେରା ଯୋଗଦେଇ ମଶାଲ୍ ଜଳାଇ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ ପଧାନ, ପୂର୍ବତନ ସରପଞ୍ଚ ନରୋତ୍ତମ ବାଘ, ଲିଙ୍ଗରାଜ ବାଘ ଓ ଦସରୁ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଆଦିପ୍ରସାଦ ମହାକୁଳ ଯୋଗ ଦେଇଥିଲେ। ସରପଞ୍ଚ ଉମାକାନ୍ତ ପଧାନ, ପରିଚାଳନା କମିଟି ସଭାନେତ୍ରୀ ଦେବକୀ ବାଘ, ଲିଙ୍ଗରାଜ ବାଘ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ପିଇଟି ରମାକାନ୍ତ ଅଦାବର ପରିଚାଳନା କରିଥିଲେ। କ୍ଷମାନିଧି ସାହୁ, ଜଗଦା ପଧାନ, ପଙ୍କଜ ପଧାନ, ସୁଷାନ୍ତ ବେହେରା, ସୁଚିତା ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଅସିତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ସୁରଭି- ୨୦୧୮

- ପ୍ରବନ୍ଧରେ ସୁଜଳ ତିୱାରୀ ତୃତୀୟ
- ଓଏଚପିସି ମିଇ ସ୍କୁଲରେ ସମ୍ବର୍ଦ୍ଧନା ସଭା

ବୁର୍ଲା,୧୭।୧୧(ଡି.ଏନ.ଏ)

ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି-୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଚିପିଲିମା ଓଏଚପିସି ମିଇ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ସୁଜଳ ତିୱାରୀ ପ୍ରବନ୍ଧ ପ୍ରତିଯୋଗିତାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ଗୌରବ ଅର୍ଜନ କରିଛନ୍ତି। ଏହି ପରିପେକ୍ଷୀରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଫୁଲତୋଡ଼ା ଦେଇ ସୁଜଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ହରେରାମ ସାହୁ ଧନ୍ୟବାଦ ଦେଇଥିଲେ।



ସୁଜଳ ତିୱାରିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଏନଏସସିବି କଲେଜରେ କବିତା କର୍ମଶାଳା

ସମ୍ବଲପୁର,୧୭।୧୧(ବ୍ୟୁରୋ)

ନେତାଜୀ ସୁବାଷ ଚନ୍ଦ୍ର ବୋଷ (ଏନଏସସିବି) କଲେଜରେ କବିତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିଶଙ୍କର ସାହୁଙ୍କ ଅଧକ୍ଷତାରେ ସଭା ହୋଇଥିଲା। କବି ତଥା ସମାଲୋଚକ ପ୍ରଫେସର ପଞ୍ଚାନନ ମିଶ୍ର ଯୋଗ ଦେଇଥିଲେ। କବିତା ଲେଖିବା ବ୍ୟକ୍ତିର ବିଶେଷ ଗୁଣ ଅଟେ। କବି ହେବା ଏକ ଭିନ୍ନ ଅନୁଭବ ରହିଛି। ଓଡ଼ିଆ ଓ ଇଂରାଜୀ ଭାଷାଗୁଡ଼ିକର ସାହିତ୍ୟକୃତୀକୁ ଅଧ୍ୟୟନ କରି ସୃଜନଶୀଳ ଲେଖା ଜାରି ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଏନଏସସିବି କଲେଜ ସାହିତ୍ୟ ସଂସଦ ସମ୍ପାଦକ ହରିହର ମଲ୍ଲିକ, ଓଡ଼ିଆ ବିଭାଗର ମେଞ୍ଜା ପୁର୍ତ୍ତି, ନବୀନ କୁମାର ଜାଲ, ଖଗେଶ୍ୱର ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର ଡ. ବିଶ୍ୱମୋହନ ଜେନା, ଗଣିତ ବିଭାଗର ଅଧାପକ ପ୍ରଶାନ୍ତ କୁମାର ପଣ୍ଡା, ଅଧାପକ ଡ. ସନ୍ଦିପ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ସହ ସମ୍ପାଦକ ବୀରସେନ ଦଲାଇ ଧନ୍ୟବାଦ ଦେଇଥିଲେ।




ଏନଏସସିବି କଲେଜରେ ଆୟୋଜିତ କବିତା ଶୀର୍ଷକ କର୍ମଶାଳାରେ ଅତିଥି ଓ ବକ୍ତାମାନେ ।



ଏନଏସସିବି କଲେଜରେ ଆୟୋଜିତ କବିତା ଶୀର୍ଷକ କର୍ମଶାଳାରେ ଛାତ୍ରୀଛାତ୍ର ଓ ଅଧାପକ ।

# ଜାତୀୟ ପ୍ରଦର୍ଶନୀ ପଲ୍ଲିଶ୍ରୀ ମେଳା-୨୦୧୮

- ୧୮୮ଟି ଷ୍ଟଲରେ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେବ
- ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସମ୍ବଲପୁର,୧୭।୧୧(ବ୍ୟୁରୋ)

ଜାତୀୟ ପ୍ରଦର୍ଶନୀ ପଲ୍ଲିଶ୍ରୀ ମେଳା-୨୦୧୮ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏଥିପାଇଁ ସମ୍ବଲପୁର ଅଇଁଠାପାଲି ପିଏଚଡି ପଡ଼ିଆରେ ୧୮୮ ଷ୍ଟଲ ଖୋଲାଯାଇଛି । ଏହି ଷ୍ଟଲଗୁଡ଼ିକରେ ରାଜସ୍ଥାନ, ପଶ୍ଚିମବଙ୍ଗ, ପଞ୍ଜାବ, ଉତ୍ତରାଖଣ୍ଡ, ବିହାର, ମହାରାଷ୍ଟ୍ର, ଜମ୍ମୁ ଓ କାଶ୍ମୀର, ମଣିପୁର ଓ ଛତିଶଗଡ଼ ସମେତ ଓଡ଼ିଶାର ୩୦ଟି ଜିଲାର ହସ୍ତତନ୍ତ ଓ ହସ୍ତଶିଳ୍ପ ଏବଂ ବିଭିନ୍ନ ସାମଗ୍ରୀ ବିକ୍ରି ହେବ। ଶନିବାର ଡିଆରଡିଏ ସମ୍ମିଳନୀ କକ୍ଷରେ ପିଡିଡିଆରଡିଏ ସୁକାନ୍ତ କୁମାର ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ ଯେ, ଗ୍ରାମାଞ୍ଚଳର ହସ୍ତଶିଳ୍ପ ଓ ହସ୍ତତନ୍ତ ଶିଳ୍ପୀମାନେ ନିଜର ଉତ୍ପାଦନ ସହ ଏହି ମେଳାରେ ସାମିଲ ହେବେ। ଏଥିପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସମ୍ବଲପୁର ଓରମାସ୍ ଓ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ।

ରାଜ୍ୟର ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, ବରଗଡ଼, କୋରାପୁଟ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, କନ୍ଧମାଳ, ପୁରୀ, ମୟୁରଭଞ୍ଜ, ଗଞ୍ଜାମ ଜିଲାର ପାହାଡି ଝାଡୁ, ମୁଗ, ହରଡ ଓ କାନ୍ଦୁଲ ଡାଲି, ବାଉଁଶ ସାମଗ୍ରୀ, କାରପେଟ୍, ଟେରାକୋଟା, ଢ଼େଙ୍କିକୁଟା ଚାଉଳ, ଦେଶୀ ଚାଉଳ, ମହୁ, ବଡି, ପାମ୍ପଡ଼ ଆଦି ସାମଗ୍ରୀ ଉପଲବ୍ଧ ରହିବ। ଏଥିସହ ଫୁଡ୍ ଫେଷ୍ଟିଭାଲ୍‌ରେ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ, ମିଠା, ଖଜା,ଆରିସା ପିଠା, ଦକ୍ଷିଣୀ ଭାରତୀୟ ଓ ରାଜସ୍ଥାନୀ ଖାଦ୍ୟ ଜନସାଧାରଣଙ୍କୁ ଆକୃଷ୍ଟ କରିବ। ଏହି ମେଳା ୧୮ରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନସାଧାରଣଙ୍କ ମନୋରଞ୍ଜନ କରିବାକୁ ୧୮ରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଳ ଓ ଦଳ, ୧୯ରେ ନୃତ୍ୟଗୁରୁ ଆଲୋକ ପଣ୍ଡା ଓ ଦଳ, ୨୦ରେ ପଦ୍ମିନୀ ଦୋରା ଓ ଦଳ, ୨୧ରେ ଦୁର୍ଗା ଦାଶଙ୍କ ରଙ୍ଗଫରୁଆ ଦଳ, ୨୨ରେ ରଞ୍ଜିତା ଦାସଙ୍କ ଆରାଧନା ଦଳ, ୨୩ରେ ଶଶାଙ୍କ ଶେଖର ଦୁବେଙ୍କ ବଜିନିଆଁ ଦଳ, ୨୪ରେ ହୀରାକୁଦର ଜିକ୍‌ଜାକ୍ କ୍ଲବ, ୨୫ରେ ପାଣିନୀ ପ୍ରାଞ୍ଜ ସାଂସ୍କୃତିକ ଅନୁଷ୍ଠାନ ଓ ୨୬ରେ ବିପିନ ଦାଶଙ୍କ ସମ୍ବଲପୁରୀ କଳାକେନ୍ଦ୍ରର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ। ଓରମାସ୍ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟନିର୍ବାହୀ ଇଂ. ବିଭୁପ୍ରସାଦ ରାଉତରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ଖବରଦାତା ସମ୍ମିଳନୀରେ ପଲ୍ଲିଶ୍ରୀ ମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୭ ମସିହା ପଲ୍ଲିଶ୍ରୀ ମେଳାରେ ୨୦୫ ଷ୍ଟଲ୍ ଲାଗିଥିଲା। ୧କୋଟି ୫୭ ଲକ୍ଷ ବ୍ୟବସାୟ ହୋଇଥିଲା। ଚଳିତ ବର୍ଷ ୧୮୮ ଷ୍ଟଲରେ ପ୍ରାୟ ୨କୋଟି ବ୍ୟବସାୟ ହେବ ବୋଲି ଆୟୋଜକମାନେ ଲକ୍ଷ୍ୟ ରଖିଛନ୍ତି ।




ଶନିବାର ସମ୍ବଲପୁର ପିଡିଡିଆରଡିଏ ସୁକାନ୍ତ କୁମାର ତ୍ରିପାଠୀ ପଲ୍ଲିଶ୍ରୀ ମେଳା ବିଷୟରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

# ୨୦ରୁ ବରଗଡ଼ ପୁସ୍ତକମେଳା

ବରଗଡ଼ ଅଫିସ୍, ୧୭।୧୧

## ଖବରଦାତା ସମ୍ମିଳନୀରେ ଘୋଷଣା




ଖବରଦାତା ସମ୍ମିଳନୀରେ ଗାନ୍ଧୀ ସ୍ମୃତି ପାଠାଗାରର କର୍ମକର୍ତ୍ତାମାନେ ।

- ପୁସ୍ତକମେଳାରେ ୧୨୬ ଷ୍ଟଲ ବ୍ୟବସ୍ଥା
- ରାଜ୍ୟ, ରାଜ୍ୟ ବାହାର ପ୍ରକାଶକ ଆସିବେ
- ସମସ୍ତ ଦର୍ଶକଙ୍କ ପାଇଁ ବୀମାଭୁକ୍ତ ବ୍ୟବସ୍ଥା
- ଗାନ୍ଧିଜୀଙ୍କ ଜୀବନୀ ଉପରେ ଚିତ୍ର ପ୍ରଦର୍ଶନୀ
- ଆଲୋଚନାଚକ୍ର, କବିତା ପାଠୋତ୍ସବ ହେବ

ବରଗଡ଼ ପୁସ୍ତକମେଳା-୨୦୧୮ ଆସନ୍ତା ୨୦ତାରିଖରୁ ଆରମ୍ଭ ହେବ। ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ଆନୁକୂଲ୍ୟରେ ହେବାକୁ ଥିବା ଏହି ପୁସ୍ତକମେଳା ୨୯ତାରିଖରେ ସମାପନ ହେବ। ୧୦ଦିନ ଧରି ହେବାକୁ ଥିବା ପୁସ୍ତକମେଳା ଏଥର ମଧ୍ୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିବ ଏବଂ ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ଆଲୋଚନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ପୁସ୍ତକମେଳାରେ ମୋଟ୍ ୧୨୬ଟି ଷ୍ଟଲର ବ୍ୟବସ୍ଥା ରହିଛି । ନୂଆଦିଲ୍ଲୀ, କଲିକତା, ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଅନୁଗୁଳ, ବଲାଙ୍ଗୀର, ବରଗଡ଼ ଆଦି ଜିଲାର ପ୍ରକାଶକ, ପୁସ୍ତକ ବିକ୍ରେତା ଏବଂ ଅନୁଷ୍ଠାନ ଏଥିରେ ଯୋଗଦେବେ। ଶନିବାର ଗାନ୍ଧୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପାଠାଗାରର ସଭାପତି ଅରୁଣ ମହାନ୍ତି ଏହି ସୂଚନା ଦେଇଛନ୍ତି ।

ସେ କହିଥିଲେ, ଆଞ୍ଚଳିକ ଆବଶ୍ୟକତା ଓ ଜନସାଧାରଣଙ୍କ ଅନୁରୋଧ କ୍ରମେ କ୍ୟାନସର ସମ୍ବନ୍ଧୀୟ ଆଲୋଚନାଚକ୍ର ହେବ ଏବଂ ଏଥିରେ ୨ଜଣ କ୍ୟାନସର ବିଶେଷଜ୍ଞ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଗୋଟିଏ ସନ୍ଧ୍ୟାରେ ଇମ୍ପେରିଏଲ କଲେଜ, ଚଢ଼େଇଗାଁ ପକ୍ଷରୁ ଗାନ୍ଧୀଦର୍ଶନ ଆଲୋଚନାଚକ୍ର ହେବ । ପୁସ୍ତକମେଳାର ସ୍ୱତନ୍ତ୍ର ଆକର୍ଷଣ ଭାବେ ମହାତ୍ମାଗାନ୍ଧୀଙ୍କ ଜୀବନର ବିଭିନ୍ନ ସମୟ ଓ ଘଟଣାର ଶହେଟି ଚିତ୍ର ପ୍ରଦର୍ଶନୀ ଏବଂ ଗୋଟିଏ ସନ୍ଧ୍ୟାରେ ଗାନ୍ଧୀ କବିତା ପାଠୋତ୍ସବର କାର୍ଯ୍ୟକ୍ରମ ରହିଥିବା ସେ କହିଥିଲେ । ଉଦଘାଟନୀ ସଭାରେ ଜିଲାର ୮ଜଣ ବରପୁତ୍ରଙ୍କ ଜୀବନୀକୁ ନେଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପୁସ୍ତକ ବରପୁତ୍ର ଏବଂ ଜିଲାର ପର୍ଯ୍ୟଟନ କ୍ଷେତ୍ର ଉପରେ ଆଧାରିତ ବାର୍ଷିକ ମୁଖପତ୍ର ବରପୁତ୍ର ଉନ୍ମୋଚନ କରାଯିବ । ସେହିପରି ବାର୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉଦଘାଟନୀ ଦିବସର ସନ୍ଧ୍ୟାରେ ପୁରସ୍କୃତ କରାଯିବା ସହିତ ଉଦଯାପନୀ ସନ୍ଧ୍ୟାରେ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ, ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ, ଗଙ୍ଗାଧର ସାହିତ୍ୟ ସମ୍ମାନ, ଡୋଲାମଣି ସାହୁ ସ୍ମୃତି ସମ୍ମାନ, ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ, ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, କିରଣମୟୀ ମହାପାତ୍ର ମେଧା ସମ୍ମାନ, ଆଶା ପଟ୍ଟନାୟକ ମେଧା ସମ୍ମାନ, ସତ୍ୟ ନାରାୟଣ ସାହୁ ମେଧା ସମ୍ମାନ ଏବଂ ଡା. ଆନନ୍ଦ ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ପୁସ୍ତକମେଳାକୁ ଆସୁଥିବା ଦର୍ଶକଙ୍କୁ ଏଥର ବୀମାଭୁକ୍ତ କରାଯିବ । ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଡିସେମ୍ବର ୬ରୁ ୯ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଗାନ୍ଧୀ ଆଦର୍ଶ ସମ୍ପର୍କୀତ ୭ଟି କ୍ଷୁଦ୍ର ନାଟକ ମଞ୍ଚସ୍ଥ କରାଯିବା ଯୋଜନା ରହିଛି ବୋଲି ସୂଚନା ଦିଆଯାଇଥିଲା । ଖବରଦାତା ସମ୍ମିଳନୀରେ ପାଠାଗାର ସଭାପତି ମହାନ୍ତିଙ୍କ ସମେତ ସମ୍ପାଦକ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ବିକ୍ରମାଦିତ୍ୟ ପଣ୍ଡା, ସଭ୍ୟ ଜୟପ୍ରକାଶ ଶତପଥୀ, ସଭ୍ୟ ହୃଷିକେଶ ଦାଶ, ଉମେଶ ବିଶ୍ୱାଳ, ଲଲାଟେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

■ ଛାତ୍ରୀଛାତ୍ରଙ୍କ ଝାରବନ୍ଧ ଥାନା ପରିଦର୍ଶନ

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ବିକାଶ ଜରୁରୀ

ଝାରବନ୍ଧ, ୧୭।୧୧ (ଡି.ଏନ.ଏ)

ଝାରବନ୍ଧ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଶନିବାର ଝାରବନ୍ଧ ଥାନା ପରିଦର୍ଶନ କରି ପୋଲିସର କାର୍ଯ୍ୟକଳାପ ଉପରେ ଅବଗତ ହୋଇଛନ୍ତି । ପ୍ରଧାନ ଆଚାର୍ଯ୍ୟ ଘନଶ୍ୟାମ ବନଛୋରଙ୍କ ସୂଚନା ଅନୁସାରେ ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ତର୍ନିହିତ ବିକାଶ ଜରୁରୀ ଅଟେ । ଏଥିପାଇଁ ଥିଓରୀ ଶିକ୍ଷାଦାନକୁ ପ୍ରାକ୍ଟିକାଲ ଶିକ୍ଷା ସହଯୋଗ କରିଥାଏ । ଏଣୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଥାନା ପରିଦର୍ଶନରେ ନିଆଯାଇଥିଲା । ଛାତ୍ରୀଛାତ୍ରମାନେ ଥାନା ଆସିବା ପରେ ଥାନା ଅଧିକାରୀ ତରୁଣ କୁମାର କେରକେଟାଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା । ପରେ ଅଭ୍ୟର୍ଥନା ଗୃହରେ କେରକେଟା ପୋଲିସର କାର୍ଯ୍ୟକଳାପ ବିଷୟରେ ସେମାନଙ୍କୁ ଅବଗତ କରାଇଥିଲେ । ଉତ୍ତମ ଚରିତ୍ର ଗଠନ ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେବା ସହିତ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଚରିତ୍ରବାନ ହେବା ପାଇଁ ଆହ୍ୱାନ କରିଥିଲେ । ଅପରାଧୀଙ୍କୁ କିପରି ଆୟତ୍ତ କରାଯାଏ ତାହା କାର୍ଯ୍ୟରତ ଓଡିଶା ସ୍ୱତନ୍ତ୍ର ପୋଲିସ ବାହିନୀର ଯବାନ ହିରୋଦ ତିର୍କି ଛାତ୍ରୀଛାତ୍ରମାନଙ୍କୁ ଜଣାଇଥିଲେ । ପରେ ଅପରାଧୀମାନଙ୍କୁ ରଖାଯାଉଥିବା ସେଲ୍‌କୁ ପରିଦର୍ଶନ କରାଯାଇଥିଲା । ଏଏସଆଇ ନମିତା ନାୟକ, ହାବିଲଦାର ପ୍ରଶାନ୍ତ ପ୍ରଧାନ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ସହିତ ଆଚାର୍ଯ୍ୟ ଫଗୁଲାଲ ମରାଇ, ନୀଳିମା ବେହେରା, ଗାୟତ୍ରୀ ମହାନନ୍ଦ, ରାଜେଶ୍ୱରୀ ଦୋରା, ରୀନା ପ୍ରଧାନ ସାମିଲ ହୋଇଥିଲେ ।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ସ୍କୁଲରେ ପ୍ରାଚୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭଟଲି, ୧୭।୧୧ (ଡି.ଏନ୍.ଏ)

ବରଗଡ଼ ଜିଲା ଭଟଲି ଶାନ୍ତି ସରକାରୀ ବାଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସ୍ତରୀୟ ସୁରଭି କୁଇଜ (ବରିଷ୍ଠ) ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାଚୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭଟଲି ସିଆରସିସି ଜୟଦ୍ରଥ ପଧାନ ଉପସ୍ଥିତ ରହି ବିଦ୍ୟାଳୟର ପ୍ରାର୍ଥନା ସଭାରେ ସମସ୍ତ ଛାତ୍ରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ କ୍ଲଷ୍ଟର ଶିକ୍ଷା ପରିବାର ପକ୍ଷରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ପଧାନ ଅନ୍ୟ ଛାତ୍ରୀମାନଙ୍କୁ ମଧ୍ୟ ପ୍ରାଚୀଙ୍କ ଭଳି କୃତିତ୍ୱ ହାସଲ କରି ବ୍ଲକ ତଥା ଜିଲାର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ପରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ପ୍ରାଚୀଙ୍କୁ ସ୍ୱାଗତ କରିଥିଲେ ।

# ବଢୁଛି ମଦ କାରବାର, ହେଉନି କାର୍ଯ୍ୟାନୁଷ୍ଠାନ

ଜାମଟିକ୍ରା, ୧୭।୧୧ (ଡି.ଏନ.ଏ)

ଅତାବିରା ବ୍ଲକ ଅଞ୍ଚଳରେ ଚୋରା ମଦ କାରବାର ବଢିବାରେ ଲାଗିଛି । ଏ ଦିଗରେ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ଫଳରେ ଚୋରାମଦ ବ୍ୟବସାୟୀମାନେ ସେମାନଙ୍କ କାରବାର ଦିନକୁ ଦିନ ବଢ଼ାଇ ଚାଲିଛନ୍ତି । କେତେବେଳେ କେମିତି ଅଭିଯୋଗ ଆସିଲେ ଅବକାରୀ ବିଭାଗ କାଁ ଭାଁ ଚଢ଼ାଉ କରୁଛି । ଏପରିକି ବଡ ବଡ ମଦ ବ୍ୟବସାୟୀଙ୍କୁ ନ ଧରି କେବଳ ଲୋକ ଦେଖାଣିଆ ଛୋଟ ବ୍ୟବସାୟୀଙ୍କୁ ଧରି କୋର୍ଟ ଚାଲାଣ କରାଯାଉଛି । ବର୍ତ୍ତମାନ ଅତାବିରା ବ୍ଲକର ବିଭିନ୍ନ ଗାଁରେ କୁଟିଆ ମଦ କୋଠି ଖୋଲିଛି। ଫଳରେ ଗାଁ ଛକମାନଙ୍କରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ମହିଳାମାନେ ରାସ୍ତାରେ ଯିବା ଆସିବା ପାଇଁ ନିରାପଦ ମଣୁନାହାନ୍ତି । ବ୍ଲକର ବିଭିନ୍ନ ଜନବସତି ସ୍ଥାନ, ଶିକ୍ଷାନୁଷ୍ଠାନ, ମନ୍ଦିର କ୍ଲବ ନିକଟରେ ମଦ କୋଠିଗୁଡିକ ଛତୁ ଫୁଟିଲା ପରି ଗଢ଼ି ଉଠିଛି । ୨୦୦୭ ମସିହା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଖଲିଆପାଲି ଗ୍ରାମରେ କଳାସୀ ଯାତ୍ରା ସମୟରେ ବିଷାକ୍ତ ମଦ ପିଇ ତିନି ଜଣଙ୍କ ମୃତ୍ୟୁ ଘଟିଥିଲା । ସେ ବର୍ଷ ବରଗଡ ଜିଲାପାଳ ଖଲିଆପାଲି ଗ୍ରାମରେ ମଦ ବିକ୍ରି ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସେହି ନିର୍ଦ୍ଦେଶକୁ ମାତ୍ର ୨ବର୍ଷ ପାଳନ କରାଗଲା । ୨ବର୍ଷ ପରେ ଗାଁରେ ମଦ ଭାଟି ଠିକା ଦିଆଗଲା । ଆସନ୍ତା ସୋମବାର କଳାସୀ ଯାତ୍ରା ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି । ଜନବସତି ସ୍ଥାନରେ ଥିବା ମଦ ଭାଟି ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି ବୋଲି ବରିଷ୍ଠ ନାଗରିକ ଗୋବିନ୍ଦ ସାହୁ କୁହନ୍ତି । ଏ ସମ୍ପର୍କରେ ଅତାବିରା ଅବକାରୀ ଅଧିକାର ଅପନା ମାରାଣ୍ଡିଙ୍କ ମତାମତ ମିଳିପାରିନାହିଁ। ସେହିପରି ଅତାବିରା ଥାନା ଅଧିକାରୀ ଗୌରାଙ୍ଗ ଚରଣ ସାହୁଙ୍କୁ ପଚାରିବାରୁ ଏହା ଆମ ହାତରେ ନାହିଁ । ଏହା ଅବକାରୀ ବିଭାଗର କାମ ବୋଲି କହିଥିଲେ ।

# ଅଏଁଲାପାଲିରେ ସଂକ୍ରାନ୍ତି ଉତ୍ସବ ଉଦ୍‌ଯାପିତ

ଭେଡ଼େନ, ୧୭।୧୧ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଠାରେ ଦୁଇଦିନ ଧରି ଚାଲିଥିବା ଦଶମ ସଂକ୍ରାନ୍ତି ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଏହି ଉତ୍ସବ ପାଇଁ ଶୁକ୍ରବାର ସକାଳେ କଳସ ଶୋଭାଯାତ୍ରା ହୋଇଥିଲା। ପରେ ବନାବିରାର ସ୍ନେହଲତା ସାହୁ, ଭବାନିପାଲିର ନନ୍ଦିଘୋଷ ପାଢ଼ୀ, ରେମତାର ଗୁରୁଦେବ ପଧାନ ପ୍ରମୁଖ ପ୍ରବଚନ ଦେଇଥିଲେ। ଶନିବାର ବୀରମହାରାଜପୁରର ଅଏଁଠୁ ସାହୁ ପ୍ରବଚନ ଦେଇଥିଲେ । ଜୟ ଶ୍ରୀରାମ ସତସଙ୍ଗ ମଣ୍ଡଳୀ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।



ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଠାରେ ଦୁଇଦିନ ଧରି ଚାଲିଥିବା ଦଶମ ସଂକ୍ରାନ୍ତି ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।



ସଂକ୍ରାନ୍ତି ଉତ୍ସବ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଫୁଟବଲ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ ।

ଗାଇସିଲେଟ, ୧୭।୧୧ (ଡି.ଏନ.ଏ)

ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମରେ ଭୂତପୂର୍ବ ବିଧାୟକ ତଥା ଫୁଟବଲ ଖେଳାଳି ବିରେନ୍ଦ୍ର କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୁରୋମୁଣ୍ଡା ପଲ୍ଲିଶ୍ରୀ ଯୁବକ ସଂଘ ତରଫରୁ ଶନିବାର ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଏଥିରେ ରାଉରକେଲା, ଲୋଇସିଂହା, ସମ୍ବଲପୁର, ପଦ୍ମପୁର, ବରପାଲି, ବୁରୋମୁଣ୍ଡା, ଇଚ୍ଛାପୁର ଓ ଛତିଶଗଡର ରାୟପୁର ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ମୁଖ୍ୟଅତିଥି, ବିଡିଓ ମଧୁଛନ୍ଦା ସାହୁ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ପାଣ୍ଡେ, ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଗୌନ୍ତିଆ ଭୁବନେ କୁମାର ସାହୁ, ସରପଞ୍ଚ ସରୋଜ ଶ୍ରୀଭୂଷଣ ସାହୁ, ଭାରତ ଦାଶ, ଦେବେନ୍ଦ୍ର ଯୋଷୀ, ପୂର୍ଣ୍ଣାନନ୍ଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଖେଳ ଶିକ୍ଷକ ସୁଧାଂଶୁ ସେଠ୍, ସୂତାରସେନ ପଧାନ, ସାଲେଗ୍ରାମ ମାଝୀ, ଅରୁଣ ଓରାମ, ଅଶ୍ୱିନୀ ବେରିଆ, ପ୍ରଦୀପ ଦାଶ ଖେଳ ପରିଚାଳନା କରିଥିଲେ ।

# ବିଜ୍ଞାନମେଳାରେ ୨୩୩ ପ୍ରକଳ୍ପ

ଭେଡ଼େନ, ୧୭।୧୧ (ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ ପରିସରରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଯଥା ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି ପ୍ରଦର୍ଶନୀକୁ ବିଡ଼ିଓ ମୁରଲିଧର ନାୟକ ଉଦ୍‌ଘାଟନ କରିଥିଲେ। ମେଳାର ସବ୍ ଜୁନିୟର ବିଭାଗରେ ୧୨୬, ଜୁନିୟର ବିଭାଗରେ ୭୫ ଏବଂ ସିନିୟର ବିଭାଗରେ ୩୨ ଏହିପରି ମୋଟ୍ ୨୩୩ ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସେଥିମଧ୍ୟରୁ ସବ୍‌ଜୁନିୟର ବର୍ଗରେ ଦେକୁଲବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନ୍ୱେଷ ମହାକୁର, ଅରେଇଗୁଡ଼ି ନୋଡ଼ାଲ ସ୍କୁଲର ସମୀକ୍ଷା ଭୋଇ ଏବଂ ତାଳମେଣ୍ଡା ପ୍ରାଥମିକ ବିଦ୍ୟାଳୟର ସ୍ୱାଗତିକା ଭୋଇ, ଜୁନିୟର ବିଭାଗରେ ହାଟଗାଁର ସୁରଜ ରଣବିଡ଼ା, ନାଗପଡ଼ାର ଆୟୁଷ ନାଗ, ଭେଡ଼େନ ବାଳିକା ହାଇସ୍କୁଲର ଜ୍ୟୋତି ଡ଼ନସନା ଏବଂ ସିନିୟର ବର୍ଗରେ ଝରାପାଲି ହାଇସ୍କୁଲର ସୀମା ମିଶ୍ର, ରୁକ୍ଷୁଡ଼ା ହାଇସ୍କୁଲର ସୁହାନୀ ବରେଇ ଏବଂ ଜାଣ୍ଡୋଲ ହାଇସ୍କୁଲର ଅରୋସ୍ୱାଦ ଭୋଇଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି । ରୁଦ୍ରଦେବ ସାହୁଙ୍କ ସଂଯୋଜନାରେ ହୋଇଥିବା ଉଦଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବିଡ଼ିଓ ମୁରଲିଧର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମହିନ୍ଦ୍ର ମଲିକ, ଭେଡ଼େନ ହାଇସ୍କୁଲ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ, ଝରାପାଲି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗୁରୁଦେବ ତ୍ରିପାଠୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଭେଡ଼େନ ବାଳିକା ହାଇସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଶେଷରେ ସିଆରସିସି କ୍ଷୀତେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳାରେ ଆତ୍ମାରାମ ଭୋଇ, ଅଶୋକ ପଣ୍ଡା, ଧର୍ମରାଜ ପ୍ରଧାନ, ଆଲୋକ ସାହୁ, ହେମନ୍ତ ମେହେର ଏବଂ ସଞ୍ଜୀବ ନାଇକ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଭେଡ଼େନ ବିଇଓଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରସିସି ସହଯୋଗ କରିଥିଲେ ।



ଭେଡ଼େନ ବ୍ଲକ ବିଜ୍ଞାନ ମେଳାର ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

## ସଂକ୍ଷେପରେ

### ବ୍ୟାଡ଼୍‌ମିଣ୍ଟନ କୋର୍ଟ ଉଦ୍‌ଘାଟିତ

ବରପାଲି, ୧୭।୧୧ (ଡି.ଏନ.ଏ): ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ୟାଡମିଣ୍ଟନ କୋର୍ଟ ଉଦଘାଟିତ ହୋଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ଶଙ୍କର ପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, କ୍ରୀଡ଼ା ଶିକ୍ଷକ ମନୋଜ ସାହୁ ଓ ସ୍କୁଲ କମିଟି ସଭାପତି ଯଦୁମଣି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ନିରଦ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ ।

### ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ଭଟଲି, ୧୭।୧୧ (ଡି.ଏନ.ଏ): ବରଗଡ଼ ଜିଲା ଭଟଲି ସରକାରୀ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ଉଭୟ ଜୁନିୟର ଏବଂ ସିନିୟର ବିଭାଗର ଏହି ପ୍ରତିଯୋଗିତାରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରାୟ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ପ୍ରଧାନ ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନର ଆବଶ୍ୟକତା ବିଷୟରେ କହିବା ସହିତ ପ୍ରତିଯୋଗିତାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ବିଜ୍ଞାନ ଶିକ୍ଷକ ଅଶୋକ ଡନସନା, ବନ୍ଦିତା ପଧାନ ଏବଂ ସୁରେନ୍ଦ୍ର ଗଡ଼ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ଲିପ୍‌ସା ବାରିକ ଓ ଟେକ୍‌ଚାନ୍ଦ ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଜୁନିୟର ବିଭାଗରେ ସ୍ୱସ୍ତିକ ଖମାରୀ ଓ ଶୋଭାମୟୀ ବାରିକ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।



### ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧା

ଜାମଟିକ୍ରା, ୧୭।୧୧ (ଡି.ଏନ.ଏ): ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା ଆନ୍ଧ୍ରପଡାର ବିଧବା ଜି. ଏଙ୍କଟରାମା (୮୦) । ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ପ୍ରାୟ ୧୫ ବର୍ଷ ହେଲାଣି । ଏକମାତ୍ର ପୁଅ ଅନ୍ୟ ସ୍ଥାନରେ ରହୁଛନ୍ତି। ଏଙ୍କଟରାମା ଏକ ଭଙ୍ଗାଦଦରା କୁଡିଆ ଘରେ ରହି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଅଫିସର କି ସ୍ଥାନୀୟ ଜନପ୍ରତିନିଧି ତାଙ୍କ ପ୍ରତି ଦୃଷ୍ଟି ଦେଇନାହାନ୍ତି । ଏଯାଏ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ । ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ । ସ୍ଥାନୀୟ ପଞ୍ଚାୟତରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କଲେ ମଧ କୌଣସି ସୁଫଳ ମିଳୁନାହିଁ । ସରକାରୀ ସୁବିଧା କହିଲେ ସେ ରାସନ କାର୍ଡ ଜରିଆରେ ମାସିକ ୫ କେଜି ଚାଉଳ ପାଆନ୍ତି । ଭତ୍ତା ବାବଦରେ ୫ଥର ପଞ୍ଚାୟତରେ ଆବେଦନ କରି ୨ରୁ ୩ ଶହ ଟଙ୍କା ଖର୍ଚ୍ଚ କରି ଏପର୍ଯ୍ୟନ୍ତ ଭତ୍ତା ମିଳିନାହିଁ। ଇ ବାବଦରେ କୁଲୁଣ୍ଡା ସରପଞ୍ଚ ସବିତା ଦୀପଙ୍କୁ ପଚାରିବାରୁ ଉକ୍ତ ବୃଦ୍ଧା ନିକଟକୁ ଭତ୍ତା ଫର୍ମ ପଠାଯାଇଛି । ଖୁବ୍ ଶୀଘ୍ର ତାଙ୍କୁ ଭତ୍ତା ମିଳିଯିବ ।

### ବିଜେଡି ନେତାଙ୍କ ପରଲୋକ

ପାଇକମାଳ, ୧୭।୧୧ (ଡି.ଏନ.ଏ); ପାଇକମାଳ ବ୍ଲକ ପୂର୍ବତନ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି (୭୫)ଙ୍କର ଶନିବାର ଅପରାହ୍ନ ସାଢ଼େ ୧ଟା ଅପରାହ୍ନରେ ମୃତ୍ୟୁ ଘଟିଛି । ସେ ପ୍ରାୟ ଏକ ସପ୍ତାହ ହେବ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ଶବ ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ । ରାତି ସାଢ଼େ ୭ଟାରେ ସରକାରୀକଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପାଇକମାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



“ବିଧାନସଭା ନିର୍ବାଚନରେ ମୋତେ ଟକ୍କର ଦେବାକୁ କଂଗ୍ରେସ ଭୟ କରୁଛି। ଅନ୍ୟ କାହାକୁ ନ ପାଇବାରୁ ଏହି ଦଳ ପୂର୍ବତନ ଭାଜପା ନେତା ଯଶୱନ୍ତ ସିଂଙ୍କ ପୁଅ ମାନବେନ୍ଦ୍ର ସିଂଙ୍କୁ ପ୍ରାର୍ଥୀ କରିଛି।

- ବସୁନ୍ଧରା ରାଜେ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

# ନିଆଁ ଆଁରେ କାଲିଫର୍ନିଆ

ଚିକୋ,୧୭।୧୧(ପି.ଟି.)



ଆମେରିକାର କାଲିଫର୍ନିଆରେ ସୃଷ୍ଟି ହୋଇଛି ଭୟଙ୍କର ବିପତ୍ତି। ସିଏରା ନେଭାଡା ପର୍ବତରେ ନଭେମ୍ବର ୮ରୁ ଲାଗିଥିବା ନିଆଁ ପ୍ରଶମିତ ହେବାର ନାଁ ଧରୁନାହିଁ। ବିସ୍ତୀର୍ଣ୍ଣ ଅଞ୍ଚଳ ପର୍ଯ୍ୟନ୍ତ ଅଗ୍ନି ବ୍ୟାପିଯିବା ଯୋଗୁ ଅନେକ ଧନଜୀବନ ହାନି ହୋଇଛି। ଏଯାବତ୍ ନିଆଁର ଆଁରେ ୭୧ ଜଣଙ୍କ ଜୀବନ ଗଲାଣି। ୧,୦୦୦ରୁ ଅଧିକ ଲୋକ ନିଖୋଜ ଥିବା ସୂଚନା ମିଳିଛି। ସେମାନଙ୍କ ସନ୍ଧାନ ଚାଲିଛି। ପରିସ୍ଥିତି ଭୟଙ୍କର ହେଉଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି ।

ଗତ ୯ ଦିନ ହେଲା କାଲିଫର୍ନିଆର ଅରଣ୍ୟ ଅଗ୍ନିକାଣ୍ଡ ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଛି। ୧,୪୬,୦୦୦ ଏକର ପରିମିତ ଅଞ୍ଚଳ ପୋଡ଼ି ପାଉଁଶ ହୋଇଗଲାଣି। ଅଣାୟତ୍ତ ନିଆଁକୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ଅହୋରାତ୍ର ଅଭିଯାନ ଚଳାଇଥିଲେ ସୁଦ୍ଧା ବିଫଳ ହୋଇଛନ୍ତି। ଏହାସତ୍ତ୍ୱେ ସ୍ୱତନ୍ତ୍ର ବାହିନୀ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ନିଆଁ ଏବଂ ଧୂଆଁରେ ସମଗ୍ର ଅଞ୍ଚଳ ଉତ୍ତପ୍ତ ପିଣ୍ଡ ପାଲଟିଛି। କାଲିଫର୍ନିଆ ଇତିହାସରେ ଏହା ହେଉଛି ସବୁଠୁ ବଡ଼ ଧ୍ୱଂସଚିତ୍ର। ଉକ୍ତ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ହଜାର ହଜାର ଲୋକ ଘରଛାଡ଼ି ପଳାୟନ କରିଛନ୍ତି। ଆହୁରି ଅନେକେ ଭିଟାମାଟି ଛାଡୁନାହାନ୍ତି। ନିଆଁ ବଳୟ ମଧ୍ୟରେ ଅସଂଖ୍ୟ ଲୋକ ଫସିରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ତଥାକଥିତ ‘କ୍ୟାମ୍ପ ଫାୟାର’ ଯୋଗୁ ପ୍ରତିଦିନ ମୃତ୍ୟୁସଂଖ୍ୟା ବୃଦ୍ଧି ହେଉଥିବାବେଳେ ଶନିବାର ଆଉ ୮ ଜଣଙ୍କ ମୃତଦେହ ମିଳିଛି। ଏହାକୁ ମିଶାଇ ମୋଟ ୭୧ ଜଣଙ୍କ ଦେହାବଶେଷ ଠାବ କରିଛନ୍ତି ଉଦ୍ଧାରକାରୀ ଦଳ। ଶୁକ୍ରବାର ସୁଦ୍ଧା ନିଖୋଜଙ୍କ ସଂଖ୍ୟା ୬୩୧ କୁହାଯାଉଥିଲା। କିନ୍ତୁ ୨୪ ଘଣ୍ଟା ମଧ୍ୟରେ ଏହି ସଂଖ୍ୟା ବଢ଼ି ୧,୦୧୧ ଛୁଇଁଛି ବୋଲି ବ୍ୟୁଟ୍ କାଉଣ୍ଟି ଶେରିଫ୍ କୋରି ହୋନିଆ କହିଛନ୍ତି।

ଗୋଟିଏ ପଟେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁ କାଲିଫର୍ନିଆବାସୀ ଭୟାତୁର ହୋଇପଡ଼ିଥିବାବେଳେ ପ୍ରଭାବିତ ଅଞ୍ଚଳକୁ ଯାଇ ବିପନ୍ନଙ୍କ ଅବସ୍ଥା ପଚାରିବୁଝିଛନ୍ତି ଟ୍ରମ୍ପ। ତେବେ ଏହି ବିପତ୍ତି ପାଇଁ କାଲିଫର୍ନିଆ କର୍ତ୍ତୃପକ୍ଷଙ୍କୁ ସେ ଦାୟୀ କରିଛନ୍ତି। ଜଙ୍ଗଲକୁ ଠିକ୍‌ଭାବେ ପରିଚାଳନା କରି ନ ପାରିବା କାରଣରୁ ଏହି ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିବା ଫକ୍ସ ନ୍ୟୁଜ୍‌ର ଏକ ସାକ୍ଷାତ୍‌କାରରେ ଟ୍ରମ୍ପ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଏହି ବିପତ୍ତିର ଅନ୍ୟତମ କାରଣ ହୋଇପାରେ ବୋଲି ସେ ପ୍ରକାଶ ପରିଛନ୍ତି।

ସିଏରା ନେଭାଡା ପର୍ବତର ୫୦ ଭାଗ ପୋଡ଼ିଯିବା ପରେ ପ୍ରଭାବିତ ଅଞ୍ଚଳରୁ ୪୭,୨୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏବେସୁଦ୍ଧା ଲୋକଙ୍କ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଆମେରିକାର ରେଡ୍ କ୍ରସ୍ ପକ୍ଷରୁ ବିଭିନ୍ନ ଚର୍ଚ୍ଚ ଏବଂ ଅନ୍ୟାନ୍ୟ ସ୍ଥାନରେ ଆଶ୍ରୟସ୍ଥଳ ନିର୍ମାଣ ହୋଇଛି। ସେଠାରେ ବାସହରା ଲୋକେ ମୁଣ୍ଡ ଗୁଞ୍ଜୁଛନ୍ତି। ତେବେ ବିପନ୍ନମାନେ ଏହି ଅଗ୍ନିକାଣ୍ଡ ପାଇଁ ଟ୍ରମ୍ପ ପ୍ରଶାସନକୁ ଦାୟୀ କରିଛନ୍ତି। ମୃତଦେହ ଉଦ୍ଧାର ଲାଗି ସ୍ନିଫର କୁକୁରଙ୍କୁ ମଧ୍ୟ ମୁତୟନ କରାଯାଇଛି।

- ୭୧ ଦଗ୍ଧ, ୧୦୦୦ ନିଖୋଜ
- ୧,୪୬,୦୦୦ ଏକର ଅଞ୍ଚଳ ଭସ୍ମ
- ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଟ୍ରମ୍ପ
- କାଲିଫର୍ନିଆ ପ୍ରଶାସନକୁ ଦାୟୀ କଲେ

■ ଆର୍‌ଏଲ୍‌ଏସ୍‌ପି ମୁଖ୍ୟ କୁଶୱାହଙ୍କ ବିରୋଧର ସ୍ୱର

# ଭାଜପା ଯାଚୁଥିବା ଆସନ ଗ୍ରହଣୀୟ ନୁହେଁ

ପାଟନା,୧୭।୧୧(ପି.ଟି.)



ଲୋକ ସଭା ନିର୍ବାଚନ ଲାଗି ବିହାରରେ ଆସନ ଭାଗବଣ୍ଟାକୁ ନେଇ ଶାସକ ଏନ୍‌ଡିଏର ସହଯୋଗୀ ଦଳ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ମୁଖ୍ୟ ଉପେନ୍ଦ୍ର କୁଶୱାହ ଉଠାଇଛନ୍ତି ବିରୋଧର ସ୍ୱର। ଭାଜପା ଏବଂ ଜେଡିୟୁ ସମାନ ଆସନ ଭାଗବଣ୍ଟା କରି ନେଇଯିବା ପରେ ଆର୍‌ଏଲ୍‌ଏସ୍‌ପିକୁ ଲଢ଼ିବା ପାଇଁ ଯେଉଁ ନିର୍ବାଚନମଣ୍ଡଳୀ ଦେଉଛନ୍ତି, ସେଥିରେ ସେ ସନ୍ତୁଷ୍ଟ ନାହାନ୍ତି। ଭାଜପାର ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶନିବାର କୁଶୱାହ କହିଛନ୍ତି। ତେବେ ଆର୍‌ଏଲ୍‌ଏସ୍‌ପିକୁ ପ୍ରକୃତରେ ଭାଜପା କେତେସଂଖ୍ୟକ ଆସନ ଯାଚୁଛି, ତାହା ଜଣାପଡ଼ି ନାହିଁ। ନଭେମ୍ବର ୩୦ ସୁଦ୍ଧା ଆସନ ଭାଗବଣ୍ଟା ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ଏନ୍‌ଡିଏରେ ବୁଝାମଣା ନ ହେବା ଯାଏ ସେ କିଛି ପ୍ରକାଶ କରିବେ ନାହିଁ ବୋଲି କୁଶୱାହ ସ୍ପଷ୍ଟ କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ନୀତୀଶ କୁମାର ଏବଂ କୁଶୱାହଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଛି। ନିକଟରେ କୁଶୱାହଙ୍କୁ ବାଧିଲା ଭଳି କଥା କହିଦେଇଥିଲେ ନୀତୀଶ। ଏପଟେ ୨୦୧୯ ଲୋକ ସଭା ନିର୍ବାଚନ ପାଇଁ ବିହାରର ମୋଟ ୪୦ ଆସନ ମଧ୍ୟରୁ କିଏ କେତୋଟିରେ ଲଢ଼ିବେ ସେନେଇ ଆସନ ଭାଗବଣ୍ଟା ଛିଣ୍ଡୁ ନାହିଁ। ତେଣୁ ଖୋଲାଖୋଲି ବିଦ୍ରୋହ କରୁଛନ୍ତି କୁଶୱାହ। ଶନିବାର ଆର୍‌ଏଲ୍‌ଏସ୍‌ପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ କୁଶୱାହ ଭାଜପା ଏବଂ ଜେଡିୟୁ ଉପରେ ପ୍ରବଳ ବର୍ଷିଛନ୍ତି। ନୀତୀଶଙ୍କୁ ସମର୍ଥନ କରୁଥିବାରୁ ଭାଜପା ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ବିଦ୍ରୋହୀ ସାଜିବା ପରେ ଏବେ କୁଶୱାହ ଏନ୍‌ଡିଏରୁ ଓହରିଯାଇପାରନ୍ତି ବୋଲି କୁହାଯାଉଛି। ଏନେଇ ପ୍ରଶ୍ନ କରିବାରୁ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏବେସୁଦ୍ଧା ସେ ଏନ୍‌ଡିଏର ସଦସ୍ୟ ଅଛନ୍ତି। ବିହାରରେ ଏନ୍‌ଡିଏର ଅନ୍ୟତମ ସହଯୋଗୀ ଦଳ ହେଉଛି ରାମ ବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)। ଏହା ମଧ୍ୟ କମ୍ ଆସନ ପାଇବ।

## ସଂକ୍ଷେପରେ

### ଆରପାରିରେ ‘ବ୍ୟାଟଲ୍ ଅଫ୍ ଲଙ୍ଗେୱାଲା’ ହିରୋ



**ଚଣ୍ଡିଗଡ଼,୧୭।୧୧(ଆଇଏଏନ୍‌ଏସ୍):** ଦେଶ ମାତୃକା ପାଇଁ ଲଢ଼ିଥିବା ‘ବ୍ୟାଟଲ୍ ଅଫ୍ ଲଙ୍ଗେୱାଲା’ ହିରୋ ବ୍ରିଗେଡିୟର କୁଲ୍‌ଦୀପ୍ ସିଂ ଚାନ୍ଦପୁରୀଙ୍କ ପରଲୋକ ହୋଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ଚାନ୍ଦପୁରୀ କର୍କଟ ରୋଗରେ ପୀଡ଼ିତ ଥିଲେ। ମୋହାଲି ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ବୀରଯୋଦ୍ଧା ଚାନ୍ଦପୁରୀ ୧୯୭୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧବେଳେ ମେଜର୍ ଥିଲେ। ରାଜସ୍ଥାନର ଲଙ୍ଗେୱାଲା ଯୁଦ୍ଧବେଳେ ରାତାରାତି ମେଜର ଭାବେ ନିଯୁକ୍ତ ହେବା ପରେ ସେ ମାତ୍ର ୧୨୦ ଯବାନଙ୍କୁ ନେଇ ପାକିସ୍ତାନର ଅନେକ ସୈନ୍ୟଙ୍କ ସହ ଲଢ଼ିଥିଲେ। ଶତ୍ରୁପକ୍ଷକୁ ପରାଜିତ କରିବାରେ ସେ ସଫଳ ହୋଇଥିଲେ। ଏହି ବୀରତା ଯୋଗୁ ଚାନ୍ଦପୁରୀଙ୍କୁ ମିଳିଥିଲା ମହାବୀର ଚକ୍ର। ତାଙ୍କ ସାହସିକତା ଏବଂ କାର୍ଯ୍ୟଶୈଳୀକୁ ନେଇ ନିର୍ମାଣ ହୋଇଥିଲା ବଲିଉଡ୍ ଫିଲ୍ମ ‘ବର୍ଡର’।

### ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ମୋଦି



**ମାଲେ,୧୭।୧୧(ପି.ଟି.):** ମାଳଦ୍ୱୀପର ନୂଆ ରାଷ୍ଟ୍ରପତି ଭାବେ ଶନିବାର ଶପଥ ଗ୍ରହଣ କରିଛନ୍ତି ଇବ୍ରାହିମ୍ ମହମ୍ମଦ ସୋଲି। ରାଜଧାନୀ ମାଲେସ୍ଥିତ ନ୍ୟାଶନାଲ ଫୁଟବଲ୍ ଷ୍ଟାଡିୟମ୍‌ରେ ସେ ପଦ ଓ ଗୋପନୀୟତାର ଶପଥପାଠ କରିଛନ୍ତି। ୫୪ ବର୍ଷୀୟ ସୋଲିଙ୍କ ଦାୟିତ୍ୱଗ୍ରହଣ ପାଇଁ ଆୟୋଜିତ ଭବ୍ୟ ସମାରୋହରେ ଉପସ୍ଥିତ ଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ପାଇଁ ମାଳଦ୍ୱୀପର ନୂଆ ରାଷ୍ଟ୍ରପତିଙ୍କ ସହ ଭାରତ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି ସେ କହିଛନ୍ତି। ମୋଦି ଏବଂ ସୋଲି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ମାଳଦ୍ୱୀପର ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଚାଇନାର ଦୃଢ଼ ସମର୍ଥନକାରୀ ନେତା ଅବ୍‌ଦୁଲ୍ଲା ୟାମିନ୍‌ଙ୍କୁ ଗାଦିଚ୍ୟୁତ କରିବା ପରେ ଗତ ସେପ୍ଟେମ୍ବରରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ସୋଲି। ମାଲ୍‌ଡିଭିଆନ୍ ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ପ୍ରାର୍ଥୀ ହୋଇଥିଲେ ସୋଲି। ଏବେ ସେ ମାଳଦ୍ୱୀପର ଶାସନ ମୁଖ୍ୟ ହୋଇଛନ୍ତି। ତାଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମାଳଦ୍ୱୀପ ସହ ବନ୍ଧୁତାର ନିଦର୍ଶନ ଲାଗି ମୋଦି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

# ଇଣ୍ଡୋନେସିଆରେ ଭୂକମ୍ପ: ୭ ମୃତ



**ଜାକର୍ତ୍ତା,୧୭।୧୧:** ଇଣ୍ଡୋନେସିଆର ପଶ୍ଚିମ ସୁଲାୱେସି ପ୍ରଦେଶରେ ଭୂକମ୍ପ ହୋଇଛି। ଶୁକ୍ରବାର ଏବଂ ଶନିବାର ଯଥାକ୍ରମେ ୫.୧ ଏବଂ ୫.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ହେବା ଫଳରେ ଅନେକ କ୍ଷୟକ୍ଷତି ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୭ ଜଣ ପ୍ରାଣ ହରାଇଛନ୍ତି। ପଶ୍ଚିମ ସୁଲାୱେସି ପ୍ରଦେଶର ମାମସା ଜିଲା ହେଉଛି ଭୂକମ୍ପର କେନ୍ଦ୍ରସ୍ଥଳ। ଭୂକମ୍ପ ଝଟକା ଯୋଗୁ ଭୂସ୍ଖଳନ ଘଟି ଅନେକ ଘରଦ୍ୱାର ଭୁଶୁଡ଼ି ପଡ଼ିଥିବାରୁ ୮୦୦୦ରୁ ଅଧିକ ବାସହରା ହୋଇଥିବା ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ରିପୋର୍ଟରୁ ଜଣାପଡ଼ିଛି। ନିରାଶ୍ରୟଙ୍କ ଲାଗି ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି ବୋଲି ଜିଲା କର୍ତ୍ତୃପକ୍ଷ କହିଛନ୍ତି।

# ମଣିପୁର ବିଧାନସଭାରେ ଗ୍ରେନେଡ୍ ଆକ୍ରମଣ

**ଇମ୍ଫାଲ,୧୭।୧୧(ପି.ଟି.):** ମଣିପୁର ବିଧାନସଭା ପରିସରରେ ଘଟିଛି ଆକ୍ରମଣ। ସନ୍ଦିଗ୍ଧ ଆତଙ୍କବାଦୀମାନେ ସେଠାରେ ମୁତୟନ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରି ଗ୍ରେନେଡ୍ ମାଡ଼ କରିଛନ୍ତି। ଏଥିରେ ଜଣେ ବିଏସ୍‌ଏଫ୍ ଯବାନଙ୍କ ସମେତ ୩ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଇମ୍ଫାଲସ୍ଥିତ ରାଜ୍ୟ ବିଧାନସଭାର ଫାଟକ ନିକଟରେ ଶୁକ୍ରବାର ସନ୍ଧ୍ୟା ୫ଟା ୫୫ରେ ଏହି ଆକ୍ରମଣ ଘଟିଛି। ବିସ୍ଫୋରଣ ପରେ ଘଟଣାସ୍ଥଳରୁ ଏକ ଅଫୁଟା ଗ୍ରେନେଡ୍ ମିଳିଛି। ଆହତ ସୁରକ୍ଷାକର୍ମୀଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ସ୍ଥିର ରହିଛି ବୋଲି ଶନିବାର ମିଳିଥିବା ମେଡିକାଲ ବୁଲେଟିନ୍ ରିପୋର୍ଟରୁ ଜଣାପଡ଼ିଛି।

## ଫୁରସତ

# ଗ୍ରୀନ୍‌ଲାଣ୍ଡରେ ବୃହତ୍ ଉଲ୍‌କା ଗର୍ତ୍ତ

**ଲଣ୍ଡନ:** ଏକ ଅନ୍ତର୍ଜାତୀୟ ଗବେଷକ ଟିମ୍ ଗ୍ରୀନ୍‌ଲାଣ୍ଡର ଉତ୍ତରପଶ୍ଚିମ ଭାଗର ହାୟାୱାଥା ଗ୍ଲେସିୟରରେ ଉଲ୍‌କାମାଡ ଦ୍ୱାରା ସୃଷ୍ଟ ଏକ ବୃହତ୍ ଗର୍ତ୍ତ ଠାବ କରିଛି। ବରଫ ଆସ୍ତରଣର ଅଧମାଇଲ୍ ତଳେ ଏହା ରହିଥିବା ଗବେଷକମାନେ ସୂଚନା ଦେଇଛନ୍ତି। ଏହି ଗର୍ତ୍ତର ଗଭୀରତା ପାଖାପାଖି ୧,୦୦୦ଫୁଟ ହୋଇଥିବା ବେଳେ ଏହାର ବ୍ୟାସ ୧୯ ମାଇଲ୍‌ରୁ ଅଧିକ। ଗ୍ରୀନ୍‌ଲାଣ୍ଡର ବରଫ ଆସ୍ତରଣ ତଳେ ଏହି ଆକୃତିର ଗର୍ତ୍ତ ଦେଖିବାକୁ ମିଳିବା ପ୍ରଥମ ଘଟଣା। ପୃଥିବୀର ଯେଉଁ ୨୫ଟି ବୃହତ୍ ଉଲ୍‌କା ମାଡ ହୋଇଛି ତନ୍ମଧ୍ୟରେ ଏହା ଅନ୍ୟତମ। ଏ ସମ୍ପର୍କିତ ଏକ ଅଧ୍ୟୟନ ଜର୍ନାଲ୍ ସାଇନ୍‌ସ ଆଡଭାନ୍‌ସେସ୍‌ରେ ପ୍ରକାଶ ପାଇଛି। ୩ ନିୟୁତ ବର୍ଷ ତଳେ ଏକ ବୃହତ୍ ଲୌହ ମିଶ୍ରିତ ଉଲ୍‌କାପିଣ୍ଡ ଗ୍ରୀନ୍‌ଲାଣ୍ଡର ଉତ୍ତରପଶ୍ଚିମ ଭାଗରେ ମାଡ ହୋଇଥିଲା। ଫଳରେ ଚାରିପାଖ ବରଫ ଦ୍ୱାରା ଏହି ଗର୍ତ୍ତଟି ପୋତି ହୋଇପଡ଼ିଥିଲା। ଉକ୍ତ ଗର୍ତ୍ତଟି ସମ୍ପୂର୍ଣ୍ଣ ଭାବରେ ଅକ୍ଷୁଣ୍ଣ ରହିଛି। ଗର୍ତ୍ତ ମଧ୍ୟରୁ ସ୍ଫଟିକ ବାଲି ମିଳିଛି। ଏହା ପ୍ରବଳ ଚାପ ଓ ତାପ ଯୋଗୁ ସୃଷ୍ଟି ହୋଇଥାଏ ବୋଲି ଡେନ୍‌ମାର୍କସ୍ଥିତ ଆରହୁସ୍ ୟୁନିଭର୍ସିଟିର ସହଯୋଗୀ ପ୍ରଫେସର ନିକୋଲାଜ୍ ଲାରସେନ୍ ପ୍ରକାଶ କରିଛନ୍ତି।

# ଚାପମୁକ୍ତ ଜୀବନ: ପାଠ ପଢ଼ାଇଲେ ରବିଶଙ୍କର



**ଦୁବାଇ(ୟୁଏଇ):** ଭାରତର ଆଧ୍ୟାତ୍ମିକ ଗୁରୁ ରବିଶଙ୍କର ସଂଯୁକ୍ତ ଆରବ ଏମିରେଟ୍‌ସର ଶାରଜାଠାରେ ଆୟୋଜିତ ଏକ ଯୋଗ ଶିବିରରେ ଚାପମୁକ୍ତ ଜୀବନଯାପନ ପାଇଁ ଦିଗ୍‌ଦର୍ଶନ ଦେଇଛନ୍ତି। ସେଠାରେ ପାକିସ୍ତାନ ସମେତ ୨୦ଟି ରାଷ୍ଟ୍ରର ୫,୦୦୦ ପ୍ରବାସୀ ଉପସ୍ଥିତ ଥିଲେ। କିପରି ଏକ ସୁଖୀ ଓ ଚାପମୁକ୍ତ ଜୀବନ ବଞ୍ଚିବାକୁ ହେବ ସେ ସମ୍ପର୍କରେ ରବିଶଙ୍କର ଯୋଗ ଓ ଧ୍ୟାନ ମାଧ୍ୟମରେ ବୁଝାଇଥିଲେ। ଯୋଗଗୁରୁ ରବିଶଙ୍କର ‘ଆର୍ଟ ଅଫ୍ ଲିଭିଙ୍ଗ୍’ର ପ୍ରବର୍ତ୍ତକ। ସେ ଫୁଜାଇରା ଶାସକ ହାମାଦ୍ ବିନ୍ ମହମ୍ମଦ୍ ଅଲ୍ ଶାର୍କିଙ୍କ ନିମନ୍ତ୍ରଣ କ୍ରମେ ୪ଦିନିଆ ଆରବ ଗସ୍ତରେ ଅଛନ୍ତି। ଶୁକ୍ରବାର ଶାରଜା ଏକ୍ସପୋ ସେଣ୍ଟରଠାରେ ପ୍ରବାସୀମାନଙ୍କୁ ଉଦ୍‌ବୋଧନ ଦେଇ ରବିଶଙ୍କର କହିଲେ, ପ୍ରାଚୀନ ପଦ୍ଧତିର ଯୋଗଧ୍ୟାନ ମାଧ୍ୟମରେ ସୁଖୀ ଓ ଚାପମୁକ୍ତ ଜୀବନଯାପନ କରାଯାଇ ପାରିବ। ଏଥିରେ ଭାରତ, ଶ୍ରୀଲଙ୍କା, ଫିଲିପାଇନ୍ସ ଏବଂ ପାକିସ୍ତାନ ସମେତ ୨୦ଟି ରାଷ୍ଟ୍ରର ପାଖାପାଖି ୫,୦୦୦ ପ୍ରବାସୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଆଧ୍ୟାତ୍ମିକ ଗୁରୁ ଦକ୍ଷିଣ ଏସିଆ ପାଇଁ ଉଦ୍ଦିଷ୍ଟ ଶାରଜାସ୍ଥିତ ଲେବର କ୍ୟାମ୍ପ ପରିଦର୍ଶନ କରି ସୁଖୀ ଜୀବନଯାପନ ଉପରେ ଏକ ସାରଗର୍ଭକ ପ୍ରବଚନ ଦେଇଥିଲେ। ସେଠାରେ ୧୦ଟି ଦେଶର ପ୍ରାୟ ୧,୦୦୦ ଲୋକ ଯୋଗ ଦେଇଥିଲେ। ଏହା ଆର୍ଟ ଅଫ୍ ଲିଭିଙ୍ଗ୍‌ର ସ୍ଥାନୀୟ ଶାଖା ପକ୍ଷରୁ ଆୟୋଜିତ ହୋଇଥିଲା। ବ୍ଲୁକୋଲାର ଶ୍ରମିକମାନଙ୍କୁ ଉଦ୍‌ବୋଧନ ଦେଇ ଗୁରୁଦେବ କହିଲେ, ଜୀବନର ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ସବୁବେଳେ ଖୁସି ରହିବା। ଧ୍ୟାନ ଓ ଯୋଗଦ୍ୱାରା ଜୀବନର କଷ୍ଟକର ସମୟକୁ ଅତିକ୍ରମ କରିହେବ। ଏପରି କି ଖରାପ ପରିସ୍ଥିତିରେ ମଧ୍ୟ ଆମକୁ ନୀରବ ଓ ଶାନ୍ତ ରହିବାକୁ ପଡିବ। ଯେ କୌଣସି କାର୍ଯ୍ୟ ହେଉନା କାହିଁକି ତାହାକୁ ଠିକ୍ ସମୟରେ କରିବାକୁ ହେବ।

## ଇତିହାସର ଆଇନାରେ

### ନଭେମ୍ବର ୧୮ର ପ୍ରମୁଖ ଘଟଣା

୧୯୬୩ ନଭେମ୍ବର ୧୮ରେ ଇଲେକ୍ଟ୍ରୋନିକ୍ ବଟନ୍ ବିଶିଷ୍ଟ ଟେଲିଫୋନ୍ (ପୁଶ୍-ବଟନ୍ ଟେଲିଫୋନ୍) ପ୍ରଥମକରି ଆମେରିକାରେ ସେବା ଆରମ୍ଭ କରିଥିଲା। ଏହି ପୁଶ୍-ବଟନ୍ ଟେଲିଫୋନ୍‌ରେ ନମ୍ବର ଡାଏଲ୍ କରିବା ପାଇଁ ଇଲେକ୍ଟ୍ରୋନିକ୍ ବଟନ୍ ବ୍ୟବହାର କରାଯାଇଥିଲା। ପୂର୍ବରୁ ରୋଟାରି ଡାଏଲ୍ ଫୋନ୍ (ଗୋଲାକାର ଢଙ୍ଗରେ ନମ୍ବର ଡାଏଲ କରାଯାଉଥିବା ଫୋନ୍)ଠାରୁ ଏହା ଅତି ସହଜ ଥିଲା।

୧୯୮୭ ନଭେମ୍ବର ୧୮ରେ ଲଣ୍ଡନର ସବୁଠାରୁ ବ୍ୟସ୍ତବହୁଳ ଅଣ୍ଡରଗ୍ରାଉଣ୍ଡ ଟ୍ରେନ୍ ଷ୍ଟେଶନ୍ କିଙ୍ଗ୍ସ କ୍ରସ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୩୧ ଜଣ ପ୍ରାଣ ହରାଇଥିବାବେଳେ ବହୁ ଲୋକ ଆହତ ହୋଇଥିଲେ। ରାତି ପ୍ରାୟ ୭ଟା ୩୦ ମିନିଟ୍‌ରେ କିଙ୍ଗ୍ସ କ୍ରସ୍ ସେଣ୍ଟ ପାନ୍‌କ୍ରାସ୍ ଟ୍ୟୁବ୍ ଷ୍ଟେଶନରେ ନିଆଁ ଲାଗିଥିଲା। ପିକାଡେଲି ଲାଇନରେ ସେବା ଯୋଗାଉଥିବା ଏକ୍ସଲେଟରରୁ ଏହି ନିଆଁ ଲାଗିଯାଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୭.୧ |
| ଚାନ୍ଦବାଲି | ୩୨.୯ | ୨୦.୦ |
| କଟକ | ୩୪.୪ | ୧୭.୪ |
| ପାରାଦ୍ୱୀପ | ୩୦.୮ | ୨୦.୪ |
| ଭୁବନେଶ୍ୱର | ୩୩.୨ | ୧୯.୩ |
| ଗୋପାଳପୁର | ୩୪.୮ | ୧୯.୮ |
| ପୁରୀ | ୩୧.୮ | ୨୧.୬ |
| ଅନୁଗୋଳ | ୩୩.୫ | ୧୪.୬ |
| ବାରିପଦା | ୩୦.୦ | ୧୮.୦ |
| ଝାରସୁଗୁଡ଼ା | ୩୨.୬ | ୧୬.୩ |
| କେନ୍ଦୁଝର | ୩୦.୬ | ୧୮.୪ |
| ସମ୍ବଲପୁର | ୩୩.୦ | ୧୬.୪ |
| ସୁନ୍ଦରଗଡ଼ | ୩୧.୦ | ୧୯.୦ |
| ହୀରାକୁଦ | ୩୨.୩ | ୧୬.୫ |
| ତାଳଚେର | ୩୫.୧ | ୧୬.୦ |
| ଭବାନୀପାଟଣା | ୩୩.୦ | ୧୬.୦ |
| ବଲାଙ୍ଗୀର | ୩୩.୫ | ୧୬.୬ |
| କୋରାପୁଟ | ୩୦.୦ | ୧୫.୬ |
| ଫୁଲବାଣୀ | ୩୨.୮ | ୧୧.୦ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୬.୦ | --- |
| ସୋନପୁର | ୩୩.୪ | ୧୫.୨ |
| ଦାରିଙ୍ଗିବାଡ଼ି | ୨୯.୦ | ୧୨.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମହିଳା କମିଶନକୁ ଭୟ



ତନୁଶ୍ରୀ ଦତ୍ତ

**ମୁମ୍ବାଇ:** ନୋଟିସ ଜାରି ସତ୍ତ୍ୱେ ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ନିକଟରେ ହାଜର ହେଉନାହାନ୍ତି। ଏଥିପାଇଁ ତନୁଶ୍ରୀଙ୍କ ଯୌନ ମାମଲାର ବିଚାର ପ୍ରକ୍ରିୟାରେ ଅଗ୍ରଗତି ହୋଇପାରୁ ନ ଥିବା କମିଶନ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କମିଶନ୍ ଅଧକ୍ଷା ବିଜୟା ରହତକର କହନ୍ତି, ତନୁଶ୍ରୀ ହାଜର ହୋଇ ତାଙ୍କ ପକ୍ଷ ରଖିବେ ବୋଲି ଆମେ ଅପେକ୍ଷା କରିଛୁ। କିନ୍ତୁ ସେ ଉପସ୍ଥିତ ହେଉ ନ ଥିବାରୁ ମାମଲାର ଅଗ୍ରଗତି ହୋଇପାରୁ ନାହିଁ। ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏ ସମ୍ପର୍କରେ କିପରି ଆଗେଇବାକୁ ହେବ ଆଇନଜୀବୀଙ୍କ ସହ ଆଲୋଚନା ଚାଲିଛି ବୋଲି ରହତକର ପ୍ରକାଶ କରିଥିଲେ। ଅକ୍ଟୋବର ୯ରେ ତନୁଶ୍ରୀ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ, ୨୦୦୮ରେ ଫିଲ୍ମ ‘ହର୍ନ ଓକେ ପ୍ଲିଜ୍’ ଶୁଟିଂ ହେଉଥିବା ବେଳେ ତାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା। ତାଙ୍କ ଅଭିଯୋଗ ଆଧାରରେ ଅଭିନେତା ନାନା ପାଟେକର, କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ, ପ୍ରଯୋଜକ ସମୀର ସିଦ୍ଦିକ୍ ଏବଂ ନିର୍ଦ୍ଦେଶକ ରାକେଶ ସାରଙ୍ଗ ଏହା ଉପରେ ୧୦ ଦିନ ମଧ୍ୟରେ ସେମାନଙ୍କ ଉତ୍ତର ରଖିବାକୁ ନୋଟିସ ଜାରି କରାଯାଇଥିଲା। ଏ ସମ୍ପର୍କିତ ଆଉ ଏକ ନୋଟିସ ମଧ୍ୟ ସିନେ ଓ ଟିଭି କଳାକାର ସଂଘକୁ ଜାରି କରାଯାଇ ଯୌନ ନିର୍ଯାତନା ଅଭିଯୋଗ ଉପରେ ସେମାନେ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ସ୍ପଷ୍ଟ କରିବାକୁ କୁହାଯାଇଥିଲା।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଫେସ୍‌ବୁକ୍ ନିଜ ବିରୋଧରେ ହେଉଥିବା ସମାଲୋଚନାକୁ ଚପାଇବାକୁ ଉଦ୍ୟମ କରୁଛି। ସେଥିଲାଗି ଏକ ପବ୍ଲିକ ରିଲେସନ କମ୍ପାନୀକୁ ନିଯୁକ୍ତ କରାଯାଇଛି। ଏହା ଜାଣିବା ପରେ ନିବେଶକମାନେ ଉତ୍କ୍ଷିପ୍ତ ହୋଇଉଠିଛନ୍ତି। ଏଥିରେ କୁହାଯାଇଛି ଯେ, ଜୁକରବର୍ଗ ନିଜ ଉପରୁ ଦୋଷ ଖସାଇ ନିୟୁତପତି ନିବେଶକ ଜର୍ଜ ସୋରସଙ୍କ ଉପରେ ଏହାକୁ ଲଦୁଛନ୍ତି। ସୂଚନାଥାଉ କି, ୨୦୧୬ରେ ଅନୁଷ୍ଠିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ରୁଷ୍‌ର ହସ୍ତକ୍ଷେପ ରୋକିବାରେ ଉକ୍ତ ସୋସିଆଲ ମିଡିଆ କମ୍ପାନୀ ବିଫଳ ହେବା ପରେ ଚାରିଆଡୁ ସମାଲୋଚନାର ଝଡ ବହି ଚାଲିଛି। ସେହିଦିନଠାରୁ ଉକ୍ତ କମ୍ପାନୀ ଉପରେ ନିବେଶକ ଖପ୍ପା ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ୮.୫ ମିଲିୟନ ପାଉଣ୍ଡ ଶେୟାର କିଣିଥିବା ଟ୍ରିଲିୟମ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ଜୋନାସ କ୍ରୋନ ଗତ ରାତିରେ ଅଧ୍ୟକ୍ଷ ପଦରୁ ଜୁକରବର୍ଗଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି ଯେ, ଫେସ୍‌ବୁକ୍ ଅଜବ ବ୍ୟବହାର କରୁଛି। ଏହା ଠିକ୍ ନୁହେଁ। କମ୍ପାନୀର ଅଧ୍ୟକ୍ଷ ଏବଂ ସିଇଓ ଜଣେ ବ୍ୟକ୍ତି ହେବା ଅନୁଚିତ୍। ଅନ୍ୟପକ୍ଷରେ ପବ୍ଲିକ ରିଲେସନ କମ୍ପାନୀ କିଭଳି କାର୍ଯ୍ୟ କରୁଛି ତା’ର ସମୀକ୍ଷା ଲାଗି ଗତ ମାସରେ ପଲିସି ଆଣ୍ଡ୍ କମ୍ୟୁନିକେଶନ୍ସର ନୂଆ ଗ୍ଲୋବାଲ ମୁଖ୍ୟ ଭାବେ ସାର୍ ନିକ୍ କ୍ଲେଗ୍‌ଙ୍କୁ ନିଯୁକ୍ତ କରାଯାଇଥିଲା। ସମାଲୋଚନାକୁ କିଭଳି ପରିଚାଳନା କରିବାକୁ ହେବ ଏହାକୁ ନେଇ ସେ ଏବେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଉଲ୍ଲେଖଥାଉ କି, ୨୦୦୪ରେ ଫେସ୍‌ବୁକ୍ ସ୍ଥାପନ କରି ଅଧ୍ୟକ୍ଷ ତଥା ସିଇଓ ଭାବେ ସେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନିକଟରେ କମ୍ପାନୀର ୬୦ ପ୍ରତିଶତ ଶେୟାର ରହିଛି।

## ନୂଆ ନିଯୁକ୍ତି

### ଆଦିତ୍ୟ ଘୋଷ



ହସ୍ପିଟାଲିଟି ଷ୍ଟାର୍ଟ ଅପ୍ ଓୟୋ ହୋଟେଲ ଏହାର ନୂଆ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ଆଦିତ୍ୟ ଘୋଷଙ୍କୁ ନିଯୁକ୍ତି ଦେଇଛି। ଘୋଷ ଡିସେମ୍ବର ୧୦ରୁ ଭାରତ ତଥା ଦକ୍ଷିଣ ଏସିଆ ଦାୟିତ୍ୱରେ କାର୍ଯ୍ୟ କରିବେ। ସେ ବିମାନ କମ୍ପାନୀ ଇଣ୍ଡିଗୋରେ ଦୀର୍ଘଦିନ ଧରି ସଭାପତି ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରହିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସେ କମ୍ପାନିରୁ ଇସ୍ତଫା ଦେଇଥିବା ଜଣା ପଡିଛି। ଜରୁରୀ ସ୍ଥିତି ପରିଚାଳନା, ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ପାଇଁ ଘୋଷ ବେଶ୍ ଜଣାଶୁଣା। ଏହି ନେତୃତ୍ୱ କମ୍ପାନୀକୁ ଅଭିବୃଦ୍ଧି ଦିଗରେ ନେବା ସହ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ସକ୍ଷମ ହେବୁ ବୋଲି ଓୟୋ ହୋଟେଲର ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ଥୋମାସ କୁରିଏନ୍

ଓରାକଲର ପୂର୍ବତନ ପ୍ରଡକ୍ଟ ମୁଖ୍ୟ ଥୋମାସ କୁରିଏନଙ୍କୁ ଗୁଗୁଲ ଏହାର କ୍ଲାଉଡ ଡିଭିଜନର ସିଇଓ ଭାବେ ନିଯୁକ୍ତ କରିଛି। ଗୁଗୁଲ କ୍ଲାଉଡକୁ ପରବର୍ତ୍ତୀ ସ୍ତରକୁ ନେବାରେ ଏହି ନିଯୁକ୍ତି ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଡାଏନ ଗ୍ରେନଙ୍କ ସ୍ଥାନରେ କୁରିଏନ କାର୍ଯ୍ୟ କରିବେ। ଏ ନେଇ ଏକ ବ୍ଲଗ ପୋଷ୍ଟରେ କୁରିଏନ୍ ସୂଚନା ଦେଇଛନ୍ତି। ସେ ଓରାକଲ କମ୍ପାନୀରେ ଦୀର୍ଘ ୨୨ ବର୍ଷର ଅଭିଜ୍ଞତା ଲାଭ କରିଛନ୍ତି। ଅପରପକ୍ଷରେ ଗ୍ରେନ ଆଲଫାବେଟ୍ ବୋର୍ଡର ନିର୍ଦ୍ଦେଶକ ରହିବେ ବୋଲି ଜଣା ପଡିଛି।



# ମେକ୍ ଇନ୍ ଓଡ଼ିଶାରେ ନାଲ୍‌କୋର ହାଇଟେକ୍ ପାଭିଲିୟନ

ଭୁବନେଶ୍ୱର,୧୭-୧୧

ଦେଶର ଚତୁର୍ଥ ଶିଳ୍ପ ବିପ୍ଳବ ପ୍ରବେଶ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ, ରୋବୋଟିକ୍ସ, ଅଗମେଣ୍ଟେଡ୍ ରିୟଲିଟିର ପ୍ରୟୋଗ ଦ୍ୱାରା ନାଲ୍‌କୋ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏହା କହିଛନ୍ତି। ନିକଟରେ ଶେଷ ହୋଇଥିବା ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୧୮ରେ କମ୍ପାନୀର ହାଇଟେକ୍ ପାଭିଲିୟନକୁ ଉଦ୍‌ଘାଟନ କରି ଚାନ୍ଦ କହିଛନ୍ତି, ଇଣ୍ଡଷ୍ଟ୍ରି ୪.୦ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପୁଞ୍ଜି ନିବେଶରେ ବ୍ୟାପକ ହ୍ରାସ ଘଟିବ। ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ସ୍ଥାନ ବଜାୟ ରଖିବା ଲାଗି ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭ ଉଦ୍ୟୋଗଗୁଡିକ ନେବା ଉଚିତ। ନୂତନ ଆହ୍ୱାନର ସମ୍ମୁଖୀନ ହେବା ଲାଗି ନାଲ୍‌କୋ ପ୍ରସ୍ତୁତ ବୋଲି ସେ କହିଛନ୍ତି। କମ୍ପାନୀର ସଫଳତା ତଥା ଅନ୍ୟାନ୍ୟ ବୈଷୟିକ ଦକ୍ଷତାକୁ ଏହି ଷ୍ଟଲରେ ପ୍ରଦର୍ଶନ କରାଯାଇଥିଲା।




# ଅନୁଗୋଳରେ ଶିଳ୍ପ ପାର୍କ କରିବ ଜେଏସ୍‌ପିଏଲ୍

ଭୁବନେଶ୍ୱର,୧୭-୧୧

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ୍) ଅନୁଗୋଳଠାରେ ଏକ ଶିଳ୍ପ ପାର୍କ ପ୍ରତିଷ୍ଠା କରିବ। ଉକ୍ତ ପାର୍କରେ ନିବେଶକଙ୍କୁ ଜମି, ଜଳ, ବିଦ୍ୟୁତ ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ। ମେକ୍ ଇନ୍ ଓଡିଶା କନକ୍ଲେଭ-୨୦୧୮ ଅବସରରେ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏହି ସୂଚନା ଦେଇଛନ୍ତି। ୨୦୩୦ ସୁଦ୍ଧା କମ୍ପାନୀ ଓଡିଶାରେ ଏହାର ନିବେଶ ପରିମାଣକୁ ୪୫,୦୦୦ କୋଟି ଟଙ୍କାରୁ ବୃଦ୍ଧି କରି ୧ ଲକ୍ଷ କୋଟି ଟଙ୍କା କରିବ।



ଅନୁଗୋଳସ୍ଥିତ ଇସ୍ପାତ କାରଖାନାର କ୍ଷମତା ୬ ନିୟୁତ ଟନ୍‌ରୁ ବଢାଇ ୨୦ ନିୟୁତ ଟନ କରିବାକୁ କମ୍ପାନୀ ଯୋଜନା ରଖିଛି। ଘରୋଇ କଞ୍ଚାମାଲ ବ୍ୟବହାର ଦ୍ୱାରା ରାଜ୍ୟରେ ବାର୍ଷିକ ୬ ନିୟୁତ ମେଗା ଟନ୍ ଇସ୍ପାତ କାରଖାନା ସ୍ଥାପନ ଲାଗି କମ୍ପାନୀ ୨୦୦୩ରେ କାର୍ଯ୍ୟ ଆରମ୍ଭ କରିଥିଲା ବୋଲି ଜିନ୍ଦଲ ସୂଚନା ଦେଇଛନ୍ତି।

# ହୋଣ୍ଡା ଏସିଆନ୍ ଜର୍ଣ୍ଣି ଉଦ୍‌ଯାପିତ



ଭୁବନେଶ୍ୱର,୧୭-୧୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ‘ଏସିଆନ ଜର୍ଣ୍ଣି ୨୦୧୮’ଉଦ୍‌ଯାପିତ ହୋଇଯାଇଛି। ଏହା ହୋଣ୍ଡାର ବଡ ବାଇକଗୁଡିକର ଏକ କାରାଭାନ। ଉକ୍ତ କାରାଭାନ ମାଲେସିଆ ଉପଦ୍ୱୀପରୁ ବାହାରି ମାଲେସିଆ ମୋଟୋ ଜିପିରେ ପହଞ୍ଚିଥିଲା। ଭାରତରେ ମୋଟର ସ୍ପୋର୍ଟସକୁ ଲୋକପ୍ରିୟ କରାଇବା ଲକ୍ଷ୍ୟରେ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତରୁ ୫ ଚାଳକ ଅଂଶ ଗ୍ରହଣ କରିଥିଲେ। ଏଥିରେ ହୋଣ୍ଡାର ଗୋଲ୍ଡ ୱିଙ୍ଗ, ଆଫ୍ରିକା ଟ୍ୱିନ, ସିବି ୧୦୦୦ ଆର୍, ସିବି ୧୧୦୦କୁ ଚଳାଇବାକୁ ସୁଯୋଗ ପାଇଥିଲେ। ୬ ଦେଶର ୬୦ ଚାଳକ ଏଥିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଗ୍ରାହକ, ସାମ୍ବାଦିକ, ହୋଣ୍ଡା ଡିଲର ଏବଂ ସହଯୋଗୀ ସାମିଲ ଥିବା କମ୍ପାନୀ ପ୍ରକାଶ କରିଛି।

# ଆମ୍ରି ପକ୍ଷରୁ ମଧୁମେହ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭-୧୧

ଆମ୍ରି ହସ୍ପିଟାଲ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ମଧୁମେହ ସଂକ୍ରାନ୍ତ ସଚେତନତା ଲାଗି ହସ୍ପିଟାଲ ପକ୍ଷରୁ ଏକ ୱାକାଥନ ବିଜେବି ନଗରଠାରେ ଅନୁଷ୍ଠିତ ହୋଇଥିଲା। ସିଲଭର ଏଜ୍ ଫାଉଣ୍ଡେଶନ ଫର ଏଲଡର୍ସର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା। ବିଜେବିନଗର ପିପୁଲ୍ସ ଆସୋସିଏଶନଠାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ୨୦୦ରୁ ଅଧିକ ବରିଷ୍ଠ ନାଗରିକ ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମଧୁମେହ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମଧୁମେହ ରୋଗ ବିଶେଷଜ୍ଞ ଡା.ରିତେଶ ଅଗ୍ରୱାଲ, ଆମ୍ରିର ଭିପି ତଥା ୟୁନିଟ ମୁଖ୍ୟ ଲକ୍ଷ୍ମୀ ନାରାୟଣ ରେଡ୍ଡୀ ଚିନ୍ନମ, ଭିପି ଦିଲୀପ କୁମାର ପାତ୍ର, ସିଲଭର ଏଜ୍ ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ଅମର ଜ୍ୟୋତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଏସ୍‌ବିଆଇର କ୍ଷୁଦ୍ର ବ୍ୟବସାୟୀ ମେଳା



ଭୁବନେଶ୍ୱର,୧୭-୧୧

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ-୩ ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆଠାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମଧ୍ୟମ-କ୍ଷୁଦ୍ର ବ୍ୟବସାୟୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଏସ୍‌ବିଆଇ ଅଧ୍ୟକ୍ଷ ରଜନିଶ କୁମାର, ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ସବୁ ଜିଲାରୁ ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ବ୍ୟବସାୟ ଏବଂ କଳାର ପ୍ରଦର୍ଶନ କରିଥିଲେ। ମେଳାରେ ୨୫ଟି ଷ୍ଟଲ ସ୍ଥାପନ ହୋଇଥିଲା। ଷ୍ଟଲଗୁଡିକରେ ହସ୍ତଶିଳ୍ପ, କୁଟିରଶିଳ୍ପ, ପାରମ୍ପରିକ କଳାର ପ୍ରଦର୍ଶନ ହୋଇଥିଲା। ଏସ୍‌ବିଆଇ ନାରୀ ସଶକ୍ତୀକରଣ, ଜନସାଧାରଣଙ୍କ ବିକାଶ ଏବଂ ରାଜ୍ୟରେ ଉନ୍ନତି ଦିଗରେ ସହଭାଗୀ ହୋଇପାରିଛି ବୋଲି କୁମାର ଏହି ଅବସରରେ କହିଥିଲେ।

# ଏୟାର ଏସିଆ ପକ୍ଷରୁ ବିଗ୍ ସେଲ୍

ଭୁବନେଶ୍ୱର,୧୭-୧୧

ଏୟାର ଏସିଆ ବିଗ୍ ସେଲ୍ ଦ୍ୱାରା ଗ୍ରାହକଙ୍କୁ ଯାତ୍ରା କ୍ଷେତ୍ରରେ ରିହାତି ସୁବିଧା ଦେଉଛି। ଏହା ଯାତ୍ରୀଙ୍କୁ ଏସିଆ, ଅଷ୍ଟ୍ରେଲିଆ ଭଳି ୧୨୦ରୁ ଊର୍ଦ୍ଧ୍ୱ ଗନ୍ତବ୍ୟସ୍ଥଳ ସହ ସଂଯୋଗ କରୁଛି। ବିଗ୍ ସେଲ୍‌ରେ ବୁକିଂ କରିଥିବା ଗ୍ରାହକମାନେ ୬ ମେ ୨୦୧୯ରୁ ୪ ଫେବୃୟାରୀ ୨୦୨୦ ମଧ୍ୟରେ ଭ୍ରମଣ ପାଇବେ। ଏଥି ପାଇଁ ଚଳିତ ମାସ ୧୧ରୁ ୧୮ଯାଏ ବୁକିଂ ସୁବିଧା ରହିଥିବା କମ୍ପାନୀ ପ୍ରକାଶ କରିଛି। ଏଥିରେ ଘରୋଇ ଯାତ୍ରା ପାଇଁ ୱାନ-ୱେ ଭଡ଼ା ସର୍ବନିମ୍ନ ୩୯୯ ଟଙ୍କା ଏବଂ ଅନ୍ତର୍ଜାତୀୟ ଯାତ୍ରା ପାଇଁ ୱାନ-ୱେ ଭଡ଼ା ସର୍ବନିମ୍ନ ୧,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ଦେଶ ମଧ୍ୟରେ ୨୧ ଗନ୍ତବ୍ୟସ୍ଥଳକୁ ଗ୍ରାହକ ଚୟନ କରିପାରିବେ। ଗ୍ରାହକମାନେ କୁଆଲାଲମ୍ପୁର, ବ୍ୟାଙ୍କକ୍, କ୍ରାବି, ସିଡନୀ, ଅକଲ୍ୟାଣ୍ଡ, ମେଲବର୍ଣ୍ଣ, ସିଙ୍ଗାପୁର, ବାଲି ଭଳି ଅନ୍ୟାନ୍ୟ ସ୍ଥାନ ଚୟନ କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଓଡିଶା ସରକାର

DSPL - 191

ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ
ମାନସିକ ରୋଗ ସମ୍ପର୍କରେ ଜାଣିବା କଥା

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ମାନସିକ ରୋଗର ଲକ୍ଷଣ
★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ
★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

# ‘କଳିଙ୍ଗ ବିଶ୍ୱର ଶ୍ରେଷ୍ଠ ଷ୍ଟାଡିୟମ ହୋଇପାରିବ’

**ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟସ୍ ବ୍ୟୁରୋ)**



ପୁରୁଷ ହକି ବିଶ୍ୱକପ୍ ୨୦୧୮ ପରିଚାଳନା ପରିଷଦ ବୈଠକରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବୃନ୍ଦ।

କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୫ ଷ୍ଟାଡିୟମ ମଧ୍ୟରେ ସ୍ଥାନ ପାଇପାରିବ। ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ) ସଭାପତି ନରିନ୍ଦର ବାତ୍ରା ଏ କଥା ପ୍ରକାଶ କରିଛନ୍ତି। ଶୁକ୍ରବାର ରାଜ୍ୟ ସଚିବାଳୟଠାରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ୨୦୧୮ ପରିଚାଳନା ପରିଷଦର ବୈଠକ ବସିଥିଲା। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ କୁମାର ଦେବ ସଭ୍ୟମାନଙ୍କୁ ବିଶ୍ୱକପ୍ ପାଇଁ ହୋଇଥିବା ବିଭିନ୍ନ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଉଦ୍‌ଘାଟନୀ ଉତ୍ସବ, ମ୍ୟାଚ ଏବଂ ସିଟି ଫେଷ୍ଟିଭାଲ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏଫଆଇଏଚ୍ ସଭାପତି ବାତ୍ରା ପ୍ରଥମେ ସାହାଯ୍ୟ ଓ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାକୁ ଭାରତର କ୍ରୀଡ଼ା ରାଜଧାନୀ ବୋଲି କହିଥିଲେ। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୫ ଷ୍ଟାଡିୟମ ମଧ୍ୟରେ ଅନ୍ୟତମ ହୋଇପାରିବ। ହକି ବିଶ୍ୱକପ୍ ସଫଳତାର ସହିତ ଆୟୋଜନ ହୋଇପାରିବ ବୋଲି ସେ ଦୃଢ଼ତାର ସହିତ କହିଥିଲେ। କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବକୁ ଆକର୍ଷଣୀୟ କରିବା ଲାଗି ସବୁମତେ ଉଦ୍ୟମ ହେଉଛି। ଉଦ୍‌ଘାଟନୀ ଉତ୍ସବ ମଞ୍ଚର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମର ଆସନ କ୍ଷମତା ୧୦,୦୦୦ରୁ କମ୍ ରହିବ। ସର୍ବସାଧାରଣଙ୍କ ପାଇଁ ଟିକେଟ ବିକ୍ରି କେବଳ ଅନ୍‌ଲାଇନ (WWW.TICKETGENIE.IN.)ରେ ହେବ, ଆଉଟଲେଟ୍‌ରେ ନୁହେଁ। ଟିକେଟ ବିକ୍ରି କେବେ ଆରମ୍ଭ ହେବ ତାହା ଯଥେଷ୍ଟ ସମୟ ପୂର୍ବରୁ ଜଣାଇ ଦିଆଯିବ। ପାସ୍ ବ୍ୟବସ୍ଥା ରହିବ ନାହିଁ। ସମସ୍ତଙ୍କୁ ଅଫିସିଆଲ ଟିକେଟ ଅପରେଟରଙ୍କଠାରୁ ଟିକେଟ କ୍ରୟ କରିବାକୁ ହେବ। ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ଦେଖିବା ଲାଗି ଜନତାଙ୍କ ଆଗ୍ରହକୁ ସମ୍ମାନ ଜଣାଇ କଟକର ବାରବାଟୀ ଷ୍ଟାଡିୟମରେ ଅନୁରୂପ ଉତ୍ସବର ଆୟୋଜନ କରାଯାଇଛି। ବିଶିଷ୍ଟ ସଙ୍ଗୀତକାର ଏ.ଆର. ରହମନ ଉଭୟ ସ୍ଥାନରେ ତାଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବେ। ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଏବଂ ୨୮ ତାରିଖରେ ବାରବାଟୀ ଷ୍ଟଡିୟମରେ। କଟକରେ ଆୟୋଜିତ କାର୍ଯ୍ୟକ୍ରମରେ କେତେଜଣ ବଲିଉଡ ସେଲିବ୍ରିଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହକି ବିଶ୍ୱକପ୍ ସମୟରେ ଭୁବନେଶ୍ୱର ସହର ବାସିନ୍ଦା ସିଟି ଫେଷ୍ଟିଭାଲରେ ମଜା ନେଇପାରିବେ। ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲ, ଆର୍ଟ ଟେଲ୍, ଷ୍ଟୋରିଟେଲିଂ ଫେଷ୍ଟିଭାଲ, ଫୁଡ୍ ଫେଷ୍ଟିଭାଲ ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ବୈଠକରେ ଟ୍ରାଫିକ୍, ସାଧାରଣ ଗମନାଗମନ ଏବଂ ପାର୍କିଂ ବ୍ୟବସ୍ଥା ନେଇ ମଧ ଆଲୋଚନା ହୋଇଥିଲା। ସମସ୍ତ ଆୟୋଜନ ଯେପରି ସୁଚାରୁରୂପେ ସମ୍ପନ୍ନ ହୁଏ ସେ ଦିଗରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରସ୍ତୁତି କାର୍ଯ୍ୟ ନେଇ ସନ୍ତୋଷ ପ୍ରକାଶ କରିବା ସହ ଏହି ବିଶ୍ୱକପ୍ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଆଶା ପ୍ରକାଶ କରି କହିଥିଲେ। ପରିଚାଳନା ପରିଷଦ ବୈଠକରେ ଆହୁରି ମଧ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲକ୍ରିଷ୍ଣନ, ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା, ଏସିଏସ୍ ଫାଇନାନ୍ସ ତୁହିନ କାନ୍ତ ପାଣ୍ଡେ, ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ, ପୋଲିସ କମିଶନର ସତ୍ୟଜିତ ମହାନ୍ତି ଏବଂ ଅନ୍ୟ ବହୁ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

## ବିଶ୍ୱକପ୍ ଉଦ୍‌ଘାଟନୀ

- ଟିକେଟ୍ ବିକ୍ରି କେବଳ ଅନଲାଇନ୍‌ରେ ହେବ
- ପାସ୍ ବ୍ୟବସ୍ଥା ରହିବ ନାହିଁ
- ୨୭ରେ କଳିଙ୍ଗ ଷ୍ଟାଡିୟମ ଓ ୨୮ରେ ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ହେବ
- ଉଭୟ ସ୍ଥାନରେ ସଂଗୀତକାର ଏ.ଆର. ରହମନ କାର୍ଯ୍ୟକ୍ରମ ପରିବେଷଣ କରିବେ

# ଜିଲାସ୍ତରୀୟ ଫୁଟବଲ: ଗୁଲାମୀ ଚାମ୍ପିୟନ

**ବେଲପଡା, ୧୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ତଲପଡା ସୁବାଷ ଯୁବକ ସଂଘ ଆନୁକୂଲ୍ୟରେ ଗତ ୮ତାରିଖରୁ ସ୍ଥାନୀୟ ଗିରିଗୋବର୍ଦ୍ଧନ ଖେଳପଡିଆଠାରେ ଚାଲିଥିବା ୧୨ତମ ଜିଲାସ୍ତରୀୟ ଫୁଲବଲ ଟୁର୍ନାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଗୁଲାମୀ ବନାମ ପାଟଣାଗଡ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଗୁଲାମୀ ୧–୦ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଖେଳକୁ ଖୁସିରାମ ମଲ୍ଲିକ ଓ ଲାଇନ ଜଜରେ ଶ୍ରୀବତ୍ସ ସାହୁ,ବିଜୟ ଖମାରୀ ଓ ଧାରା ବିବରଣୀରେ ବିବେକାନନ୍ଦ ପାଣି ପ୍ରଦାନ କରିଥିଲେ । ନରୋତ୍ତମ ସେଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଆନନ୍ଦ ଅଗ୍ରୱାଲ ଯୋଗଦେଇ ବିଜେତା ଗୁଲାମୀ ଦଳକୁ ଚାମ୍ପିୟନ କପ ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ପ୍ରବୀଣ ଆର୍ଯ୍ୟ ଓ ବିନୋଦ ଜୈନ ଯୋଗଦେଇ ଉପବିଜେତା ପାଟଣାଗଡ ଦଳକୁ ରନର୍ସ କପ ସହ ଟ୍ରଫି ପ୍ରଦାନ କରିଥିଲେ । ସୁବାଷ ଯୁବକ ସଂଘର ସଭାପତି ଭୁବନେଶ୍ୱର ପୁଟେଲ, ସମ୍ପାଦକ ଉମାକାନ୍ତ ସେଠ, ଟିମ ମ୍ୟାନେଜର କମଳ ମେହେର, ସଭ୍ୟ ମୁକୁନ୍ଦ ନାଏକ, ଧର୍ମେନ୍ଦ୍ର ସେଠ, ରାଜ କୁମାର ସେଠ, ଗୋବିନ୍ଦ ଗହୀର, ହିମାଂଶୁ ପୁଟେଲ, ଜନ୍ମେଜୟ ପୁଟେଲଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା ।



ଫାଇନାଲ ମ୍ୟାଚର ଉଭୟ ଦଳର ଖେଳାଳିମାନେ।

# ରୋମାଞ୍ଚକ ସ୍ଥିତିରେ କାଣ୍ଡି ଟେଷ୍ଟ

**କାଣ୍ଡି(ଶ୍ରୀଲଙ୍କା), ୧୭।୧୧(ଏଏଫପି):** ଘରୋଇ ଶ୍ରୀଲଙ୍କା ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଟେଷ୍ଟ ସିରିଜର ୨ୟ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ୩୦୧ ରନର ଟାର୍ଗେଟ୍‌କୁ ପିଛା କରୁଥିବା ଶ୍ରୀଲଙ୍କା ଶନିବାର ୪ର୍ଥ ଦିବସ ଖେଳ ଶେଷ ସୁଦ୍ଧା ୭ ଉଇକେଟ୍ ହରାଇ ୨୨୬ ରନ କରିଛି। ରବିବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଶ୍ରୀଲଙ୍କା ବିଜୟ ଲାଗି ଆଉ ୭୫ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ଭ୍ରମଣକାରୀ ଇଂଲଣ୍ଡ ସିରିଜ ବିଜୟଠାରୁ ୩ ଉଇକେଟ୍ ପଛରେ ରହିଛି। ପୂର୍ବରୁ ପ୍ରଥମ ମ୍ୟାଚ୍ ଜିତି ଇଂଲଣ୍ଡ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳୀୟ ସ୍କୋର ମାତ୍ର ୨୬ ରନ ହୋଇଥିବାବେଳେ ଆଗଧାଡ଼ିର ୩ ଉଇକେଟ ହରାଇଥିଲା। ତେବେ ଅନ୍ୟତମ ଓପନର୍ ଦିମୁଥ କରୁଣାରତ୍ନେ (୫୭)ଙ୍କ ସମେତ ମଧ୍ୟକ୍ରମରେ ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ (୮୮ ରନ୍) ଓ ରୋସନ ସିଲ୍‌ଭା (୩୭) ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ମ୍ୟାଚ୍‌କୁ ଜୀବନ୍ତ କରିଥିଲେ। ଟା’ପାନ ବିରତି ପରେ ବର୍ଷା ହେବାରୁ ଶନିବାରର ଖେଳକୁ ବନ୍ଦ କରିଦିଆଯାଇଥିଲା। ନିରୋଶାନ ଡିକ୍‌ୱେଲା ୨୭ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ସଫଳ ବୋଲରଭାବେ ଇଂଲଣ୍ଡ ପକ୍ଷରୁ ଜ୍ୟାକ୍ ଲିଚ୍ ୪ଟି ଓ ମୋଇନ ୨ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସିରିଜକୁ ବରାବର୍ କରିବାକୁ ହେଲେ ଶ୍ରୀଲଙ୍କାକୁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇଛି।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ– ୨୯୦ ଓ ୩୪୬ ଅଲ୍‌ଆଉଟ୍। ଶ୍ରୀଲଙ୍କା– ୩୩୬ ଓ ୨୨୬/୭ (ଡିକ୍‌ୱେଲା ୨୭*, ମାଥ୍ୟୁସ ୮୮, ଲିଚ୍ ୪/୭୩)।

# ମ୍ୟାଚ୍ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ

## ସି.କେ. ନାଇଡୁ ଟ୍ରଫି

**କଟକ ଅଫିସ,୧୭।୧୧:** ଗୋଆର ସାନଗୁଏମ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା–ଗୋଆ ମ୍ୟାଚ୍ ଡ୍ର ରହିଛି। ତେବେ ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ଭିତ୍ତିରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି । ୨ଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ହାସଲ କରି ଦଳ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି । ତୃତୀୟ ଦିବସ ଖେଳ ଶେଷସୁଦ୍ଧା ଓଡ଼ିଶା ୪ ଉଇକେଟ ହରାଇ ୨୦୮ ରନ୍ କରିଥିଲା। ୪ର୍ଥ ଦିବସରେ ଦଳ ଆଉ ୫ ଉଇକେଟ ହରାଇ ୯୮ରନ୍ ଯୋଡ଼ିବା ପରେ ଦ୍ୱିତୀୟ ଇନିଂସ୍ ଘୋଷଣା କରିଥିଲା। ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୯ ଉଇକେଟ ହରାଇ ମୋଟ୍ ୩୦୬ ରନ୍ ସଂଗ୍ରହ କରଥିଲା। ଅନ୍ତିମ ଦିବସରେ ସୌରଭ କନୌଜିଆ(୪୧ରନ୍) ଓ କ୍ଷମାସାଗର ବଳ(୨୮ରନ୍) ଦ୍ରୁତ ଇନିଂସ୍ ଖେଳି ଆଉଟ ହୋଇଥିଲେ। ଗୋଆ ପକ୍ଷରୁ ୱାଇ. ଧୀରଜ ସର୍ବାଧିକ ୩ଟି ଉଇକେଟ ଦଖଲ କରିଛନ୍ତି । ଦ୍ୱିତୀୟ ଇନିଂସ୍‌ରେ ଗୋଆ ୫୮ ଓଭର ଖେଳି ୩ ଉଇକେଟରେ ୧୨୨ ରନ୍ କରିଥିଲା। ଓପନର ଇଶାନ ଗଡ଼େକର ସର୍ବାଧିକ ୫୫ ରନ୍ କରିଛନ୍ତି । ଓଡ଼ିଶା ପକ୍ଷରୁ ଆଶିଷ ରାୟ ୨ଟି ଉଇକେଟ ଦଖଲ କରିଥିଲେ। ସୂଚନାଥାଉ କି, ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୨୯୩ ରନ୍ କରିଥିଲା। ଜବାବରେ ଘରୋଇ ଗୋଆ ଦଳ ୨୩୭ ରନ୍‌ରେ ସୀମିତ ରହିଥିଲା।


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER SAMBALPUR

### SHORT TENDER CALL NOTICE

No. Drugs & chemical / 5154/2018-19 Date: 16.11.2018

**No. 575-E:-** Sealed tenders are invited from registered Firms / Suppliers / Manufacturers / authorized distributors for supply of Drugs, Chemical & Consumable to the undersigned. Details regarding items with terms and condition may be downloaded from district website www.sambalpur.nic.in. The tenders should reach to the office of the undersigned on or before Date 30.11.2018 upto 4 PM through Sped Post / Registered Post / Courier Service only. The tender will be opened on 01.12.2018 at 12.00 Noon in the office chamber of undersigned. The undersigned reserves the right to reject any or all the tenders without assigning any reason.

*Sd./- Chief District Medical & Public Health Officer, Sambalpur*

10049/11/0059/1819

## Government of Odisha “e” procurement Notice

### TENDER CALL NOTICE

**Identification No.01/SE NH SBP of 2018-19**
**(Bid No.01 SENH SBP of 2018-19)**

No.34-b

| Sl. No. | Name of the works | Estimated cost in Rupees | Period of completion in calendar month | Date / time for receipt of bids | Name and address of the officer inviting tender |
|---|---|---|---|---|---|
| 1. | “Repair to NH-59 from Km 57.500 to 68.290 KM such as providing BC and patch repair with 50mm thick BM for the year 2018-19 | **Rs.1,21,99,676.00** | 3 (Three) calendar months | **10.00 AM of Dt.26.11.2018 to 5.00 PM of Dt.10.12.2018** | Er. Upendra Kumar Mund, Superintending Engineer, N.H. Circle, Sambalpur |

Further details can be seen from the “e” procurment website **www.tendersorissa.gov.in**.

**Sd./- Superintending Engineer**
**N.H. Circle, Sambalpur**

34021/11/0004/1819

## ODISHA STATE BEVERAGES CORPORATION LIMITED

**(A GOVERNMENT OF ODISHA UNDERTAKING)**
**2nd FLOOR, FORTUNE TOWERS, CHANDRASEKHARPUR, BHUBANESWAR-751023 (ODISHA)**
CIN: U51228OR2000SGC006372
Tel: 0674-2303972(0) Fax: 0674-2302963, Email:- osbcltd@gmail.com, Website: https://osbc.co.in

Ref. No. 1693/OSBC/4428 Date: 16.11.2018

### ADVERTISEMENT FOR RECRUITMENT OF ASSISTANT MANAGERS

No.CAD-1030: The Odisha State Beverages Corporation Ltd. (OSBC Ltd.), a Public Sector Undertaking (PSU) of Government of Odisha, invites applications for the posts of Assistant Manager as detailed below.

| Name of the Post | No. of Vacancies | Remuneration |
|---|---|---|
| Assistant Manager | ST-2<br>SC-2<br>SEBC-1<br>UR-6(W-2)<br>Total - 11 (W-2) | Rs.9300/- - Rs.34800/- with a grade pay of Rs.4600/- as per the 6th Pay Commission Scale and fits at Rs.44,900/- in level 1 of Matrix 10 (First Schedule of ORSP Rule-2017) as per the 7th Pay Commission Scale. |

The details along with prescribed Application Form are available on the official website of OSBC Ltd. **https://osbc.co.in**.

The last date and time for receipt of duly filled in Application Form along with required documents from the interested candidates is 07.12.2018 by 6 P.M.

36003/11/0007/1819 **Sd./- Managing Director**

## ତହସିଲଦାରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

No. 73-F

**ସଂଖ୍ୟା ୬୭୮୬, ତାରିଖ : ୧୪.୧୧.୨୦୧୮**

### ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଓ କେନ୍ଦୁଝର ତହସିଲ ଅନ୍ତର୍ଗତ ପଳାଶପଙ୍ଗା ରାଜସ୍ୱ ମଣ୍ଡଳ ଅଧୀନରେ ମୁରୁସୁଆଁ ମୌଜା ଖାତା ନଂ ୧୪୬ (ଆ.ଅ.ଅ) ପ୍ଲଟ ନଂ ୯୭୧ (ଆଂଶିକ) ରକବା – ଏ ୮.୭୦ ଡେ. ରେ ଅବସ୍ଥିତ ଥିବା ଲଘୁଖଣିଜ ଦ୍ରବ୍ୟ (ପଥର) ସୈରାତ ଉତ୍ସଟିକୁ ୨୦୧୮–୧୯ ଆର୍ଥିକ ବର୍ଷ ଠାରୁ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। ସୈରାତ ଉତ୍ସକୁ ଲିଜ୍ ସୂତ୍ରରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି / ସଂସ୍ଥା ବାର୍ଷିକ ଅନ୍ୟୂନ ୬୦୦୦.୦୦ (ଛଅ ହଜାର) ଘନ ମିଟର ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବାକୁ ଓ ନିର୍ଦ୍ଧାରିତ ହାରରେ ରୟାଲିଟ୍, ଅନ୍ୟାନ୍ୟ ସରକାରୀ ଦେୟ ଜମାଦେବା ପାଇଁ ସକ୍ଷମ ଥିବା ଆବଶ୍ୟକ। ଆଗ୍ରହୀ ବ୍ୟକ୍ତି ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତା. ୦୬.୧୨.୨୦୧୮ ରୁ ତା. ୧୫.୧୨.୨୦୧୮ ଅପରାହ୍ନ ଘ. ୫.୦୦ ମଧ୍ୟରେ ନିମ୍ନଲିଖିତ କାଗଜପତ୍ର ସହ ଜଉମୁଦ ବାକ୍ସରେ ଆବେଦନ ପତ୍ର ଜମା କରିପାରିବେ। ଜଉମୁଦ ଖୋଲା ହେବା ପାଇଁ ତା ୧୮.୧୨.୨୦୧୮ ସମୟ ଦିବା ୧୧.୦୦ କୁ ନିର୍ଦ୍ଧାରିତ କରାଯାଇଛି। ଜଉମୁଦ ଖୋଲା ସମୟରେ ଆବେଦନକାରୀ ବା ସେମାନଙ୍କ ପ୍ରତିନିଧି ଉପସ୍ଥିତ ରହିପାରିବେ। କୌଣସି କାରଣ ନ ଦର୍ଶାଇ ସୈରାତ ଉତ୍ସର ଲିଜ୍ ପ୍ରସ୍ତାବକୁ ସ୍ଥଗିତ/ ରଦ୍ଦ ବା ସର୍ତ୍ତ ପରିବର୍ତ୍ତନ କରିବାର କ୍ଷମତା, କ୍ଷମତାସମ୍ପନ୍ନ ଅଧିକାରୀଙ୍କର ରହିଅଛି। ପୂର୍ବରୁ ସୈରାତ ଉତ୍ସ ନିଲାମ ନେଇ ବକେୟା ରଖିଥିବା ବ୍ୟକ୍ତି / ଚୁକ୍ତି ଖିଲାପ କରିଥିବା ବ୍ୟକ୍ତି / ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ଦ୍ୱାରା ଦଣ୍ଡିତ ବ୍ୟକ୍ତି ଲିଜ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ତତ୍‌କ୍ଷଣାତ୍ ଅଗ୍ରାହ୍ୟ କରାଯିବ। ନିର୍ଦ୍ଧାରିତ ତାରିଖରେ ଲିଜ୍ ସ୍ଥିରୀକୃତ ହୋଇନପାରିଲେ, ସୈରାତ୍ ଉତ୍ସକୁ ଲିଜ୍ ନେବା ପାଇଁ ଆଗ୍ରହୀ ବ୍ୟକ୍ତି ପୁନଃ ତା ୨୭.୧୨.୨୦୧୮ ଓ ତା ୦୪.୦୧.୨୦୧୯ ଅଫିସ୍ କାର୍ଯ୍ୟ ସମୟରେ ଉପସ୍ଥିତ ରହି ଆବେଦନ ପତ୍ର ଜଉମୁଦ ବାକ୍ସରେ ଜମା କରିପାରିବେ ଓ ଯଥାକ୍ରମେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଆବେଦନକାରୀ ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଆବେଦନ ପତ୍ର ଖୋଲାଯିବ / କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆବେଦନ ପାଇଁ ଆବଶ୍ୟକ ପଡୁଥିବା କାଗଜର ବିବରଣୀ

୦୧. ଦରଖାସ୍ତ – ଫର୍ମ ‘‘**M**’’ ତିନି କପି ସହ
୦୨. ଟ୍ରେଜେରି ଚାଲାଣ ଟ. ୧୦୦୦/– (ଏକ ହଜାର ଟଙ୍କା) ମାତ୍ର, ଯାହାକି Non refundable, under head of account "0853-Non-ferrous Mining and Metallurgical Industries-102-Mineral Concession Fees, Rent, and Royalties’.
୦୩. ଆଫିଡେଭିଟ୍ (ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ଅନୁଯାୟୀ କୌଣସି ବକେୟା ରାଜସ୍ୱ ନ ଥିବା ସମ୍ବନ୍ଧେ)
୦୪. ଟ.୧୦.୦୦ ଲକ୍ଷ (ଦଶ ଲକ୍ଷ)ର ଶୋଧ ପ୍ରମାଣପତ୍ର (Solvency Certificate)(ଏକ ବର୍ଷର ଅବଧି ଥିବା) ଓ earnest money ଆକାରରେ ଟ ୫୦,୦୦୦ (ପଚାଶ ହଜାର) ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର, କେନ୍ଦୁଝରଙ୍କ ନାମରେ ପ୍ରଦାନ
୦୫. ରାଜସ୍ୱ ଅଧିକାରୀଙ୍କ ଠାରୁ ଅଚଳନ୍ତି (immovable) ସମ୍ପତ୍ତିର ତାଲିକା

ଲିଜ୍ ସମ୍ବନ୍ଧୀୟ ବିବରଣୀ ତହସିଲ କାର୍ଯ୍ୟାଳୟରେ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଓ DIO, NIC, Keonjharଙ୍କ Website ରେ ଉପଲବ୍ଧ ହୋଇପାରିବ।

24158/11/0003/1819 **ସ୍ୱା./– ତହସିଲଦାର, କେନ୍ଦୁଝର**

## GOVERNMENT OF ODISHA
## Office of the Superintending Engineer Central Minor Irrigation Circle, Bhubaneswar

**Tel No.: (0674) 2540559, e-Mail ID: cmic.bbsr@gmail.com**
**"e" Procurement Notice**
**Identification No- SECMIC 06/2018-19**
**No. 3535/ CMIC., Dated 15.11.2018**

**No.795-A:-** The Superintending Engineer, Central Minor Irrigation Circle, Bhubaneswar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1 | Name of works | : | Civil Construction & Improvement works (Detailed as per annexure) |
| 2 | Total No. of works | : | 2 Nos. |
| 3 | Estimated Cost | : | Rs. 160.00 to Rs. 208.00 Lakh (As per Annexure attached) |
| 4 | EMD | : | 1% of cost put to tender. |
| 5 | Class of Contractor | : | B & A Class |
| 6 | Period of Completion | : | 11 (Eleven) calendar months including Monsoon. |
| 7 | Date & time of Availability of Bid Document in the Portal | : | 20.11.2018 at 10.00 AM to 05.12.2018 upto 5.00 PM |
| 8 | Last date/ Time for receipt of Bids in the Portal | : | 05.12.2018 upto 5.00 PM |
| 9 | Date/ Time of Opening of Technical Bid | : | 06.12.2018 at 11 AM |
| 10 | Date/ Time of Opening of Financial Bid | : | To be intimated after evaluation of Technical Bid. |
| 11 | Date of open lottery if required. | : | On 14.12.2018 at Office of the Superintending Engineer, Central M.I. Circle, Plot No. A-8/2, Bhoinagar, Bhubaneswar-22. |
| 12 | Name and address of the Officer Inviting Bid. | : | Superintending Engineer, Central Minor Irrigation Circle, Bhubaneswar, Pin-751022. |
| 13 | Mode of Payment of Bid Cost & Bid Security | : | Govt. of Odisha has introducted e-payment gateway into the portal for payment of cost of Bid & Bid security/ EMD.The process of using e-payment gate is mentioned in the "procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the "e" Procurement Portal "https://tendersorissa.gov. |

Further details can be seen from the "e" Procurement Portal https://tendersorissa.gov.in.

**Annexure**

| Sl. No. | Name of Work | Approximate value of works put to tender (rs. in Lakhs) | E.M.D./ Bid security in (Rs.) | Cost of document (Rs.) | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IMPROVEMENT TO MODANALLA MIP (RES) IN KHANDAPADA BLOCK OF NAYAGARH DIST UNDER IMPROVEMENT TO TANK SCHEME 2018-19 | 208.00 | 208000/- | 10000.00 | B & A Class | 11 Calendar months (including rainy season) |
| 2 | IMPROVEMENT TO MAHISANALLA MIP (RES) IN DASAPALLA BLOCK OF NAYAGARH DIST UNDER IMPROVEMENT TO TANK SCHEME 2018-19 | 160.88 | 161000/- | 10000.00 | B & A Class | 11 Calendar months (including rainy season) |

**Sd./- (Er. S.K. Pradhan)**
32179/11/0011/1819 **Superintending Engineer, Central Minor Irrigation Circle, Bhubaneswar**

## BERHAMPUR MUNICIPAL CORPORATION

### QUOTATION CALL NOTICE

**No. 18855/** **Dt. 15.11.18**

**No.346-C:-** The Municipal Commissioner, Berhampur Municipal Corporation invites sealed quotations from reputed agencies/firms/manufacturers/dealers/suppliers for "Supply of Home appliance for SUH at Ananda Sarani under Berhampur Municipal Corporation".

The quotations should reach the undersigned by Regd. Post/Speed Post only on or before 24.11.18 by 2.00 P.M. and will be opened on the same day at 4.00 P.M. in the office chamber of the undersigned in presence of the quotioners or their authorized agents who intend to attend. The rate to be quoted shall be inclusive of all taxes, handling and transportation/ delivery charges. No extra cost on any account whatsoever will be admissible. Conditional quotations will be rejected immediately. The rate should be written clearly and legibly without any error or overwriting and both in figures and in words. In case of difference or rates or any ambiguity over rates, then the rates written in words will be taken into consideration. Each quotationer should furnish copy of PAN Card and VAT Clearance Certificate along with copy of previous such orders and credentials issued by any Govt. Office/ Organization in favour of him/her/them. The quotationer should furnish E.M.D. for an amount of Rs. 5000/- (Rupees five thousand only) only in shape of Bank Draft/ Pay order/ Challan showing Cash deposited in Berhampur Municipal Corporation Treasury/ NSC or Fixed Deposit in any scheduled Bank or Post Office Saving Bank Account or Post Office Time Deposit Account duly pledged in favour of the Municipal Commissioner, Berhampur Municipal Corporation. Further clarifications can be obtained from this office on any working day. The undersigned reserves the right to accept or reject any quotation without assigning any reason thereof. The quotationers should submit their offers in the following manner. This is for unit price only and quantity will be intimated as per requirement. The quotationer can quote for supply of single items or whole items as their capacity.

| Sl. No. | Description | Unit | Rate quoted | |
|---|---|---|---|---|
| | | | In Figure | In Words |
| 1 | ISI marked Iron Double Decker cot/bed with 18 Gauge base & 16 Gauge let Size L. 6 ft X W 3 ft X H 6ft | Each | | |
| 2 | Masquito Net (single) (Cotton materials used for Bunk Bed Size 6 Ft X 3.5 ft X 6ft | Each | | |
| 3 | Mattress (Single (5 ft X 6 ft X 4") foam materials | Each | | |
| 4 | Receptionist wooden Table of Rectangular shape with one side dran for keeping of office accessories (Size 5' X 3' X 3') Top is finished with Sunmica (Teak coloured | Each | | |
| 5 | Plastic Armed Chair (ISI marked) for Common space for visitor and beneficiaries (adult persons) | Each | | |

**Sd./- Commissioner,**
13035/11/0153/1819 **Berhampur Municipal Corporation**



ଏଟିପି ଫାଇନାଲ୍ସ ଇଭେଣ୍ଟରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳିଙ୍କ ସହିତ ଖେଳିଥିବାରୁ ଆଗକୁ ଫ୍ରାନ୍ସ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍ ପାଇଁ ଏହା ନୈତିକ ମନୋବଳ ବୃଦ୍ଧିରେ ସହାୟକ ହେବ।

—ମାରିନ ସିଲିକ୍, କ୍ରୋଏସିଆ ଟେନିସ୍ ଖେଳାଳି



ବ୍ରାଜିଲ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏକ ବିବାଦୀୟ ଗୋଲ୍‌ରେ ଉରୁଗୁଏ ପରାସ୍ତ ହୋଇଛି। ତେଣୁ ଆମ ଦଳର ପ୍ରଦର୍ଶନରେ ମୁଁ ଖୁସୀ ।

—ଲୁଇସ୍ ସୁଆରେଜ, ଉରୁଗୁଏ ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

### ବିଶ୍ୱ ଜୁନିୟର ଚାମ୍ପିୟନଶିପ
## ସେମିରେ ଲକ୍ଷ୍ୟ ସେନ

**ମାର୍ଖାମ(କାନାଡା),୧୭।୧୧(ପି.ଟି.):** ଭାରତୀୟ ଯୁବ ଶଟଲର ଲକ୍ଷ୍ୟ ସେନ ଏଠାରେ ଚାଲିଥିବା ବିଶ୍ୱ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ୟ ମାଲେସିଆର ଏଦିଲ ଶୋଲେ ସାଦିକିନ ୨୧-୮, ୨୧-୧୮ ଗେମ୍‌ରେ ହରାଇ ଦେଇଛନ୍ତି। ବିଶ୍ୱର ୩ୟ ର୍‍ୟାଙ୍କଧାରୀ ଲକ୍ଷ୍ୟଙ୍କୁ ଏହି ବିଜୟ ଲାଗି ୩୧ ମିନିଟ ଲାଗିଥିଲା। ମୁକାବିଲାର ପ୍ରଥମ ଗେମ୍‌ରେ ପ୍ରତିପକ୍ଷ ଖେଳାଳି ସେନଙ୍କ ସମ୍ମୁଖୀନ ହୋଇ ପାରି ନ ଥିଲେ। ଦ୍ୱିତୀୟ ଗେମ୍‌ରେ ମାଲେସିଆ ଖେଳାଳି ଲଢ଼ୁଆ ପ୍ରଦର୍ଶନ କରିଥିଲେ ମଧ ସେନଙ୍କୁ ଜିତିବାରୁ ରୋକିପାରି ନ ଥିଲେ। ସେମିଫାଇନାଲରେ ଭାରତୀୟ ଖେଳାଳି ଟପ୍ ସିଡ୍ ଥାଇଲାଣ୍ଡର କୁନଲାଭଟ ଭିଡିଡ୍‌ସାମଙ୍କୁ ଭେଟିବେ। ଅନ୍ୟପକ୍ଷରେ ବିଷ୍ଣୁ ବର୍ଦ୍ଧନ ପଞ୍ଜଲା ଓ ଶ୍ରୀକ୍ରିଷ୍ଣା ସାଇ ପୋଦିଲେଙ୍କ ପୁରୁଷ ଯୋଡ଼ି କ୍ୱାର୍ଟର ଫାଇନାଲ ବାଧା ଅତିକ୍ରମ କରିପାରି ନାହାନ୍ତି। ଏହି ଯୋଡ଼ିକୁ ୧୧-୨୧, ୮-୨୧ ଗେମ୍‌ରେ କୋରିଆର ତାଇ ୟାଙ୍ଗ ଶିନ ଓ ଚାନ ୱାଙ୍ଗ ପରାସ୍ତ କରିଛନ୍ତି।

### ଏସିଆନ୍ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍
## ମାଲେସିଆକୁ ଡବଲ ସଫଳତା

**ଭୁବନେଶ୍ୱର, ୧୭।୧୧(ସ୍ପୋର୍ଟ୍ସ ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଏସିଆନ୍ ବୋଉଲ୍ସ ସ୍ପୋର୍ଟ୍ସ କନ୍‌ଫେଡେରେଶନ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ଓ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଥାଇଲାଣ୍ଡ ଡବଲ ସଫଳତା ପାଇଛି। ପେଟାନ୍‌କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ଡବଲ୍ସ ଫାଇନାଲରେ ଥାଇଲାଣ୍ଡ ୧୩-୫ ପଏଣ୍ଟରେ କାମ୍ବୋଡ଼ିଆକୁ ପରାସ୍ତ କରିଛି। ପ୍ରଥମ ସେମିଫାଇନାଲରେ କାମ୍ବୋଡ଼ିଆ ୧୩-୫ରେ ଚାଇନିଜ୍ ତାଇପେକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ଥାଇଲାଣ୍ଡ ୧୩-୬ରେ ମାଲେସିଆକୁ ପରାସ୍ତ କରିଥିଲା। ପୁରୁଷ ଡବଲ୍ସ ଫାଇନାଲରେ ଥାଇଲାଣ୍ଡ ୧୩-୬ରେ କାମ୍ବୋଡ଼ିଆକୁ ପରାସ୍ତ କରିଛି। ପ୍ରଥମ ସେମିଫାଇନାଲରେ ଏହି ଦଳ ଚାଇନିଜ୍ ତାଇପେକୁ ୧୩-୭ ଓ ଦ୍ୱିତୀୟ ସେମିରେ କାମ୍ବୋଡ଼ିଆ ୧୩-୨ରେ ମାଲେସିଆକୁ ପରାସ୍ତ କରିଛି।

## ଶତକରୁ ବଞ୍ଚିତ ହେଲେ ପାର୍ଥିବ ପଟେଲ

**ମାଉଣ୍ଟ ମଙ୍ଗାନୁଇ,୧୭।୧୧:** ଏଠାରେ ଭାରତ ଏ' ଓ ନ୍ୟୁଜିଲାଣ୍ଡ ଏ' ଖେଳାଯାଉଥିବା ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ପ୍ରଥମ ଭଳି ଦ୍ୱିତୀୟ ଦିନ ମଧ ବ୍ୟାଟ୍ସମ୍ୟାନଙ୍କ କବ୍‌ଜାରେ ରହିଥିଲା। ପୂର୍ବ ଦିନର ସ୍କୋର ୩୪୦/୫ରୁ ଭାରତ ଏ'ଦଳ ବ୍ୟାଟିଂ ଆରମ୍ଭ କରିଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ପାର୍ଥିବ ପଟେଲ ଅଳ୍ପକେ ଶତକରୁ ବଞ୍ଚିତ ରହିଛନ୍ତି। ସେ ୧୩୬ ବଲ ସମ୍ମୁଖୀନ ହୋଇ ୯୪ ରନ୍ କରିଥିଲେ। ତାଙ୍କ ଇନିଂସ୍‌ରେ ୧୧ ଚୌକା ସାମିଲ ଥିଲା। ଏହାବାଦ ବିଜୟ ଶଙ୍କରଙ୍କ ୬୨ ଓ କିଷ୍ଣାପ୍ପା ଗୌଥମଙ୍କ ୪୭ ରନ୍ ଯୋଗୁ ଭାରତ ଏ' ଦଳ ୮ ଉଇକେଟ ହରାଇ ୪୬୭ ରନ୍ କରିଥିବାବେଳେ ଇନିଂସ ସମାପ୍ତି ଘୋଷଣା କରିଥିଲା। ଘରୋଇ ଦଳ ପାଇଁ ବ୍ଲାଇର ଟିକନର ୪ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଏ' ଦଳ ଶେଷ ପର୍ଯ୍ୟନ୍ତ ଖେଳି ଏକ ଉଇକେଟ ହରାଇ ୧୭୦ ରନ୍ କରିଛି। ଦଳ ପକ୍ଷରୁ ହାମିଶ ରଦରଫର୍ଡ ୧୦୦ ଓ ଟିମ ସେଇଫର୍ଟ ୧୩ ରନ୍ କରି ଅପରାଜିତ ଅଛନ୍ତି।

## ବିର୍ଲାଙ୍କ ପୁଅ ଆର୍ଯ୍ୟମାନଙ୍କ ଶତକ

**କୋଲକାତା,୧୭।୧୧:** ଦେଶର ଶ୍ରେଷ୍ଠ ୧୦ ଧନୀମାନଙ୍କ ମଧ୍ୟରୁ ଅନ୍ୟତମ କୁମାର ମଙ୍ଗଳମ ବିର୍ଲା। ତାଙ୍କ ପୁଅ ଆର୍ଯ୍ୟମାନ ମଧ୍ୟପ୍ରଦେଶ ପକ୍ଷରୁ ଚଳିତ ସିଜନରେ ପ୍ରଥମ ଶ୍ରେଣୀ ଖେଳୁଥିବା ବେଙ୍ଗଲ ବିପକ୍ଷରେ କ୍ୟାରିୟର ପ୍ରଥମ ଶତକ ହାସଲ କରିଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ଆର୍ଯ୍ୟମାନ ୧୮୯ ବଲରୁ ୧୦୩ ରନ୍ କରି ଇଡେନ ଗାର୍ଡେନ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌କୁ ଡ୍ର' ରଖିଥିଲେ। ଶତକ ପରେ ପରିବାର ପରିଚିତି ବଦଳରେ ନିଜ ସଫଳତାରେ ପରିଚିତ ହେବାକୁ ସେ କହିଛନ୍ତି। ଏଥିପୂର୍ବରୁ ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ସେ ୫୧ ରନ୍‌ର ଇନିଂସ ଖେଳିଥିଲେ। ସେ ଗତ ସିଜନରେ ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ।






କଟକରେ ଚାଲିଥିବା ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ଉଷୁ ଇଭେଣ୍ଟରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଆଜିଠାରୁ ସାହାଣୀ କପ୍

**କଟକ ଅଫିସ,୧୭।୧୧:** ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାରଠାରୁ ସମ୍ବଲପୁରରେ ଆରମ୍ଭ ହେବ ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍। ସମ୍ବଲପୁର, ହୀରାକୁଦ, କୁଚିଣ୍ଡା, ନାକଟିଦେଉଳରେ ପ୍ରତିଯୋଗିତାର ଭେନ୍ୟୁ ସ୍ଥିର କରାଯାଇଛି। ୨୭ଟି ଜିଲା ଦଳ ଏଥିରେ ଅଂଶଗ୍ରହଣ କରିବେ। ହୀରାକୁଦ ଭେନ୍ୟୁରେ ସୁନ୍ଦରଗଡ଼-ଗଞ୍ଜାମ, ସମ୍ବଲପୁର ଭେନ୍ୟୁରେ ପୁରୀ-ନୟାଗଡ଼, କୁଚିଣ୍ଡା ଭେନ୍ୟୁରେ ଝାରସୁଗୁଡ଼ା-ଖୋର୍ଦ୍ଧା, ନାକଟିଦେଉଳ ଭେନ୍ୟୁରେ ଦେବଗଡ଼-ଢେଙ୍କାନାଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହେବ । ୨୪ ଓ ୨୫ ତାରିଖରେ ସେମିଫାଇନାଲ ଖେଳାଯିବାକୁ ଥିବା ବେଳେ ୨୭ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର
## ଉଷୁରେ ଏସ୍‌ଏସ୍‌ବି ଦଳଗତ ଚାମ୍ପିୟନ

**କଟକ ଅଫିସ,୧୭।୧୧**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପ୍‌ରେ ଶନିବାର ଉଷୁ ପ୍ରତିଯୋଗିତା ଖେଳାଯାଇଥିଲା। ପୁରୁଷ ବର୍ଗରେ ୧୧ ଓ ମହିଳା ବର୍ଗରେ ୮ଟି ଇଭେଣ୍ଟ ହୋଇଥିଲା। ଉଭୟ ବର୍ଗରେ ସର୍ବାଧିକ ପଦକ ସହ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି) ଦଳଗତ ଭାବେ ଚାମ୍ପିୟନ ହୋଇଥିଲା। ମହିଳା ବର୍ଗରେ ଏସ୍‌ଏସ୍‌ବି ୭ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ମୋଟ୍ ୩ଟି ପଦକ ଜିତିଛି। ପୁରୁଷ ବର୍ଗରେ ଓଡ଼ିଶାକୁ ୨ଟି ବ୍ରୋଞ୍ଜ ମିଳିଥିଲା। ୫୬ କେଜି ଓ ୬୫ କେଜି ବିଭାଗରେ ଓଡ଼ିଶା ଏହି ଦୁଇଟି ସଫଳତା ହାସଲ କରିଥିଲା। ସେହିପରି ମହିଳା ବର୍ଗରେ ଓଡ଼ିଶା ମାତ୍ର ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛି। ୪୫ କେଜି ବର୍ଗରେ ଓଡ଼ିଶା ପୋଲିସର ବର୍ଷା ରୌପ୍ୟ ଜିତିଥିଲେ। ରାଜ୍ୟ ପରିବହନ ଆୟୁକ୍ତ ସଞ୍ଜୀବ ପଣ୍ଡା, ପୋଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଡିଜି ବିନୟତୋଷ ମିଶ୍ର, କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଅଷ୍ଟ୍ରେଲିଆକୁ ହରାଇଲା ଦକ୍ଷିଣ ଆଫ୍ରିକା

**ଗୋଲ୍ଡକୋଷ୍ଟ, ୧୭।୧୧(ଏଏଫ୍‌ପି)**

କୁଇନ୍ସଲାଣ୍ଡର କାରା ଓଭାଲଠାରେ ଶନିବାର ଖେଳାଯାଇଥିବା ଏକ ଅନ୍ତ ଅର୍ନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୨୧ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ବର୍ଷାଜନିତ କାରଣରୁ ମ୍ୟାଚ୍‌କୁ ୧୦ ଓଭର ବିଶିଷ୍ଟ କରାଯାଇଥିଲ। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୬ ଉଇକେଟ ବିନିମୟରେ ୧୦୮ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୮୭ ରନ୍ କରିଥିଲା। ଦଳକୁ ଜିତାଇବାରେ ସ୍ପିଡ୍‌ଷ୍ଟର କ୍ରିସ୍ ମୋରିସ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ଓପନିଂ ଓଭରରେ ଡି' ଆର୍ସି ଶର୍ଟଙ୍କୁ ବିନା କୌଣସି ରନ୍‌ରେ ଆଉଟ୍ କରିଦେଇଥିବାବେଳେ କ୍ରିସ୍ ଲିନ୍‌ଙ୍କୁ ୧୪ ରନ ସ୍କୋରରେ ପାଭିଲିୟନ ପଠାଇ ଦେଇଥିଲେ। ଏକଦା ଦୁଇ ଓଭରରେ ୧ ଉଇକେଟ ବିନିମୟରେ ୨୧ ରନ୍ କରିଥିବା ଅଷ୍ଟ୍ରେଲିଆ ୬୦ ରନ୍ କରି ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। ୭ମ ଓଭରରେ ଆଲେକ୍ସ କାରେ ୮ ରନ କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ଦଳର ଟପ୍ ସ୍କୋରର ଥିଲେ ଗ୍ଲେନ ମାକ୍ସୱେଲ। ସେ ୨୩ ବଲ୍‌ରୁ ୩୮ ରନ୍ କରିଥିଲେ। ମାତ୍ର ଚାପରେ ଥିବାରୁ ହାତଖୋଲା ଶଟ୍ ଖେଳିପାରି ନ ଥିଲେ। ପାୱାର ପ୍ଲେ ବେଳେ ଦକ୍ଷିଣ ଆଫ୍ରିକା ୧ ଉଇକେଟ ବିନିମୟରେ ୪୨ ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆ ଏହାର ୩ ବ୍ୟାଟ୍ସମ୍ୟାନଙ୍କୁ ହରାଇ ମାତ୍ର ୨୭ ରନ୍ କରିଥିଲା। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ୧୦୮ରନ୍ କରିପାରିଥିଲା। ଅଷ୍ଟ୍ରେଲିଆର ଆଣ୍ଡ୍ରେ ଟାଇ ଓ ନାଥାନ କୋଲଟର ନାଇଲ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଦଳ ପକ୍ଷରୁ ଓପ୍‌ନର କ୍ୱିଣ୍ଟନ ଡି'କକ୍ ଦୁଇଟି ଛକା ସହ ୧୬ ବଲ୍‌ରୁ ୨୨ରନ୍ କରିଥିବାବେଳେ ଅଧିନାୟକ ଫାଫ୍ ଡୁ'ପ୍ଲେସି ୧୫ ବଲ୍‌ରୁ ୨୭ ରନ୍ କରିଥିଲେ। ଏହି ଏକମାତ୍ର ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜକୁ ଦକ୍ଷିଣ ଆଫ୍ରିକା ୨-୧ରେ ଜିତି ସାରିଥିଲା।

## ଫାଇନାଲ୍‌ରେ ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧା

**ବାଲେଶ୍ୱର ଅଫିସ,୧୭।୧୧**

ବାଲେଶ୍ୱର ପର୍‌ମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡ ମି' ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

ସର୍ବଭାରତୀୟ ଚାମ୍ପିୟନଶିପ୍‌ର ପ୍ରଥମ ମ୍ୟାଚ୍ ତାମିଲନାଡୁ ଏଫ୍‌ଆଇସି ଏକାଡେମୀ ଓ ବାରିପଦା କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତାମିଲନାଡୁ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ୍ ହରାଇ ୨୧୪ ରନ୍ କରିଥିଲା। ଦଳ ତରଫରୁ ସୁଧନ ୬୬, ରାଜକୁମାର

**ସର୍ବଭାରତୀୟ ପଳୟ ମୁର୍ଗୁ ଦିବାରାତ୍ର ଟି୨୦**

୫୧, ସଞ୍ଜୟ ଯାଦବ ୪୧ ରନ୍ କରିଥିବା ବେଳେ କଳିଙ୍ଗ ତରଫରୁ ସଞ୍ଜୟ ସାହୁ ଓ ହରିଶଙ୍କର ଘୋଷ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ କଳିଙ୍ଗ ୧୭.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୧ ରନ୍ କରି ପରାଜିତ ହୋଇଥିଲା। ତାମିଲନାଡୁ ତରଫରୁ ରାଜକୁମାର, ସଞ୍ଜୟ ଯାଦବ, ମଜହର ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ରାଜକୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିପ୍ରହରରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁ ଆର୍ମି ସର୍ଭିସ୍ କର୍ପସ୍ ଏବଂ ସେରସା ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେରସା ରାଞ୍ଚି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ୍ ହରାଇ ୨୦୫ ରନ୍ କରିଥିଲା। ଦଳ ତରଫରୁ ମୋହିତ କୁମାର ୧୧୧ ରନ୍ ଓ ୱାଲଟର ଟୋପ ୪୪ ରନ୍ କରିଥିଲେ। ବେଙ୍ଗାଲୁରୁ ତରଫରୁ ଇର୍ଫାନ ଖାଁ ଓ ଅଭିଷେକ ସିହ୍ନା ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ବେଙ୍ଗାଲୁରୁ ୧୨.୪ ଓଭରରେ ନିଜର ସମସ୍ତ ଉଇକେଟ ହରାଇ ୯୪ ରନ୍ କରି ପରାଜୟ ବରଣ କରିଥିଲା। ମୋହିତ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଟୁର୍ନାମେଣ୍ଟର ପ୍ରଥମ ରାତ୍ରି ସେମିଫାଇନାଲ ମ୍ୟାଚ୍ ଛତିଶଗଡ଼ ଫରେଷ୍ଟ ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛତିଶଗଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ଖୋର୍ଦ୍ଧା ରେଲୱେ ଦଳ ୧୫.୫ ଓଭରରେ ୨ ଉଇକେଟ୍ ବିନିମୟରେ ନିଜର ବିଜୟ ଲକ୍ଷ୍ୟ ହାସଲ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଅଙ୍କିତ୍ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଶନିବାର ରାତିରେ ଫ୍ୟୁଚର୍ ଇଣ୍ଡିଆ କ୍ରିକେଟ୍ ଏକାଡେମୀ ଏବଂ ସାଉଥ୍ ଇଣ୍ଡିଆନ୍ ରେଲ୍‌ୱ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଛି। ଅସିତ ପଟ୍ଟନାୟକ, ପ୍ରୀତିରଞ୍ଜନ ବିଜୟ ସିଂ, ଅଶ୍ୱିନୀ ସାମଲ ଖେଳ ପରିଚାଳନା କରିଥିଲେ।




ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

## ଅଭିଜ୍ଞ ଡିଫେଣ୍ଡର କୋଥାଜିତ୍

**ପୂରା ନାମ:** କୋଥାଜିତ୍ ସିଂ ଖଡଙ୍ଗବାମ୍
**ଜନ୍ମ:** ଇମ୍ଫାଲ, ମଣିପୁର
**ବୟସ:** ୨୬
**ସ୍ପୋର୍ଟ୍ସ:** ଫିଲ୍ଡ ହକି
**ପ୍ଲେଇଙ୍ଗ୍ ପୋଜିଶନ:** ସେଣ୍ଟର ହାଫ୍
**କୋଚ୍:** ମାଇକେଲ ନୋବ୍ସ
**ପିତା:** ଖଡଙ୍ଗବାମ୍ ଧନଞ୍ଜୟ ସିଂ
**ମାତା:** ଖଡଙ୍ଗବାମ୍ ଅଙ୍ଗବି ପ୍ରଭାବତୀ ଦେବୀ
**ମେଡାଲ ରେକର୍ଡ:**
୨୦୧୫ ହକି ୱାର୍ଲ୍ଡ ଲିଗ୍, ରାୟପୁର: ବ୍ରୋଞ୍ଜ୍
୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଗ୍ଲାସଗୋ: ରୌପ୍ୟ

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରର ଆଉ ଜଣେ ଖେଳାଳି ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ଦଳର ଉପ- ଅଧିନାୟକ ଚିଙ୍ଗ୍‌ଲେନସାନା ସିଂ କଙ୍ଗୁଜାମଙ୍କୁ ବାଦ୍ ଦେଲେ ମଣିପୁରର କୋଥାଜିତ୍ ସିଂ ଖଡଙ୍ଗବାମ ମଧ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଜଣେ ମିଡ୍‌ଫିଲ୍ଡର ହିସାବରେ କ୍ୟାରିୟର ଆରମ୍ଭ କରିଥିଲେ ମଧ ସେ ଏହି ମେଗା ଇଭେଣ୍ଟରେ ଡିଫେଣ୍ଡର ଭୂମିକାରେ ଅବତୀର୍ଣ୍ଣ ହେବେ। ପି. ନିଲକୋମଲ ଓ କେଏସ୍ ଥୋଇବାଙ୍କ ପରେ ସେ ମଣିପୁରର ତୃତୀୟ ହକି ଖେଳାଳିଭାବେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଛନ୍ତି। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସ୍କଟ୍‌ଲାଣ୍ଡର ଗ୍ଲାସଗୋରେ ଅନୁଷ୍ଠିତ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ଖେଳି ସେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପେନାଲ୍ଟି ଶୁଟ୍ ଆଉଟ୍‌ରେ ୪-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ସେ ଭାରତ ପାଇଁ ଏକମାତ୍ର ଗୋଲ ସ୍କୋର କରିଥିଲେ।

ଭାରତୀୟ ଜୁନିୟର ଦଳର ଉପ ଅଧିନାୟକ ଭାବେ ସେ ସୁଲତାନ ଅଫ ଜୋହର କପ୍‌ରେ ଦାୟିତ୍ୱ ନିଭାଇଛନ୍ତି। ମାତ୍ର ୧୪ ବର୍ଷ ବୟସରୁ ସେ ମଣିପୁରର ପୋଷ୍ଟେରିୟର ହକି ଏକାଡେମୀରେ ଭର୍ତ୍ତି ହୋଇଥିଲେ। ୨୦୦୯ରେ ସେ ଲକ୍ଷ୍ନୌସ୍ଥିତ ସାଇ ସେଣ୍ଟରରେ ଯୋଗ ଦେଇଥିଲେ। ସେ ଜଣେ ଶାନ୍ତ ସ୍ୱଭାବର ଖେଳାଳି ଥିଲେ ଓ ପାସ୍ ଦେବାରେ ତାଙ୍କ ପାଖରେ ଉତ୍କୃଷ୍ଟତା ଥିଲା। ନିଜର ଅସାଧାରଣ ସ୍କିଲ ପାଇଁ ସେ କୋଚ୍ ଓ ଅଧିନାୟକଙ୍କର ପ୍ରିୟ ଥିଲେ। ବିଭିନ୍ନ ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ସେ ନିଜର ସ୍କିଲ ପ୍ରମାଣିତ କରିଛନ୍ତି।

୨୦୧୧ରେ ଅନୁଷ୍ଠିତ ୩୪ତମ ରାଞ୍ଚି ନ୍ୟାଶନାଲ ଗେମ୍ସରେ ଦମ୍‌ଦାର ପ୍ରଦର୍ଶନ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ୨୦୧୨ରେ ଏକ ଟେଷ୍ଟ ସିରିଜରେ ଅଂଶଗ୍ରହଣ କରି ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଏହାପରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଲଣ୍ଡନ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ମଧ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଗୋଟିଏ ପରେ ଗୋଟିଏ ଆନ୍ତର୍ଜାତିକ ଟୁର୍ନାମେଣ୍ଟ ଖେଳି ସେ ନିଜର ପ୍ରତିଭା ପ୍ରମାଣ କରିବା ସହ ଭାରତୀୟ ଦଳର ନିୟମିତ ସଦସ୍ୟ ବନିଯାଇଥିଲେ। ଇଣ୍ଡିଆନ ଅଏଲରେ ଚାକିରି କରୁଥିବା କୋଥାଜିତ୍ ଆଗାମୀ ବିଶ୍ୱକପ୍‌ରେ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ହେଡ୍ କୋଚ୍ ହରେନ୍ଦ୍ର ସିଂ ମଧ ତାଙ୍କ ଉପରେ ଭରସା ରଖିଛନ୍ତି। ଏପର୍ଯ୍ୟନ୍ତ ସେ ଭାରତ ପାଇଁ ୧୮୬ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିସାରିଛନ୍ତି।

୨୦୧୨ ଅଲିମ୍ପିକ୍ସରେ ତାଙ୍କୁ ଅନ୍ତିମ ୧୬ ଜଣିଆ ଦଳରେ ସାମିଲ କରା ନ ଯାଇ ଷ୍ଟାଣ୍ଡବାଇ ଖେଳାଳିଭାବେ ଦଳରେ ରଖାଯାଇଥିଲା। ଅବଶ୍ୟ ଏହା ତାଙ୍କୁ ନିରାଶ କରିଥିଲା। ସକାରାତ୍ମକ ଦୃଷ୍ଟଭଙ୍ଗୀ ପାଇଁ ସେ କୋଚ୍‌ଙ୍କ ସମେତ ଦଳର ଅନ୍ୟ ଖେଳାଳିଙ୍କ ନିକଟରେ ସେ ବେଶ୍ ପ୍ରିୟ ରହିଆସିଛନ୍ତି। କୋଚ୍ ଓ ଅଧିନାୟକଙ୍କ ସହ ତାଙ୍କର ସହଯୋଗୀ ମନୋଭାବ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ପିତା ଖଡଙ୍ଗବାମ ଧନଞ୍ଜୟ ସିଂ ଓ ମା' ଖଡଙ୍ଗବାମ ଅଙ୍ଗବି ପ୍ରଭାବତୀ ଦେବୀଙ୍କର ୪ ପୁଅଙ୍କ ମଧ୍ୟରୁ ସେ ଅନ୍ୟତମ। କୋଥାଜିତଙ୍କ ସମେତ ତାଙ୍କ ଅନ୍ୟ ୩ ଭାଇ ମଧ ହକି ଖେଳ ସହ ଜଡିତ ରହିଆସିଛନ୍ତି। ନିଜର ଧୀର, ମନ୍ଥର ଓ ଶାନ୍ତ ସ୍ୱଭାବ କାରଣରୁ ସେ ଅନ୍ୟ ଖେଳାଳିମାନଙ୍କଠାରୁ ସ୍ପଷ୍ଟ ଭାବେ ଭିନ୍ନ ଜଣାପଡନ୍ତି। ବିଶ୍ୱକପ୍‌ରେ ତାଙ୍କୁ କୋଚ୍ ଯେଉଁ ଦାୟିତ୍ୱ ଦେବେ ତାହାକୁ ସେ ପଡିଆରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ ବୋଲି କୋଥାଜିତ୍ କୁହନ୍ତି। ଭୁବନେଶ୍ୱରର ଘରୋଇ ଦର୍ଶକଙ୍କ ସାମ୍ନାରେ ଆମେ ଭଲ ଖେଳିବୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ୨୬ ବର୍ଷରେ ପଦାର୍ପଣ କରିଥିବା କୋଥାଜିତ୍‌ଙ୍କ ଫିଟ୍‌ନେସ ବେଶ୍ ଉଚ୍ଚକୋଟୀର। ଶେଷ ପର୍ଯ୍ୟନ୍ତ ଲଢିବା ଓ ହାର ନ ମାନିବାର ପ୍ରବୃତ୍ତି ଯୋଗୁ ସେ ଭାରତୀୟ ଦଳରେ ଆହୁରି କିଛି ବର୍ଷ ସକ୍ରିୟ ରହିବେ ବୋଲି ଆଶା କରାଯାଉଛି। ତେବେ ଆଗାମୀ ବିଶ୍ୱକପ୍‌ରେ ସେ ଦଳରେ କିପରି ସନ୍ତୁଳନ ରକ୍ଷା କରିବା ଭୂମିକା ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। କୋଥାଜିତ୍‌ଙ୍କୁ ବାଦ ଦେଲେ ଭାରତୀୟ ଦଳରେ ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, ସୁରେନ୍ଦ୍ର କୁମାର ଓ ଅମିତ ରୋହିଦାସଙ୍କ ଭଳି ଡିଫେଣ୍ଡର ରହିଛନ୍ତି। ବିଶ୍ୱକପ୍‌ରେ ଅନ୍ତିମ ଏକାଦଶରେ ସାମିଲ ହେବାକୁ ହେଲେ ଏମାନଙ୍କ ମଧ୍ୟରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତା ହେବ। ତେବେ ପରିଶେଷରେ ଏହା ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଇଞ୍ଜୁରି କାରଣରୁ ଏସ.ଭି. ସୁନୀଲ ଓ ରୁପିନ୍ଦର ପାଲ ସିଂଙ୍କ ଭଳି ତାରକା ଖେଳାଳି ଭାରତୀୟ ଦଳରୁ ବାଦ ପଡ଼ିଥିବାରୁ କୋଥାଜିତ ଓ ଅନ୍ୟ ଖେଳାଳିଙ୍କ ଗୁରୁତ୍ୱ ବଢ଼ିଯାଇଛି।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ନଭେମ୍ବର ୧୮/୨୦୧୮ Sambalpur, Sunday, November 18/ 2018

## ସଂକ୍ଷେପରେ



### ଜିତେନ୍ଦ୍ର ହରିପାଲଙ୍କୁ ସଂସ୍କୃତି ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କାର ସହାୟତା

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**-ବିଶ୍ୱପ୍ରସିଦ୍ଧ ରଙ୍ଗବତୀ ଗୀତର ଗାୟକ ଜିତେନ୍ଦ୍ର ହରିପାଲଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ଏ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ କଳାକାର ସହାୟତା ପାଣ୍ଠିରୁ ଏହି ଅର୍ଥ ଯୋଗାଇଦେବାକୁ ମନ୍ତ୍ରୀ କହିଛନ୍ତି। ହରିପାଲ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ଆର୍ଥିକ ସହାୟତା ତାଙ୍କ ଚିକିତ୍ସା ପାଇଁ ପ୍ରଦାନ କରାଯାଇଛି।ସମ୍ବଲପୁରୀ ଲୋକଗୀତର ପ୍ରଖ୍ୟାତ ଶିଳ୍ପୀ ଜିତେନ୍ଦ୍ର ନିଜର ଅସାଧାରଣ ଗାୟନ ପ୍ରତିଭା ପାଇଁ ପରିଚିତ। ରାଜ୍ୟ ଏବଂ ରାଜ୍ୟ ବାହାରର ଅନେକ ସ୍ଥାନରେ ସେ ତାଙ୍କର ସଙ୍ଗୀତ ପରିବେଷଣ କରି ବିପୁଳ ପ୍ରଶଂସା ସାଉଁଟିବା ସହ ଲୋକପ୍ରିୟତା ଅର୍ଜନ କରିଛନ୍ତି। ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସେ ସମ୍ମାନସୂଚକ ଡକ୍ଟରେଟ୍ ଲାଭ କରିଛନ୍ତି।

■ ବାଇକ୍‌ରେ ମିଲକୁ ଧାନ ଯିବା ଘଟଣା

# ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

**ବରଗଡ଼ ଅଫିସ୍,୧୭।୧୧**

**ବରଗଡ଼ ଜିଲା**

- ■ ଅନିୟମିତତାକୁ ନେଇ ଜିଲାବ୍ୟାପୀ ହଇଚଇ
- ■ ଏଆରସିଏସ, ଆରଏମସି ସମ୍ପାଦକଙ୍କ ତଦନ୍ତ
- ■ ସନ୍ଦେହରେ ଯୋଗାଣ ବିଭାଗ, ସମ୍ପୃକ୍ତ ମିଲର୍ସ
- ■ କାର୍ଯ୍ୟାନୁଷ୍ଠାନ ଉପରେ ରହିଛି ସଭିଙ୍କ ନଜର



ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ଧରାପଡ଼ିଥିବା ଧାନ କିଣାବିକା ଅନିୟମିତତାକୁ ନେଇ ବରଗଡ଼ ଜିଲାରେ ହଇଚଇ ସୃଷ୍ଟି ହୋଇଛି। ଗତ ରବିବାରରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଫିସ କାଗଜାତରେ ବାଇକ୍ ରେଜିଷ୍ଟ୍ରେଶନ ନମ୍ବର ଦର୍ଶାଇ ସେହି ନମ୍ବରର ଗାଡ଼ିରେ ମଣ୍ଡିରୁ ମିଲ୍‌କୁ ଧାନ ପରିବହନ କରାଯାଇଥିବା ଉଲ୍ଲେଖ କରାଯାଇଥିବା ଜଣାପଡ଼ିବା ପରେ ତନାଘନା ଚାଲିଛି। ଏଭଳି ଅଭିଯୋଗ ପାଇବା ପରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହାକୁ ଗୁରୁତ୍ୱର ସହିତ ନେଇଛନ୍ତି । ଘଟଣାର ବିଧିବଦ୍ଧ ଅନୁଧ୍ୟାନ କରି ତୁରନ୍ତ ତଦନ୍ତ ରିପୋର୍ଟ ଦେବା ପାଇଁ ଜିଲାପାଳ ତ୍ରିପାଠୀ ଶନିବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ଏବଂ ସହକାରୀ ସମବାୟ ନିବନ୍ଧକ (ଏଆରସିଏସ୍) ଦିବାକର ଭୋଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ନିର୍ଦ୍ଦେଶ ପାଇବା ପରେ ଆରଏମସି ସମ୍ପାଦକ ଛୁରିଆ ଏବଂ ଏଆରସିଏସ ଭୋଇ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ପରେ ବାସ୍ତବତା ପଦାକୁ ଆସିବ ଏବଂ ସେହି ଘଟଣାରେ କାହା ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା ସମୟ କହିବ ।

ସୂଚନାଯୋଗ୍ୟ, ଜିଲାରେ ଧାନ କିଣାବିକା ନେଇ ଚାଲିଥିବା ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଏପରିକି ଧାନ ସଂଗ୍ରହ ଅବ୍ୟବହିତ ପୂର୍ବରୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ନିର୍ଦ୍ଧାରଣ ତଥା ପ୍ରସ୍ତୁତି ବୈଠକରେ ମଧ୍ୟ ସେଭଳି ଅଭିଯୋଗ ମୁଖ୍ୟ ପ୍ରସଙ୍ଗ ହୋଇଥାଏ । ଏହାକୁ ନେଇ ଜିଲାପାଳ ଧାନ ସଂଗ୍ରହ ପ୍ରକ୍ରିୟାରେ ଯେଭଳି ସ୍ୱଚ୍ଛତା ଆସିବ ଏବଂ କୌଣସି ଅନିୟମିତତା ନ ହୁଏ, ସେଥିପ୍ରତି ସଜାଗ ଓ ସତର୍କ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ତାଗିଦ କରିଥାନ୍ତି । ଏହାସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଧାନ କିଣାବିକା କିଭଳି ଅନିୟମିତତା ମଧ୍ୟରେ ଚାଲିଥାଏ, ତାହା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇ ଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାରେ ମୁଖ୍ୟତଃ ଧାନକ୍ରୟ ସଂସ୍ଥା, ଆରଏମସି, ମିଲର୍ସ ଓ ଯୋଗାଣ ବିଭାଗର ପ୍ରମୁଖ ଭୂମିକା ରହିଥାଏ । ଚାଷୀ ମଣ୍ଡିକୁ ଧାନ ଆଣିବା ପରେ ଉକ୍ତ ବିଭାଗର ଅଧିକାରୀଙ୍କ ତଦାରଖରେ ତାହା କିଣାବିକା ହୋଇଥାଏ । ମଣ୍ଡିକୁ ଧାନ ଆସିବା ପରେ ଆରଏମସି କର୍ମଚାରୀମାନେ ତାହା ଏଣ୍ଟ୍ରି କରିଥାନ୍ତି ଏବଂ ଧାନ କ୍ରୟସଂସ୍ଥା କିଣିବା ପରେ ନିର୍ଦ୍ଦିଷ୍ଟ ମିଲର୍ସ ତାକୁ ଉଠାଇ କଷ୍ଟମ ମିଲିଂ ପାଇଁ ମିଲ୍‌କୁ ନେଇଥାନ୍ତି । ସେତେବେଳେ ଆରଏମସି କର୍ମଚାରୀ ଧାନ ପରିବହନ କରୁଥିବା ଟ୍ରାନଜିଟ୍ ପାସ୍(ଟି.ପି) ପ୍ରଦାନ କରିଥାନ୍ତି । ଆଉ ଏସବୁକୁ ତଦାରଖ କରିବାରେ ଯୋଗାଣ ବିଭାଗର ପ୍ରମୁଖ ଭୂମିକା ରହିଛି ।

ଧାନ ସଂଗ୍ରହ ପ୍ରକ୍ରିୟାରେ ଆରଏମସି, ଧାନକ୍ରୟ ସଂସ୍ଥା ଏବଂ ଯୋଗାଣ ବିଭାଗ ଭଳି ୩ଟି ପ୍ରମୁଖ ବିଭାଗ ରହିଛନ୍ତି । ସେଭଳି ଅନିୟମିତା କିମ୍ବା ତ୍ରୁଟି କୌଣସି ବିଭାଗର ନଜରରେ ଏପର୍ଯ୍ୟନ୍ତ କିଭଳି ଆସିଲା ନାହିଁ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ଯଦିଓ ବାଇକ୍ ଯୋଗେ ମଣ୍ଡିରୁ ମିଲ୍‌କୁ ପରିବହନ କରାଯାଇଥିଲା, ମିଲର୍ସ ବାଇକ୍ ମାଧ୍ୟମରେ ସେଭଳି ଟନ୍ ଟନ୍ ପରିମାଣର ଧାନ କିଭଳି ନେଲେ, ତାହା ମଧ୍ୟ ରହସ୍ୟଜନକ ହୋଇ ପଡ଼ିଛି । ମୋଟାମୋଟି ଭାବେ ଏଭଳି ଅନିୟମିତତା କିମ୍ବା ତ୍ରୁଟି ଧରାପଡ଼ିବା ପରେ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଉପରୋକ୍ତ ସବୁ ବିଭାଗର ଅପାରଗତା ତଥା ଜିଲାର ଧାନ କିଣାବିକାରେ ସ୍ୱଚ୍ଛତା ପଦାରେ ପଡ଼ିଯାଇଛି । ସଭିଙ୍କ ମିଳିଭଗତ୍‌ରେ ଏଭଳି ଚାଲିଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି । ଏଭଳି ଏକ ଅନିୟମିତତା ପଦାକୁ ଆସିବା ପରେ ଆଗକୁ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ନା ଏଥିରେ ପ୍ୟାଚଅପ୍ ମାରି କ୍ଲିନ୍‌ଚିଟ୍ ଦିଆଯାଉଛି, ତାହା ତଦନ୍ତ ପରେ ଜଣାପଡ଼ିବ । ଉଲ୍ଲେଖନୀୟ, ଗତ ରବି ଋତୁରେ କେତେକ ମଣ୍ଡିରେ ବାଇକ୍ ରେଜିଷ୍ଟ୍ରେଶନ ନମ୍ବର ଉଲ୍ଲେଖ କରି ମଣ୍ଡିରୁ ମିଲକୁ ଧାନ ପରିବହନ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଥିଲା। ଏହାକୁ ନେଇ ସ୍ଥାନୀୟ ସାମାଜିକ ଅନୁଷ୍ଠାନ ଫର୍‌ର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଜିଲାପାଳଙ୍କୁ ଫେରାଦ ହୋଇ ତଦନ୍ତ ଦାବି କରିଥିଲେ ।

### ଭାଜପାରୁ ସନ୍ତୋଷ ଖଟୁଆ ନିଲମ୍ବିତ

**ସଜନାଗଡ଼,୧୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ଭାଜପାରେ ଲାଗି ରହିଥିବା ଗୋଷ୍ଠୀ କନ୍ଦଳ ହାଟରେ ପଡି ବାଟରେ ଗଡିଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ପାଳନ ଅବସରରେ ଦଳୀୟ ଶୃଙ୍ଖଳା ଭଙ୍ଗ କରି ଶକ୍ତି ପ୍ରଦର୍ଶନ କରିବା ଘଟଣା ନେଇ ଭାଜପାର ଯୁବନେତା ସନ୍ତୋଷ ଖଟୁଆଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଖଟୁଆଙ୍କୁ ନିଲମ୍ବିତ କରାଯାଇଥିବା ଦଳ ପକ୍ଷରୁ ସୂଚନା ମିଳିଛି। ଉଲ୍ଲେଖନୀୟ ଯେ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ପାଳନ ଅବସରରେ ଭାଜପା ଏକତାର ବାର୍ତ୍ତା ପ୍ରଚାର କରିବା ପାଇଁ ବିଭିନ୍ନ ସ୍ଥାନରେ ଗଣଦୌଡ଼ ଆୟୋଜନ କରିଥିଲା। କିନ୍ତୁ ନୀଳଗିରିରେ ଭାଜପା ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇ ଶକ୍ତି ପ୍ରଦର୍ଶନ କରିବା ଚର୍ଚ୍ଚାକୁ ଆସିଥିଲା। ସେତେବେଳେ ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ କରିଥିବା ନେଇ ସନ୍ତୋଷଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲକ୍ଷ୍ୟ ନେଇ ସନ୍ତୋଷ ସମାନ୍ତରାଳ ଭାବେ ସଙ୍ଗଠନ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା।

# ନିର୍ମାଣଧୀନ ଛାତରୁ ପଡି ଶ୍ରମିକ ମୃତ

**ବୀରମହାରାଜପୁର, ୧୭।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ କମଳପୁର ଗ୍ରାମରେ ନିର୍ମାଣଧୀନ ଛାତରୁ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଗୋପ ଓରଫ ଖେଡୁ ଖମାରୀ (୩୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ମିଳିଥିବା ସୂଚନା ମତେ ଶୁକ୍ରବାର କମଳପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ବାସଗୃହ ଉପର ମହଲା ଆଜ୍‌ବେଷ୍ଟସ ଲଗାଇବା କାମରେ ନିୟୋଜିତ ଥିଲେ ଗୋପ। ତେବେ କୌଣସି କାରଣରୁ ସେ ତଳକୁ ଖସି ପଡିଥିଲେ।



ଖେଡୁ ଖମାରୀଙ୍କ ଫାଇଲ ଫଟୋ।

ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତକ ଅତି ଗରିବ ପରିବାର ହୋଇଥିବାରୁ ସ୍ଥାନୀୟ ସରପଞ୍ଚ ଓ ସାହି ପଡିଶାଙ୍କ ସହାୟତାରେ ଶନିବାର ତାଙ୍କର ଶେଷକୃତ୍ୟ ଶେଷ ହୋଇଛି। ସେ ଜଣେ ଦଣ୍ଡ କଳାକାର ଭାବେ ସୁପରିଚିତ ଥିଲେ। ଭୂମିହୀନ ଥିବା ଗୋପ ଖମାରୀଙ୍କ ସାନଭାଇ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ବେଳେ ଘରେ ୩ ଶିଶୁପୁତ୍ରଙ୍କ ସହ ଅଛନ୍ତି ସ୍ତ୍ରୀ ଏବଂ ବିଧବା ମା'। ଏହି ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

### ନିଖୋଜ ନାବାଳିକାଙ୍କ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୭।୧୧ (ଡି.ଏନ.ଏ.)**

ତିରିଙ୍ଗ ଥାନା ଅନ୍ତର୍ଗତ ଦୁମାଡାଣ୍ଡି ଗ୍ରାମରୁ ଗତ ୪ ଦିନ ଧରି ନିଖୋଜ ଥିବା ଜନୈକା ନାବାଳିକାଙ୍କ ମୃତଦେହ ଗ୍ରାମ ପାର୍ଶ୍ୱ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ନାବାଳିକା ବାଲିଆସାହି ବସ୍ତି ଅଞ୍ଚଳର ଅଲିଆ ବୁଡୁଉଲିଙ୍କ ୧୫ ବର୍ଷୀୟା ନାବାଳିକା ଝିଅ ଲିବି ବୁଡୁଉଲି ବୋଲି ଜଣାଯାଇଛି । ସେ ଗତ ବୁଧବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କ ପତ୍ତା ପାଇପାରି ନ ଥିଲେ। ଶୁକ୍ରବାର ଘରଠୁ କିଛି ଦୂର ଜଙ୍ଗଲରେ ଏକ ମୃତଦେହ ଝୁଲୁଥିବା ଖବର ପାଇ ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

■ ଲଇକେରା ସଡ଼କ ଦୁର୍ଘଟଣା

# ଟ୍ରକ୍ ଚକା ତଳେ ଅକାମୀ ହେଲା ମହିଳାଙ୍କ ୨ ଗୋଡ

**ଲଇକେରା, ୧୭।୧୧ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ଲଇକେରାରେ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍ଥାନୀୟ ଗାଁର ଅଶୋକ ମେହେରଙ୍କ ସ୍ତ୍ରୀ ଅନୀତାଙ୍କ ଗୋଡ଼ ଉପରେ ଏକ ପାଉଁଶ ବୋଝେଇ ୧୦ ଚକିଆ ଟ୍ରକ (ନଂ.ଓଆର୍ ୧୭ ଏଚ-୩୬୧୧) ଚଢ଼ି ଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଶନିବାର ପାକେଲଖୋଲଠାରେ ବନଦୁର୍ଗା ପୂଜା ମହୋତ୍ସବ ଦେଖିବା ପାଇଁ ଅଶୋକ ସ୍ତ୍ରୀ ଅନୀତା ଏବଂ ୩ବର୍ଷିଆ ଝିଅକୁ ବାଇକ୍‌ରେ ବସାଇ ଯାଉଥିଲେ । ବାଇକ୍‌ଟି ଟ୍ରକକୁ ଅତିକ୍ରମ କରିବା ବେଳେ ଅନୀତା ତଳେ ପଡି ଯାଇଥିଲେ। ତାଙ୍କ ଗୋଡ ଉପରେ ଟ୍ରକ୍ ପଛ ଚକା ଚଢି ଯାଇଥିଲା। ଫଳରେ ଦୁଇ ଗୋଡ଼ର ହାଡ଼ ଚୁନା ହୋଇଯାଇଛି। ତୁରନ୍ତ ସେଠାରୁ ତାଙ୍କୁ ବୁର୍ଲା ମେଡିକାଲ ନିଆଯାଇଛି। ପୋଲିସ ଟ୍ରକ୍‌କୁ ଅଟକ ରଖିଛି। ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏହି ଘଟଣା ପରେ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ପରିସ୍ଥିତିକୁ ଆୟତ କରିଥିଲା ।



ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଆଗରେ ଉତ୍ତ୍ୟକ୍ତ ଲୋକେ।

■ ସରକାରୀ ବାଳିକା ଆବାସିକ ବିଦ୍ୟାଳୟରେ ଜଣ୍ଡିସ ଆତଙ୍କ

# ଆଉ ୩ ଛାତ୍ରୀ ଆକ୍ରାନ୍ତ

**ରେଢ଼ାଖୋଲ,୧୭।୧୧(ଡି.ଏନ.ଏ.)**

- ■ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ୧୦
- ■ ଡାକ୍ତରୀ ଦଳଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ନମୂନା ସଂଗ୍ରହ
- ■ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମାଫ୍
- ■ ରୋଷେୟାଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସମ୍ବଲପୁର ଜିଲା ରେଢ଼ାଖୋଲ ସହର ଶୁଣ୍ଠିମୁଣ୍ଡାସ୍ଥିତ ସରକାରୀ ବାଳିକା ଆବାସିକ ବିଦ୍ୟାଳୟର ହଷ୍ଟେଲ ରହି ପାଠ ପଢୁଥିବା ଛାତ୍ରୀମାନେ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହେବା ଘଟଣା ହଇଚଇ ସୃଷ୍ଟି କରିଛି। ଶୁକ୍ରବାର ୧୦ ଅସୁସ୍ଥ ଛାତ୍ରୀଙ୍କୁ ରେଢ଼ାଖୋଲ ମେଡ଼ିକାଲ ନିଆଯାଇଥିଲା। ରକ୍ତ ନମୂନା ପରୀକ୍ଷାରୁ ସେମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଥିବାବେଳେ ଶନିବାର ସ୍କୁଲ କର୍ତ୍ତୃପକ୍ଷ ଅସୁସ୍ଥ ଅନୁଭବ କରୁଥିବା ଆଉ ୧୫ ଛାତ୍ରୀଙ୍କୁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ୩ ଛାତ୍ରୀ ମିଲି ଟପ୍ପୋ(୧୩), ରେସମା ପାନା(୧୩) ଓ ମେଘନା ଡାଙ୍ଗ (୭) ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଆବଶ୍ୟକ ଚିକିତ୍ସା ପରେ ସେମାନଙ୍କୁ ହଷ୍ଟେଲ ଛାଡ଼ି ଦିଆଯାଇଛି। ଏ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଗତ ୯ ତାରିଖଠାରୁ ପର୍ଯ୍ୟାୟକ୍ରମେ ହଷ୍ଟେଲରେ ରହୁଥିବା ଛାତ୍ରୀମାନେ ଅସୁସ୍ଥ ହୋଇପଡୁଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀମାନଙ୍କୁ ଚିକିତ୍ସା କରିବା ବଦଳରେ ପିତାମାତାଙ୍କୁ ଡକାଇ ଘରକୁ ପଠାଇ ଦେଉଥିଲେ। ଶୁକ୍ରବାର ୧୦ ଛାତ୍ରୀ ଅସୁସ୍ଥ ହେବା ଯୋଗୁ ବାଧ ହୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିବା ଅଭିଯୋଗ ହୋଇଛି। ଏସବୁ ସତ୍ତ୍ୱେ ପ୍ରଶାସନ ଓ ବିଭାଗୀୟ ଉଚ୍ଚ ପଦାଧିକାରୀ କେବଳ ସ୍କୁଲକୁ ଆସି ଅନୁଧ୍ୟାନ କରି ଫେରିଯାଇଛନ୍ତି। ନିର୍ଦ୍ଦିଷ୍ଟ ଭାବେ କେଉଁ କାରଣରୁ ଏତେସଂଖ୍ୟକ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି ଓ ଏଥିପାଇଁ ଦାୟୀ କିଏ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଅବିଭାବକମାନେ ଦାବି କରିଛନ୍ତି।

ଶୁକ୍ରବାର ଉପଜିଲାପାଳ ବିଶିକେଶନ ଦେହୁରୀ, ବିଡିଓ ପରିକ୍ଷିତ ସାହୁ, ଅତିରିକ୍ତ ମଙ୍ଗଳ ଅଧିକାରୀ ପିଟର ଟେଟେ ପ୍ରମୁଖ ସ୍କୁଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଶନିବାର ଜିଲାମଙ୍ଗଳ ଅଧିକାରୀ ସୀତାଂଶୁ ମୋହନ ଦାସ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଛାତ୍ରୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସ୍କୁଲକୁ ଯାଇ ତଦନ୍ତ କରିଛନ୍ତି। ହେଲେ ସ୍କୁଲର ପ୍ରଧାନ ଶିକ୍ଷକ ଓ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଦାୟିତ୍ୱରେ ଅବହେଳା ନେଇ ୬ ରୋଷେୟା ଓ ସହଯୋଗୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ବିଦ୍ୟାଳୟକୁ ଆସି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପାନୀୟଜଳ ନମୁନା ସଂଗ୍ରହ କରିଛନ୍ତି। ହଷ୍ଟେଲରେ ରହୁଥିବା ଛାତ୍ରୀମାନେ ବ୍ୟବହାର କରୁଥିବା ନଳକୂପ ଓ ଖୋଲା କୂପର ପାଣି ଯୋଗୁ ଏଭଳି ହୋଇଥିବା ସନ୍ଦେହରେ ପ୍ରଶାସନ ପକ୍ଷରୁ ଶନିବାର ୨ ପାଣି ଟାଙ୍କି ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ତେବେ ବାରମ୍ବାର ଏହି ବିଦ୍ୟାଳୟରେ ଛାତ୍ରୀମାନେ ଅସୁସ୍ଥ ହେଉଥିବା ଯୋଗୁ ଏହାର କାରଣ ଖୋଜାଯାଇ ନିରାକରଣ ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଥିବା ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ, ପ୍ରଧାନ ଶିକ୍ଷକ ଏହି ଘଟଣାକୁ ହାଲୁକା ଭାବେ ନେଇ ନିଜ ଦାୟିତ୍ୱକୁ ଏଡ଼ାଇ ଯାଇ ରୋଷେଇ କର୍ମଚାରୀଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଉଦ୍ୟମ କରିଛନ୍ତି। ଦଶହରା ଛୁଟି ପରେ ଛାତ୍ରୀମାନେ ସ୍କୁଲକୁ ଆସିବା ପରେ ଅସୁସ୍ଥ ଅନୁଭବ କରୁଥିଲେ ବୋଲି ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି କହିଛନ୍ତି।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଭାଇ ଗିରଫ

**ଲୋଇସିଂହା,୧୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଛେଲବାହାଲ ଗ୍ରାମର ବିନୋଦ ପାତ୍ର(୨୫)ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଆଗଲାପାଲି ଗ୍ରାମର କୁନା ପାଣିଗ୍ରାଣୀ ଏବଂ ତାଙ୍କ ଭାଇ ମୁନା ଏକ ଟାଙ୍ଗିଆ ଆକ୍ରମଣରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗଣ୍ଡଗୋଳ ସମୟରେ ଛଡାଇବାକୁ ଯାଇ ବାହାନ ପଧାନ ନାମକ ଜଣେ ବ୍ୟକ୍ତି ମଧ ଆହତ ହୋଇଛନ୍ତି। ଗୁରୁତର ବିନୋଦଙ୍କ ବାପା ମନକର ପାତ୍ରଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ଆକ୍ରମଣକାରୀ ଦୁଇ ଭାଇଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନାମତେ, ଛେଲବାହାଲଗ୍ରାମର ମନକର ପଧାନ ଓ ଅଗଲାପାଲି ଗ୍ରାମର ଶୁକଦେବ ପାଣିଗ୍ରାହୀଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦ ରହିଛି। ଗତ ୯ ତାରିଖ ମଧ୍ୟାହ୍ନରେ ମନକରଙ୍କ ପୁଅ ବିନୋଦ ଜମିକୁ ଗାଈ ଚରାଇବାକୁ ଯାଇଥିଲେ। ଏହି ସମୟରେ ଶୁକଦେବ ଓ ତାଙ୍କ ଦୁଇପୁଅ କୁନା ଏବଂ ମୁନା ଅମଳ ଧାନକୁ ଖଳାକୁ ବୋହୁଥିଲେ। ବିନୋଦଙ୍କୁ ଏକାକୀ ଦେଖି ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଚୋଟ ବାଜିବାରୁ ବିନୋଦ ତଳେ ପଡିଯାଇଥିଲେ। ଏହି ସମୟରେ ଛେଲବାହଲର ବାହନ ପଧାନ ଓ କେତେକ ବ୍ୟକ୍ତି ଏହି ରାସ୍ତାରେ ଯାଉଥିବା ସମୟରେ ଛଡାଇବାକୁ ଉଦ୍ୟମ କରିଥିଲେ। ଏଥିରେ ବାହାନଙ୍କ ଡାହାଣ ହାତ ଭାଙ୍ଗି ଯାଇଛି। ଗୁରୁତର ବିନୋଦଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଗାଁସାଥୀ ସଂଘର ବିକ୍ଷୋଭ, ଧାରଣା

**ଝାରସୁଗୁଡା ଅଫିସ,୧୭।୧୧:** ଏକାଧିକ ଦାବି ନେଇ ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଝାରସୁଗୁଡା ଶାଖା ତରଫରୁ ଶନିବାର ଦିନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆଗରେ ଧାରଣା ଓ ବିକ୍ଷୋଭ କରିଥିଲେ। ଡିଆରଡିଏ ତରଫରୁ ବିଡିଓ ଏବଂ ଅନ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରି ଗାଁସାଥୀଙ୍କୁ ସେମାନଙ୍କ ପକ୍ଷ ରଖିବାକୁ ସୁଯୋଗ ଦେବା, ନୂତନ ନୀତିନିୟମ ଅନୁସାରେ ଗାଁସାଥୀଙ୍କୁ ବ୍ଲକସ୍ତରରେ ମନରେଗାର ସମସ୍ତ ପ୍ରଶିକ୍ଷଣ ଦେବା ପ୍ରମୁଖ ଦାବି ପୂରଣ ପାଇଁ ଡିଆରଡିଏ ଅଫିସ ସମ୍ମୁଖରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

■ କୃଷି ଉପଦେଷ୍ଟା କମିଟି ବୈଠକ

# ଚକଡ଼ା ନେଇ ଉଦ୍‌ବେଗ

**ବୀରମହାରାଜପୁର, ୧୭।୧୧ (ଡି.ଏନ୍.ଏ.)**



କୃଷି ଉପଦେଷ୍ଟା କମିଟି ବୈଠକ ମଞ୍ଚାସୀନ କୃଷି ବୈଷୟିକ ଅଧିକାରୀ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କୃଷକ ଉପଦେଷ୍ଟା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏହାର ଅଧକ୍ଷା ବନିତା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଆୟୋଜିତ ବୈଠକରେ ଯୋଗଦେଇଥିବା ଚାଷୀ ପ୍ରତିନିଧିମାନେ ଚକଡା ପୋକର ପ୍ରାଦୁର୍ଭାବ ଓ କ୍ଷତିଗ୍ରସ୍ତ ଧାନ ଚାଷକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଶାସନର ଆଶୁ ହସ୍ତକ୍ଷେପ ଲୋଡିଥିଲେ। ଏ ନେଇ ସହକାରୀ କୃଷି ଅଧିକାରୀ ତଥା ବିଟିଟି କନ୍‌ଭେନର କାଳିନ୍ଦୀ ପରିଡା ବିଭାଗୀୟ ତଥା ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆର୍କଷଣ କରାଯାଇଥିବା କହିଥିଲେ। ପ୍ରାକୃତିକ ଦୁର୍ବିପାକ, ଜଙ୍ଗଲୀ ପ୍ରାଣୀଙ୍କ ଦ୍ୱାରା ହେଉଥିବା ଫସଲଜନିତ କ୍ଷତି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ସରକାରୀ ସହାୟତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବୈଠକରେ ସୁବର୍ଣ୍ଣପୁର ଜିଲା ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶିକା ମିତାଲି ମଧୁମିତା ବିଶ୍ୱାଳ ରବିଋତୁରେ ଧାନ, ସୋରିଷ ତଥା ଆନୁସଙ୍ଗିକ ଚାଷ ଉପରେ ଆଲୋକପାତ କରିଥିଲେ। ବୀରମହାରାଜପୁର ପ୍ରାଣୀ ଚକିତ୍ସା ଅଧିକାରୀ ଡା. ସୁବ୍ରତ ପୁରୋହିତ ଗୋ ପାଳନ ଏବଂ ସହକାରୀ ମତ୍ସ୍ୟ ଅଧିକାରୀ ମୁନୁ ଧଳ ମାଛ ଚାଷ ନିମନ୍ତେ ଉପଲବ୍ଧ ହେଇଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସଭ୍ୟ ଶ୍ୟାମସୁନ୍ଦର ପଧାନ, ନରୋତ୍ତମ ପଧାନ, ପ୍ରହଲ୍ଲାଦ ହୋତା, ଶାନ୍ତିଲତା ପାତ୍ର ଓ ଅହଲ୍ୟା କର୍ଣ୍ଣ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହକାରୀ ବୈଷୟିକ ସହାୟକ ମିନକେତନ ମହାକୁର ସଭା ପରିଚାଳନା କରିଥିବା ବେଳେ ଏଟିଏମ୍ ନାରାୟଣ ମିଶ୍ର ସହଯୋଗ କରିଥିଲେ।

# ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ ଜବତ

## ବନ ବିଭାଗର ଅତର୍କିତ ଚଢ଼ାଉ, ଜଣେ ଗିରଫ

**ବଲାଙ୍ଗୀର ଅଫିସ, ୧୭।୧୧**

ବଲାଙ୍ଗୀର ଡିଏଫଓ ସମୀର କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ରେଞ୍ଜ ଅଫିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଶନିବାର ବଜରଙ୍ଗନଗର (ବିହାରୀପଡା)ର ରାଜୁ ଶର୍ମା (୩୨) ନାମକ ଜଣେ ବ୍ୟକ୍ତିଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରୁ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ୍ କାଠ ଓ ପଟା ଜବତ୍ ହୋଇଛି। ବେଆଇନ୍ କାଠ କାରବାରରେ ରାଜୁ ଶର୍ମାଙ୍କୁ ବନବିଭାଗ ସ୍କ୍ୱାର୍ଡ ଗିରଫ କରିଛି। ସହର ଭିତରେ ସୁରୁଖୁରୁରେ ବେଆଇନ୍ କାଠ କାରବାର କରୁଥିବା ରାଜୁ ଶର୍ମାଙ୍କ ଘରେ ଶନିବାର ସକାଳେ ଅତିର୍କିତ ଚଢ଼ାଉ କରାଯାଇଥିଲା। ସେଠାରୁ ପ୍ରାୟ ୧୫୦ ସିଏଫ୍‌ଟି କାଠ ଜବତ କରାଯାଇଥିଲା। ଜବତ୍ କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଜବତ୍ କାଠରେ ଶାଳ, ଶାଗୁଆନ, ବିଜା କାଠ ସହ କାଠ କଟା ମେଶିନ୍ ଜବତ କରାଯାଇଥିଲା। ଏହି ଚଢ଼ାଉରେ ବଲାଙ୍ଗୀର ରେଞ୍ଜ ଅଫିସର ବିଜୟ କୁମାର ଖୁଣ୍ଟିଆ, ଫରେଷ୍ଟର ବ୍ୟାସଦେବ ସାହୁ, ଧ୍ରୁବଚରଣ ବଗର୍ତ୍ତୀ, ଭାଗବତ ଦାଶ, ଫରେଷ୍ଟ ଗାର୍ଡ ଅଶୋକ କୁମାର ସେଠ, ଭାରତୀ ଜାନୀ, ବିଜୟ ଲକ୍ଷ୍ମୀ ନାୟକ ସହ ମୋବାଇଲ ସ୍କ୍ୱାର୍ଡ ସଦସ୍ୟ ସାମିଲ ହୋଇଥିଲେ। ସହର ଭିତରେ ଏଭଳି ବେଆଇନ୍ କାଠ ଆଡ୍ଡା ସମ୍ପର୍କରେ ଜଣାପଡିବା ପରେ ଏଥିରେ ଏକ ବଡଧରଣର କାଠ ମାଫିଆ ର୍ୟାକେଟ୍ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। କିଭଳି ଭାବେ ଏଠାକୁ ବେଆଇନ୍ କାଠ ଆସୁଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବେଆଇନ୍ କାଠ କାରବାରରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଓ ମାଫିଆମାନଙ୍କୁ ବନ ବିଭାଗ ଗିରଫ କରିବାରେ ଅସଫଳ ହେଉଥିବାରୁ ସାଧାରଣରେ ସନ୍ଦେହ ପ୍ରକଟ ପାଉଛି।



ଜବତ୍ ବେଆଇନ୍ କାଠ ଓ ମେଶିନ୍।

ବିନିକା ରାଜସ୍ୱ ବିଭାଗର ଖାମଖିଆଲି ନୀତି

# ଜବରଦଖଲରେ ସରକାରୀ ଜମି

**ସିଂଘିଯୁବା,୧୭।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ବାଙ୍କିଘିର୍ଡି ରାଜସ୍ୱ ଅଧିନ ବାଗଡିଆ ଗ୍ରାମ। ଗାଁର ଜନସଂଖ୍ୟା ୧୪ଶହରୁ ଉର୍ଦ୍ଧ୍ୱ। ଗ୍ରାମର ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର। ଏମାନଙ୍କ ମୁଖ୍ୟ ଜୀବିକା ହେଉଛି କୃଷି। ବାଗଡିଆ ମୌଜା ଖତିୟାନ ନଂ-୨୨୬ରେ ୧୫୦ଏକର ସରକାରୀ ଜମି ରହିଛି। ସବୁଠୁ ବେଶୀ ସରକାରୀ ଜମି ରକ୍ଷିତ କିସମରେ ରହିଛି। ରକ୍ଷିତ ଖାତା ନଂ-୨୨୯ରେ ୧୩୫ଏକର ୨୧୦ଡିସମିଲ ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ପାଇଁ ବାଙ୍କିଘିର୍ଡି ରାଜସ୍ୱ ଖତିୟାନ ଖାତାରେ ରେକର୍ଡଭୁକ୍ତ ରହିଛି। ମାତ୍ର ଏହି ଗୋଚର ଜମି ଏବଂ ଗ୍ରାମ୍ୟ ଜଙ୍ଗଲ ଜମି ଏବେ ଜବରଦଖଲକୁ ଚାଲିଯାଇଛି। ପ୍ରଭାବଶାଳୀ ଲୋକେ ଏହାକୁ କବ୍‌ଜା କରି ଭୋଗ ଦଖଲ କରୁଛନ୍ତି। ଏହି ରକ୍ଷିତ ଜମିରେ ବର୍ତ୍ତମାନ ବେଆଇନଭାବେ ଗଢି ଉଠିଛି ଅନେକ ଘର, ଖେତ ଏବଂ ଖଳା ରହିଛି। ବାଙ୍କିଘିର୍ଡି ରାଜସ୍ୱ କାର୍ଯ୍ୟାଳୟ ଓ ବିନିକା ତହସିଲ କର୍ତ୍ତୃପକ୍ଷ ଏ ଦିଗରେ ନୀରବତା ଅବଲମ୍ବନ କରୁଥିବାରୁ ମୂଲ୍ୟବାନ ସରକାରୀ ଜମି ସବୁ ଦିନକୁ ଦିନ ହଡପ ହେବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ବର୍ଷ ପରେ ବର୍ଷ ବିତି ଯାଇଥିଲେ ବି ବିନିକା ତହସଲରେ ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକମାନେ ବାଗଡିଆ ଗ୍ରାମ ରକ୍ଷିତ ଜମି ଜବରଦଖଲ ନେଇ ଗୋଟିଏ ବି ମାମଲା ଦାଏର କରି ନାହାନ୍ତି। ଅପରପକ୍ଷରେ ସରକାରୀ ଜମି ଥାଇ ବି ଗାଁରେ କୌଣସି ପ୍ରକଳ୍ପ ନିର୍ମାଣ ହୋଇ ପାରୁ ନାହିଁ। ଏ ନେଇ ଗ୍ରାମର ସ୍ଥାୟୀ ବାସିନ୍ଦା ନବେ ଭୂଏ କୁହନ୍ତି ବାହର ଅଞ୍ଚଳରୁ ଲୋକେ ଆସି ସରକାରୀ ଜମିକୁ ଦଖଲ କରି ରହୁଛନ୍ତି। ରାଜସ୍ୱ ବିଭାଗ ସବୁ ଜାଣି ଅଜଣା ରହୁଛି। ଏ ନେଇ ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକ ଫିରୋଜ କୁମାର ମେହେରଙ୍କୁ ପଚାରିବାରୁ ଏଠାରେ ମାତ୍ର ୬ମାସ ହେଲା ମୁଁ ଯୋଗ ଦେଇଛି। ଏଠାରେ ରହିଥିବା ସରକାରୀ ଜମି ଚିହ୍ନଟ କରି ତାହାର ଉଦ୍ଧାର କରିବା ଦିଗରେ ଉଦ୍ୟମ କରିବି। ଏହି ଜମି କିଭଳି ବାସହୀନ ଲୋକଙ୍କୁ ଦିଆଯାଇ ପାରିବ ସେ ଦିଗରେ ତତ୍ପରତା ଦେଖାଇବି ବୋଲି କହିଥିଲେ। ବାବୁପାଲି ପଞ୍ଚାୟତର ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି ଯେ, ସରକାରୀ ଜମି ଚିହ୍ନଟ ନ ହେବା ଦ୍ୱାରା ସରକାରୀ ପ୍ରକଳ୍ପ ପାଇଁ ଜମି ମିଳୁନାହିଁ। ସ୍ଥାନ ଅଭାବରୁ କଲ୍ୟାଣ ମଣ୍ଡପ, ସ୍ୱର୍ଗଦ୍ୱାର ନିର୍ମାଣ ହୋଇପାରନାହିଁ। ଏହି ଗ୍ରାମରେ ଶହଶହ ଏକର ସରକାରୀ ଜମିଥିବା ବେଳେ ତାହାକୁ ରାଜସ୍ୱ ବିଭାଗ ଚିହ୍ନଟ କରି ଦଖଲକୁ ନ ନେବା ଦୁର୍ଭାଗ୍ୟଜନକ। ଆଗାମୀ ଦିନରେ ବାଗଡିଆ ଗ୍ରାମରେ ରକ୍ଷିତ ଜମିର ସୁରକ୍ଷା ପାଇଁ ପଞ୍ଚାୟତ ତରଫରୁ ଏକ ରେଜୁଲେସନ କରାଯିବ। ଦରକାର ପଡିଲେ ଜମି ଉଦ୍ଧାର ପାଇଁ ଜନଆନ୍ଦୋଳନ କରାଯିବ। ଏ ସମ୍ପର୍କରେ ବିନିକା ତହସିଲଦାର ଅଲେଖ ଘୁଟାଙ୍କୁ ପଚାରିବାରୁ ଖାତାରେ ସରକାରୀ ଜମି ରହିଛି। ରାଜସ୍ୱ ନିରୀକ୍ଷକ ଜବରଦଖଲ ଅଛି ବୋଲି ତହସିଲରେ ମାମଲା ରୁଜୁ କରିବା କଥା। ପ୍ରତିବର୍ଷ ଏ ନେଇ ତହସିଲ ପକ୍ଷରୁ କ୍ୟାମ୍ପ କରାଯାଏ। ଏ ବର୍ଷ ୩୦ଟି ଏହିଭଳି ମାମଲା ଦାୟର ହୋଇ ସମାଧାନ ହୋଇଛି। ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକ ଏ ନେଇ କୌଣସି ପ୍ରକାର ମାମଲା ବୁକ୍ କରି ନ ଥିବାରୁ ହୋଇନାହିଁ। ଆଗକୁ ଏ ଦିଗରେ ପଦକ୍ଷେପ ନିଆଯାଇ ରକ୍ଷିତ ସରକାରୀ ଜମି ଉଦ୍ଧାର କାର୍ଯ୍ୟ କରାଯିବ।

## ପ୍ରେସ ଦିବସରେ ପ୍ରେସ ସ୍ୱାଧିନତା ସମ୍ପର୍କିତ ଚର୍ଚ୍ଚା

**ବୀରମହାରାଜପୁର, ୧୭।୧୧ (ଡି.ଏନ.ଏ)**

ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ପୌରୋହିତ୍ୟ କରିଥିବା ବେଳେ ପ୍ରେସ ସ୍ୱାଧିନତା ଉପରେ ଆଲୋଚନା କରାଯାଇଥିଲା। ଏହିକ୍ରମରେ ଖବରକାଗଜ ତଥା ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଦ୍ୱାରା ଖବର ପରିବେଷଣ ଏବଂ ସାମ୍ନାକୁ ଆସୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଥିଲେ। ଏଥିରେ ସମ୍ପାଦକ ବାସୁଦେବ ପଣ୍ଡାଙ୍କ ସହ ଯୁଗଳ କିଶୋର ମିଶ୍ର, ସୁଧିର ବିଶ୍ୱାଳ, ରବିନ୍ଦ୍ର ହୋତା, ସତ୍ୟବାନ ପୁରୋହିତ, ଶେଷଦେବ ବାରିକ, ଶ୍ରବଣ କୁମାର ପ୍ରଧାନ, ରାଧାକାନ୍ତ ବାଘ ଓ କାମପାଳ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏତତ୍‌ବ୍ୟତୀତ ଗଣମାଧ୍ୟମ ସହ ସମ୍ପୃକ୍ତ ବାସୁଦେବ ପଧାନ, ଜ୍ୟୋତିରଞ୍ଜନ କଲତା, ଅନନ୍ତ ମଲ୍ଲିକ ଏବଂ ସଦାଶିବ ଚାନ୍ଦ ମଧ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ ପ୍ରସ୍ତୁତି

**ବୀରମହାରାଜପୁର, ୧୭।୧୧(ଡି.ଏନ୍.ଏ.)**

ଚଳିତ ଶିକ୍ଷାବର୍ଷର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି। ସ୍ଥାନୀୟ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ବୈଠକରେ ବ୍ଲକ ଅନ୍ତଗତ ବିଭିନ୍ନ ବିଦ୍ୟାଳୟର ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭାକାର ମୁଖ୍ୟ ଅତିଥି ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର କର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ କେରିଆପାଲିସ୍ଥିତ ଆଞ୍ଚଳିକ ହାଇସ୍କୁଲ ପରିସରରେ ଏଥର ବିଜ୍ଞାନ ମେଳା ଆସନ୍ତା ଡିସେମ୍ବର ୧ ତାରିଖରେ ଆୟୋଜିତ ହେବ ବୋଲି ସୂଚିତ କରାଯାଇଛି। ଶେଷରେ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

■ ଚୋରି ଲପ୍‌ଟପ୍ ବିକ୍ରି ଅର୍ଥ ଭାଗବଣ୍ଟାକୁ ନେଇ ମତଭେଦ

# ଚୋର ଗ୍ୟାଙ୍ଗ୍‌ର ୪ଗିରଫ

**ସିଂଘିଯୁବା,୧୭।୧୧(ଡି.ଏନ୍.ଏ.)**



ବିନିକା ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ।

ସୁବର୍ଣ୍ଣପୁର ଜିଲା ପୋଲିସ ଏକ ଡକାୟତି ଘଟଣାରେ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଲ୍ୟାପଟପ, ୪ମୋବାଇଲ ଓ ବାଇକ ଜବତ ହୋଇଛି। ବିନିକା ଥାନା ପରିସରରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ସୋନପୁର ଏସ୍‌ଡିପିଓ ମହିର ପଣ୍ଡା ଓ ବିନିକା ଥାନା ଆଇଆଇସି କଲ୍ୟାଣୀ ବେହେରା। ୪ ଅଭିଯୁକ୍ତଙ୍କ ମଧରେ ଜଣେ ନାବାଳକ ଅଛନ୍ତି। ଗିରଫ ଅନ୍ୟ ଅଭିଯୁକ୍ତ ହେଲେ ବିନିକା ବ୍ଲକ୍ କଲୋନୀ ପଡାର ଦେବାଶିଷ ଖପରଧୁଆ ଓରଫ୍ କଏଁରୁ (୧୯) ସମ୍ବଲପୁର ଜିଲା ଧମା ପଞ୍ଚାୟତ ଅନ୍ତର୍ଗତ ବାଧୁବାହାଲି ଗାଁର ଶଙ୍କର ଦାଶ ଓରଫ୍ ସଞ୍ଜୟ (୨୪) ଓ ସମ୍ବଲପୁର ଜିଲା ଧମା ଥାନା ସାଲେସିଂର ପୀତବାସ ବେହେରା ଓରଫ କେଜେରିଆର (୨୭)। ଏ ନେଇ ବିନିକା ଥାନାରେ ତିନିଟି ପୃଥକ ମାମଲା ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ଦେବାଶିଷଙ୍କ ମା' ସଞ୍ଜୁ ଗତ ୧୪ ତାରିଖରେ ବିନିକା ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅର ବାଇକ ନଂ ଓଡି୩୧ବି-୪୮୩୪ ଘର ବାରଣ୍ଡାରୁ ଚୋରି ହୋଇଛି। ପୋଲିସ ଚୋରି ମାମଲାର ତଦନ୍ତ କରିବା ସମୟରେ ଜଣେ ନାବାଳକ ବାଇକ୍ ଚୋରି କରିଥିବା ଜାଣିବାକୁ ପାଇଥିଲା। ତଦନ୍ତ ସମୟରେ ଜଣା ପଡିଥିଲା ଯେ ମତଭେଦ କାରଣରୁ ନାବାଳକ ବାଇକ୍ ଚୋରି କରିଛି। ନାବାଳକଙ୍କ ସମେତ ୪ ଅଭିଯୁକ୍ତ ବିନିକା, ସୋନପୁର ଓ ବରପାଲି ଅଞ୍ଚଳରୁ ଲାପଟପ୍ ଓ ମୋବାଇଲ ଫୋନ ଚୋରି କରୁଥିଲେ। ଦେବାଶିଷ ଓ ନାବାଳକ ଗୋଟିଏ ଚୋରି ଲାପଟପକୁ ବରଗଡ ଜିଲା ଗଣ୍ଡତୁରୁମର ସଞ୍ଜିତ ସାହୁଙ୍କୁ ବିକ୍ରି କରିଥିଲେ। ତେବେ ନାବାଳକଙ୍କୁ ବିକ୍ରି ଟଙ୍କା ମିଳି ନ ଥିଲା। ତେଣୁ ସେ ପ୍ରତିଶୋଧ ପରାୟଣ ହୋଇ ଦେବାଶିଷଙ୍କ ବାଇକ୍ ଚୋରି କରି ଅନ୍ୟତମ ସହଯୋଗୀ ସଞ୍ଜୟଙ୍କଠାରେ ରଖିଥିଲେ। ପୋଲିସ ସଞ୍ଜୟଙ୍କ ନିକଟରୁ ବାଇକ୍ ଉଦ୍ଧାର କରିବା ପରେ ଚୋରିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଭିନ୍ନକ୍ଷମ, ଅଭିଭାବକ ସଂଘର ସ୍ୱୟଂ ଓକିଲାତି ତାଲିମ

**ସୋନପୁର,୧୭।୧୧(ନି.ପ୍ର.)**



ତାଲିମ ଖସଡା ପୁସ୍ତିକାକୁ ଉନ୍ମୋଚନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ ଏବଂ ରାଷ୍ଟ୍ରିୟ ଭିନ୍ନକ୍ଷମ ଅଭିଭାବକ ସଂଗଠନ ପରିବା, ବାଙ୍ଗାଲୋର ଦ୍ୱାରା ଦ୍ୱିତୀୟ ପଯର୍ୟାୟ ସ୍ୱେଚ୍ଛାସେବୀ ତାଲିମ କାଯର୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ଚନ୍ଦ୍ର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସମସ୍ତଙ୍କ ସହଯୋଗ ରହିଲେ ମାନସିକ ଓ ବୌଦ୍ଧିକ ଭିନ୍ନକ୍ଷମମାନେ ଜୀବନ କୌଶଳ ତଥା ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ତାଲିମ ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ସୁଧାଂଶୁ ଶେଖର ପୂଜାହାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗମାନେ ତାଲିମ ପାଇଲେ ସମାଜର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବେ ବୋଲି ଆଶବ୍ୟକ୍ତ କରିଥିଲେ। ଏହି ତାଲିମ ପାଇଁ ପରିବାର ଦ୍ୱାରା ପ୍ରସ୍ତୁତ ହୋଇଥିବା ତାଲିମ ଖସଡା ପୁସ୍ତିକା ସମ୍ପର୍କରେ ଆଶୁତୋଷ ହୋତା ସକ୍ରିୟ ଓ ମୂଲ୍ୟବୋଧଭିତ୍ତିକ ତାଲିମ ପାଇଁ ଏହା ଏକ ଉପାଦେୟ ଖସଡା ବୋଲି କହିଥିଲେ। ଏହାର ସଠିକ୍ ପରିଚାଳନା ମାନସିକ ଓ ବୌଦ୍ଧିକ ଭିନ୍ନକ୍ଷମଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ହୋତା ଆଶପ୍ରକାଶ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ଅନଙ୍ଗ ନେଗୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରିବାର ଦ୍ୱାରା ତାଲିମ ପ୍ରାପ୍ତ ପ୍ରଶିକ୍ଷକ ଅନଙ୍ଗ ନେଗି ପରିବାରର ଅଭ୍ୟୁଦୟ, ସ୍ୱୟଂ ଓକିଲାତି ସଂଗଠନର ଉତ୍ପତି ତଥା ଅଭିଭାବକ ଓ ସୁଗମକାରୀ ବା ମେଣ୍ଟରମାନଙ୍କ ଭୂମିକା ଓ ତାଲିମ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥି ସହ ନିଜସ୍ୱ ସଚେତନତା, ନୂତନତାର ପରିପ୍ରକାଶ, ଉତ୍ତମ ସମ୍ପର୍କ ଓ ଯୋଗାଯୋଗ, ଆବେଗିକ ନିୟନ୍ତ୍ରଣ ଭଳି କୌଶଳକୁ କିଭଳି ଭାବେ ୧୪ଟି ପର୍ଯ୍ୟାୟରେ ତାଲିମ ଦିଆ ଯାଇପାରିବ ସେ ସମ୍ପର୍କରେ ଦଳଗତ ଆଲାଚନା କରିଥିଲେ। ଏହି ତାଲିମରେ ବଲାଙ୍ଗୀର ଜିଲାର ଆଶ୍ରା, ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ସଇନ୍ତଳା, ସୁବର୍ଣ୍ଣପୁର ଜିଲାର ରେଆର, ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ, ସର୍ବଶିକ୍ଷା ଅଭିଯାନ ସୁବର୍ଣ୍ଣପୁର, ଏସାଶ୍ରୋ ବୌଦ୍ଧ ଓ ଶାରୀରିକ ଭିନ୍ନକ୍ଷମ ବିଦ୍ୟାଳୟ ବରଗଡର ମେଣ୍ଟର ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୁଦାମ ଗାଇଗରିଆ ସହଯୋଗ କରିଥିବା ବେଳେ ଗୋଷ୍ଠୀ ସାଧନକର୍ମୀ ଚୌଧୁରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।







ବଲାଙ୍ଗୀର ସହର ମୁଖ୍ୟ ରାସ୍ତା ଉପରେ ଶହ ଶହ ସଂଖ୍ୟାରେ ବୁଲା ଗୋରୁ ଓ କୁକୁରଙ୍କ ପ୍ରାଦୁର୍ଭାବ ଦେଖାଯିବା ସତ୍ତ୍ୱେ ମ୍ୟୁନିସିପାଲିଟି କିଛି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ସହରରେ ଦୁର୍ଘଟଣା ଓ ଟ୍ରାଫିକ୍ ସମସ୍ୟା ବଢୁଛି। (ଫଟୋ-ସୁନୀଲ)

# ସୁବର୍ଣ୍ଣପୁରରେ ୪ ଓଏଏସ୍ ଅଫିସରଙ୍କ ଯୋଗଦାନ

**ସୋନପୁର,୧୭।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୪ ଓଏଏସ ଅଫିସର ଏକକାଳୀନ ଯୋଗଦାନ କରିଛନ୍ତି। ଅରବିନ୍ଦ ବେହେରା ସୋନପୁର ତହସିଲଦାର, ସୌଭାଗ୍ୟ ପଣ୍ଡା ତରଭା ତହସିଲଦାର, ସିତାରା ଜାହାନ ଓ ସୁଯର୍ୟାଂଶୁ କୁମାର ରୁଟ ଜିଲାପାଳଙ୍କ କାଯର୍ୟାଳୟରେ ଡେପୁଟି କଲେକ୍ଟର ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋନପୁର ତହସିଲଦାର ପଦ କିଛି ମାସ ପୂର୍ବରୁ ଖାଲି ପଡିଥିବା ବେଳେ ତରଭା ତହସିଲଦାର ପଦବି ଦୀର୍ଘ ୩ ବର୍ଷ ହେବ ଖାଲିଥିଲା। ୨୦୧୬ ବ୍ୟାଚ୍‌ର ଉପରୋକ୍ତ ଅଧିକାରୀମାନେ ସିଧାସଳଖ ଓଏଏସ ନିଯୁକ୍ତି ପାଇଛନ୍ତି। ପ୍ରଶିକ୍ଷଣ ସରିବା ପରେ ଅଧିକାରୀ ମାନଙ୍କର ଏହା ପ୍ରଥମ ନିଯୁକ୍ତି।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବ୍ୟାଡ୍ ମିଣ୍ଟନ କୋର୍ଟ ଉଦ୍‌ଘାଟିତ

**ବରପାଲି, ୧୭।୧୧ (ଡି.ଏନ.ଏ):** ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ୟାଡମିଣ୍ଟନ କୋର୍ଟ ଉଦଘାଟିତ ହୋଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ଶଙ୍କର ପ୍ରସାଦ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, କ୍ରୀଡ଼ା ଶିକ୍ଷକ ମନୋଜ ସାହୁ ଓ ସ୍କୁଲ କମିଟି ସଭାପତି ଯଦୁମଣି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ନିରଦ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ ।

### ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

**ଭଟଲି, ୧୭।୧୧ (ଡି.ଏନ.ଏ):** ବରଗଡ଼ ଜିଲା ଭଟଲି ସରକାରୀ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ଉଭୟ ଜୁନିୟର ଏବଂ ସିନିୟର ବିଭାଗର ଏହି ପ୍ରତିଯୋଗିତାରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରାୟ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ପ୍ରଧାନ ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନର ଆବଶ୍ୟକତା ବିଷୟରେ କହିବା ସହିତ ପ୍ରତିଯୋଗିତାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ବିଜ୍ଞାନ ଶିକ୍ଷକ ଅଶୋକ ଡନସନା, ବନ୍ଦିତା ପଧାନ ଏବଂ ସୁରେନ୍ଦ୍ର ଗଡ଼ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ଲିପ୍‌ସା ବାରିକ ଓ ଟେକ୍‌ଚାନ୍ଦ ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଜୁନିୟର ବିଭାଗରେ ସ୍ୱସ୍ତିକ ଖମାରୀ ଓ ଶୋଭାମୟୀ ବାରିକ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।



### ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧା

**ଜାମଟିକ୍ରା, ୧୭।୧୧ (ଡି.ଏନ.ଏ):** ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା ଆମ୍ବପଡାର ବିଧବା ଜି. ଏଙ୍କଟରାମା (୮୦) । ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ପ୍ରାୟ ୧୫ ବର୍ଷ ହେଲାଣି । ଏକମାତ୍ର ପୁଅ ଅନ୍ୟ ସ୍ଥାନରେ ରହୁଛନ୍ତି। ଏଙ୍କଟରାମା ଏକ ଭଙ୍ଗାଦଦରା କୁଡିଆ ଘରେ ରହି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଅଫିସର କି ସ୍ଥାନୀୟ ଜନପ୍ରତିନିଧି ତାଙ୍କ ପ୍ରତି ଦୃଷ୍ଟି ଦେଇନାହାନ୍ତି । ଏଯାଏ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ । ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ । ସ୍ଥାନୀୟ ପଞ୍ଚାୟତରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କଲେ ମଧ କୌଣସି ସୁଫଳ ମିଳୁନାହିଁ । ସରକାରୀ ସୁବିଧା କହିଲେ ସେ ରାସନ କାର୍ଡ ଜରିଆରେ ମାସିକ ୫ କେଜି ଚାଉଳ ପାଆନ୍ତି । ଭତ୍ତା ବାବଦରେ ୫ଥର ପଞ୍ଚାୟତରେ ଆବେଦନ କରି ୨ରୁ ୩ ଶହ ଟଙ୍କା ଖର୍ଚ୍ଚ କରି ଏପର୍ଯ୍ୟନ୍ତ ଭତ୍ତା ମିଳିନାହିଁ। ଇ ବାବଦରେ କୁଲୁଣ୍ଡା ସରପଞ୍ଚ ସବିତା ଦୀପଙ୍କୁ ପଚାରିବାରୁ ଉକ୍ତ ବୃଦ୍ଧା ନିକଟକୁ ଭତ୍ତା ଫର୍ମ ପଠାଯାଇଛି । ଖୁବ୍ ଶୀଘ୍ର ତାଙ୍କୁ ଭତ୍ତା ମିଳିଯିବ ।

### ବିଜେଡି ନେତାଙ୍କ ପରଲୋକ

**ପାଇକମାଲ, ୧୭।୧୧ (ଡି.ଏନ.ଏ);** ପାଇକମାଲ ବ୍ଲକ ପୂର୍ବତନ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି (୭୫)ଙ୍କର ଶନିବାର ଅପପରାହ୍ନ ସାଢ଼େ ୧ଟା ଅପରାହ୍ନରେ ମୃତ୍ୟୁ ଘଟିଛି । ସେ ପ୍ରାୟ ଏକ ସପ୍ତାହ ହେବ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ଶବ ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ । ରାତି ସାଢ଼େ ୭ଟାରେ ସରକାରୀକଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପାଇକମାଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ୨୦ରୁ ବରଗଡ଼ ପୁସ୍ତକମେଳା

**ବରଗଡ଼ ଅଫିସ୍, ୧୭।୧୧**

ବରଗଡ଼ ପୁସ୍ତକମେଳା-୨୦୧୮ ଆସନ୍ତା ୨୦ତାରିଖରୁ ଆରମ୍ଭ ହେବ। ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ଆନୁକୂଲ୍ୟରେ ହେବାକୁ ଥିବା ଏହି ପୁସ୍ତକମେଳା ୨୯ତାରିଖରେ ସମାପନ ହେବ। ୧୦ଦିନ ଧରି ହେବାକୁ ଥିବା ପୁସ୍ତକମେଳା ଏଥର ମଧ୍ୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିବ ଏବଂ ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ଆଲୋଚନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ପୁସ୍ତକମେଳାରେ ମୋଟ୍ ୧୨୬ଟି ଷ୍ଟଲର ବ୍ୟବସ୍ଥା ରହିଛି । ନୂଆଦିଲ୍ଲୀ, କଲିକତା, ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଅନୁଗୁଳ, ବଲାଙ୍ଗୀର, ବରଗଡ଼ ଆଦି ଜିଲାର ପ୍ରକାଶକ, ପୁସ୍ତକ ବିକ୍ରେତା ଏବଂ ଅନୁଷ୍ଠାନ ଏଥିରେ ଯୋଗଦେବେ। ଶନିବାର ଗାନ୍ଧୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପାଠାଗାରର ସଭାପତି ଅରୁଣ ମହାନ୍ତି ଏହି ସୂଚନା ଦେଇଛନ୍ତି ।

ସେ କହିଥିଲେ, ଆଞ୍ଚଳିକ ଆବଶ୍ୟକତା ଓ ଜନସାଧାରଣଙ୍କ ଅନୁରୋଧ କ୍ରମେ କ୍ୟାନସର ସମ୍ବନ୍ଧୀୟ ଆଲୋଚନାଚକ୍ର ହେବ ଏବଂ ଏଥିରେ ୨ଜଣ କ୍ୟାନସର ବିଶେଷଜ୍ଞ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଗୋଟିଏ ସନ୍ଧ୍ୟାରେ ଇମ୍ପେରିଏଲ କଲେଜ, ଚଢ଼େଇଗାଁ ପକ୍ଷରୁ ଗାନ୍ଧୀଦର୍ଶନ ଆଲୋଚନାଚକ୍ର ହେବ । ପୁସ୍ତକମେଳାର ସ୍ୱତନ୍ତ୍ର ଆକର୍ଷଣ ଭାବେ ମହାତ୍ମାଗାନ୍ଧୀଙ୍କ ଜୀବନର ବିଭିନ୍ନ ସମୟ ଓ ଘଟଣାର ଶହେଟି ଚିତ୍ର ପ୍ରଦର୍ଶନୀ ଏବଂ ଗୋଟିଏ ସନ୍ଧ୍ୟାରେ ଗାନ୍ଧୀ କବିତା ପାଠୋତ୍ସବର କାର୍ଯ୍ୟକ୍ରମ ରହିଥିବା ସେ କହିଥିଲେ । ଉଦଘାଟନୀ ସଭାରେ ଜିଲାର ୮ଜଣ ବରପୁତ୍ରଙ୍କ ଜୀବନୀକୁ ନେଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପୁସ୍ତକ ବରପୁତ୍ର ଏବଂ ଜିଲାର ପର୍ଯ୍ୟଟନ କ୍ଷେତ୍ର ଉପରେ ଆଧାରିତ ବାର୍ଷିକ ମୁଖପତ୍ର ବରପୁତ୍ର ଉନ୍ମୋଚନ କରାଯିବ । ସେହିପରି ବାର୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉଦଘାଟନୀ ଦିବସର ସନ୍ଧ୍ୟାରେ ପୁରସ୍କୃତ କରାଯିବା ସହିତ ଉଦଯାପନୀ ସନ୍ଧ୍ୟାରେ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ, ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ, ଗଙ୍ଗାଧର ସାହିତ୍ୟ ସମ୍ମାନ, ଡୋଲାମଣି ସାହୁ ସ୍ମୃତି ସମ୍ମାନ, ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ, ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, କିରଣମୟୀ ମହାପାତ୍ର ମେଧା ସମ୍ମାନ, ଆଶା ପଟ୍ଟନାୟକ ମେଧା ସମ୍ମାନ, ସତ୍ୟ ନାରାୟଣ ସାହୁ ମେଧା ସମ୍ମାନ ଏବଂ ଡା. ଆନନ୍ଦ ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ପୁସ୍ତକମେଳାକୁ ଆସୁଥିବା ଦର୍ଶକଙ୍କୁ ଏଥର ବୀମାଭୁକ୍ତ କରାଯିବ । ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଡିସେମ୍ବର ୬ରୁ ୯ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଗାନ୍ଧୀ ଆଦର୍ଶ ସମ୍ପର୍କୀତ ୭ଟି କ୍ଷୁଦ୍ର ନାଟକ ମଞ୍ଚସ୍ଥ କରାଯିବା ଯୋଜନା ରହିଛି ବୋଲି ସୂଚନା ଦିଆଯାଇଥିଲା । ଖବରଦାତା ସମ୍ମିଳନୀରେ ପାଠାଗାର ସଭାପତି ମହାନ୍ତିଙ୍କ ସମେତ ସମ୍ପାଦକ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ବିକ୍ରମାଦିତ୍ୟ ପଣ୍ଡା, ସଭ୍ୟ ଜୟପ୍ରକାଶ ଶତପଥୀ, ସଭ୍ୟ ହୃଷିକେଶ ଦାଶ, ଉମେଶ ବିଶ୍ୱାଳ, ଲଲାଟେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

**ଖବରଦାତା ସମ୍ମିଳନୀରେ ଘୋଷଣା**





ଖବରଦାତା ସମ୍ମିଳନୀରେ ଗାନ୍ଧୀ ସ୍ମୃତି ପାଠାଗାରର କର୍ମକର୍ତ୍ତାମାନେ ।

- ପୁସ୍ତକମେଳାରେ ୧୨୬ ଷ୍ଟଲ ବ୍ୟବସ୍ଥା
- ରାଜ୍ୟ, ରାଜ୍ୟ ବାହାର ପ୍ରକାଶକ ଆସିବେ
- ସମସ୍ତ ଦର୍ଶକଙ୍କ ପାଇଁ ବୀମାଭୁକ୍ତ ବ୍ୟବସ୍ଥା
- ଗାନ୍ଧିଜୀଙ୍କ ଜୀବନୀ ଉପରେ ଚିତ୍ର ପ୍ରଦର୍ଶନୀ
- ଆଲୋଚନାଚକ୍ର, କବିତା ପାଠୋତ୍ସବ ହେବ

■ ଛାତ୍ରୀଛାତ୍ରଙ୍କ ଝାରବନ୍ଧ ଥାନା ପରିଦର୍ଶନ

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ବିକାଶ ଜରୁରୀ

**ଝାରବନ୍ଧ, ୧୭।୧୧ (ଡି.ଏନ.ଏ)**

ଝାରବନ୍ଧ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଶନିବାର ଝାରବନ୍ଧ ଥାନା ପରିଦର୍ଶନ କରି ପୋଲିସର କାର୍ଯ୍ୟକଳାପ ଉପରେ ଅବଗତ ହୋଇଛନ୍ତି । ପ୍ରଧାନ ଆଚାର୍ଯ୍ୟ ଘନଶ୍ୟାମ ବନଛୋରଙ୍କ ସୂଚନା ଅନୁସାରେ ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ତର୍ନିହିତ ବିକାଶ ଜରୁରୀ ଅଟେ । ଏଥିପାଇଁ ଥିଓରୀ ଶିକ୍ଷାଦାନକୁ ପ୍ରାକ୍ଟିକାଲ ଶିକ୍ଷା ସହଯୋଗ କରିଥାଏ । ଏଣୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଥାନା ପରିଦର୍ଶନରେ ନିଆଯାଇଥିଲା । ଛାତ୍ରୀଛାତ୍ରମାନେ ଥାନା ଆସିବା ପରେ ଥାନା ଅଧିକାରୀ ତରୁଣ କୁମାର କେରକେଟାଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା । ପରେ ଅଭ୍ୟର୍ଥନା ଗୃହରେ କେରକେଟା ପୋଲିସର କାର୍ଯ୍ୟକଳାପ ବିଷୟରେ ସେମାନଙ୍କୁ ଅବଗତ କରାଇଥିଲେ । ଉତ୍ତମ ଚରିତ୍ର ଗଠନ ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେବା ସହିତ ଛାତ୍ରୀଛାତ୍ରମାନଙ୍କୁ ମଧ ଚରିତ୍ରବାନ ହେବା ପାଇଁ ଆହ୍ୱାନ କରିଥିଲେ । ଅପରାଧୀଙ୍କୁ କିପରି ଆୟତ୍ତ କରାଯାଏ ତାହା କାର୍ଯ୍ୟରତ ଓଡିଶା ସ୍ୱତନ୍ତ୍ର ପୋଲିସ ବାହିନୀର ଯବାନ ହିରୋଦ ତିର୍କି ଛାତ୍ରୀଛାତ୍ରମାନଙ୍କୁ ଜଣାଇଥିଲେ । ପରେ ଅପରାଧୀମାନଙ୍କୁ ରଖାଯାଉଥିବା ସେଲ୍‌କୁ ପରିଦର୍ଶନ କରାଯାଇଥିଲା । ଏଏସଆଇ ନମିତା ନାୟକ, ହାବିଲଦାର ପ୍ରଶାନ୍ତ ପ୍ରଧାନ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ସହିତ ଆଚାର୍ଯ୍ୟ ଫଗୁଲାଲ ମରାଇ, ନୀଳିମା ବେହେରା, ଗାୟତ୍ରୀ ମହାନନ୍ଦ, ରାଜେଶ୍ୱରୀ ଦୋରା, ରୀନା ପ୍ରଧାନ ସାମିଲ ହୋଇଥିଲେ ।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ସ୍କୁଲରେ ପ୍ରାଚୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଭଟଲି, ୧୭।୧୧ (ଡି.ଏନ୍.ଏ)**

ବରଗଡ଼ ଜିଲା ଭଟଲି ଶାନ୍ତି ସରକାରୀ ବାଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସ୍ତରୀୟ ସୁରଭି କୁଇଜ(ବରିଷ୍ଠ) ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାଚୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭଟଲି ସିଆରସିସି ଜୟଦ୍ରଥ ପଧାନ ଉପସ୍ଥିତ ରହି ବିଦ୍ୟାଳୟର ପ୍ରାର୍ଥନା ସଭାରେ ସମସ୍ତ ଛାତ୍ରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ କ୍ଲଷ୍ଟର ଶିକ୍ଷା ପରିବାର ପକ୍ଷରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ପଧାନ ଅନ୍ୟ ଛାତ୍ରୀମାନଙ୍କୁ ମଧ ପ୍ରାଚୀଙ୍କ ଭଳି କୃତିତ୍ୱ ହାସଲ କରି ବ୍ଲକ ତଥା ଜିଲାର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ପରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ପ୍ରାଚୀଙ୍କୁ ସ୍ୱାଗତ କରିଥିଲେ ।

# ବଢୁଛି ମଦ କାରବାର, ହେଉନି କାର୍ଯ୍ୟାନୁଷ୍ଠାନ

**ଜାମଟିକ୍ରା, ୧୭।୧୧ (ଡି.ଏନ.ଏ)**

ଅତାବିରା ବ୍ଲକ ଅଞ୍ଚଳରେ ଚୋରା ମଦ କାରବାର ବଢିବାରେ ଲାଗିଛି । ଏ ଦିଗରେ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ଫଳରେ ଚୋରାମଦ ବ୍ୟବସାୟୀମାନେ ସେମାନଙ୍କ କାରବାର ଦିନକୁ ଦିନ ବଢ଼ାଇ ଚାଲିଛନ୍ତି । କେତେବେଳେ କେମିତି ଅଭିଯୋଗ ଆସିଲେ ଅବକାରୀ ବିଭାଗ କାଁ ଭାଁ ଚଢ଼ାଉ କରୁଛି । ଏପରିକି ବଡ ବଡ ମଦ ବ୍ୟବସାୟୀଙ୍କୁ ନ ଧରି କେବଳ ଲୋକ ଦେଖାଣିଆ ଛୋଟ ବ୍ୟବସାୟୀଙ୍କୁ ଧରି କୋର୍ଟ ଚାଲାଣ କରାଯାଉଛି । ବର୍ତ୍ତମାନ ଅତାବିରା ବ୍ଲକର ବିଭିନ୍ନ ଗାଁରେ କୁଡିଆ ମଦ କୋଠି ଖୋଲିଛି। ଫଳରେ ଗାଁ ଛକମାନଙ୍କରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ମହିଳାମାନେ ରାସ୍ତାରେ ଯିବା ଆସିବା ପାଇଁ ନିରାପଦ ମଣୁନାହାନ୍ତି । ବ୍ଲକର ବିଭିନ୍ନ ଜନବସତି ସ୍ଥାନ, ଶିକ୍ଷାନୁଷ୍ଠାନ, ମନ୍ଦିର କ୍ଲବ ନିକଟରେ ମଦ କୋଠିଗୁଡିକ ଛତୁ ଫୁଟିଲା ପରି ଗଢ଼ି ଉଠିଛି । ୨୦୦୭ ମସିହା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଖଲିଆପାଲି ଗ୍ରାମରେ କଳାସୀ ଯାତ୍ରା ସମୟରେ ବିଷାକ୍ତ ମଦ ପିଇ ତିନି ଜଣଙ୍କ ମୃତ୍ୟୁ ଘଟିଥିଲା । ସେ ବର୍ଷ ବରଗଡ ଜିଲାପାଳ ଖଲିଆପାଲି ଗ୍ରାମରେ ମଦ ବିକ୍ରି ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସେହି ନିର୍ଦ୍ଦେଶକୁ ମାତ୍ର ୨ବର୍ଷ ପାଳନ କରାଗଲା । ୨ବର୍ଷ ପରେ ଗାଁରେ ମଦ ଭାଟି ଠିକା ଦିଆଗଲା । ଆସନ୍ତା ସୋମବାର କଳାସୀ ଯାତ୍ରା ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି । ଜନବସତି ସ୍ଥାନରେ ଥିବା ମଦ ଭାଟି ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି ବୋଲି ବରିଷ୍ଠ ନାଗରିକ ଗୋବିନ୍ଦ ସାହୁ କୁହନ୍ତି । ଏ ସମ୍ପର୍କରେ ଅତାବିରା ଅବକାରୀ ଅଧିକାର ଅପନା ମାରାଣ୍ଡିଙ୍କ ମତାମତ ମିଳିପାରିନାହିଁ। ସେହିପରି ଅତାବିରା ଥାନା ଅଧିକାରୀ ଗୌରାଙ୍ଗ ଚରଣ ସାହୁଙ୍କୁ ପଚାରିବାରୁ ଏହା ଆମ ହାତରେ ନାହିଁ । ଏହା ଅବକାରୀ ବିଭାଗର କାମ ବୋଲି କହିଥିଲେ ।

# ଅଏଁଲାପାଲିରେ ସଂକ୍ରାନ୍ତି ଉତ୍ସବ ଉଦ୍‌ଯାପିତ

**ଭେଡ଼େନ, ୧୭।୧୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଠାରେ ଦୁଇଦିନ ଧରି ଚାଲିଥିବା ଦଶମ ସଂକ୍ରାନ୍ତି ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଏହି ଉତ୍ସବ ପାଇଁ ଶୁକ୍ରବାର ସକାଳେ କଳସ ଶୋଭାଯାତ୍ରା ହୋଇଥିଲା। ପରେ ବନାବିରାର ସ୍ନେହଲତା ସାହୁ, ଭବାନିପାଲିର ନନ୍ଦିଘୋଷ ପାଢ଼ୀ, ରେମତାର ଗୁରୁଦେବ ପଧାନ ପ୍ରମୁଖ ପ୍ରବଚନ ଦେଇଥିଲେ। ଶନିବାର ବୀରମହାରାଜପୁରର ଅଏଁଠୁ ସାହୁ ପ୍ରବଚନ ଦେଇଥିଲେ । ଜୟ ଶ୍ରୀରାମ ସତସଙ୍ଗ ମଣ୍ଡଳୀ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।



ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଠାରେ ଦୁଇଦିନ ଧରି ଚାଲିଥିବା ଦଶମ ସଂକ୍ରାନ୍ତି ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।



ସଂକ୍ରାନ୍ତି ଉତ୍ସବ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଫୁଟବଲ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ ।

**ଗାଇସିଲେଟ, ୧୭।୧୧ (ଡି.ଏନ.ଏ)**

ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମରେ ଭୂତପୂର୍ବ ବିଧାୟକ ତଥା ଫୁଟବଲ ଖେଳାଳି ବିରେନ୍ଦ୍ର କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୁରୋମୁଣ୍ଡା ପଲ୍ଲିଶ୍ରୀ ଯୁବକ ସଂଘ ତରଫରୁ ଶନିବାର ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଏଥିରେ ରାଉରକେଲା, ଲୋଇସିଂହା, ସମ୍ବଲପୁର, ପଦ୍ମପୁର, ବରପାଲି, ବୁରୋମୁଣ୍ଡା, ଇଚ୍ଛାପୁର ଓ ଛତିଶଗଡର ରାୟପୁର ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ମୁଖ୍ୟଅତିଥି, ବିଡିଓ ମଧୁଛନ୍ଦା ସାହୁ, ବ୍ଲକ ଅଧକ୍ଷା ବାସନ୍ତୀ ପାଣ୍ଡେ, ଉପାଧକ୍ଷ ପ୍ରଣୟ କୁମାର ସାହୁ, ଗୌନ୍ତିଆ ଭୁବନ୍ଦେ କୁମାର ସାହୁ, ସରପଞ୍ଚ ସରୋଜ ଶ୍ରୀଭୂଷଣ ସାହୁ, ଭାରତ ଦାଶ, ଦେବେନ୍ଦ୍ର ଯୋଷୀ, ପୂର୍ଣ୍ଣାନନ୍ଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଖେଳ ଶିକ୍ଷକ ସୁଧାଂଶୁ ସେଠ୍, ସୂତାରସେନ ପଧାନ, ସାଲେଗ୍ରାମ ମାଝୀ, ଅରୁଣ ଓରାମ, ଅଶ୍ୱିନୀ ବେରିଆ, ପ୍ରଦୀପ ଦାଶ ଖେଳ ପରିଚାଳନା କରିଥିଲେ ।

# ବିଜ୍ଞାନମେଳାରେ ୨୩୩ ପ୍ରକଳ୍ପ

**ଭେଡ଼େନ, ୧୭।୧୧ (ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ ପରିସରରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଯଥା ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି ପ୍ରଦର୍ଶନୀକୁ ବିଡ଼ିଓ ମୁରଲିଧର ନାୟକ ଉଦ୍‌ଘାଟନ କରିଥିଲେ। ମେଳାର ସବ୍ ଜୁନିୟର ବିଭାଗରେ ୧୨୬, ଜୁନିୟର ବିଭାଗରେ ୭୫ ଏବଂ ସିନିୟର ବିଭାଗରେ ୩୨ ଏହିପରି ମୋଟ୍ ୨୩୩ ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସେଥିମଧ୍ୟରୁ ସବ୍‌ଜୁନିୟର ବର୍ଗରେ ଦେଙ୍କୁଲବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନ୍ୱେଷ ମହାକୁର, ଅରେଇଗୁଡ଼ି ନୋଡ଼ାଲ ସ୍କୁଲର ସମୀକ୍ଷା ଭୋଇ ଏବଂ ତାଳମେଣ୍ଡା ପ୍ରାଥମିକ ବିଦ୍ୟାଳୟର ସ୍ୱାଗତିକା ଭୋଇ, ଜୁନିୟର ବିଭାଗରେ ହାଟଗାଁର ସୁରଜ ରଣବିଡ଼ା, ନାଗପଡ଼ାର ଆୟୁଷ ନାଗ, ଭେଡ଼େନ ବାଳିକା ହାଇସ୍କୁଲର ଜ୍ୟୋତି ଡ଼ନସନା ଏବଂ ସିନିୟର ବର୍ଗରେ ଝରାପାଲି ହାଇସ୍କୁଲର ସୀମା ମିଶ୍ର, ରୁଷୁଡ଼ା ହାଇସ୍କୁଲର ସୁହାନୀ ବରେଇ ଏବଂ ଜାଣ୍ଡୋଲ ହାଇସ୍କୁଲର ଅରୋସ୍ୱାଦ ଭୋଇଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି । ରୁଦ୍ରଦେବ ସାହୁଙ୍କ ସଂଯୋଜନାରେ ହୋଇଥିବା ଉଦଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ, ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ବିଡ଼ିଓ ମୁରଲିଧର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲିକ, ଭେଡ଼େନ ହାଇସ୍କୁଲ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ, ଝରାପାଲି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗୁରୁଦେବ ତ୍ରିପାଠୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଭେଡ଼େନ ବାଳିକା ହାଇସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଶେଷରେ ସିଆରସିସି କ୍ଷୀତେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳାରେ ଆତ୍ମାରାମ ଭୋଇ, ଅଶୋକ ପଣ୍ଡା, ଧର୍ମରାଜ ପ୍ରଧାନ, ଆଲୋକ ସାହୁ, ହେମନ୍ତ ମେହେର ଏବଂ ସଞ୍ଜୀବ ନାଇକ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଭେଡ଼େନ ବିଇଓଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରସିସି ସହଯୋଗ କରିଥିଲେ ।



ଭେଡ଼େନ ବ୍ଲକ ବିଜ୍ଞାନ ମେଳାର ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।
- ଚାଣକ୍ୟ



## ସଂକ୍ଷେପରେ



### କୋଡିବାହାଲରେ ବୃନ୍ଦାବତୀ ପୂଜା, କଳସ ଯାତ୍ରା

ଘଣ୍ଟାପଡା, ୧୭।୧୧ (ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ଅଧୀନ କୋଡିବାହାଲ ଗ୍ରାମରେ ମାଁ ମାହେଶ୍ୱରୀ ଯୁବକ ସଂଘ ଆନୁକୂଲ୍ୟରେ ଶନିବାର ମାଁ ବୃନ୍ଦାବତୀଙ୍କ ପୂଜନୋତ୍ସବ ଆରମ୍ଭ ହୋଇଛି । ପ୍ରତ୍ୟୁଷରୁ ଗ୍ରାମର ମହିଳାମାନେ ନିକଟସ୍ଥ ପୋଖରୀରୁ ଜଳପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ପୂଜା ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମ ୭ଦିନ ଧରି ହୋଇ ୨୩ ତାରିଖରେ ସମାପନ ହେବ । ପୂଜନୋତ୍ସବର ପ୍ରତ୍ୟେକ ରାତ୍ରିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଯୁବକ ସଂଘ ସମ୍ପାଦକ ନବୀନ କିଶୋର ମେଣ୍ଡଲି ଜଣାଇଛନ୍ତି ।

### ଭୈରବୀ ଡିଗ୍ରୀ ମହାବିଦ୍ୟାଳରେ ଆଲୋଚନାଚକ୍ର

ତଲଗାଁ, ୧୭।୧୧(ଡି.ଏନ.ଏ): ବୌଦ୍ଧ ଜିଲା ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳରେ ଶନିବାର ରାଜନୀତି ବିଜ୍ଞାନ ସମ୍ମାନ ବିଭାଗର ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଲୋଚନାଚକ୍ରରେ 'ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା' ଉପରେ ଆଲୋଚନା ହୋଇଥିଲା । ରାଜନୀତି ବିଜ୍ଞାନ ଅଧ୍ୟପକ ରଞ୍ଜିତ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ହରଭଙ୍ଗା ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷ ପ୍ରିୟନାଥ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବିଧାନ ଗଠନ ହେବା ପଛରେ ନିହାତି ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସାମ୍ବାଦିକଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଇଛି । ଆଉ ମଧ୍ୟ ଜୀବନ ସହ ବାଜି ଲଗାଇ ପ୍ରଶାସନ ଓ ସରକାରଙ୍କ ବିରୁଦ୍ଧରେ ସତ୍ୟ ଖବର ପ୍ରକାଶ କରୁଥିବା ସାମ୍ବାଦିକଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ଆକ୍ରମଣ ନିନ୍ଦନୀୟ ବିଷୟ ବୋଲି ସେ କହିଥିଲେ । ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତ ବର୍ଷରେ ସାମ୍ବାଦିକ ନ ଥିଲେ ଏକଛତ୍ରବାଦ ଶାସନ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ବୋଲି ମତ ଦେଇଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ରମେଶ ଚନ୍ଦ୍ର ତାରେଣିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମହାବିଦ୍ୟାଳୟର ରାଜନୀତି ବିଭାଗର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

# କୁନି ବିଜ୍ଞାନୀଙ୍କ ସୁସ୍ଥ ପରିବେଶ ଚିନ୍ତା

ସେମାନେ କୁନି ବିଜ୍ଞାନୀ । କିନ୍ତୁ ଚିନ୍ତା କରନ୍ତି ଆମ ପୃଥିବୀ, ପରିବେଶ ତଥା ମଣିଷ ସମାଜର କଥା । ଆଖିରେ ଆଖିଏ ସ୍ୱପ୍ନ ନେଇ ନିଜର ଚିନ୍ତାକୁ ବିଭିନ୍ନ ପ୍ରକଳ୍ପ ଆକାରରେ ପରିପ୍ରକାଶ କରିଛନ୍ତି । ଶନିବାର ବରଗଡ଼ ଜିଲା ଭେଡ଼େନ ସୂର୍ଯ୍ୟମଣି ଜନତା ହାଇସ୍କୁଲ ପରିସରରେ ହୋଇଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଚାଲିଥିଲା । ଏହି ଅବସରରେ ଆମେ ଭେଟିଥିଲୁ କିଛି କୁନି କୁନି ବିଜ୍ଞାନୀଙ୍କୁ । ସେମାନଙ୍କୁ ପଚାରି ବୁଝିଥିଲୁ ସେମାନଙ୍କ ପରିକଳ୍ପିତ ପ୍ରକଳ୍ପ ସମ୍ପର୍କରେ ।

### ଚକଡ଼ା ଚିନ୍ତାରୁ ମୁକ୍ତି



ପାଚିଲା ଧାନରେ ଚକଡ଼ା ପୋକ ଚାଷୀଙ୍କ ପାଇଁ ବିପର୍ଯ୍ୟୟ ଆଣି ଦିଏ। ବିଗତ ବର୍ଷ ଧାନ ଚାଷରେ ଏହି ଚକଡ଼ା ପୋକ ଉପଦ୍ରବ ଯୋଗୁ ଚାଷୀ ସର୍ବସ୍ୱାନ୍ତ ହୋଇଥିଲା। ବାରମ୍ବାର କୀଟନାଶକ ପ୍ରୟୋଗ କରି ଖର୍ଚ୍ଚାନ୍ତ ହେବା ସହ ପରିବେଶ ହୋଇଥିଲା ପ୍ରଦୂଷିତ । ବିନା କୀଟନାଶକରେ ଏହି ଚକଡ଼ା ଚିନ୍ତାରୁ ମୁକ୍ତି ପାଇଁ ଭେଡ଼େନ ବ୍ଲକ ଜାଣ୍ଡୋଲ ହାଇସ୍କୁଲର ଛାତ୍ର ଅରୋଆସ୍ୱାଦ ଭୋଇ ଗାଇଡ଼ ଶିକ୍ଷୟିତ୍ରୀ ବନ୍ଦିତା ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିଛନ୍ତି ନୂତନ ପ୍ରୟୋଗ। ବିଶାଳ ଟିଣ ପଟାରେ ହଳଦିଆ ରଙ୍ଗ ଦେଇ ସେଥିରେ ଗ୍ରୀଜ, ଜଡ଼ାତେଲ, ପଣସ ଅଠା ଆଦି ଦେଇ କ୍ଷେତରେ ରଖି ଦିଆଯାଇଛି । ହଳଦିଆ ରଙ୍ଗର ଆଲୋକରେ ଆକର୍ଷିତ ହୋଇ ଚକଡ଼ା ପୋକ ଲାଖିଯାଉଛନ୍ତି ଅଠାରେ । ଏହି ପ୍ରକଳ୍ପର ପ୍ରୟୋଗ ବ୍ୟାପକ ଭାବେ କ୍ଷେତରେ କରାଗଲେ ଚାଷୀମାନେ ଉପକୃତ ହେବେ ବୋଲି ଛାତ୍ର ଭୋଇ ଆଶା ରଖିଛନ୍ତି ।

### ସହଜ ମାଟି ପରୀକ୍ଷା



ବାରମ୍ବାର ବହୁଳ ମାତ୍ରାରେ ରାସାୟନିକ ସାର ଓ କୀଟନାଶକ ଆଦିର ବ୍ୟବହାର ଫଳରେ ମାଟି ବନ୍ଧ୍ୟା ହୋଇଗଲାଣି । ମୃତ୍ତିକା ପରୀକ୍ଷା କରି ଉପଯୁକ୍ତ ଉପାୟରେ ଚାଷ କରାଗଲେ ଚାଷୀ ପାଇଁ ଲାଭପ୍ରଦ ହେବ । ମୃତ୍ତିକାର ଗଠନ, ଜଳଧାରଣ କ୍ଷମତା, ଉତ୍ପାଦିକା ଶକ୍ତି, ଅମ୍ଳତା ଆଦିର ପରୀକ୍ଷା ସହଜ ଉପାୟରେ କରାଯାଇପାରିବ । ଭେଡ଼େନ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ରେଶମା ସାହୁ ନିଜର ଗାଇଡ଼ ଶିକ୍ଷକ ଦେବେନ୍ଦ୍ର ଡ଼ନସନାଙ୍କ ସହାୟତାରେ ପ୍ରାକୃତିକ ତଥା ସହଜ ଉପାୟରେ ଭିନେଗାର, ଚୂନ, ଡ଼ିଷ୍ଟିଲ ୱାଟର ଆଦିର ବ୍ୟବହାର କରି ମାଟି ପରୀକ୍ଷା କରାଯିବାର ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ଏହି ବ୍ୟବସ୍ଥା ଚାଷୀମାନେ ପ୍ରୟୋଗ କଲେ ପରିବେଶ ସୁରକ୍ଷିତ ରହିବା ସହ ଅମଳ ବୃଦ୍ଧି ହୋଇପାରିବ।

### ସ୍ମାର୍ଟ ବାସଗୃହ



ଗୁଡୁଡ଼ା ହାଇସ୍କୁଲର ଛାତ୍ରୀ ଭକ୍ତିରାଣୀ ବେହେରା ନିଜ ଗାଇଡ଼ ଶିକ୍ଷକ ସଞ୍ଜୀବ ନାଏକଙ୍କ ସହଯୋଗରେ ଏକ ପରିବେଶ ଅନୁକୂଳ ସ୍ମାର୍ଟ ବାସଗୃହର ପରିକଳ୍ପନା କରିଛନ୍ତି । ସେହି ବାସଗୃହରେ ହେବ ବର୍ଷାଜଳ ସଂରକ୍ଷଣ, ସୋଲାର ପାନେଲ ବ୍ୟବହାର, ଆବର୍ଜନାରୁ ବାୟୋଗ୍ୟାସ ଉତ୍ପାଦନ କରି ରନ୍ଧନ, ବିନା ଇନ୍ଧନରେ ଜଳ ଗରମ କରିବା ଆଦି ବିଭିନ୍ନ ଉପାୟ ସେ ପ୍ରଦର୍ଶନ କରିଛନ୍ତି ନିଜ ପ୍ରକଳ୍ପ ମାଧ୍ୟମରେ । ଆଜି ପ୍ରଦୂଷିତ ପରିବେଶ ତଥା ବହୁ ଶକ୍ତି ବ୍ୟବହାର ହେଉଥିବା ବାସଗୃହ ପରିବର୍ତ୍ତେ ଏପରି ସ୍ମାର୍ଟ ବାସଗୃହ ବ୍ୟବହାର ଅତି ନିକଟ ଭବିଷ୍ୟତରେ ଆରମ୍ଭ ହେବ ବୋଲି ଛାତ୍ରୀ ବେହେରା ଆଶା ପ୍ରକାଶ କରିଛନ୍ତି ।

**ରିପୋର୍ଟ: ନିର୍ମଳ କୁମାର ମେହେର, ଭେଡେନ**

### ମହିଳା କଲେଜରେ ବିଶ୍ୱ ପାଇଖାନା ଦିବସ

ପଲସାଗୋରା, ୧୭।୧୧(ଡି.ଏନ.ଏ)

ବିଶ୍ୱ ପାଇଖାନା ଦିବସ ଅନସରରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଜଳ ଓ ପରିମଳ ବିଭାଗ ଓ କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ପଲସାଗୋରା ମହିଳା ମହାବିଦ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜଳ ଓ ପରିମଳ ବିଭାଗ ପ୍ରବର୍ତ୍ତକ ପୂର୍ଣ୍ଣ ଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଏଲ୍. ପ୍ରେମନିଧି ସଭାପତିତ୍ୱ କରିଥିଲେ । ସଭାରେ ମହାବିଦ୍ୟାଳୟ ଅଧକ୍ଷା ମନିଷା ଚାନ୍ଦ, ଅଧ୍ୟାପକ ଅଶ୍ୱିନୀ କୁମାର ପଧାନ, ପୂର୍ଣ୍ଣଚନ୍ଦ୍ର ଛନ୍ଦ, ରାଧେଶ୍ୟାମ ମେହେର, ରିଚପାଲ ବଗର୍ତ୍ତି, ଅଧ୍ୟାପିକା ବର୍ଷାରାଣୀ ରଥ, ସପ୍ତେଶ୍ୱର କର୍ମି, କେଶବ ଭୋଇନା, ତହସିଲ ଦୀପ, କାଞ୍ଚନ ମେହେର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ବାକ୍ଷ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## କଣ୍ଟାମାଳରେ ଜନ ପରାମର୍ଶ ପଦଯାତ୍ରା

ମନମୁଣ୍ଡା, ୧୭।୧୧ (ଡି.ଏନ.ଏ)

କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ଭାଜପାର ଜନପରାମର୍ଶ ପଦଯାତ୍ରା ଶନିବାର ଦ୍ୱିତୀୟ ଦିବସରେ ବାଉଁଶୁଣୀ ମଣ୍ଡଳ ବାଗଡିଆଠାରୁ ଆରମ୍ଭ ହୋଇଥିଲା । ସକାଳ ୮ଟା ସମୟରେ ସେଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଜରିଆରେ ଗାଁ ସଫେଇ କରାଯାଇଥିଲା ଓ ଏକ ସଚେତନତା ସଭା ହୋଇଥିଲା। ପରେ ପଦଯାତ୍ରାରେ ସାମିଲ ହୋଇଥିବା କର୍ମୀମାନେ ଖଇରମଳ, ରକ୍ସା, ତାଲପଦର, ଖଲିଆପାଲି, ପୁରୁମୁଣ୍ଡା, ବୁଢ଼ିକନ, ପାଟଲିପଡା, ପୁଡୁଗପଥର, ଋଷିବନ୍ଧ, ମନୁପାଲି ହୋଇ ଜମ୍ୱଟାଙ୍ଗିଠାରେ ରାତ୍ରିଯାପନ କରିଥିଲେ। ଏହି ସମୟରେ ଲୋକମାନେ ପଦଯାତ୍ରାକୁ ସ୍ୱାଗତ କରିବା ସହ ନେତାମାନଙ୍କ ସହ ଭାବ ବିନିମୟ, ଆଲୋଚନା କରି ପରାମର୍ଶମାନ ଦେଇଥିଲେ । ତାଳପଦରଠାରେ ଏକ ସାଧାରଣ ସଭା କରାଯାଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗଙ୍କ ନେତୃତ୍ୱରେ ଏହି ପଦଯାତ୍ରା ହୋଇଥିଲା। ଏଥିରେ ବାଉଁଶୁଣୀ ମଣ୍ଡଳ ସଭାପତି ପଞ୍ଚମନ ଜଗଦଲା, ଯୁବନେତା ରାକେଶ ତ୍ରିପାଠୀ, ଓବିସି ମୋର୍ଚ୍ଚା ଜିଲା ସଭାପତି ସରୋଜ ମେହେର, ମଣ୍ଡଳ ପ୍ରଭାରୀ ସୁଧାଂଶୁ ଡାଙ୍ଗ, କୃଷକ ମୋର୍ଚ୍ଚା ମଣ୍ଡଳ ସଭାପତି ମହାକୁଡ, ଉମେଶ ମିଶ୍ର, ବସନ୍ତ ଖୁରା, ମୁରଲି ମେହେର, ଶରତ କର୍ଣ୍ଣ, ପୌଲସ୍ତି ପ୍ରଧାନ ଏବଂ ଭାଜପାର ଶତାଧିକ କର୍ମୀ ସାମିଲ ହୋଇଥିଲେ ।

## ୧୫୮ ଜଣଙ୍କ ମଧୁମେହ ଚିହ୍ନଟ ପରୀକ୍ଷା




ବରଗଡ଼ ଥାନା ଛକରେ ଚାଲିଥିବା ମଧୁମେହ ଚିହ୍ନଟ ପରୀକ୍ଷା ଶିବିର ।

ବରଗଡ଼ ଅଫିସ୍, ୧୭।୧୧

ବରଗଡ଼ ଥାନାଛକରେ ଶନିବାର ମଧୁମେହ(ଡାଇବେଟିସ୍) ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲାୟନ୍ସ କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୧୫୮ଜଣଙ୍କ ମଧୁମେହ ଚିହ୍ନଟ ପରୀକ୍ଷା କରାଯାଇଥିଲା । ଲାୟନ୍ସ କ୍ଲବର ସଭାପତି ବିନୋଦ କୁମାର ଅଗ୍ରୱାଲ, ସମ୍ପାଦକ ଅମରଜିତ ସିଂ, ପ୍ରୋଜେକ୍ଟ ଚେୟାରମ୍ୟାନ ରୋଶନ ଗୋଏଲ, ଜୋନାଲ ଚେୟାରମ୍ୟାନ ପ୍ରଦୀପ ତାୟଲ, ଚାଟେର୍ଡ୍ ମେମ୍ବର ଡା. ଓମପ୍ରକାଶ ଲାଠ୍, କିଶନ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ପ୍ରଦୀପ ସେନନ, ଦୀପକ ବଲୋଦିଆ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । ବରଗଡ଼ ଲାୟନ୍ସ କ୍ଲବର ଟେକ୍ନିସିଆନମାନେ ଲୋକଙ୍କ ମଧୁମେହ ଚିହ୍ନଟ ପରୀକ୍ଷା କରିଥିଲେ । ଆଗକୁ ଏହି ଶିବିର ଚାଲିବ ବୋଲି ଲାୟନ୍ସ କ୍ଲବର ସଭାପତି ଅଗ୍ରୱାଲ ସୂଚନା ଦେଇଛନ୍ତି ।

# ବୌଦ୍ଧରେ ଭାଜପାର ଜନ ପରାମର୍ଶ ପଦଯାତ୍ରା

ବୌଦ୍ଧ, ୧୭।୧୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ନେଇ ଶନିବାର ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଏକ ଖବରଦାତା ସମ୍ମିଳନୀ ଜିଲା ସଭାପତି ସୌମିତ୍ରୀ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ତାଙ୍କର ୧୯ବର୍ଷ ଶାସନରେ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାଣି, ସ୍ୱାସ୍ଥ୍ୟସେବା, ଶିକ୍ଷା ସେବା ଯୋଗାଇ ଦେବାରେ ବିଫଳ ହୋଇଥିବା ନେଇ ନେତାମାନେ ଅଭିଯୋଗ କରିଥିଲେ । ମୋଦୀ ସରକାରଙ୍କ ମାତ୍ର ୫ବର୍ଷ ଶାସନ ଭିତରେ ସମଗ୍ର ଦେଶରେ ସବୁ କ୍ଷେତ୍ରରେ ବିକାଶର ଧାରା ଚାଲିଥିବା ନେଇ ମଧ୍ୟ ବଖାଣିଥିଲେ। କେନ୍ଦ୍ର ସରକାଙ୍କ ବିକାଶର ବାର୍ତ୍ତା ନେଇ ଜନସାଧାରଣଙ୍କ ଠାରୁ ପରାମର୍ଶ ସଂଗ୍ରହ କରିବା ପାଇଁ ୧୭ରୁ ୩୦ତାରିଖ ପର୍ଯ୍ୟନ୍ତ ବୌଦ୍ଧ ଜିଲାର ୧୦ଟି ମଣ୍ଡଳରେ ପ୍ରତ୍ୟେକ ପରିବାର ନିକଟକୁ ଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ନଗର ମଣ୍ଡଳ ସଭାପତି ସୟ କୁମାର ମେହେର, ସାଧାରଣ ସମ୍ପାଦକ ମନୀଷ ଅଗ୍ରୱାଲା,




ବୌଦ୍ଧରେ ଭାଜପା କର୍ମୀ ଓ ନେତାମାନେ ଜନପରାମର୍ଶ ପଦଯାତ୍ରାରେ ଯାଉଛନ୍ତି ।

ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଇମ୍ରାନ ଖାନ୍ ଉପସ୍ଥିତ ଥିଲେ। ଅପରାହ୍ନରେ ମହାନଦୀ କୁଳସ୍ଥିତ ଚନ୍ଦ୍ରଚୂଡ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଲୋକମାନଙ୍କ ଠାରୁ ମତାମତ ସଂଗ୍ରହ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସୂର୍ଯ୍ୟନାରାୟଣ ମହାପାତ୍ର, ବିପ୍ରଚରଣ ମହାନ୍ତି, ଚିତ୍ତରଞ୍ଜନ ପାଣିଗ୍ରାହୀ, ମନରନ ଦାଶ, ଶ୍ୟାମସୁନ୍ଦର ପୁରୋହିତ, ସ୍ୱସ୍ତିକ କୁମାର ଦେଓ, ସଂଯୁକ୍ତା ନାୟକ, ନିବେଦିତା ମହାକୁଡ, ନମିତାରାଣୀ ଦାଶ, ଶମ୍ଭୁପ୍ରସାଦ ପ୍ରଧାନ, ସତ୍ୟାନନ୍ଦ ପାଣ୍ଡେ ପ୍ରମୁଖ ଯୋଗଦାନ କରିଥିଲେ । ବୌଦ୍ଧ ଜିଲାର ସମସ୍ତ ମଣ୍ଡଳରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ୪ନଂ ଜୋନ୍ ବାଉଁଶୁଣୀ ଠାରେ ଜନପରାମର୍ଶ ପଦଯାତ୍ରା ଶୁଭାରମ୍ଭ ହୋଇଥିବା ଜଣାପଡିଛି ।

## ବରଗଡ଼ର ଶିଶୁଙ୍କୁ ଏପିଜେ ଅବଦୁଲ କଲାମ ଇଗ୍ନାଇଟ୍ ପୁରସ୍କାର

ବରଗଡ଼ ଅଫିସ୍, ୧୭।୧୧

ରାଷ୍ଟ୍ରୀୟ ନବ ପ୍ରବର୍ତ୍ତନ ପ୍ରତିଷ୍ଠାନ, ଭାରତ ପକ୍ଷରୁ ଗାନ୍ଧିନଗରର ଅମ୍ରାପୁରରେ ଶନିବାର ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ବରଗଡ଼ ଜିଲା ପଦ୍ମପୁର ହାଇସ୍କୁଲର ଛାତ୍ର ସୁଶୀଲ ସାହୁଙ୍କୁ ଅବଦୁଲ କଲାମ ଇଗ୍ନାଇଟ୍ ପୁରସ୍କାରରେ ପୁରସ୍କୃତ କରାଯାଇଛି । ନିଆରା ଜ୍ୟାମିତିକ ଉପକରଣ ନିର୍ମାଣ ଯୋଗୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଜଣେ ମେକାନିକାଲ ଇଞ୍ଜିନିୟର କିମ୍ବା ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା ସୁଶୀଲଙ୍କ ଦ୍ୱାରା ନିର୍ମିତ ଜ୍ୟାମିତିକ ଉପକରଣରେ ସବୁପ୍ରକାର ଜ୍ୟାମିତିକ କାର୍ଯ୍ୟ କରି ହେବ । ଏହା ପ୍ରଦର୍ଶନ କରି ସେ ଏଭଳି କୃତିତ୍ୱ ଅର୍ଜନ କରିବା ପରେ ଜିଲାରେ ଖୁସିର ଲହରୀ ଖେଳି ଯାଇଛି । ଦେଶର ୬୪୩ ଜିଲାର ୩୧ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସେଥିମଧ୍ୟରେ ସୁଶୀଲ ରହିଥିବା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି ।



ସୁଶୀଲ ସାହୁ ।

# ନିର୍ବାଚନକୁ ଓହ୍ଲାଇବ କୋସଲ ଜନତା ଦଳ



ଖବରଦାତା ସମ୍ମିଳନୀରେ କୋସଲ ଜନତା ଦଳର ରାଜ୍ୟ ସଭାପତି ଓ ଅନ୍ୟମାନେ ।

ବରଗଡ଼ ଅଫିସ୍, ୧୭।୧୧

କେବଳ ସାଂସ୍କୃତିକ ଆନ୍ଦୋଳନ ନୁହେଁ, ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବି ହାସଲ ପାଇଁ ନିର୍ବାଚନକୁ ମଧ୍ୟ ଓହ୍ଲାଇବାକୁ ପଡ଼ିବ। ଶନିବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୋସଲ ଜନତା ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଏହା କହିଛନ୍ତି । ସେ ଆହୁରି କହିଥିଲେ, ଯେତେଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ନ ହେବ, ସେତେଦିନ ପର୍ଯ୍ୟନ୍ତ ଏ ଅଞ୍ଚଳର ବିକାଶ ହେବନାହିଁ । କୋସଲ ଆନ୍ଦୋଳନ ହେବା ପରେ ଉଭୟ ରାଜ୍ୟ, କେନ୍ଦ୍ର ସରକାର ଏ ଅଞ୍ଚଳରେ କିଛି ବିକାଶମୂଳକ ପଦକ୍ଷେପ ନେଇଛନ୍ତି । ବରଗଡ଼ ଜିଲା ଭଟଲି ବ୍ଲକ ବାଉଲସିଂହାର ଇଥାନଲ ପ୍ଲାଣ୍ଟ, ଝାରସୁଗୁଡ଼ା ଏୟାରପୋର୍ଟ, ବଲାଙ୍ଗୀର ମେଡ଼ିକାଲ କଲେଜ ଏହାର ଗୋଟିଏ ଲେଖାଏଁ ଦୃଷ୍ଟାନ୍ତ । ତେବେ ଏଥିରେ ଆମକୁ ସନ୍ତୁଷ୍ଟ ହେବାକୁ ପଡ଼ିବ ନାହିଁ ଏବଂ ସ୍ୱତନ୍ତ୍ର କୋସଲ ପ୍ରଦେଶ ହିଁ ଏକମାତ୍ର ବିକଳ୍ପ ବୋଲି ସେ କହିଥିଲେ । ଫଳରେ ନିର୍ବାଚନରେ କୋସଲ ଜନତା ଦଳ ପ୍ରତି ଯେଭଳି ଅଧିକ ସମର୍ଥନ ମିଳିବ, ସେଥିପ୍ରତି ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ମିଶ୍ର କହିଥିଲେ। ଏହି କ୍ରମରେ ସଚେତନତା ସୃଷ୍ଟି ପାଇଁ ଗତ ଗାନ୍ଧୀ ଜୟନ୍ତୀରୁ କୋସଲ ମୁକ୍ତିରଥ ପରିକ୍ରମା କରୁଛି ଏବଂ ଆଗାମୀ ଧନୁଯାତ୍ରା ସମୟରେ ଏହି ରଥ ବରଗଡ଼କୁ ଆସି ଜିଲାର ପ୍ରାୟ ସମସ୍ତ ଅଞ୍ଚଳ ବୁଲିବ । ସ୍ୱତନ୍ତ୍ର ପ୍ରଦେଶ ପାଇଁ ଲଢୁଥିବା ୧୦ଟି ଅଞ୍ଚଳର ପ୍ରତିନିଧିମାନେ ଦିଲ୍ଲୀରେ ଏକଜୁଟ୍ ହୋଇ ସଂଗ୍ରାମ କରିବାର କାର୍ଯ୍ୟକ୍ରମ ରହିଥିବା ମିଶ୍ର କହିଥିଲେ । ଶୁକମୁନି କଠାର, ଚକ୍ରାନ୍ତ ଜେନା, ଭକ୍ତଚରଣ ସାହୁ, ବିଷ୍ଣୁ ନାଗ ପ୍ରମୁଖ ଖବରଦତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ପଟ୍ଟା ନ ମିଳିଲେ ଆନ୍ଦୋଳନ

ବରଗଡ଼ ଅଫିସ୍, ୧୭।୧୧

ବରଗଡ଼ ସହରାଞ୍ଚଳରେ ଅନେକ ଭୂମିହୀନ ବସ୍ତି ବାସିନ୍ଦା ରହିଛନ୍ତି । ମାତ୍ର ରାଜ୍ୟ ସରକାର ଜାଗା ମିଶନରେ ଏଠାକାର ମାତ୍ର ୧୩୯ ଜଣଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ତାହା ଧର୍ମକୁ ଆଖିଠାର ସଦୃଶ ହୋଇଛି। ସ୍ଥାନୀୟ ସମସ୍ତ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଶୀଘ୍ର ଜମିପଟ୍ଟା ପ୍ରଦାନ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ । ବରଗଡ଼ ସମତା ଭବନରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତି ଏଭଳି ଆନ୍ଦୋଳନ ଚେତାବନୀ ଦେଇଛି ।

ଖବରଦାତା ସମ୍ମିଳନୀରେ ସମିତିର ଭବାନୀ ପ୍ରସାଦ ସାହୁ କହିଥିଲେ, ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତି ନେତୃତ୍ୱରେ ଗତ ଫେବୃୟାରୀ ୧୫ତାରିଖରୁ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ପାଇଁ ବରଗଡ଼ ତହସିଲରେ ସାମୁହିକ ଆବେଦନ କରାହୋଇ ଆସୁଥିଲା । ଏଭଳି ଅଭିଯାନରେ ଗତ ମେ ସୁଦ୍ଧା ୮୬୦୦ରୁ ଉର୍ଦ୍ଧ୍ୱ ଭୂମିହୀନ

ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତିର ଖବରଦାତା ସମ୍ମିଳନୀ




ଖବରଦାତା ସମ୍ମିଳନୀରେ ଭୂମିହୀନ ସଂଗ୍ରାମ ସମିତିର କର୍ମକର୍ତ୍ତାବୃନ୍ଦ ।

ଜମିପଟ୍ଟା ପାଇଁ ବରଗଡ଼ ତହସିଲ ଅଫିସରେ ଆବେଦନ ପତ୍ର ଦାଖଲ କରିଥିଲେ । କିନ୍ତୁ ସମସ୍ତଙ୍କୁ ଜମିପଟ୍ଟା ମିଳିବା ପରିବର୍ତ୍ତେ କେବଳ ୧୩୯ଜଣଙ୍କୁ ଜମିପଟ୍ଟା ପ୍ରଦାନ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି । ଜମିପଟ୍ଟା ନ ଥିବା ଯୋଗୁ ଭୂମିହୀନ ପରିବାରକୁ କୌଣସି ସରକାରୀ ଯୋଜନା ପହଞ୍ଚି ପାରୁନାହିଁ । କେବଳ ଭୋଟର କାର୍ଡ଼, ରାଶନ କାର୍ଡ଼ ଏବଂ ଆଧାର କାର୍ଡ଼ ପ୍ରଦାନ କରି ସରକାର ସେମାନଙ୍କୁ ନାମକୁମାତ୍ର ଭୋଟର ଭାବେ ରଖିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ । ଖବରଦାତା ସମ୍ମିଳନୀରେ ସମିତିର ରମେଶ ମହାପାତ୍ର ଉପସ୍ଥିତ ରହି ଭୂମି ଅଧିକାର ଆଇନ ଉପରେ ସୂଚନା ପ୍ରଦାନ କରିଥିଲେ ଏବଂ ଜମିପଟ୍ଟା ନ ମିଳିଲେ ଆଗକୁ ଆନ୍ଦୋଳନ ବ୍ୟାପକ ହେବ ବୋଲି ସେ ମଧ୍ୟ ଚେତାବନୀ ଦେଇଥିଲେ ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ମଣ୍ଡିରୁ ଚୋରି ଧାନ ଜବତ

**ଅତାବିରା,୧୭।୧୧(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଆରଏମସି ଅଧୀନ ଖୁଣ୍ଟଲିପାଲି ମଣ୍ଡିରୁ ଶନିବାର ସନ୍ଧ୍ୟାରେ ୭ ପ୍ୟାକେଟ୍ ଚୋରିଧାନକୁ ପୋଲିସ ଜବତ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, କେତେକ ଦୁର୍ବୃତ୍ତ ଜଣେ ଚାଷୀଙ୍କ ଧାନକୁ ଚୋରି କରି ନେଇ ଅନ୍ୟ ଜଣେ ଚାଷୀଙ୍କ ପାଖରେ ବିକିଥିଲେ । ଏହାପରେ ଚାଷୀ ଜଣକ ନିଜ ଧାନ ସହିତ ସେହି ଚୋରିଧାନକୁ ବିକ୍ରି ପାଇଁ ଖୁଣ୍ଟଲିପାଲି ମଣ୍ଡିକୁ ଆଣିଥିଲେ । ଏ ନେଇ ଅଭିଯୋଗ ହେବା ପରେ ରୁଷୁଡ଼ା ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା ଏବଂ ଚୋରିଧାନକୁ ଜବତ କରିଥିଲା । ଏ ନେଇ ରୁଷୁଡ଼ା ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଚୋରିଧାନ ଜବତ ହୋଇଛି ଏବଂ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା କହିଥିଲେ ।

### ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ହେଉ

**ବରଗଡ଼ ଅଫିସ୍,୧୭।୧୧:** ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ସମ୍ପୂର୍ଣ୍ଣ ସମ୍ବଲପୁରୀ ଭାଷାରେ କରାଯିବା ପାଇଁ ଦାବି ହୋଇଛି। ଏହି କ୍ରମରେ ସ୍ଥାନୀୟ କୋସଲ ସେନାର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ । ଧନୁଯାତ୍ରା ପାଇଁ ବରଗଡ଼ର ସ୍ୱତନ୍ତ୍ର ପରିଚୟ ରହିଛି । ଏ ଅଞ୍ଚଳର ଭାଷା ସମ୍ବଲପୁରୀ ହୋଇଥିବା ଯୋଗୁ ଏହି ଭାଷାରେ ଧନୁଯାତ୍ରା ମହୋତ୍ସବ କରାଗଲେ ତାହା ଅଞ୍ଚବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ ବୋଲି ସ୍ମାରକତ୍ରରେ ଉଲ୍ଲେଖ ରହିଛି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ଅର୍ପଣ କୁମାର ନାୟକ, ଶିଶୁପାଳ ଖମାରୀ, ବୁଲୁ ଖମାରୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ସ୍ୱାସ୍ଥ୍ୟ ସଚେତନତା, ଚିକିତ୍ସା ଶିବିର

**ବାଉଁଶୁଣୀ,୧୭।୧୧( ଡି.ଏନ୍.ଏ.):** ବୌଦ୍ଧ ବ୍ଲକ ଗୁନ୍ଦୁଲିଆ ପଞ୍ଚାୟତ ସାଲେଇପଡ଼ା ଆଇସିଡିଏସ୍ କାର୍ଯ୍ୟାଳୟଠାରେ ସେବା ଭାରତ ଓ ଏଲ୍‌ଏନ୍‌ଟି ଫାଇନାନ୍ସର ସହଯୋଗରେ ସ୍ୱାସ୍ଥ୍ୟ ସଚେତନତା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ଗୁନ୍ଦୁଲିଆ ସରପଞ୍ଚ ମନ୍ଦାକିନୀ ଭୋଇନା, ସମ୍ମାନୀତ ଅତିଥି ବିଜୟା କୁମାରୀ ପ୍ରଧାନ, ତାରା ପ୍ରସାଦ ଜେନା, ମନୋରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଡା. ମନୋଜ କୁମାର ମିର୍ଦ୍ଧା, ଫାର୍ମାସିଷ୍ଟ ରାଧାକାନ୍ତ ମେହେର ପ୍ରମୁଖ ଶିବିରରେ ଉପସ୍ଥିତ ରହି ୨୫୦ଜଣ ଶିଶୁ, ଗର୍ଭବତୀ ମା' ଏବଂ ମହିଳାମାନଙ୍କୁ ଚିକିତ୍ସା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ। ବ୍ଲକ ସଂଯୋଜକ ଗୋପାଳ ମେହେର ଶିବିର ପରିଚାଳନା କରିଥିଲେ। ସନ୍ତୋଷ ମହାକୁଳ, କୃଷ୍ଣଚନ୍ଦ୍ର ମେହେର, ସୁରେନ୍ଦ୍ର ମେହର, ପ୍ରଣୟନୀ ଲେଙ୍କା, ବିରେନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ।

ଟିଟିଲାଗଡ଼ ଜିଲା ଦାବି

# ଦମ୍ଭ ଦେଖାଇଲେ ଆଦିବାସୀ

**ଟିଟିଲାଗଡ଼, ୧୭।୧୧ (ଡି.ଏନ.ଏ.)**

ଟିଟିଲାଗଡ ଜିଲା ଦାବି ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୧୭ ଦିନ ଧରି ଜାରି ରହିଥିବା ଆନ୍ଦୋଳନରେ ଶନିବାର ସାମିଲ ହୋଇଛି ବଲାଙ୍ଗୀର ଜିଲା ଆଦିବାସୀ ସଂଘ। ସଂଘର ସହସ୍ରାଧିକ କର୍ମକର୍ତ୍ତା ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସହରରେ ଶୋଭାଯାତ୍ରା କରି ସେମାନଙ୍କ ଦମ୍ଭ ଦେଖାଇଛନ୍ତି। ଏହା ଜିଲା ଦାବି ଆନ୍ଦୋଳନକୁ ରୋଚକ କରିଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ସଂଘ ଜିଲା ସଭାପତି ବ୍ରଜ କିଶୋର ସିଂଭୋଇଙ୍କ ନେତୃତ୍ୱରେ ଆଦିବାସୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗଣଧାରଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଟିଟିଲାଗଡ ବାର ଆସୋସିଏଶନ ସଭାପତି ବ୍ରଜକିଶୋର ସିଂଭୋଇ, ମୁଖପାତ୍ର ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଦିବାସୀ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସିଂଭୋଇ



ଆଦିବାସୀମାନେ ଶୋଭାଯାତ୍ରାରେ ଟିଟିଲାଗଡ ସହର ପରିକ୍ରମା କରୁଛନ୍ତି।

ଟିଟିଲାଗଡ ଉପଖଣ୍ଡବାସୀଙ୍କ ଦୀର୍ଘ ୨୬ବର୍ଷର ଦାବିକୁ ସରକାର ପୂରଣ ନକଲେ ନିଆଁ ଜଳିବ ବୋଲି ଚେତାବନୀ ଦେଇଛନ୍ତି। ଆଦିବାସୀ କଲ୍ୟାଣ ମହାସଂଘର ପଶ୍ଚିମ ଓଡିଶା ମହାସଚିବ ନିରଞ୍ଜନ ବିଶି ଟିଟିଲାଗଡ ଉପଖଣ୍ଡର ୫ଟି ବ୍ଲକ ତଥା ୧୧୩ଟି ପଞ୍ଚାୟତର ପ୍ରାୟ ୨ ଲକ୍ଷ ଆଦିବାସୀ ଟିଟିଲାଗଡ ଜିଲା ଗଠନ ନହେଲେ ୧୮ବର୍ଷ ଧରି କ୍ଷମତାସୀନ ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଚରମବାଣୀ ଶୁଣାଇଛନ୍ତି। ଆଜିର ଏହି ସମାବେଶରେ ଆଦିବାସୀ ସଂଘ ଜିଲା ସମ୍ପାଦକ ହେମେନ୍ଦ୍ର ହାଁସଦା, ଜିଲା ଉପସଭାପତି ବିଶିକେସନ ଜାନୀ, ତୁରେକେଲା ସଭାନେତ୍ରୀ ସମିତି ସଭ୍ୟ ଖେଲନ୍ତି ସମରଥ, ମୁରିବାହାଲ ବ୍ଲକ ସଭାନେତ୍ରୀ ପତରଙ୍ଗି ମାଝୀ, ଟିଟିଲାଗଡ ବ୍ଲକସଭାପତି ପଦ୍ମନ ପ୍ରଧାନୀ, ନାରିନେତ୍ରୀ ବନଲତା ମାଝୀ, ବଙ୍ଗୋମୁଣ୍ଡ ଉପାଧ୍ୟକ୍ଷ ତଥା ଉତ୍କଳ କନ୍ଧ ସମାଜ ସଭାପତି ଉଜ୍ଜ୍ୱଳ ସିଂଭୋଇ, ଅଶୋକ ନାରାୟଣ ଭୋଇ, ଉପସଭାପତି ଇନ୍ଦ୍ରମଣୀ ମାଝୀ, ଟିଟିଲାଗଡ ନଗର ସଭାପତି ନିତ୍ୟାନନ୍ଦ ମାଝୀ, ଥବିର ପୁଝାରୀ, ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନୀ, ଘାସିରାମ ମାଝୀ, ସୁନିଲ ଭୋଇ, ଭୁବନ ମାଝୀ, ଜଗନ୍ନାଥ ମାଝୀ, ଡମେନ ମାଝୀ, ଜଳନ୍ଧର ମାଝୀ, ପ୍ରଫୁଲ୍ଲ ପ୍ରଧାନୀ, ଆର୍ତ ଭୋଇ, ଜଗନ୍ନାଥ ମାଝୀ ପ୍ରମୁଖ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ। ଅପରପକ୍ଷରେ ଜିଲା ଦାବି ନେଇ ଦୀର୍ଘ ୧୭ ଦିନ ଧରି ଟିଟିଲାଗଡ ଉପଖଣ୍ଡରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଖୋଦ ଉପଜିଲାପାଳ, ବିଡିଓ, ତହସିଲଦାରଙ୍କ କାର୍ଯ୍ୟାଳୟ ବନ୍ଦ ଥିବାରୁ ସେମାନେ ଘରେ ବସି ରହିଛନ୍ତି। ସମସ୍ତ ଉନ୍ନୟନ କାର୍ଯ୍ୟ ବ୍ୟାହତ ରହିଛି। ଏ ନେଇ ରାଜ୍ୟ ସରକାର ଆଖିବୁଜି ବସିଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ନିର୍ବାଚନ ପୂର୍ବରୁ ଜିଲା ଦାବିକୁ ନେଇ ବିରୋଧି ମଧ୍ୟ ତେଜିୟାନ ହୋଇ ଉଠିଥିବା ବେଳେ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ନାହାନ୍ତି।

**୧୭ ଦିନରେ ପହଞ୍ଚିଲା ଆନ୍ଦୋଳନ**

- ଶୋଭାଯାତ୍ରାରେ କଲେ ସହର ପରିକ୍ରମା
- ୨୬ବର୍ଷର ଦାବି ପୂରଣ ନ ହେଲେ ଚରମ ଆନ୍ଦୋଳନ

ବିକାଶର ବାର୍ଷିକ କ୍ରୀଡ଼ା

### ଉଦ୍‌ଯାପିତ

**ବରଗଡ଼ ଅଫିସ୍,୧୭।୧୧**

ବରଗଡ଼ର ବିକାଶ ଆବାସିକ ସ୍କୁଲ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ କ୍ରୀଡ଼ା ରଫତାର୍ ଶୁକ୍ରବାର ଉଦଯାପିତ ହୋଇଛି । ଏହି ପ୍ରତିଯୋଗିତାରେ ସ୍କୁଲର ଏଲକେଜିରୁ ଯୁକ୍ତଦୁଇ ପଯର୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଦୀର୍ଘ ତିନିଦିନ ଧରି ଏହି ପ୍ରତିଯୋଗିତା ଚାଲିଥିଲା । ଉଦଯାପନୀ ସମାରୋହରେ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଏବଂ ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଅତିଥିଭାବେ ଯୋଗଦେଇ ୨୮୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଉପାଧ୍ୟକ୍ଷ ମନୋରଞ୍ଜନ ପତି କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ (ସେକେଣ୍ଡାରୀ) ମନୋରଞ୍ଜନ ପତି, ଆଡ଼ମିନିଷ୍ଟ୍ରେଟିମ ଅଫିସର ଏସ.କେ ରାଓ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା । କ୍ରୀଡ଼ା ସଂଯୋଜକ ପିତାମ୍ବର ପ୍ରଧାନ, ଅଜୟ ସରକାର, ବିଜୟ ସରକାର, ଅଶୋକ ସିଂ, ଦିପୀକା ପରିଡ଼ା, କୀର୍ତ୍ତିମୟୀ ସାହାଣୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

ଭାଲୁପାଲି ଗାଁ

## ପୂଜା ଚାନ୍ଦା ନ ଦେବାରୁ ଉନ୍ନୟନ କାମକୁ ବିରୋଧ

**ଲୋଇସିଂହା,୧୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ଶନିବାର ଏକ ରୋଚକ ଘଟଣା ଘଟିଛି। ପଞ୍ଚାୟତର ଜନୈକ ଜନପ୍ରତିନିଧି ଗ୍ରାମରେ କୌଣସି ଏକ ପୂଜାର ଚାନ୍ଦା ଦେଇ ନ ଥିବାରୁ ଉନ୍ନୟନ କାମକୁ ବିରୋଧ ହୋଇଛି। ସରପଞ୍ଚଙ୍କ ଅନୁରୋଧ ସତ୍ତ୍ୱେ କାମ ପାଇଁ ଯାଇଥିବା ଜେସିବି ମେଶିନକୁ କେତେକ ବ୍ୟକ୍ତି ଫେରାଇ ଦେଇଛନ୍ତି। ପ୍ରାପ୍ତ ସୂଚନାମତେ, ବାଦିବାହଲ ପଞ୍ଚାୟତ ଅଧୀନ ଭାଲୁପାଲି ଗାଁରେ ନାଗବାଚା ମନ୍ଦିର ରହିଛି । ଉକ୍ତ ଅବହେଳିତ ମନ୍ଦିର ବିକାଶ ପାଇଁ ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ନିକଟରେ ରାଜ୍ୟ ସରକାର ଘୋଷଣା କରିଥିବା ଆମ ଗାଁ ଆମ ବିକାଶ ପାଣ୍ଠିରୁ ୨ଲକ୍ଷ ବ୍ୟୟରେ ଉକ୍ତ ମନ୍ଦିର ଉନ୍ନତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମନ୍ଦିର ବିକାଶର ମୂଳଦୁଆ ପାଇଁ ସ୍ଥାନୀୟ ସରପଞ୍ଚ ଶନିବାର ସକାଳେ ଜେସିବି ମେଶିନ ଗାଁକୁ ପଠାଇଥିଲେ। ଗାଁକୁ ମେଶିନ ଯିବା ପରେ କେତେକ ଲୋକେ ପଚରାଉଚରା କରିଥିଲେ । ଜେସିବି ଡ୍ରାଇଭର ଜଣାଇବା ପରେ କେତେକ ବ୍ୟକ୍ତି ଜନୈକ ଜନପ୍ରତିନିଧିମାନଙ୍କ ନାମନେଇ ଗାଁ ପୂଜା ଚାନ୍ଦ ଦେବାରେ ନାରଜ ହୋଇଥିବା କହିଥିଲେ । ସେମାନେ ପୂଜା ଚାନ୍ଦା ଦେବାରେ ଅସମର୍ଥ ତେବେ ଗାଁରେ କୌଣସି ଉନ୍ନୟନକାମ କରିପାରିବେ ନେହିଁ ବୋଲି ଜେସିବି ଡ୍ରାଇଭର ସହ ଯୁକ୍ତିତର୍କ ହୋଇଥିଲେ । ଜେସିବି ଡ୍ରାଇଭର ଘଟଣା ସଂକ୍ରାନ୍ତରେ ସରପଞ୍ଚଙ୍କ ପ୍ରତିନିଧି ବୀରବଳ ଧରୁଆକୁ ଫୋନ ଯୋଗ ଜଣାଇଥିଲେ। ଶ୍ରୀଧରୁଆ ବିରୋଧକାରୀଙ୍କ ସହ କଥା ହୋଇ ଯିଏ ଚାନ୍ଦ ନ ଦେଇଛି ତା କାମକୁ ବିରୋଧ କରନ୍ତୁ ବୋଲି କହିଥିଲେ। କିନ୍ତୁ ବିରୋଧକାରୀ ତାଙ୍କ ଜିଦରେ ଅଟଳ ରହିବାରୁ ଗାଁରୁ ଜେସିବି ମେଶିନ ଫେରି ଆସିଥିଲା। ଏତାଦୃଶ ବିରୋଧକୁ ଗ୍ରାମର ବୟୋଜ୍ୟେଷ୍ଠମାନେ ନାପସନ୍ଦ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଉର୍କୁଳୀ ଧରୁଆଙ୍କୁ ପଚାରିବାରୁ ଉନ୍ନୟନ କାମକୁ ବିରୋଧ କରିବା ଗ୍ରହଣୀୟ ନୁହେଁ। ଏହାଦ୍ୱାରା ଭାଲୁପାଲିର ସମସ୍ତ ଉନ୍ନୟନ କାମ ବ୍ୟାହତ ହେବ ତାହା ସେମାନେ ଜାଣି ରଖିବା ଉଚିତ ।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ବଙ୍ଗୋମୁଣ୍ଡା, ୧୭।୧୧(ଡ.ଏନ୍.ଏ.)**

ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଭୋଇ ଯୋଗଦେଇ ଆନୁଷ୍ଠାନିକ ଭାବରେ ମେଳାର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସମ୍ମାନୀତ ଅତିଥିଭାବେ ଏବିଇଓ ଜୟନ୍ତ ପ୍ରଧାନ, ସରପଞ୍ଚ ଚିତ୍ରା ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ପ୍ରଶନ୍ନପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ମେଳାରେ ବ୍ଲକର ୩୮ ଗୋଟି ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ୬୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏହି ପ୍ରକଳ୍ପଗୁଡିକୁ ଅତିଥିମାନେ ପରିଦର୍ଶନ କରିଥିଲେ। ବିଚାରକ ଭାବେ ରାଜକୁମାର ଭୋଇ ଏବଂ ଅଶୋକ ତରାଇ କାର୍ଯ୍ୟ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ବିଡିଓ ଅନିରୁଦ୍ଧ ପ୍ରଧାନ ଏବଂ ସମ୍ମାନୀତ ଅତିଥିଭାବେ ବିଇଓ ହେମସାଗର ଭୋଇ, ବଲାଙ୍ଗୀର ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନୀଳମଣି ପଟେଲ, ସ୍କୁଲର ପ୍ରଧାନଶିକ୍ଷକ ଅରୁଣ ବାରିକ, ମିଳିତ ଶିକ୍ଷକ ସଂଘ ସଭାପତି କୋଷରାଜ ବେହେରା, ସିଆର୍‌ସିସି ଟଙ୍କଧର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ବିଜ୍ଞାନ ମେଳାର ସଭାପତି ଚମାର ମେହେର ହାଇସ୍କୁଲ ପ୍ରଧାନ ଶିକ୍ଷକ ପଙ୍କଜ ମେହେର ସଭାପତିତ୍ୱ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

## ଅଂଶଗ୍ରହଣ କଲେ ୫୦୭ ପ୍ରତିଯୋଗୀ

**ସଇଁତଲା, ୧୭।୧୧(ଡ଼ି.ଏନ.ଏ.)**

ବଲାଙ୍ଗୀର ସଇଁତଲା ରମେଶ ଚନ୍ଦ୍ର ସିଂଭୋଇ ଷ୍ଟାଡିୟମଠାରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ସଇଁତଲାର ୩୦ତମ ବାର୍ଷିକ କ୍ରୀଡା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ଶିଶୁବାଟିକା, ନିମ୍ନବର୍ଗ, ଶିଶୁବର୍ଗ, ବାଳବର୍ଗ ଓ କିଶୋର ବର୍ଗରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବିଭାଗରେ ୫୦୭ଜଣ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ନଗରର ଇଷ୍ଟଦେବୀ ମା' ଚଣ୍ଡେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଅଣାଯାଇ ଜ୍ୟୋତି ସ୍ଥାପନ ପରେ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ସଞ୍ଚଳନର ଅଭିବାଦନ ଗ୍ରହଣ କରିବା ନିଜ ପ୍ରିୟ ଖେଳାଳିଙ୍କ କ୍ରୀଡା ନୈପୁଣ୍ୟତା ଦେଖି ଖୁସି ନ ହୋଇ ତାଙ୍କ ଭଳି ପ୍ରଦର୍ଶନ ସାର୍ମଥ୍ୟତା ହାସଲ କରିବା ନିମନ୍ତେ ଯତ୍ନବାନ ହେବା ପାଇଁ ଶିଶୁମାନଙ୍କୁ ପରାମର୍ଶ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଭୋଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶିଶୁମାନଙ୍କୁ ନିଜର କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ ସହ କ୍ରୀଡା ମାନଚିତ୍ରରେ ଦେଶର ଗୌରବ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଆନନ୍ଦ କୁମାର ସାହୁ ସ୍ୱାଗତ ଅଭିଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷା ଉପଦେଷ୍ଟା ଉପକମିଟି ଅଧକ୍ଷ ସରୋଜ ବୈଠାରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହର ସଂଯୋଜନା କରିଥିଲେ ଶାରୀରିକ ପ୍ରମୁଖ ଗରୁଡଧ୍ୱଜ ଭାଟି ଓ ରାଜକିଶୋର ଦାଶ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପଦକ ଓ ପୁରସ୍କାର ବିତରଣ କରିଥିଲେ । ପରିଚାଳନା କମିଟି କୋଷାଧକ୍ଷ ମନୋକ କୁମାର ସାହୁ, ସଦସ୍ୟା ରେବତୀ ମାଝୀ, ରୀନା ମହାନ୍ତିଙ୍କ ସହ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଚାର୍ଯ୍ୟ ହେମନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି

## ଖପ୍ରାଖୋଲର ଛାତ୍ର କୁଇଜ୍ ପ୍ରତିଯୋଗିତାରେ ପୁରସ୍କୃତ

**ଖପ୍ରାଖୋଲ, ୧୭।୧୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ପ୍ଲାବନ ପ୍ରିୟଦର୍ଶନ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରି ଜୁନିୟର କୁଇଜ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ୟୁନିଟ ୯ ବାଳକ ହାଇସ୍କୁଲରେ ଆୟୋଜିତ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କୃତୀ ଛାତ୍ରଙ୍କୁ ମାନପତ୍ର, ମେଡାଲ ଓ ପ୍ରାଇଜ୍ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର, ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଖପ୍ରାଖୋଲ ଭଳି ପଛୁଆ ଅଞ୍ଚଳର ଜଣେ ଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବାକୁ ନେଇ ବିଡିଓ ତରଣୀ ସୁନା, ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ଝାଙ୍କର, ଏବିଇଓ ବୀରେନ୍ଦ୍ର ସାହୁ, ରମେଶ ସାମର୍ଥ, ମନିକେତନ ବରିହା, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଶ୍ରୀକାନ୍ତ କୁମାର ଖମାରୀ ପ୍ରମୁଖ ପ୍ଲାବନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ଲାବନ ପ୍ରିୟଦର୍ଶନଙ୍କୁ ପୁରସ୍କୃତ କରାଯାଉଛି।

# ବଢୁଛି ଅପରାଧ, ପୋଲିସ ଚୁପ୍

**ବଲାଙ୍ଗୀର ଅଫିସ,୧୭।୧୧**

ବଲାଙ୍ଗୀର ସହରରେ ଏବେ ଡ୍ରଗ୍ସ କାରବାର, ଲୁଟ୍‌ପାଟ୍ ଘଟଣା ବଢ଼ିବାରେ ଲାଗିଛି । ବିଭିନ୍ନ ଛକ ଓ ରାସ୍ତାରେ ରୋଡ ରୋମିଓଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ବିଶେଷକରି ଛାତ୍ରୀ ଓ ଯୁବତୀମାନେ ହଇରାଣ ହରକତ ହେଉଛନ୍ତି । ଏ ଦିଗରେ ପୋଲିସର କୋହଳ ନୀତି ଯୋଗୁ ଅସାମାଜିକ ତତ୍ତ୍ୱମାନେ ଖୋଲାଖୋଲି ବୁଲୁଛନ୍ତି। ଗତ ୩ ଦିନ ତଳେ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କ ଘର ସମ୍ମୁଖ ରାସ୍ତାରେ ଚାଲି କରି ଯାଇଥିବା ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ଦୁଇଜଣ ଲୁଟେରା ଦୁଇ ଭରି ଓଜନର ସୁନାଚେନ୍ ଲୁଟି ନେଇ ଦ୍ୱିପ୍ରହରେ ଫେରାର ହୋଇଯାଇଥିଲେ । ଏକ କଳା ରଙ୍ଗର ପଲସର ବାଇକ୍‌ରେ ଦୁଇ ଜଣ ଲୁଟେରା ଏହି କାଣ୍ଡ ଭିଆଇଥିଲେ। ବାଇକ ଚଳାଉଥିବା ଲୁଟେରା ଜଣକ ହେଲେମେଟ୍ ପିନ୍ଧିଥିବାବେଳେ ପଛ ପଟେ ବସିଥିବା ଯୁବକ ଜଣକ ହେଲମେଟ୍ ପିନ୍ଧି ନ ଥିଲେ ଓ ସେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଲୁଟ୍ କରିଥିଲେ । ଦିନଦ୍ୱିପହରେ ଏବଂ ବିଧାୟକଙ୍କ ଘର ଦେଇଯାଇଥିବା ବ୍ୟସ୍ତତମ ରାସ୍ତା ଉପରୁ ଏଭଳି ଲୁଟ୍ ହେବା ଘଟଣାରୁ ଲୁଟେରାମାନେ ଇତିମଧ୍ୟରେ କେତେ ଦମ୍ ଦେଖାଇଲେଣି ତାହା ସ୍ପଷ୍ଟ । ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟି ନେଇ ଲୁଟେରା ଦ୍ୱୟ ଫେରାର ହେବାର ଅଳ୍ପ ସମୟ ପରେ ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା । ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳକୁ ଆସି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବୟାନ ରେକର୍ଡ କରିଥିଲେ । ପୋଲିସ ଥାନାକୁ ଖବର ଦେଇଥିଲେ । ତେବେ ଏହି ଲୁଟ୍ ଘଟଣାର ପ୍ରାୟ ୪୦ ମିନିଟ୍ ପରେ ପୋଲିସ ପିସିଆର ଗାଡି ଘଟଣାସ୍ଥଳକୁ ଆସିଥିଲା । ସେତେବେଳକୁ ଲୁଟ୍‌ର ଶିକାର ମହିଳା ଜଣକ ବ୍ୟସ୍ତବିବ୍ରତ ହୋଇ ଘରକୁ ଚାଲିଯାଇଥିଲେ । ପରେ ଲୁଟ୍ ସମ୍ପର୍କରେ ଟାଉନ୍ ଥାନାରେ ସେ ଅଭିଯୋଗ କରିଥିଲେ । ସୁନାଚେନ୍ ଲୁଟେରାଙ୍କ ଫଟୋ ସିସିଟିଭିରେ କଏଦ୍ ହୋଇଥିଲେ ମଧ୍ୟ ପୋଲିସ ସେମାନଙ୍କ ସମ୍ପର୍କରେ ସୁରାକ୍ ବି ପାଇନାହିଁ।

ସହରରେ ସୁନାଚେନ୍ ଲୁଟ୍ ଘଟଣା, ବାଇକ୍ ଚୋରି ଘଟଣା ବଢ଼ିବାରେ ଲାଗିଛି । ଦୁଇଦିନ ତଳେ ବଲାଙ୍ଗୀର ସହରର ଡେଲିମାର୍କେଟ୍‌ଠାରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କରେ ଡକାୟତି ଯୋଜନା କରିଥିବା ଆନ୍ତଃରାଜ୍ୟ ଡକାୟତି ଦଳର ୩ ଜଣ ସଦସ୍ୟଙ୍କୁ ଟାଉନ୍ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା । ଉକ୍ତ ତିନିଜଣ ଡକାୟତ ଝାରଖଣ୍ଡ ପ୍ରଦେଶ ଓ ସେମାନେ ଦେଶର ବିଭିନ୍ନ ବଡ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଥିଲା । ବଲାଙ୍ଗୀର ସହରରେ ଏବେ ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ ଓ ଅନ୍ୟାନ୍ୟ ପ୍ରଦେଶର ବହୁ ଅପରିଚିତ ବ୍ୟକ୍ତି ବିଭିନ୍ନ କାମେରେ ବଲାଙ୍ଗୀର ଆସି ଏଠି ଭିନ୍ନ ଭିନ୍ନ ପଡାରେ ଭଡାଘର ନେଇ ରହୁଛନ୍ତି । ଦିନବେଳା ସେମାନଙ୍କ ମଧ୍ୟରୁ କିଏ କେଉଁ କାମ କରୁଛି ଏସମ୍ପର୍କରେ କାହାରି ପାଖରେ କିଛି ବି ସୂଚନା ନାହିଁ । ଗତ କିଛିବର୍ଷ ଭିତରେ ବଲାଙ୍ଗୀରରେ କେନ୍ଦୁପତ୍ର ଲୁଟେରା ଗ୍ୟାଙ୍ଗ, ଡକାୟତ ଗ୍ୟାଙ୍ଗ, ବନ୍ଧୁକ, ମାରଣାସ୍ତ୍ର କାରବାର, ଡ୍ରଗ୍ସ କାରବାର ଦଳ, ଗଞ୍ଜେଇ କାରବାର ଓ ମଦ ମାଫିଆ ଦଳ ଓ ଯୁବତୀ ଚାଲାଣ ର୍‌ୟାକେଟ୍ ସକ୍ରିୟ ଥିବା ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ସମୟରେ ବଲାଙ୍ଗୀର ପୋଲିସ ଆଇନଶୃଙ୍ଖଳା ପରିସ୍ଥିତକୁ ନେଇ ସକ୍ରିୟ ହେବା ପରିବର୍ତ୍ତେ ନୀରବତା ଅବଲମ୍ବନ କରି କେବଳ ସମୟ ଗଡାଇବା ନୀତି ଆପଣାଉଛି । ସହରରେ ଟ୍ରାଫିକ୍ ସଜାଡିବା ପାଇଁ ପୋଲିସ ମଝିରେ ମଝିରେ ଗାଡି, ମୋଟର ଚେକିଂ କରୁଥିଲେ ମଧ ଅପରାଧ ଦମନ ନେଇ ବିଶେଷ ସକ୍ରିୟ ଦେଖାଉ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି । ସହରର ବିଭିନ୍ନ ରାସ୍ତାରେ ଏବେ ରୋଡ୍ ରୋମିଓଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷକରି ହାଇସ୍କୁଲ ଓ କଲେଜ ଛାତ୍ରୀଙ୍କୁ କମେଣ୍ଟ କରିବା ତାଙ୍କ ପଛେପଛେ ସ୍ପିଡରେ ବାଇକ୍ ଚଲାଇବା ଭଳି ଘଟଣା ସହରବାସୀଙ୍କୁ ଅତିଷ୍ଠ କଲାଣି । ବିଶେଷକରି ଏହି ଘଟଣା ଯୋଗୁଁ ଅଭିଭାବକମାନେ ସେମାନଙ୍କ ଝିଅକୁ ଏକାକୀ ସ୍କୁଲ, କଲେଜ ଓ ଟିଉସନ୍ ଛାଡିବାରେ ସୁରକ୍ଷିତ ମଣୁନାହାନ୍ତି । ସହରର ବିଭିନ୍ନ ଛକରେ ଏବେ ମଦ, ଡ୍ରଗ୍ସ ଓ କଫ୍ ସିରଫ କାରବାର ଢ଼େର ବୃଦ୍ଧି ପାଇଛି । ଛାତ୍ର, ଯୁବକମାନେ ନିଶାଗ୍ରସ୍ତ ହେଉଥିବା ଦେଖାଦେଇଛି । ପୋଲିସ ମଝିରେ ଝିରେ ନାମକୁ ମାତ୍ର ଚଢ଼ାଉ କରି ଦୋଷ ଖସାଇବାକୁ ଚେଷ୍ଟା କରୁଛି । ଏଭଳି ପରିସ୍ଥିତିରେ ସହରରେ ବୁଦ୍ଧିଜୀବୀ ମହଲରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏଦିଗରେ ବଲାଙ୍ଗୀର ଏସପି କେ.ଶିବା ସୁବ୍ରମଣିଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ମତାମତ ମିଳି ପାରିନାହିଁ।



**ବଲାଙ୍ଗୀର ସହର**

- ଡ୍ରଗ୍ସ, ଲୁଟେରା, ରୋଡ ରୋମିଓଙ୍କ ଯୋଗୁ ସହରବାସୀ ଅତିଷ୍ଠ
- ସିସି ଟିଭିରେ କଏଦ୍ ହୋଇଛି ସୁନାଚେନ୍ ଲୁଟେରାଙ୍କ ଫଟୋ



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଲୋଇସିଂହା କପ ଫୁଟବଲ: ସେମିରେ ବଲାଙ୍ଗୀର

ଲୋଇସିଂହା,୧୫।୧୧(ଡି.ଏନ.ଏ) ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଲୋଇସିଂହା କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଚତୁର୍ଥ ଦିବସ ଥିଲା । ଚତୁର୍ଥ ଦିବସରେ ବି ଗ୍ରୁପର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଇଲେଭେନଷ୍ଟାର ବଲାଙ୍ଗୀର ଏବଂ କଳିଙ୍ଗ ଇଲେଭେନ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୪-୨ ଗୋଲରେ ବଲାଙ୍ଗୀର ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ବଲାଙ୍ଗୀର ଉପଜିଲାପଳ ଭୈରସିଂ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

### ମାନସ ବିହାରରେ ଛପନ ଭୋଗ ଅର୍ପଣ

**ଲୋଇସିଂହା,୧୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲସ୍ଥିତ ମାନସ ବିହାର ରାମ ମନ୍ଦିରରେରେ କାର୍ତ୍ତିକ ଅଇଁଳା ନବମୀ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ରାମ ଚରିତ ମାନସ ପାରାୟଣ ଓ ଛପନ ଭୋଗ ଅର୍ପଣ କରାଯାଇଥିଲା। ମାନସ ଯଜ୍ଞ କମିଟି ଓ ଅଞ୍ଚଳବାସୀଙ୍କ ସହଯୋଗରେ ଅଷ୍ଟମବର୍ଷ ଅଇଁଳା ନବମୀ ଅବସରରେ ପ୍ରଭୁ ରାମଚନ୍ଦ୍ରଙ୍କ ନିକଟରେ ଛପନ ଭୋଗ ଅର୍ପଣ କରାଯାଇଥିଲା। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ରାମଚରିତ ମାନସ ପାରାୟଣ ହୋଇଥିଲା। ବ୍ୟାସ ଅଜଂନ ନାୟକ ପାରାୟଣ କରିଥିବା ମନ୍ଦିର ପୂଜକ ଗିରିଶ ମିଶ୍ର ପୂଜାର୍ଚ୍ଚା କରିଥିଲେ। ପୂର୍ବତନ ଏମପି ସଂଗୀତା ସିଂଦେଓ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ମାନସ ଯଜ୍ଞ କମିଟି ସଭାପତି ଭକ୍ତବନ୍ଧୁ ନାୟକ, ଗଜେନ୍ଦ୍ର ଦଣ୍ଡସେନା, ପ୍ରଶାନ୍ତ ରଥ, କରୁଣାକର ବିଶ୍ୱାଳ, ସତ୍ୟ ପଧାନଙ୍କ ସମେତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ସହଯୋଗ କରିଥିଲେ ।

### ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ସଭା

**ବେଲପଡା, ୧୭।୧୧(ଡି.ଏନ.ଏ.)** ବେଲପଡା ବ୍ଲକ ଧୁମାଭଟା ଗ୍ରାମରେ ଶନିବାର ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ସାମାଜିକ କର୍ମୀ ଅରୁଣ ଖୁଆସଙ୍କ ନେତୃତ୍ୱରେ ପହଞ୍ଚିଥିଲା। ସଚେତନ ରଥ ପହଞ୍ଚିବା ପରେ ବରିଷ୍ଠ ନାଗରିକ ଭାଗବତିଆ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ହୋଇଥିଲା । ଜଲା ସାମାଜିକ କର୍ମୀ ଖୁଆସ ପୌଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ୨୦୧୭ ସନ୍ଦର୍ଭରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଯୋଗ୍ୟତା , ବିଧିବଦ୍ଧ ବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପରିବାର ପାଇଁ ଶିଶୁଟିଏ ଓ ପୌଷ୍ୟସନ୍ତାନ ଯୋଗ୍ୟ ଶିଶୁପାଇଁ ଅତି ମୂଲ୍ୟବାନ ବୋଲି ପ୍ରକାଶ କରିଥିଲେ। ପ୍ରିତମ ଷାଣ୍ଡ, ବାଞ୍ଛାନିଧି ସାହୁ, ସହଦେବ ଶାସ୍ତ୍ରୀ ,ଉଜ୍ଜଳ ରାଉତ, ଦୟାନିଧି ସାହୁ ପ୍ରମୁଖ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ପ୍ରଚାରପତ୍ର ବାଣ୍ଟିଥିଲେ । ଜିଲା ଶିଶୁ ସୁରକ୍ଷା କମିଟି ଦ୍ୱାରା ଜିଲା ରଥ ସାରା ବୁଲିବା କାର୍ଯ୍ୟକ୍ରମ ରହିଛି।

ଟିଟିଲାଗଡ଼ ଜିଲା ଦାବି

# ଦମ୍ଭ ଦେଖାଇଲେ ଆଦିବାସୀ

**ଟିଟିଲାଗଡ଼, ୧୭।୧୧ (ଡି.ଏନ.ଏ.)**

ଟିଟିଲାଗଡ ଜିଲା ଦାବି ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୧୭ ଦିନ ଧରି ଜାରି ରହିଥିବା ଆନ୍ଦୋଳନରେ ଶନିବାର ସାମିଲ ହୋଇଛି ବଲାଙ୍ଗୀର ଜିଲା ଆଦିବାସୀ ସଂଘ। ସଂଘର ସହସ୍ରାଧିକ କର୍ମକର୍ତ୍ତା ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସହରରେ ଶୋଭାଯାତ୍ରା କରି ସେମାନଙ୍କ ଦମ୍ଭ ଦେଖାଇଛନ୍ତି। ଏହା ଜିଲା ଦାବି ଆନ୍ଦୋଳନକୁ ରୋଚକ କରିଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ସଂଘ ଜିଲା ସଭାପତି ବ୍ରଜ କିଶୋର ସିଂଭୋଇଙ୍କ ନେତୃତ୍ୱରେ ଆଦିବାସୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗଣଧାରଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଟିଟିଲାଗଡ ବାର ଆସୋସିଏଶନ ସଭାପତି ବ୍ରଜକିଶୋର ସିଂଭୋଇ, ମୁଖପାତ୍ର ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଦିବାସୀ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସିଂଭୋଇ



ଆଦିବାସୀମାନେ ଶୋଭାଯାତ୍ରାରେ ଟିଟିଲାଗଡ ସହର ପରିକ୍ରମା କରୁଛନ୍ତି।

**୧୭ ଦିନରେ ପହଞ୍ଚିଲା ଆନ୍ଦୋଳନ**

- ଶୋଭାଯାତ୍ରାରେ କଲେ ସହର ପରିକ୍ରମା
- ୨୬ବର୍ଷର ଦାବି ପୂରଣ ନ ହେଲେ ଚରମ ଆନ୍ଦୋଳନ

ଟିଟିଲାଗଡ ଉପଖଣ୍ଡବାସୀଙ୍କ ଦୀର୍ଘ ୨୬ବର୍ଷର ଦାବିକୁ ସରକାର ପୂରଣ ନକଲେ ନିଆଁ ଜଳିବ ବୋଲି ଚେତାବନୀ ଦେଇଛନ୍ତି। ଆଦିବାସୀ କଲ୍ୟାଣ ମହାସଂଘର ପଶ୍ଚିମ ଓଡିଶା ମହାସଚିବ ନିରଞ୍ଜନ ବିଶି ଟିଟିଲାଗଡ ଉପଖଣ୍ଡର ୫ଟି ବ୍ଲକ ତଥା ୧୧୩ଟି ପଞ୍ଚାୟତର ପ୍ରାୟ ୨ ଲକ୍ଷ ଆଦିବାସୀ ଟିଟିଲାଗଡ ଜିଲା ଗଠନ ନହେଲେ ୧୮ବର୍ଷ ଧରି କ୍ଷମତାସୀନ ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଚରମବାଣୀ ଶୁଣାଇଛନ୍ତି। ଆଜିର ଏହି ସମାବେଶରେ ଆଦିବାସୀ ସଂଘ ଜିଲା ସମ୍ପାଦକ ହେମେନ୍ଦ୍ର ହାଁସଦା, ଜିଲା ଉପସଭାପତି ବିଶିକେସନ ଜାନୀ, ଡୁରେକେଲା ସଭାନେତ୍ରୀ ସମିତି ସଭ୍ୟ ଖେଲନ୍ତି ସମରଥ, ମୁରିବାହାଲ ବ୍ଲକ ସଭାନେତ୍ରୀ ପତରଙ୍ଗି ମାଝୀ, ଟିଟିଲାଗଡ ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ନାରିନେତ୍ରୀ ବନଲତା ମାଝୀ, ବଙ୍ଗୋମୁଣ୍ଡ ଉପାଧକ୍ଷ ତଥା ଉତ୍କଳ କନ୍ଧ ସମାଜ ସଭାପତି ଉଜ୍ଜ୍ୱଳ ସିଂଭୋଇ, ଅଶୋକ ନାରାୟଣ ଭୋଇ, ଉପସଭାପତି ଇନ୍ଦ୍ରମଣୀ ମାଝୀ, ଟିଟିଲାଗଡ ନଗର ସଭାପତି ନିତ୍ୟାନନ୍ଦ ମାଝୀ, ଥବିର ପୁଝାରୀ, ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନୀ, ଘାସିରାମ ମାଝୀ, ସୁନିଲ ଭୋଇ, ଭୁବନ ମାଝୀ, ଜଗନ୍ନାଥ ମାଝୀ, ଡମେନ ମାଝୀ, ଜଳନ୍ଧର ମାଝୀ, ପ୍ରଫୁଲ୍ଲ ପ୍ରଧାନୀ, ଆର୍ତ୍ତ ଭୋଇ, ଜଗନ୍ନାଥ ମାଝୀ ପ୍ରମୁଖ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ। ଅପରପକ୍ଷରେ ଜିଲା ଦାବି ନେଇ ଦୀର୍ଘ ୧୭ ଦିନ ଧରି ଟିଟିଲାଗଡ ଉପଖଣ୍ଡରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଖୋଦ ଉପଜିଲାପାଳ, ବିଡିଓ, ତହସିଲଦାରଙ୍କ କାର୍ଯ୍ୟାଳୟ ବନ୍ଦ ଥିବାରୁ ସେମାନେ ଘରେ ବସି ରହିଛନ୍ତି। ସମସ୍ତ ଉନ୍ନୟନ କାର୍ଯ୍ୟ ବ୍ୟାହତ ରହିଛି। ଏ ନେଇ ରାଜ୍ୟ ସରକାର ଆଖିବୁଜି ବସିଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ନିର୍ବାଚନ ପୂର୍ବରୁ ଜିଲା ଦାବିକୁ ନେଇ ବିରୋଧି ମଧ୍ୟ ତେଜିୟାନ ହୋଇ ଉଠିଥିବା ବେଳେ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ନାହାନ୍ତି।

### ୧୪୦ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ

**ଗୁଡ଼ଭେଲା,୧୭।୧୧(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ନୂଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗିରହିଛି। ଜଣେ ଲେଭେଲ ତିନିର ପ୍ରଧାନଶିକ୍ଷକ ସହ ଆବଶ୍ୟକ ଅନୁଯାଇ ଶିକ୍ଷକ ଯୋଗାଇ ଦେବା ପାଇଁ ଗ୍ରାମର ବୃନ୍ଦାବନ ବିହାରୀ ମେହେର, ରାଜ କିଶୋର ମେହେର, ଉମାକାନ୍ତ ଗହିର, ଶମ୍ଭୁ ବାରିକ, ଆଶିଷ ସାହୁ, ରାମ ଘଡେଇ, ଉତ୍ତରାମ କଏଣ୍ଡା ପ୍ରମୁଖ ଅଭିଭାବକ ଓ ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହି ବିଦ୍ୟାଳୟରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ରହିଥିବା ବେଳେ ୧୪୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରିଥାନ୍ତି। ଜଣେ ମାତ୍ର ଶିକ୍ଷା ସହାୟକ ଏବେ ଶିକ୍ଷାଦାନ କରୁଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଜଣକ ଗୋଡ ଭାଙ୍ଗିଥିବାରୁ ଛୁଟିରେ ଅଛନ୍ତି । ଅନ୍ୟପକ୍ଷରେ ପ୍ରାୟ ଦଶ ବର୍ଷ ହେଲାଣି ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବାରୁ କାମଚଳା ପ୍ରଧାନ ଶିକ୍ଷକରେ ସ୍କୁଲ ଚାଲିଥିଲା । ଏପରିକି ବହୁ ସିନିୟର ଶିକ୍ଷକ ରହିଥିଲେ ମଧ ସ୍ଥାନୀୟ ଶିକ୍ଷା ବିଭାଗ ଶିକ୍ଷା ସହାୟକ, ଜିଲା ପରିଷଦ ଶିକ୍ଷକମାନଙ୍କୁ ବହୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱ ଦେଉଥିବା ଦାବିପତ୍ରରେ ଦର୍ଶାଯାଇଛି।

ଭାଲୁପାଲି ଗାଁ

### ପୂଜା ଚାନ୍ଦା ନ ଦେବାରୁ ଉନ୍ନୟନ କାମକୁ ବିରୋଧ

**ଲୋଇସିଂହା,୧୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ଶନିବାର ଏକ ରୋଚକ ଘଟଣା ଘଟିଛି। ପଞ୍ଚାୟତର ଜନୈକ ଜନପ୍ରତିନିଧି ଗ୍ରାମରେ କୌଣସି ଏକ ପୂଜାର ଚାନ୍ଦା ଦେଇ ନ ଥିବାରୁ ଉନ୍ନୟନ କାମକୁ ବିରୋଧ ହୋଇଛି। ସରପଞ୍ଚଙ୍କ ଅନୁରୋଧ ସତ୍ୱେ କାମ ପାଇଁ ଯାଇଥିବା ଜେସିବି ମେଶିନକୁ କେତେକ ବ୍ୟକ୍ତି ଫେରାଇ ଦେଇଛନ୍ତି। ପ୍ରାପ୍ତ ସୂଚନାମତେ, ବାଦିବାହଲ ପଞ୍ଚାୟତ ଅଧୀନ ଭାଲୁପାଲି ଗାଁରେ ନାଗବାଚା ମନ୍ଦିର ରହିଛି । ଉକ୍ତ ଅବହେଳିତ ମନ୍ଦିର ବିକାଶ ପାଇଁ ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ନିକଟରେ ରାଜ୍ୟ ସରକାର ଘୋଷଣା କରିଥିବା ଆମ ଗାଁ ଆମ ବିକାଶ ପାଣ୍ଠିରୁ ୨ଲକ୍ଷ ବ୍ୟୟରେ ଉକ୍ତ ମନ୍ଦିର ଉନ୍ନତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମନ୍ଦିର ବିକାଶର ମୂଳଦୂଆ ପାଇଁ ସ୍ଥାନୀୟ ସରପଞ୍ଚ ଶନିବାର ସକାଳେ ଜେସିବି ମେଶିନ ଗାଁକୁ ପଠାଇଥିଲେ। ଗାଁକୁ ମେଶିନ ଯିବା ପରେ କେତେକ ଲୋକେ ପଚରାଉଚରା କରିଥିଲେ । ଜେସିବି ଡ୍ରାଇଭର ଜଣାଇବା ପରେ କେତେକ ବ୍ୟକ୍ତି ଜନୈକ ଜନପ୍ରତିନିଧିମାନଙ୍କ ନାମନେଇ ଗାଁ ପୂଜା ଚାନ୍ଦ ଦେବାରେ ନାରଜ ହୋଇଥିବା କହିଥିଲେ । ସେମାନେ ପୂଜା ଚାନ୍ଦା ଦେବାରେ ଅସମର୍ଥ ତେବେ ଗାଁରେ କୌଣସି ଉନ୍ନୟନକାମ କରିପାରିବେ ନେହିଁ ବୋଲି ଜେସିବି ଡ୍ରାଇଭର ସହ ଯୁକ୍ତିତର୍କ ହୋଇଥିଲେ । ଜେସିବି ଡ୍ରାଇଭର ଘଟଣା ସଂକ୍ରାନ୍ତରେ ସରପଞ୍ଚଙ୍କ ପ୍ରତିନିଧି ବୀରବଳ ଧରୁଆକୁ ଫୋନ ଯୋଗ ଜଣାଇଥିଲେ। ଶ୍ରୀଧରୁଆ ବିରୋଧକାରୀଙ୍କ ସହ କଥା ହୋଇ ଯିଏ ଚାନ୍ଦ ନ ଦେଇଛି ତା କାମକୁ ବିରୋଧ କରନ୍ତୁ ବୋଲି କହିଥିଲେ। କିନ୍ତୁ ବିରୋଧକାରୀ ତାଙ୍କ ଜିଦରେ ଅଟଳ ରହିବାରୁ ଗାଁରୁ ଜେସିବି ମେଶିନ ଫେରି ଆସିଥିଲା। ଏତାଦୃଶ ବିରୋଧକୁ ଗ୍ରାମର ବୟୋଜ୍ୟେଷ୍ଠମାନେ ନାପସନ୍ଦ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଉର୍ଲୁଲୀ ଧରୁଆଙ୍କୁ ପଚାରିବାରୁ ଉନ୍ନୟନ କାମକୁ ବିରୋଧ କରିବା ଗ୍ରହଣୀୟ ନୁହେଁ। ଏହାଦ୍ୱାରା ଭାଲୁପାଲିର ସମସ୍ତ ଉନ୍ନୟନ କାମ ବ୍ୟାହତ ହେବ ତାହା ସେମାନେ ଜାଣି ରଖିବା ଉଚିତ।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ବଙ୍ଗୋମୁଣ୍ଡା, ୧୭।୧୧(ଡ.ଏନ୍.ଏ.)**

ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଭୋଇ ଯୋଗଦେଇ ଆନୁଷ୍ଠାନିକ ଭାବରେ ମେଳାର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସମ୍ମାନୀତ ଅତିଥିଭାବେ ଏବିଇଓ ଜୟନ୍ତ ପ୍ରଧାନ, ସରପଞ୍ଚ ଚିତ୍ରା ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ପ୍ରଶନ୍ନପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ମେଳାରେ ବ୍ଲକର ୩୮ଗୋଟି ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ୬୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏହି ପ୍ରକଳ୍ପଗୁଡିକୁ ଅତିଥିମାନେ ପରିଦର୍ଶନ କରିଥିଲେ। ବିଚାରକ ଭାବେ ରାଜକୁମାର ଭୋଇ ଏବଂ ଅଶୋକ ତରାଇ କାର୍ଯ୍ୟ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ବିଡିଓ ଅନିରୁଦ୍ଧ ପ୍ରଧାନ ଏବଂ ସମ୍ମାନୀତ ଅତିଥିଭାବେ ବିଇଓ ହେମସାଗର ଭୋଇ, ବଲାଙ୍ଗୀର ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନୀଳମଣି ପଟେଲ, ସ୍କୁଲର ପ୍ରଧାନଶିକ୍ଷକ ଅରୁଣ ବାରିକ, ମିଳିତ ଶିକ୍ଷକ ସଂଘ ସଭାପତି କୋଷରାଜ ବେହେରା, ସିଆର୍‌ସିସି ଟଙ୍କଧର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ବିଜ୍ଞାନ ମେଳାର ସଭାପତି ଚମାର ମେହେର ହାଇସ୍କୁଲ ପ୍ରଧାନ ଶିକ୍ଷକ ପଙ୍କଜ ମେହେର ସଭାପତିତ୍ୱ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

### ଅଂଶଗ୍ରହଣ କଲେ ୫୦୭ ପ୍ରତିଯୋଗୀ

**ସଇଁତଲା, ୧୭।୧୧(ଡ଼ି.ଏନ.ଏ.)**

ବଲାଙ୍ଗୀର ସଇଁତଲା ରମେଶ ଚନ୍ଦ୍ର ସିଂଭୋଇ ଷ୍ଟାଡିୟମଠାରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ସଇଁତଲାର ୩୦ତମ ବାର୍ଷିକ କ୍ରୀଡା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ଶିଶୁବାଟିକା, ନିମ୍ନବର୍ଗ, ଶିଶୁବର୍ଗ, ବାଳବର୍ଗ ଓ କିଶୋର ବର୍ଗରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବିଭାଗରେ ୫୦୭ଜଣ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ନଗରର ଇଷ୍ଟଦେବୀ ମା' ଚଣ୍ଡେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଅଣାଯାଇ ଜ୍ୟୋତି ସ୍ଥାପନ ପରେ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ସଞ୍ଚଳନର ଅଭିବାଦନ ଗ୍ରହଣ କରିବା ନିଜ ପ୍ରିୟ ଖେଳାଳିଙ୍କ କ୍ରୀଡା ନୈପୁଣ୍ୟତା ଦେଖି ଖୁସି ନ ହୋଇ ତାଙ୍କ ଭଳି ପ୍ରଦର୍ଶନ ସାର୍ମଥ୍ୟତା ହାସଲ କରିବା ନିମନ୍ତେ ଯତ୍ନବାନ ହେବା ପାଇଁ ଶିଶୁମାନଙ୍କୁ ପରାମର୍ଶ ଦେଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଭୋଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶିଶୁମାନଙ୍କୁ ନିଜର କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ ସହ କ୍ରୀଡା ମାନଚିତ୍ରରେ ଦେଶର ଗୌରବ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଆନନ୍ଦ କୁମାର ସାହୁ ସ୍ୱାଗତ ଅଭିଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷା ଉପଦେଷ୍ଟା ଉପକମିଟି ଅଧ୍ୟକ୍ଷ ସରୋଜ ବୈଠାରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହର ସଂଯୋଜନା କରିଥିଲେ ଶାରୀରିକ ପ୍ରମୁଖ ଗରୁଡଧ୍ୱଜ ଭାଟି ଓ ରାଜକିଶୋର ଦାଶ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପଦକ ଓ ପୁରସ୍କାର ବିତରଣ କରିଥିଲେ । ପରିଚାଳନା କମିଟି କୋଷାଧକ୍ଷ ମନୋଜ କୁମାର ସାହୁ, ସଦସ୍ୟା ରେବତୀ ମାଝୀ, ରୀନା ମହାନ୍ତିଙ୍କ ସହ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଚାର୍ଯ୍ୟ ହେମନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି

### ଖପ୍ରାଖୋଲର ଛାତ୍ର କୁଇଜ୍ ପ୍ରତିଯୋଗିତାରେ ପୁରସ୍କୃତ

**ଖପ୍ରାଖୋଲ, ୧୭।୧୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ପ୍ଲାବନ ପ୍ରିୟଦର୍ଶନ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରି ଜୁନିୟର କୁଇଜ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ୟୁନିଟ ୯ ବାଳକ ହାଇସ୍କୁଲରେ ଆୟୋଜିତ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କୃତୀ ଛାତ୍ରଙ୍କୁ ମାନପତ୍ର, ମେଡାଲ ଓ ପ୍ରାଇଜ୍ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର, ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଖପ୍ରାଖୋଲ ଭଳି ପଛୁଆ ଅଞ୍ଚଳର ଜଣେ ଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବାକୁ ନେଇ ବିଡିଓ ତରଣୀ ସୁନା, ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ଝାଙ୍କର, ଏବିଇଓ ବୀରେନ୍ଦ୍ର ସାହୁ, ରମେଶ ସାମର୍ଥ, ମନିକେତନ ବରିହା, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଖମାରୀ ପ୍ରମୁଖ ପ୍ଲାବନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ଲାବନ ପ୍ରିୟଦର୍ଶନଙ୍କୁ ପୁରସ୍କୃତ କରାଯାଉଛି।

# ବଢୁଛି ଅପରାଧ, ପୋଲିସ ଚୁପ୍

**ବଲାଙ୍ଗୀର ଅଫିସ,୧୭।୧୧**

ବଲାଙ୍ଗୀର ସହରରେ ଏବେ ଡ୍ରଗ୍ସ କାରବାର, ଲୁଟ୍‌ପାଟ୍ ଘଟଣା ବଢ଼ିବାରେ ଲାଗିଛି । ବିଭିନ୍ନ ଛକ ଓ ରାସ୍ତାରେ ରୋଡ ରୋମିଓଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ବିଶେଷକରି ଛାତ୍ରୀ ଓ ଯୁବତୀମାନେ ହଇରାଣ ହରକତ ହେଉଛନ୍ତି । ଏ ଦିଗରେ ପୋଲିସର କୋହଳ ନୀତି ଯୋଗୁ ଅସାମାଜିକ ତତ୍ତ୍ୱମାନେ ଖୋଲାଖୋଲି ବୁଲୁଛନ୍ତି। ଗତ ୩ ଦିନ ତଳେ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କ ଘର ସମ୍ମୁଖ ରାସ୍ତାରେ ଚାଲି କରି ଯାଇଥିବା ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ଦୁଇଜଣ ଲୁଟେରା ଦୁଇ ଭରି ଓଜନର ସୁନାଚେନ୍ ଲୁଟି ନେଇ ଦ୍ୱିପ୍ରହରେ ଫେରାର ହୋଇଯାଇଥିଲେ । ଏକ କଳା ରଙ୍ଗର ପଲସର ବାଇକ୍‌ରେ ଦୁଇ ଜଣ ଲୁଟେରା ଏହି କାଣ୍ଡ ଭିଆଇଥିଲେ। ବାଇକ ଚଳାଉଥିବା ଲୁଟେରା ଜଣକ ହେଲେମେଟ୍ ପିନ୍ଧିଥିବାବେଳେ ପଛ ପଟେ ବସିଥିବା ଯୁବକ ଜଣକ ହେଲମେଟ୍ ପିନ୍ଧି ନ ଥିଲେ ଓ ସେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଲୁଟ୍ କରିଥିଲେ । ଦିନଦ୍ୱିପହରେ ଏବଂ ବିଧାୟକଙ୍କ ଘର ଦେଇଯାଇଥିବା ବ୍ୟସ୍ତତମ ରାସ୍ତା ଉପରୁ ଏଭଳି ଲୁଟ୍ ହେବା ଘଟଣାରୁ ଲୁଟେରାମାନେ ଇତିମଧ୍ୟରେ କେତେ ଦମ୍ ଦେଖାଇଲେଣି ତାହା ସ୍ପଷ୍ଟ । ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟି ନେଇ ଲୁଟେରା ଦ୍ୱୟ ଫେରାର ହେବାର ଅଳ୍ପ ସମୟ ପରେ ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା । ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳକୁ ଆସି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବୟାନ ରେକର୍ଡ କରିଥିଲେ । ପୋଲିସ ଥାନାକୁ ଖବର ଦେଇଥିଲେ । ତେବେ ଏହି ଲୁଟ୍ ଘଟଣାର ପ୍ରାୟ ୪୦ ମିନିଟ୍ ପରେ ପୋଲିସ ପିସିଆର ଗାଡି ଘଟଣାସ୍ଥଳକୁ ଆସିଥିଲା । ସେତେବେଳକୁ ଲୁଟ୍‌ର ଶିକାର ମହିଳା ଜଣକ ବ୍ୟସ୍ତବିବ୍ରତ ହୋଇ ଘରକୁ ଚାଲିଯାଇଥିଲେ । ପରେ ଲୁଟ୍ ସମ୍ପର୍କରେ ଟାଉନ୍ ଥାନାରେ ସେ ଅଭିଯୋଗ କରିଥିଲେ । ସୁନାଚେନ୍ ଲୁଟେରାଙ୍କ ଫଟୋ ସିସିଟିଭିରେ କଏଦ୍ ହୋଇଥିଲେ ମଧ୍ୟ ପୋଲିସ ସେମାନଙ୍କ ସମ୍ପର୍କରେ ସୁରାକ୍ ବି ପାଇନାହିଁ।

ସହରରେ ସୁନାଚେନ୍ ଲୁଟ୍ ଘଟଣା, ବାଇକ୍ ଚୋରି ଘଟଣା ବଢ଼ିବାରେ ଲାଗିଛି । ଦୁଇଦିନ ତଳେ ବଲାଙ୍ଗୀର ସହରର ଡେଲିମାର୍କେଟ୍‌ଠାରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କରେ ଡକାୟତି ଯୋଜନା କରିଥିବା ଆନ୍ତଃରାଜ୍ୟ ଡକାୟତି ଦଳର ୩ ଜଣ ସଦସ୍ୟଙ୍କୁ ଟାଉନ୍ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା । ଉକ୍ତ ତିନିଜଣ ଡକାୟତ ଝାରଖଣ୍ଡ ପ୍ରଦେଶ ଓ ସେମାନେ ଦେଶର ବିଭିନ୍ନ ବଡ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଥିଲା । ବଲାଙ୍ଗୀର ସହରରେ ଏବେ ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ ଓ ଅନ୍ୟାନ୍ୟ ପ୍ରଦେଶର ବହୁ ଅପରିଚିତ ବ୍ୟକ୍ତି ବିଭିନ୍ନ କାମରେ ବଲାଙ୍ଗୀର ଆସି ଏଠି ଭିନ୍ନ ଭିନ୍ନ ପଡାରେ ଭଡାଘର ନେଇ ରହୁଛନ୍ତି । ଦିନବେଳା ସେମାନଙ୍କ ମଧ୍ୟରୁ କିଏ କେଉଁ କାମ କରୁଛି ଏସମ୍ପର୍କରେ କାହାରି ପାଖରେ କିଛି ବି ସୂଚନା ନାହିଁ । ଗତ କିଛିବର୍ଷ ଭିତରେ ବଲାଙ୍ଗୀରରେ କେନ୍ଦୁପତ୍ର ଲୁଟେରା ଗ୍ୟାଙ୍ଗ, ଡକାୟତ ଗ୍ୟାଙ୍ଗ, ବନ୍ଧୁକ, ମାରଣାସ୍ତ୍ର କାରବାର, ଡ୍ରଗ୍ସ କାରବାର ଦଳ, ଗଞ୍ଜେଇ କାରବାର ଓ ମଦ ମାଫିଆ ଦଳ ଓ ଯୁବତୀ ଚାଲାଣ ର୍‍ୟାକେଟ୍ ସକ୍ରିୟ ଥିବା ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ସମୟରେ ବଲାଙ୍ଗୀର ପୋଲିସ ଆଇନଶୃଙ୍ଖଳା ପରିସ୍ଥିତକୁ ନେଇ ସକ୍ରିୟ ହେବା ପରିବର୍ତ୍ତେ ନୀରବତା ଅବଲମ୍ବନ କରି କେବଳ ସମୟ ଗଡାଇବା ନୀତି ଆପଣାଉଛି । ସହରରେ ଟ୍ରାଫିକ୍ ସଜାଡିବା ପାଇଁ ପୋଲିସ ମଝିରେ ମଝିରେ ଗାଡି, ମୋଟର ଚେକିଂ କରୁଥିଲେ ମଧ ଅପରାଧ ଦମନ ନେଇ ବିଶେଷ ସକ୍ରିୟ ଦେଖାଉ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି । ସହରର ବିଭିନ୍ନ ରାସ୍ତାରେ ଏବେ ରୋଡ୍ ରୋମିଓଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷକରି ହାଇସ୍କୁଲ ଓ କଲେଜ ଛାତ୍ରୀଙ୍କୁ କମେଣ୍ଟ କରିବା ତାଙ୍କ ପଛେପଛେ ସ୍ପିଡରେ ବାଇକ୍ ଚଲାଇବା ଭଳି ଘଟଣା ସହରବାସୀଙ୍କୁ ଅତିଷ୍ଟ କଲାଣି । ବିଶେଷକରି ଏହି ଘଟଣା ଯୋଗୁଁ ଅଭିଭାବକମାନେ ସେମାନଙ୍କ ଝିଅକୁ ଏକାକୀ ସ୍କୁଲ, କଲେଜ ଓ ଟିଉସନ୍ ଛାଡିବାରେ ସୁରକ୍ଷିତ ମଣୁନାହାନ୍ତି । ସହରର ବିଭିନ୍ନ ଛକରେ ଏବେ ମଦ, ଡ୍ରଗ୍ସ ଓ କଫ୍ ସିରଫ କାରବାର ଢ଼େର ବୃଦ୍ଧି ପାଇଛି । ଛାତ୍ର, ଯୁବକମାନେ ନିଶାଗ୍ରସ୍ତ ହେଉଥିବା ଦେଖାଦେଇଛି । ପୋଲିସ ମଝିରେ ଝିରେ ନାମକୁ ମାତ୍ର ଚଢ଼ାଉ କରି ଦୋଷ ଖସାଇବାକୁ ଚେଷ୍ଟା କରୁଛି । ଏଭଳି ପରିସ୍ଥିତିରେ ସହରରେ ବୁଦ୍ଧିଜୀବୀ ମହଲରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏଦିଗରେ ବଲାଙ୍ଗୀର ଏସପି କେ.ଶିବା ସୁବ୍ରମଣିଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ ମତାମତ ମିଳି ପାରିନାହିଁ।



**ବଲାଙ୍ଗୀର ସହର**

- ଡ୍ରଗ୍ସ, ଲୁଟେରା, ରୋଡ ରୋମିଓଙ୍କ ଯୋଗୁ ସହରବାସୀ ଅତିଷ୍ଠ
- ସିସି ଟିଭିରେ କଏଦ୍ ହୋଇଛି ସୁନାଚେନ୍ ଲୁଟେରାଙ୍କ ଫଟୋ

**ସଂକ୍ଷେପରେ**

## ପାଣିଟାଙ୍କି ଚୋରି ଘଟଣା: ୭ ଗିରଫ

ଜୁନାଗଡ଼,୧୭।୧୧(ସ୍ୱ.ପ୍ର/ଡି.ଏନ୍.ଏ.)- କଳାହାଣ୍ଡି ଜଲା ଜୁନାଗଡ଼ ଥାନା ଅଧୀନ ବଲଧିଆମାଲ ପଞ୍ଚାୟତର ୨ଟି ସ୍କୁଲ ସମେତ ପଞ୍ଚାୟତ କାର୍ଯ୍ୟାଳୟରୁ ପାଣି ଟାଙ୍କି ଚୋରି କରିଥିବା ଅଭିଯୋଗରେ ଉଭୟ ଚୋର ଏବଂ ଚୋରି ସାମଗ୍ରୀ କିଣିଥିବା ୭ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ଅକ୍ଟୋବର ୨୬ତାରିଖରେ ବଲଧିଆମାଲ ପଞ୍ଚାୟତ ଅଫିସ ଏବଂ ୟୁପି ସ୍କୁଲ ଓ ନେହେରୁନଗରଠାରେ ଅବସ୍ଥିତ ୟୁଜିଏମ୍ଇ ସ୍କୁଲର ପାଣି ଟାଙ୍କି ଚୋରି ହୋଇଥିଲା। ଏନେଇ ସରପଞ୍ଚ ଅର୍ଚ୍ଚନା ମେହେର ଜୁନାଗଡ଼ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୩୧୪/୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସବ୍ଇନ୍ସପେକ୍ଟର ଡମ୍ବରୁ ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାର ଅନୁଧ୍ୟାନ କରି ଚୋରି କରିଥିବା ବଲଧିଆମାଲ ଗ୍ରାମର ୫ଜଣ ବ୍ୟକ୍ତି ରୋହିତ ମହାଲିକ(୨୫), ପ୍ରସନ୍ନ ବରମୁଲିଆ(୩୦), ପୂର୍ଣ୍ଣଚନ୍ଦ୍ର ପ୍ରଧାନୀ(୪୨), ସଞ୍ଜୀବ ପ୍ରଧାନୀ(୪୩) ଏବଂ ଅକ୍ଷୟ ବରମୁଲିଆ(୨୩)ଙ୍କୁ ଗିରଫ କରିଥିଲେ। ଅନ୍ୟପକ୍ଷେ ଚୋରି ଟାଙ୍କି କିଣିଥିବା ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ୨ଜଣ ବ୍ୟକ୍ତି ଅଭିମନ୍ୟୁ ମେହେର(୫୮) ଓ ଚୈତନ୍ୟ ମେହେର(୪୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ, ୩ଟି ଟାଙ୍କି ମଧ୍ୟରୁ ୨ଜଣ ଗୋଟାଏ ଲେଖାଏ ଟାଙ୍କି କିଣିଥିବା ବେଳେ ଅନ୍ୟ ଏକ ଟାଙ୍କି ନିକଟସ୍ଥ ନାଳରେ ପଡିଥିବା ଦେଖିବାକୁ ମିଳିଥିଲା।

# ବିଜ୍ଞାନ ଦ୍ୱାରା ସମାଜର ବିକାଶ ସମ୍ଭବ






ରିଷିଡା ବାପୁଜୀ ହାଇସ୍କୁଲର ଶିକ୍ଷକ ସୁଶାନ୍ତ ଦୀପ କୃତୀ ବିଜ୍ଞାନ ଶିକ୍ଷକ ଭାବେ ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି (ବାମ)। ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

- ବ୍ଲକସ୍ତରୀୟ ବିଜ୍ଞାନ ମେଳା
- ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୯୨ଟି ପ୍ରକଳ୍ପ ପ୍ରଦର୍ଶିତ

**କର୍ଲାମୁଣ୍ଡା,୧୭।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ସଭାପତି ବିଜୟ କୁମାର ପୁରୋହିତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ବିଡିଓ କିଶୋର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନେତ୍ରାନନ୍ଦ ବଡମାଲି, ରେଗେଡା ସରପଞ୍ଚ ସୁଶାନ୍ତ ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ତ୍ରିପାଠୀ, ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବାନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଓ ବିଜ୍ଞାନ ଦ୍ୱାରା ସମାଜର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏପରି କି ଧୈର୍ଯ୍ୟ ଓ କଠିନ ପରିଶ୍ରମ ଆଗକୁ ଯିବାକୁ ସାହାଯ୍ୟ କରିଥାଏ ବୋଲି କହିଥିଲେ। ରେଗେଡା ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଲଳିତ ସାହୁ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କୃତୀ ବିଜ୍ଞାନ ଶିକ୍ଷକ ସୁଶାନ୍ତ ଦୀପ, ତରୁଣ ଗହୀରଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ଏଥିରେ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ ମଧ୍ୟରୁ କନିଷ୍ଠ ବର୍ଗରେ ୩ଟି ଶ୍ରେଷ୍ଠ ପ୍ରକଳ୍ପ ଭାବେ ରେଗେଡା ଓଏଭିଏସ୍ ଛାତ୍ର ସୋମ୍ୟରଞ୍ଜନ ମାଣିକ, ସରକାରୀ ହାଇସ୍କୁଲ ରିଷିଡା ପୀୟୂଷ ରଣା, ଉନ୍ନିତ ହାଇସ୍କୁଲ ମାଲପଡ଼ା ପଦ୍ମିନୀ ସାହୁ ମନୋନିତ ହୋଇଥିବା ବେଳେ ବରିଷ୍ଠ ବର୍ଗରେ କର୍ଲାମୁଣ୍ଡା ହାଇସ୍କୁଲ ଛାତ୍ରୀ ପରମିତା ନାଏକ, ରେଗେଡା ଓଏଭିଏସ୍ ଛାତ୍ର ଦୀପକ ଗହୀର, ରେଗେଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ର ହିମାଞ୍ଚଳ ପଣ୍ଡା ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ଦିବ୍ୟଶଙ୍କର ବେଣୁଆ ସଂଯୋଜନା କରିଥିବା ବେଳେ ସତ୍ୟବାନ ମେହେର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ଲାମୁଣ୍ଡା ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଶା, ରେଗେଡା ଓ ଏଭିଏସର ଶିକ୍ଷକ ରଞ୍ଜିତ ସିଂ ଦେହୁରି, ମନୋରଞ୍ଜନ ବେହେରା, ଇତିଶ୍ରୀ ସାହୁ, ଆଶିଷ ଭୋଇ, ଗୋଲକ ଚନ୍ଦ୍ର ବେହେରା, ପ୍ରଗତୀ ମହାନ୍ତି, ସୁନୀତା ସିଂ, ସୁକାନ୍ତ ମହାରଣା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା, ସଦସ୍ୟ, ଅନ୍ୟାନ୍ୟ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## କୃଷକ ସଚେତନ ମଞ୍ଚର ପଞ୍ଚାୟତ ଚାଲ ଅଭିଯାନ ପାଇଁ ପ୍ରସ୍ତୁତି

**କୋକସରା,୧୭।୧୧(ଡି.ଏନ୍.ଏ.)**

କୋକସରା ବ୍ଲକ ସଚେତନ କୃଷକ ମଞ୍ଚର ପଞ୍ଚାୟତ ଚାଲ ଅଭିଯାନ ପ୍ରସ୍ତୁତି ବୈଠକ ଅଗ୍ରଣୀ ଚାଷୀ ବ୍ୟୋମକେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଭାପତି ଶିବ ପ୍ରସାଦ ପ୍ରଧାନୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ଆଗାମୀ କାର୍ଯ୍ୟକ୍ରମ ଆସନ୍ତା ୨୦ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ଆମପାଣି, ମୋଟେର, କୋକସରା ଜିଲା ପରିଷଦ ଜୋନ୍‌ର ସମସ୍ତ ୨୨ଟି ପଞ୍ଚାୟତରେ ବିଭିନ୍ନ ତାରିଖରେ ପ୍ରତିବାଦ ସଭା କରାଯିବ। ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନେଇ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମ୍ପାଦକ ସିଟିଜେନ୍ ଫୋରମ୍ କୋକସରା ଜଗବନ୍ଧୁ ମାଝି, ମିନିକେତନ ପ୍ରଧାନୀ, ସହଦେବ ପଟ୍ଟନାୟକ, ସଭାପତି କୋକସରା ବ୍ଲକ କରଣ ସମାଜ, ଧନେଶ୍ୱର ପଣ୍ଡା, ଲକ୍ଷ୍ମୀଧର ପୂଝାରୀ, ଗରୁଡଧ୍ୱଜ ମାଝି, ପଙ୍କଜ ପଟ୍ଟନାୟକ, ମନିଜର ପୋଡ, ତ୍ରିନାଥ ବାଗ, ନିମାଇଁ ଚରଣ ଧଙ୍ଗଡାମାଝି, ଗୋବର୍ଦ୍ଧନ ମାଝି, ଚିତ୍ରସେନ କଟା, ଧନେଶ୍ୱର ଗୋପାଳ, ନିଲାଞ୍ଚଳ ରାଉତ, କେଶରୀ ନାଏକ, ଘାସିରାମ ପଟ୍ଟଯୋଷୀ, କଳାହାଣ୍ଡି ଜିଲା ସୁନାରୀ ସମାଜର ସଭାପତି ବୁଟୁନାଥ ସରାବୁ, ଘନଶ୍ୟାମ ନାଏକ, କୋକସରା ବ୍ଲକ ଭତରା ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନୂତନ ତହସିଲଦାରଙ୍କୁ ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା



ଗୋଲାମୁଣ୍ଡାର ନୂତନ ତହସିଲଦାର ମନୀଷା ଦାସଙ୍କୁ ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ଗୋଲାମୁଣ୍ଡା,୧୭।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲର କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ମନୀଷା ଦାସଙ୍କୁ ଭାରତୀୟ ଯାଦବ ମହାସଭା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ସଭାପତି ବଳରାମ ବଗର୍ତ୍ତୀ, କଳାହାଣ୍ଡି ଯୁବ ସାଧାରଣ ସମ୍ପାଦକ ମହାଦେବ କାଣ୍ଡ, ରୁମାଞ୍ଚଳ ତେଜି, ଦିବାକର ତେଜି, ପିତାମ୍ବର ଖରସେଲ ପ୍ରମୁଖ ଫୁଲ ତୋଡା ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ତହସିଲଦାର ଦାସ ଆଗାମୀ ଦିନରେ ତହସିଲ ଏବଂ ଅଞ୍ଚଳବାସୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ସହିତ ଚଳିତ ବର୍ଷ ଦେଖାଦେଇ ମରୁଡି ସମସ୍ୟାର ମୁକାବିଲା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ଦୀର୍ଘ ଦିନ ହେଲା ଗୋଲାମୁଣ୍ଡା ତହସିଲଦାର ପଦବୀ ଖାଲି ପଡିଥିଲା। ଅତିରିକ୍ତ ତହସିଲଦାର ପ୍ରଭାସ କୁମାର ବୋଡେକ ଦାୟିତ୍ୱରେ ରହିଥିଲେ।

## ହିତାଧିକାରୀଙ୍କୁ ମିଳୁନି ଆବାସ ଘର

## ପଞ୍ଚାୟତରେ ତାଲା ପକାଇ ଆନ୍ଦୋଳନ ଚେତାବନୀ

**ଗୋଲାମୁଣ୍ଡା,୧୭।୧୧(ଡି.ଏନ୍.ଏ.)**

ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ବର୍ଗର ଗରିବ ଶ୍ରେଣୀରେ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁ ଥିବା ବେଳେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କୁହୁରା ପଞ୍ଚାୟତ ପଛୁଆ ବର୍ଗର ଜନସାଧାରଣଙ୍କୁ ଗତ ୩ ବର୍ଷ ହେଲା ଘର ଖଣ୍ଡିଏ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତବାସୀ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଗ୍ରାମବାସୀ ଆସନ୍ତା ୨୯ ତାରିଖରୁ ପଞ୍ଚାୟାତରେ ତାଲା ମାରି ଧାରଣରେ ବସିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ, ୨୦୧୬-୧୭, ୨୦୧୭-୧୮ ଏବଂ ୨୦୧୮-୧୯ ବର୍ଷରେ କୁହୁରା ପଞ୍ଚାତର ଗୋଟିଏ ହେଲେ ପଛୁଆବର୍ଗ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳି ନାହିଁ। ଗତ ୨୦୧୭-୧୮ ବର୍ଷରେ ୬୧ଟି ଘର ଆସିଥିବା ବେଳେ ସେଥିମଧ୍ୟ ମଧ୍ୟରୁ ପଛୁଆବର୍ଗଙ୍କୁ ୩୪ଟି ଘର ମିଳିବା କଥା। ତତ୍କାଳିନ ଅଧିକାରୀ ଜଣକ ହିତାଧିକାରୀ ଚୟନ କରି କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ହିତାଧିକାରୀଙ୍କ କାହାର ରେଜିଷ୍ଟ୍ରେଶନ ହୋଇନାହିଁ କି ଯୋଗ୍ୟ ହିତାଧିକାରୀ ଘର ପାଇ ନାହାନ୍ତି। ଫଳରେ ହିତାଧିକାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ହିତାଧିକାରୀମାନେ ଏକଜୁଟ ହୋଇ ଆସନ୍ତା ୧୯ତାରିଖରୁ କୁହୁରା ପଞ୍ଚାୟାତରେ ତାଲା ମାରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ନିଷ୍ପତି ନେଇଛନ୍ତି।

# ଜିଆର୍‌ଏସ୍ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ସ୍ଥାୟୀ ନିଯୁକ୍ତି ଦାବି**

**ଗୋଲାମୁଣ୍ଡା,୧୭।୧୧(ଡି.ଏନ୍.ଏ.)**

ରାଜ୍ୟ ସଂଘର ନିଷ୍ପତି କ୍ରମେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଗ୍ରାମ ରୋଜଗାର ସେବକ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବି ନେଇ ଗତ ୧୫ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନଙ୍କୁ ଏକ ଦାବି ପ୍ରଦାନ କରାଯାଇଛି। ଦୀର୍ଘ ୧୨ବର୍ଷ ହେଲା ଗ୍ରାମ ରୋଜଗାର ସେବକମାନେ ରାଜ୍ୟର ବିଭିନ୍ନ ପଞ୍ଚୟରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ସୂଚାରୁରୂପେ ତୁଲାଇଥିବା ବେଳେ ରାଜ୍ୟ ସରକାର ସେମାନଙ୍କ ଦାବିକୁ ବାରମ୍ବାର ଅଣଦେଖା କରି ଚାଲିଛନ୍ତି। ଗ୍ରାମରୋଜଗାର ସେବକ ଏବଂ ସରକାରଙ୍କର ମଧ୍ୟରେ ଚାଲିଥିବା ଟଣା ଓଟରା ମଧ୍ୟରେ ନଜସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନକୁ କିପରି ବ୍ୟାପକ କରାଯିବ ସେନେଇ ଗୋଲାମୁଣ୍ଡା ବ୍ଲକ ରୋଜଗାର ସେବକ ସଂଘ ପକ୍ଷରୁ ଗୋଲାମୁଣ୍ଡା ହର୍ଟିକଲଚର ନର୍ସରିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଲାମୁଣ୍ଡା ରୋଜଗାର ସେବକ ସଂଘର ସମସ୍ତ ଗ୍ରାମରୋଜଗାର ସେବକ ଉପସ୍ଥିତ ଥିଲେ।



ଗୋଲାମୁଣ୍ଡା ବ୍ଲକର ଗ୍ରାମ ରୋଜଗାର ସେବକ ସଂଘ ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଉଛି।

# ସାମୂହିକ ଖଳା ନିର୍ମାଣକୁ କେନ୍ଦ୍ରକରି ଗଣ୍ଡଗୋଳ: ଜଣେ ଆହତ

**ଭବାନୀପାଟଣା,୧୭।୧୧ (ଡି.ଏନ୍.ଏ.)**

ଭବାନୀପାଟଣା ସଦର ବ୍ଲକ ବୋର୍ଡା ଫାଣ୍ଡି ଅଧୀନ ଡଙ୍ଗାପଖାନ ଗାଁରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସବୁଜ ସାମୂହିକ ଖଳା ନିର୍ମାଣକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଡଙ୍ଗାପଖାନ ଗାଁର ଚାଷୀ ତରଣୀ କେତନୀଙ୍କୁ ଗୁର୍ଜୁଙ୍ଗ ପଞ୍ଚାୟତର ସମିତି ସଭ୍ୟ ଶୁକ୍ରବାର ସନ୍ଧ୍ୟାରେ ଆକ୍ରମଣ କରିଥିବା ଥାନାରେ ଏକ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଡଙ୍ଗାପଖାନ ଗାଁରେ ଚାଷୀଙ୍କ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟରେ ସାମୂହିକ ଖଳା ନିର୍ମାଣ ପାଇଁ ଶୁକ୍ରବାର କାମ ଆରମ୍ଭ ହୋଇଥିଲା। ହେଲେ ଡଙ୍ଗାପଖାନ ଗ୍ରାମର ତରଣୀ ବହୁ ବର୍ଷ ହେଲା ଉକ୍ତ ଜମିରେ ଚାଷ କରି ନିଜ ଦଖଲରେ ରଖିଥିଲେ । ସମିତି ସଭ୍ୟ ଜଣକ ଜେସିବି ମେଶିନ୍ ଲଗାଇ ଜାଗା ସଫା କରୁଥିବା ବେଳେ ତରଣୀ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସମିତି ସଭ୍ୟ ତରଣୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତରଣୀ ଆହତ ହୋଇ ବୋର୍ଡା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ବୋର୍ଡା ଫାଣ୍ଡିରେ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

# ଯୁବତୀଙ୍କୁ ଅପହରଣ: ଯୁବକ ଗିରଫ

**ଭବାନୀପାଟଣା ୧୭।୧୧(ଡି.ଏନ୍.ଏ.)**

ସଦର ଥାନା ଅଧୀନ ଫଟାପଡ଼ା ଅଞ୍ଚଳର ଜୈନେକ ଯୁବତୀଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଯୁବକ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଥୁଆମୁଲରାମପୁର ବ୍ଲକର ଭଟଗୁଡା ଗ୍ରାମର ଭୂପେନ୍ଦ୍ର ନାଏକ (୨୩)। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଭୂପେନ୍ଦ୍ରଙ୍କ ସହିତ ବିବାହ ପ୍ରସ୍ତାବ ହୋଇଥିଲା। ପରେ ଯୁବତୀଙ୍କ ପରିବାର ଲୋକେ ବିବାହ ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ଏନେଇ ଭୂପେନ୍ଦ୍ର ନଭେମ୍ବର ୪ ତାରିଖରେ ଯୁବତୀଙ୍କୁ ଅପହରଣ କରି ନେଇଥିଲା । ଏ ନେଇ ଯୁବତୀଙ୍କ ବାପା ଭବାନୀପାଟଣା ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଭୁପେନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ସବ୍ଇନ୍ସପେକ୍ଟର ଥିବୀର ବରିହା କହିଛନ୍ତି।

# ଗୋପୀନାଥପୁରରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ




ଆମ ପୋଲିସ ସମିତି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୋଲିସ ଅଧିକାରୀମାନେ।

**ଲାଞ୍ଜିଗଡ଼୧୭।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ଗୋପୀନାଥପୁର ଗ୍ରାମରେ ଆମ ପୋଲିସ ସମିତି ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ଼ ଥାନା ଆଇଆଇସି ସଞ୍ଜୟ କୁମାର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଡିଓ ବାସୁଦେବ ନାଏକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଚମ୍ପାଦେଇପୁର ସରପଞ୍ଚ ଫୁଲମତି ମାଝି, ସମିତିସଭ୍ୟ ଅଭି ମାଝି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଲୋଚନା କରାଯାଇଥିଲା। ଏପରି କି ଅସାମାଜିକ କାର୍ଯ୍ୟରେ ଲିପ୍ତ ନ ହେବାକୁ ଜନସାଧାରଣଙ୍କୁ ବୁଝାଯାଇଥିଲା। ଅନ୍ୟପକ୍ଷେ ବାଇକ୍ ଚଳାଇବା ବେଳେ ହେଲମେଟ୍ ବ୍ୟବହାର କରିବା, ଟ୍ରାଫିକ ନିୟମମାନି ଗାଡି ଚଳାଇବାକୁ ସଚେତନ କରାଯାଇଥିଲା। ପୋଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ବୈଠକରେ କୁହାଯାଇଥିଲା। କାର୍ଯ୍ୟକ୍ରମକୁ ଏସ୍ଆଇ ବ୍ରଜକିଶୋର ଦୁରିଆ ପରିଚାଳନା କରିଥିବା ବେଳେ ଏସ୍ଆଇ ରମାରମଣି ମିଶ୍ର ଓ ଥାନାର କର୍ମଚାରୀ ସହଯୋଗ କରିଥିଲେ। ଆମ ପୋଲିସ ସଚେତନା କାର୍ଯ୍ୟକ୍ରମ ପ୍ରତ୍ୟେକ ମାସରେ ଅନୁଷ୍ଠିତ ହେବ ବୋଲି ଆଇଆଇସି ମଣ୍ଡଳ ପ୍ରକାଶ କରିଛନ୍ତି।

## ଜୁନାଗଡ଼ ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗିତା

**ଜୁନାଗଡ,୧୭।୧୧(ସ୍ୱ.ପ୍ର.)**

ଜୁନାଗଡ଼ ହାଇସ୍କୁଲଠାରେ ସ୍ଥାନୀୟ ଏକ୍ସିସ ବ୍ୟାଙ୍କ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ତପନ କୁମାର ବେହେରା ପ୍ରବନ୍ଧ ଓ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବର୍ଷା ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧରେ ସ୍ନେହା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନରେ ଦେବେନ୍ଦ୍ର ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ସଭାରେ ବ୍ୟାଙ୍କ ଶାଖା ପରିଚାଳକ ପ୍ରଦୋଷ ରଥ, ସହ ପରିଚାଳକ ଦିବାକର ପଣ୍ଡା, ସ୍କୁଲ ପକ୍ଷରୁ ଶିକ୍ଷକ ଦେବରାଜ ଗହିର, ସଧୀର ବେହେରା, ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଜୁନାଗଡ଼ରେ କପା କ୍ରୟ ବିକ୍ରୟ କର୍ମଶାଳା

**ଜୁନାଗଡ,୧୭।୧୧(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ଼ ସହର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ଶନିବାର ଧର୍ମଗଡ଼ ଉପଖଣ୍ଡସ୍ତରୀୟ- ୨୦୧୮ କପା କ୍ରୟ ବିକ୍ରୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀ, କୃଷି ବିଭାଗ କର୍ମଚାରୀ, ଆର୍‌ଏମ୍‌ସି କର୍ମଚାରୀ ଏବଂ କପା ବ୍ୟବସାୟୀମାନେ ଯୋଗ ଦେଇଥିଲେ। ଜୁନାଗଡ଼ ଆର୍‌ଏମ୍‌ସି ସମ୍ପାଦକ ବସନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କପା ବିଶେଷଜ୍ଞ ନାରାୟଣ ଉପାଧ୍ୟାୟ, ଧର୍ମଗଡ଼ କୃଷିଜିଲା ଅଧିକାରୀ ଜଗନ୍ନାଥ ନନ୍ଦ, ଭବାନୀପାଟଣା ଆର୍‌ଏମ୍‌ସି ସମ୍ପାଦକ ତୁମ୍ବେଶ୍ୱର ଗଉଡ, ଜୁନାଗଡ଼ ଭାରପ୍ରାପ୍ତ କୃଷି ଜିଲା ଅଧିକାରୀ ନୌକେଶ୍ୱର ନାଗ, ଜୁନାଗଡ଼ ସହକାରୀ କୃଷି ଅଧିକାରୀ ଗଜାନନ ସାହୁ, ଜୟପାଟଣା ସହକାରୀ କୃଷି ଅଧିକାରୀ ଏମ୍ ପ୍ରକାଶ ରାଓ, ଗୋଲାମୁଣ୍ଡା ସହକାରୀ କୃଷି ଅଧିକାରୀ ନିହାର ନାଏକ, ଆର୍‌ଏମ୍‌ସି ସଭ୍ୟ କାଳୀ ପ୍ରସାଦ ରାୟଗୁରୁ, ଦୁଷ୍ମନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କିଭଳି ଭାବେ କପାର କ୍ରୟ ବିକ୍ରୟ ହୋଇପାରିବ ସେନେଇ ଅବଗତ କରିଥିଲେ। ଏପରି କି କପା ଚାଷୀ କିପରି ଉପକୃତ ହୋଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା।



ଜୁନାଗଡ଼ ଆର୍‌ଏମ୍‌ସି ପରିସରରେ ଅନୁଷ୍ଠିତ କପା କ୍ରୟ ବିକ୍ରୟ କର୍ମଶାଳାରେ ଉପସ୍ଥିତ କୃଷି ଅଧିକାରୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର

କେସିଙ୍ଗା,୧୭।୧୧(ଡି.ଏନ.ଏ)

କେସିଙ୍ଗା ପଞ୍ଚାୟତ ସମିତି ଆନୁକୂଲ୍ୟର ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ଜନଶୁଣାଣି ଶିବିର ପଞ୍ଚାୟତ ସମିତି ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ(ଯାନ୍ତ୍ରିକ) ଋଷିକେଶ ଦଣ୍ଡସେନା ଯୋଗଦେଇଥିଲା। ଶିବିରରେ କେସିଙ୍ଗା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହୋଇଥିବା ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ କେବିକେ ଯୋଜନା, ପୋଖରୀ ଖନନ, କଂକ୍ରିଟ ରାସ୍ତା ନିର୍ମାଣ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଯୋଜନା ମାଧମରେ ଗ୍ରାମାଞ୍ଚଳର ବିକାଶ ନେଇ ବଭିନ୍ନ କାର୍ଯ୍ୟ କରିବାକୁ ଶିବିରରେ ନିଷ୍ପତି ନିଆଯାଇଥିଲା। କେସିଙ୍ଗା ବିଡିଓ ଭୀମସେନ ଶବରଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶ୍ରମିକମାନେ ଆସି ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ କେସିଙ୍ଗା ବ୍ଲକର ସମସ୍ତ ଅଫିସର, ବ୍ଲକ ଅଧକ୍ଷା ସୁକାନ୍ତି ବେହେରା, ଉପାଧକ୍ଷ ରଜନୀ ପୋଡ଼, ପିଇଓ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

### କୁସୁମଯୋରରେ ଲକ୍ଷ୍ମୀପୂଜା

ସିନାପାଲି ୧୭।୧୧(ଡି.ଏନ୍.ଏ.)- ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅଧୀନ କୁସୁମଯୋର ଗ୍ରାମରେ ଅଁଳା ନବମୀ ଅବସରରେ ସପ୍ତମ ସାର୍ବଜନୀନ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଗୁରୁବାର ଅପରାହ୍ନରେ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ପୋଖରୀରୁ କଳସରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କେଶବ ରାଉତ ଏବଂ ତାଙ୍କ ସ୍ତ୍ରୀ ସରିତା ରାଉତ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଧ୍ରୁବଚରଣ ଷଡଙ୍ଗୀ ଏବଂ ତାଙ୍କ ସାଥୀ ବସନ୍ତ ଷଡଙ୍ଗୀ ପୂଜା ନିର୍ବାହ କରୁଛନ୍ତି। ପ୍ରତ୍ୟେକ ରାତ୍ରିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ରବିବାର ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ରାହୁଲ ରାଉତ, ଚୂଡାମଣି ନାଏକ, କେଶବ ରାଉତ, ଶ୍ୟାମସୁନ୍ଦର ନାଏକ, ତୁଳସୀ ରାଉତ, ରବୀନ୍ଦ୍ର ରାଉତ, ଛୋଟେଲାଲ ନାଗ, କଳାକାହ୍ନୁ ନାଗ, ରାମେଶ୍ୱର ନାୟକ, ବଂଶୀଧର ରାଉତ ପ୍ରମୁଖ ସହଯୋଗ କରୁଛନ୍ତି।

# ରାଜ୍ୟସ୍ତରୀୟ ଶିଶୁ ନାଟକ, ନୃତ୍ୟ ମହୋତ୍ସବ

ଭବାନୀପାଟଣା,୧୭।୧୧(ଡି.ଏନ୍.ଏ.)

ଭବାନୀପାଟଣା ସହରସ୍ଥିତ ସଙ୍ଗମ୍ ଅନୁଷ୍ଠାନ ପକ୍ଷରୁ ଲେଖକ କଳା ପରିଷଦଠାରେ ଶୁକ୍ରବାର ସନ୍ଧ୍ୟାରେ ପଞ୍ଚମ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସଙ୍ଗମ ସଭାପତି ରାଜେନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗ ଦେଇଥିଲେ। ଶୁଭ୍ରାଂଶୁ ଶେଖର ନନ୍ଦ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭା ପରେ ପୋଲିସ ରିଜର୍ଭ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଛାତୀଛାତ୍ରୀମାନଙ୍କ ଦ୍ୱାରା ନାଟକ ସିଦ୍ଧାର୍ଥ ମଞ୍ଚସ୍ଥ ହୋଇଥିଲା। ନେପାଳି ନାଟ୍ୟକାର ଶିବ ଅଧିକାରୀଙ୍କ ମୂଳ ଲେଖାକୁ ଅନୁବାଦ କରିଥିଲେ ସିଦ୍ଧାନ୍ତ କୁମାର ନନ୍ଦ। ନିର୍ଦ୍ଦେଶିକା ଜ୍ୟୋତିରାଣୀ ଦାସଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକର ସଙ୍ଗୀତ ନିର୍ଦ୍ଦେଶକ ଅଜୟ କୁମାର, କଣ୍ଠଶିଳ୍ପୀ ପ୍ରୀତି ପଟ୍ଟନାୟକ, ମଞ୍ଚସଜ୍ଜା ରଘୁନାଥ ଠାକୁର ଓ ରୂପସଜ୍ଜା କରିଥିଲେ ନରସିଂହ ମାଝି ଓ କୁଞ୍ଜନ ସିଂ। ପକ୍ଷୀ ସୁରକ୍ଷା ଉପରେ ଆଧାରିତ ଏହି ଶିଶୁ ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପରେ ନୃତ୍ୟ ପ୍ରିଯୋଗିତା ହୋଇଥିଲା। ଅଧାପକ ପରମେଶ୍ୱର ମୁଣ୍ଡ, ନିମାଇଁ ଚରଣ ପାଣି, ଡ.ଉମେଶ ଚନ୍ଦ୍ର ଶତପଥୀ ବିଚାରକ ଭାବେ ରହିଥିଲେ। ଚକ୍ରଧର ମହାରଣା, ଜୟଦେବ ବାଗ, ଦୁର୍ବାଦଳ ସୁନା, ବିକାଶ ଧଙ୍ଗଡାମାଝି, ଜଗବନ୍ଧୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶନିବାର ରାଉରକେଲାର ଗାନ୍ଧୀ ମଣିଷ, ଭବାନୀପାଟଣାର ଇନ୍ଦ୍ରାବତୀର କଥା, ସଂଯମ ଓ ଚରଚରା ନାଟକ ମଞ୍ଚସ୍ଥ ହୋଇଥିବା ଆୟୋକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିଙ୍କ ଗହଣରେ ଶିଶୁ କଳାକାର।

## ମଦ ଦୋକାନରେ ଚଢାଉ, ବ୍ୟାପକ ମଦ ଜବତ

ନୂଆପଡା ଅଫିସ/ ସିନାପାଲି, ୧୭।୧୧

ସିନାପାଲି ଥାନା ପୋଲିସ ସ୍ଥାନୀୟ ହାତୀବନ୍ଧା ଗାଁରେ ଏକ ଦୋକାନରେ ଚଢାଉ କରି ବ୍ୟାପକ ପରିମାଣର ଦେଶୀ ବିଦେଶୀ ମଦ ଜବତ କରିଛି। ଏହା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ହାତୀବନ୍ଧା ଗାଁର ଦେବାର୍ଚ୍ଚନ ମେହେର ନାମକ ଜନୈକ ଯୁବକଙ୍କ ଦୋକାନ ଉପରେ ପୋଲିସ ଅତର୍କିତ ଚଢାଉ କରିଥିଲା। ସେଠାରୁ ୭୪ଓଏସ ପାଉଚ, ୪୭ବୋତଲ ବିଦେଶୀ ମଦ, ଗୋଟିଏ ଫ୍ରିଜର, ଟେବୁଲ କରି ମୋଟ ମୋଟ ୧୪ହଜାର ୮ଶହ ମିଲି ଦେଶୀ ଏବଂ ୧୯ହଜାର ୬୫୦ମିଲି ପରିମାଣର ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଅବକାରୀ ଆଇନର ଧାରା ୪୭(କ)ରେ (୨୪୭/୧୮)ମାମଲା ରୁଜୁ କରି କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ଜ୍ୟୋତିରଞ୍ଜନ ଗଉଡଙ୍କ ସୂତ୍ରରୁ ପ୍ରକାଶ।

## କଳମପୁରରେ ଗୀତା ଜ୍ଞାନ ଯଜ୍ଞ

କଳମପୁର,୧୭।୧୧(ଡି.ଏନ୍.ଏ.)

ପବିତ୍ର କାର୍ତ୍ତିକ ମାସ ଅବସରରେ କଳାହାଣ୍ଡି ଜିଲା କଳମପୁର ନିର୍ମାଲ୍ୟକ୍ଷେତ୍ର ପରିସରରେ ଭଗବଦ୍ ଚେତନା ପରିଷଦ ଆନୁକୂଲ୍ୟରେ ଗତ ୨୫ତାରଖରୁ ସାସେ ଧରି ଗୀତା ଜ୍ଞାନ ଯଜ୍ଞ ଚାଲିଛି। ଯଜ୍ଞରେ ପ୍ରତ୍ୟହ ସକାଳେ ଭଗବଦ୍ ପୂଜନ ଓ ଗୀତା ପାଠ କାର୍ଯ୍ୟକ୍ରମ ହେଉଥିବା ବେଳେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଛି। ଝାରଖଣ୍ଡରୁ ଆସିଥିବା ସ୍ୱାମିନୀ ସଂଯୁକ୍ତାନନ୍ଦ ସରସ୍ୱତୀ ଏବଂ ଋଷିକେଶ କୈଳାଶ ଆଶ୍ରମରୁ ଆସିଥିବା ସ୍ୱାମୀ ଆନନ୍ଦ ସ୍ୱରୁପାନନ୍ଦ ସରସ୍ୱତୀ ପ୍ରବଚନ ପ୍ରଦାନ କରୁଛନ୍ତି। ଏହି ଅବସରରେ ଶନିବାର ଆନ୍ତଃ ବିଦ୍ୟାଳୟ ଗୀତା ଜ୍ଞାନ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ୫ଟି ବିଦ୍ୟାଳୟର ୫୮ଜଣ ପ୍ରତିଯୋଗୀ ଗୀତା ଆବୃତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବରିଷ୍ଠ ବିଭାଗରେ ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟର ତୃପ୍ତିରେଖା ନାଏକ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଲିଭା ସାହୁ ଦ୍ୱିତୀୟ, ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟର ଟିକେମଣି ନାଏକ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପୂର୍ଣ୍ୟତୋୟା ପ୍ରଧାନ, ପିୟୁଷ ସାହୁ ଏବଂ କୁମକୁମ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଭଗବଦ୍ ଚେତନା ପରିଷଦର ସଭାପତି ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସ୍ୱାମୀ ଆନନ୍ଦ ସ୍ୱରୁପାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ଆଦିତ୍ୟ ପ୍ରଶାଦ ମିଶ୍ର, ବ୍ୟୋମକେଶ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ମହେନ୍ଦ୍ର ନାଥ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିନୋଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭଗବଦ୍ ଚେତନା ପରିଷଦର କର୍ମକର୍ତ୍ତା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ଆଟିଗାଁ ପଞ୍ଚାୟତରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଜୁନାଗଡ,୧୭।୧୧(ଡି.ଏନ୍.ଏ)

ଜୁନାଗଡ଼ ବ୍ଲକ ଆଟିଗାଁ ପଞ୍ଚାୟତରେ ଶନିବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁବାହିନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୧୫ଜଣ ଛାତ୍ରୀଛାତ୍ର, ଯୁବତୀ, ଯୁବକ ଭାଗନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠର କର୍ମକର୍ତ୍ତାଙ୍କ ଦ୍ୱାରା ଗାୟତୀ ଭଜନ, ମନ୍ତ୍ର ଗାନ କରାଯାଇଥିଲା। ଆଟିଗାଁ ସପ୍ତପଲ୍ଲୀ ବିଦ୍ୟାପୀଠ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବନେତା ତଥା ଜୁନାଗଡ଼ ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ ଯୋଗଦେଇ କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ଲୁକାୟିତ ପ୍ରତିଭାଙ୍କୁ ଆଗକୁ ଅଣାଯାଇ ପାରିବ। ଏପରି କି ଯୁବଶକ୍ତି ଜାଗ୍ରତ ହୋଇ ଭବିଷ୍ୟତ ଗଠନ କରିପାରିବେ ବୋଲି କହିଥିଲେ। ବିଜୁ ଯୁବବାହିନୀ ମାଧ୍ୟମରେ ପଞ୍ଚାୟତର ବିକାଶ ହୋଇପାରିବ ବୋଲି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଟିଗାଁ ସରପଞ୍ଚ ହିମାଦ୍ରୀ ମାଝି, ସ୍ଥାନୀୟ ବିଜୁ ବାହିନୀ ସଭାପତି ଦୀପକ ସରାଫ, ୱାର୍ଡମେମ୍ବର ୠଣ୍ଣ ଦଣ୍ଡସେନା, ରମଣୀକାନ୍ତ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଆଟିଗାଁ ସପ୍ତପଲ୍ଲୀ ବିଦ୍ୟାପୀଠ ନୋଡାଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ହରବଜନ ନାଏକ ମୁଁ ହିରୋ ଭାବେ ମନୋନୀତ ହୋଇଥିଲେ।

## ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନୂଆପଡ଼ା ଅଫିସ, ୧୭।୧୧

ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରିକେଟ ସଂଘ ତରଫରୁ ୧୬ ରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜିଲାର ମୋଟ ୧୦ଟି ହାଇସ୍କୁଲର ବଛାବଛା କ୍ରିକେଟ ଟିମ ଅଂଶଗ୍ରହଣ କରୁଥିବା ଜଣାପଡିଛି। ଏମାନଙ୍କୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇ ପରସ୍ପର ମଧ୍ୟରେ ଲିଗ ରାଉଣ୍ଡ ମ୍ୟାଚ ହୋଇ ୨୨ରେ ଫାଇନାଲରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବେ ବୋଲି ଜଣାପଡିଛି। ଶୁକ୍ରବାର ୨ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ରିଆମାଳ ହାଇସ୍କୁଲ ଏବଂ ଟାଉନ ହାଇସ୍କୁଲ ମଧ୍ୟରେ ହୋଇଥିଲା। ୨୦ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ରିଆମାଳ ହାଇସ୍କୁଲ ଟସ୍ ଜିଣି ଫିଲ୍ଡିଂ ନେଇଥିଲା। ଟାଉନ ହାଇସ୍କୁଲ ଆରମ୍ଭ କରି ୧୭୪ ରନ୍ ସଂଗ୍ରହ କରିଥିଲା। ଜବାବରେ ରିଆମାଳ ହାଇସ୍କୁଲ ୧୩.୫ରେ ସମସ୍ତ ଉଇକେଟ ହରାଇ ୭୭ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ବାରକୋଟ ଜୋନ୍ ୩ ଏବଂ ତିଲେଇବଣି ଜୋନ-୨ ମଧ୍ୟରେ ଖେଳ ହୋଇଥିଲା। ତିଲେଇବଣି ଜୋନ-୨ ଟସ୍ ଜିଣି ଫିଲ୍ଡିଂ ନେଇଥିଲା । ବାରକୋଟ ଜୋନ୍ ୩ ବ୍ୟାଟିଂ କରି ୨୦ ଓଭରରେ ୧୧୮ ରନ୍ ସଂଗ୍ରହ କରିଥିଲା । ଜବାବରେ ତିଲେଇବଣି ଜୋନ-୨ ୮ ଉଇକେଟ ହରାଇ ୧୧୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଉପରୋକ୍ତ ମ୍ୟାଚ ଗୁଡିକୁ ଜୟନାରାୟଣ ସାହୁ ଓ ସୁବ୍ରତ ସାହୁ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିବାବେଳେ ସୁମନ ବେହେରା, ସୁନିଲ ନାୟକ, ତପନ ମାଝୀ ସ୍କୋରର ଦାୟୀତ୍ୱ ତୁଲାଇଥିଲେ। ବେଣୁଧର ଗଡନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଡିଏସଓ ଚନ୍ଦନ ସାହୁ, ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର ନାୟକ, ବିସିସି ସଭାପତି ନବୀନ ପାଣି, ଦେବଗଡ କ୍ରିକେଟ ଏସୋସିଏସନ୍‌ର ସମ୍ପାଦକ ସୁଜିତ କୁମାର ପ୍ରଧାନ, ଆଇନଜୀବୀ ଦିଲୀପ ଗୁରୁ, ଜିଲା କ୍ରୀଡା ନୀରିକ୍ଷକ ବାତ୍ସଲ୍ୟ ବିଶ୍ୱାଳ, ଅଜିତ ମୋଦୀ, ସନ୍ତୋଷ ଦେବତା, ପତିତପାବନ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦଘାଟନ କରି ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ।

## ଲଖନାରେ ବିଜୁ ବାହିନୀ ବୈଠକ

### ଖେଳ ସାମଗ୍ରୀ ବଣ୍ଟନ

ନୂଆପଡା ଅଫିସ, ୧୭।୧୧

ଏହି ଜିଲା କୋମନା ବ୍ଲକ ଲଖନା ଗ୍ରାମପଞ୍ଚାୟତ ଭବନରେ ବିଜୁ ଯୁବ ବାହିନୀର ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସ୍ଥାନୀୟ ଯୁବକମାନଙ୍କୁ ବିଭିନ୍ନ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବିଜୁ ଯୁବବାହିନୀର ସଭାପତି ସେହେବାଜ ହୁସେନ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ପୂର୍ବତନ ସରପଞ୍ଚ ବିଦ୍ୟାଧର ଶବର ମୁଖ୍ୟ ଅତିଥି, ସାମାଜିକ କର୍ମୀ ପୁରୋହିତ ସୁନାନୀ, ଲଖନା ସମିତି ସଭ୍ୟ ଫାରୁକ ମହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବବାହିନୀର ସଭାପତି ସେହେବାଜ ହୁସେନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଯୁବ ସଙ୍ଗଠନଗୁଡିକୁ ମଜବୁତ କରି ଗ୍ରାମପଞ୍ଚାୟତର ଉନ୍ନତି ସକାଶେ ସମର୍ପଣ ଭାବ ରଖିବାକୁ ପରାମର୍ଶ କରିଥିଲେ। ଏହି ଅବସରରେ ଯୁବକମାନଙ୍କୁ ଟୋପି ଏବଂ ଟି-ସାର୍ଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଯୁବକ ଯୋଗଦେଇଥିଲେ।



ବିଜୁ ଯୁବବାହିନୀର କର୍ମକର୍ତ୍ତାଙ୍କ ସହ ଯୁବକମାନେ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ନୂଆପଡା ଅଫିସ, ୧୭।୧୧

ସ୍ଥାନୀୟ ସରକାରୀ ଉନ୍ନତୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧାରମଣ ଯୋଷୀ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟିକେଶ୍ୱର ସାହୁ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ଲାଲାରାମ ସାହୁ, ଚିନ୍ତାମଣୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ମୋଟ ୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କୌସ୍ତୁଭ ସା, ଜଗନ୍ନାଥ ଗଜେନ୍ଦ୍ର ସିଂ, ରୁନିପମା ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟାଳୟ କ୍ରୀଡ଼ା ପାଇଁ ଉପଯୁକ୍ତ ସୁଯୋଗ ଦିଏ

### ଜିଲାସ୍ତରୀୟ କ୍ରିକେଟ

- ବ୍ୟାଡମିଣ୍ଟନ ପ୍ରତିଯୋଗିତା
- ସିନାପାଲି ଦଳ କ୍ରିକେଟରେ ଚାମ୍ପିୟନ

ନୂଆପଡା ଅଫିସ,୧୭।୧୧

କ୍ରୀଡା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଅଭିନ୍ନ ଅଙ୍ଗ। କ୍ରୀଡା ଦ୍ୱାରା ଶାରିରୀକ ଏବଂ ମାନସିକ ବିକାଶ ସମ୍ଭବ ହୋଇଥାଏ। ବିଦ୍ୟାଳୟ ହିଁ ଉପଯୁକ୍ତ କ୍ରୀଡାବିତ ସୃଷ୍ଟି କରିଥାଏ। ବିଦ୍ୟାଳୟ କ୍ରୀଡା ସକାଶେ ଉପଯୁକ୍ତ ବାତାବରଣ ଏବଂ ସୁଯୋଗ ଦେଇଥାଏ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ମିନିଷ୍ଟାଡିୟମରେ ଆୟୋଜିତ ୭ମ ଜିଲାସ୍ତରୀୟ କ୍ରିକେଟ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଥିଲେ।

ଆଜିକୁ ଦୁଇ ଦିନ ଧରି ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଶନିବାର ଉଦ୍‌ଯାପନୀ ଦିବସ ଥିଲା। ପୂର୍ବାହ୍ନ ୧୧ଟାବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିଲେ। ରାଜ୍ୟ କ୍ରିକେଟ ଆସୋସିଏସନ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ବିଶେଷ ଅତିଥି, ବ୍ଲକ ଶିକ୍ଷାଧିକାରୀ ରେଶମ ଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ କ୍ରିକେଟ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ କୃତୀତ୍ୱ ରଖିଥିବା ଖେଳାଳି ଏବଂ ଦଳଗୁଡିକୁ ପୁରସ୍କୃତ କରାଯାଇଥିଲା। କ୍ରିକେଟରେ ସିନାପାଲି ବ୍ଲକ ଚାମ୍ପିୟନ ହୋଇଥିବାବେଳେ ଖଡିଆଳ ଦଳ ରନର୍ସ ଅପ ହୋଇଛି। ଏହିଭଳି ବ୍ୟାଡମିଣ୍ଟନ ସିଙ୍ଗଲ୍ସରେ ଖଡିଆଳ ଦଳର ଅମନ ବିଶି ଚାମ୍ପିୟନ, କୋମନା ଦଳର ପରବେଜ ରନର୍ସ ଅପ ହୋଇଥିବାବେଳେ ଡବଲ୍ସରେ କୋମନା ଦଳର ପରବେଜ ଖାନ ଏବଂ ଜୟପ୍ରକାଶ ସାହୁ ଚାମ୍ପିୟନ ହୋଇଥିବାବେଳେ ରନର୍ସ ଅପ ଭାବେ ଖଡିଆଳ ଦଳର ଅମନ ବିଶି ଏବଂ ଆଦିତ୍ୟ ପଣ୍ଡା ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଅତିଥିମାନେ ଉପସ୍ଥିତ କ୍ରୀଡାବିତମାନଙ୍କୁ ଆଗକୁ ବହୁ ଚଳାପଥ ରହିଛି । ପାଠ ସହ ଖେଳକୁ ମଧ୍ୟ ଗୁରୁତ୍ୱ ଦେଇ ନିଜ ଜିଲା ତଥା ରାଜ୍ୟର ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ବିଦ୍ୟାଳୟ ହିଁ ଖେଳାଳିମାନଙ୍କୁ ଆବଶ୍ୟକ ସୁଯୋଗ ଦେଇଥାଏ । ତେଣୁ କରି ଶିକ୍ଷକ ବନ୍ଧୁମାନେ ଏଥିରେ ପିଲାମାନଙ୍କୁ ମନୋନିବେଶ କରିବାକୁ ଆହ୍ୱାନ କରିଥିଲେ । ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ଯୋଗଦେଇଥିବା କ୍ରୀଡାଶିକ୍ଷକମାନେ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ତଥା ଜିଲା କ୍ରୀଡା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ନ୍ୟାସନାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶୁକ୍ରୁବାଗ ମଞ୍ଚ ପରିଚାଳନା କରିଥିଲେ।



ଜିଲା କ୍ରିକେଟ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ବୃନ୍ଦ।



ଚାମ୍ପିୟନ ଟିମ୍ ସହ ଅତିଥି ଓ ଅନ୍ୟମାନେ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



**ସଂକ୍ଷେପରେ**

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଭାଇ ଗିରଫ

**ଲୋଇସିଂହା,୧୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଛେଲବାହାଲ ଗ୍ରାମର ବିନୋଦ ପାତ୍ର(୨୫)ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଆଗଲାପାଲି ଗ୍ରାମର କୁନା ପାଣିଗ୍ରାଣୀ ଏବଂ ତାଙ୍କ ଭାଇ ମୁନା ଏକ ଟାଙ୍ଗିଆ ଆକ୍ରମଣରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗଣ୍ଡଗୋଳ ସମୟରେ ଛଡାଇବାକୁ ଯାଇ ବାହାନ ପଧାନ ନାମକ ଜଣେ ବ୍ୟକ୍ତି ମଧ ଆହତ ହୋଇଛନ୍ତି। ଗୁରୁତର ବିନୋଦଙ୍କ ବାପା ମନକର ପାତ୍ରଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ଥାନା ପୋଲିସ ଏକ ମାମଲା ରୁଜୁ କରିଛି । ଏହି ଘଟଣାରେ ଆକ୍ରମଣକାରୀ ଦୁଇ ଭାଇଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନାମତେ, ଛେଲବାହାଲଗ୍ରାମର ମନକର ପଧାନ ଓ ଅଗଲାପାଲି ଗ୍ରାମର ଶୁକଦେବ ପାଣିଗ୍ରାହୀଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦ ରହିଛି । ଗତ ୯ ତାରିଖ ମଧ୍ୟାହ୍ନରେ ମନକରଙ୍କ ପୁଅ ବିନୋଦ ଜମିକୁ ଗାଈ ଚରାଇବାକୁ ଯାଇଥିଲେ । ଏହି ସମୟରେ ଶୁକଦେବ ଓ ତାଙ୍କ ଦୁଇପୁଅ କୁନା ଏବଂ ମୁନା ଅମଳ ଧାନକୁ ଖଳାକୁ ବୋହୁଥିଲେ । ବିନୋଦଙ୍କୁ ଏକାକୀ ଦେଖି ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଚୋଟ ବାଜିବାରୁ ବିନୋଦ ତଳେ ପଡିଯାଇଥିଲେ । ଏହି ସମୟରେ ଛେଲବାହଲର ବାହନ ପଧାନ ଓ କେତେକ ବ୍ୟକ୍ତି ଏହି ରାସ୍ତାରେ ଯାଉଥିବା ସମୟରେ ଛଡାଇବାକୁ ଉଦ୍ୟମ କରିଥିଲେ । ଏଥିରେ ବାହାନଙ୍କ ଡାହାଣ ହାତ ଭାଙ୍ଗି ଯାଇଛି। ଗୁରୁତର ବିନୋଦଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

## ଗାଁସାଥୀ ସଂଘର ବିକ୍ଷୋଭ, ଧାରଣା

**ଝାରସୁଗୁଡା ଅଫିସ,୧୭।୧୧:** ଏକାଧିକ ଦାବି ନେଇ ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଝାରସୁଗୁଡା ଶାଖା ତରଫରୁ ଶନିବାର ଦିନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆଗରେ ଧାରଣା ଓ ବିକ୍ଷୋଭ କରିଥିଲେ। ଡିଆରଡିଏ ତରଫରୁ ବିଡିଓ ଏବଂ ଅନ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରି ଗାଁସାଥୀଙ୍କୁ ସେମାନଙ୍କ ପକ୍ଷ ରଖିବାକୁ ସୁଯୋଗ ଦେବା, ନୂତନ ନୀତିନିୟମ ଅନୁସାରେ ଗାଁସାଥୀଙ୍କୁ ବ୍ଲକସ୍ତରରେ ମନରେଗାର ସମସ୍ତ ପ୍ରଶିକ୍ଷଣ ଦେବା ପ୍ରମୁଖ ଦାବି ପୂରଣ ପାଇଁ ଡିଆରଡିଏ ଅଫିସ ସମ୍ମୁଖରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

■ କୃଷି ଉପଦେଷ୍ଟା କମିଟି ବୈଠକ

# ଚକଡ଼ା ନେଇ ଉଦ୍‌ବେଗ

**ବୀରମହାରାଜପୁର, ୧୭।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କୃଷକ ଉପଦେଷ୍ଟା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏହାର ଅଧକ୍ଷା ବନିତା ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଆୟୋଜିତ ବୈଠକରେ ଯୋଗଦେଇଥିବା ଚାଷୀ ପ୍ରତିନିଧିମାନେ ଚକଡା ପୋକର ପ୍ରାଦୁର୍ଭାବ ଓ କ୍ଷତିଗ୍ରସ୍ତ ଧାନ ଚାଷକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଶାସନର ଆଶୁ ହସ୍ତକ୍ଷେପ ଲୋଡିଥିଲେ। ଏ ନେଇ ସହକାରୀ କୃଷି ଅଧିକାରୀ ତଥା ବିଟିଟି କନ୍‌ଭେନର କାଳିନ୍ଦୀ ପରିଡା ବିଭାଗୀୟ ତଥା ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆର୍କଷଣ କରାଯାଇଥିବା କହିଥିଲେ। ପ୍ରାକୃତିକ ଦୁର୍ବିପାକ, ଜଙ୍ଗଲୀ ପ୍ରାଣୀଙ୍କ ଦ୍ୱାରା ହେଉଥିବା ଫସଲଜନିତ କ୍ଷତି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ସରକାରୀ ସହାୟତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବୈଠକରେ ସୁବର୍ଣ୍ଣପୁର ଜିଲା ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶିକା ମିତାଲି ମଧୁମିତା ବିଶ୍ୱାଳ ରବିଋତୁରେ ଧାନ, ସୋରିଷ ତଥା ଆନୁସଙ୍ଗିକ ଚାଷ ଉପରେ ଆଲୋକପାତ କରିଥିଲେ। ବୀରମହାରାଜପୁର ପ୍ରାଣୀ ଚକିତ୍ସା ଅଧିକାରୀ ଡା. ସୁବ୍ରତ ପୁରୋହିତ ଗୋ ପାଳନ ଏବଂ ସହକାରୀ ମତ୍ସ୍ୟ ଅଧିକାରୀ ମୁନୁ ଧଳ ମାଛ ଚାଷ ନିମନ୍ତେ ଉପଲବ୍ଧ ହେଉଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସଭ୍ୟ ଶ୍ୟାମସୁନ୍ଦର ପଧାନ, ନରୋତ୍ତମ ପଧାନ, ପ୍ରହଲ୍ଲାଦ ହୋତା, ଶାନ୍ତିଲତା ପାତ୍ର ଓ ଅହଲ୍ୟା କର୍ଣ୍ଣ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହକାରୀ ବୈଷୟିକ ସହାୟକ ମିନକେତନ ମହାକୁର ସଭା ପରିଚାଳନା କରିଥିବା ବେଳେ ଏଟିଏମ୍ ନାରାୟଣ ମିଶ୍ର ସହଯୋଗ କରିଥିଲେ।



କୃଷି ଉପଦେଷ୍ଟା କମିଟି ବୈଠକ ମଞ୍ଚାସୀନ କୃଷି ବୈଷୟିକ ଅଧିକାରୀ।

# ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ ଜବତ

## ବନ ବିଭାଗର ଅତର୍କିତ ଚଢ଼ାଉ, ଜଣେ ଗିରଫ

**ବଲାଙ୍ଗୀର ଅଫିସ, ୧୭।୧୧**

ବଲାଙ୍ଗୀର ଡିଏଫଓ ସମୀର କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ରେଞ୍ଜ ଅଫିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଶନିବାର ବଜରଙ୍ଗନଗର (ବିହାରୀପଡା)ର ରାଜୁ ଶର୍ମା (୩୨) ନାମକ ଜଣେ ବ୍ୟକ୍ତିଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରୁ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ୍ କାଠ ଓ ପଟା ଜବତ୍ ହୋଇଛି। ବେଆଇନ୍ କାଠ କାରବାରରେ ରାଜୁ ଶର୍ମାଙ୍କୁ ବନବିଭାଗ ସ୍କ୍ୱାର୍ଡ ଗିରଫ କରିଛି । ସହର ଭିତରେ ସୁରୁଖୁରୁରେ ବେଆଇନ୍ କାଠ କାରବାର କରୁଥିବା ରାଜୁ ଶର୍ମାଙ୍କ ଘରେ ଶନିବାର ସକାଳେ ଅତିର୍କିତ ଚଢ଼ାଉ କରାଯାଇଥିଲା । ସେଠାରୁ ପ୍ରାୟ ୧୫୦ ସିଏଫ୍‌ଟି କାଠ ଜବତ କରାଯାଇଥିଲା । ଜବତ୍ କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି । ଜବତ୍ କାଠରେ ଶାଳ, ଶାଗୁଆନ, ବିଜା କାଠ ସହ କାଠ କଟା ମେଶିନ୍ ଜବତ କରାଯାଇଥିଲା । ଏହି ଚଢ଼ାଉରେ ବଲାଙ୍ଗୀର ରେଞ୍ଜ ଅଫିସର ବିଜୟ କୁମାର ଖୁଣ୍ଟିଆ, ଫରେଷ୍ଟର ବ୍ୟାସଦେବ ସାହୁ, ଧ୍ରୁବଚରଣ ବଗର୍ତ୍ତୀ, ଭାଗବତ ଦାଶ, ଫରେଷ୍ଟ ଗାର୍ଡ ଅଶୋକ କୁମାର ସେଠ, ଭାରତୀ ଜାନୀ, ବିଜୟ ଲକ୍ଷ୍ମୀ ନାୟକ ସହ ମୋବାଇଲ ସ୍କ୍ୱାର୍ଡ ସଦସ୍ୟ ସାମିଲ ହୋଇଥିଲେ । ସହର ଭିତରେ ଏଭଳି ବେଆଇନ୍ କାଠ ଆଡ୍ଡା ସମ୍ପର୍କରେ ଜଣାପଡିବା ପରେ ଏଥିରେ ଏକ ବଡଧରଣର କାଠ ମାଫିଆ ର୍ୟାକେଟ୍ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି । କିଭଳି ଭାବେ ଏଠାକୁ ବେଆଇନ୍ କାଠ ଆସୁଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ବେଆଇନ୍ କାଠ କାରବାରରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଓ ମାଫିଆମାନଙ୍କୁ ବନ ବିଭାଗ ଗିରଫ କରିବାରେ ଅସଫଳ ହେଉଥିବାରୁ ସାଧାରଣରେ ସନ୍ଦେହ ପ୍ରକଟ ପାଉଛି।



ଜବତ୍ ବେଆଇନ୍ କାଠ ଓ ମେସିନ୍।

# କୋସଲ ଯୁବ କମିଟି ଗଠିତ




ଯୁବ କମିଟି ଗଠନ ଅବସରରେ ଉପସ୍ଥିତ ସଭ୍ୟମାନେ।

**ଲୋଇସିଂହା,୧୭।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଆଦିବାସୀ ଭବନଠାରେ କୋସଲ ସମନ୍ୱୟ ସମିତିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅସ୍ଥାୟୀ ସଂଯୋଜକ ନିତ୍ୟାନନ୍ଦ ଜୁଏଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବ ପ୍ରଥମେ ଯୁବ କମିଟି ଗଠିତ ହୋଇଥିଲା । ସର୍ବସମ୍ମତିକ୍ରମେ ଶେଖନଜରୁଲା ଖାନ ସଭାପତି, ନିତ୍ୟାନନ୍ଦ ଜୁଏଡ ଉପସଭାପତି, କେଦାର ନାଥ ଥନାପତି ସମ୍ପାଦକ, ମଣ୍ଟୁସିଂଲାଲ ସହସମ୍ପାଦକ ମନୋନୀତ ହୋଇଥିଲେ । ଅନ୍ୟପକ୍ଷରେ ବ୍ଲକ ସଂଯୋଜକ କମିଟିରେ ଦେବ ପଣ୍ଡା, ରୁଦ୍ରକିଶୋର ପଧାନଙ୍କୁ ମନୋନୀତ ହୋଇଥିଲେ। ଉପରୋକ୍ତ କମିଟି କୋସଲ ରାଜ୍ୟ ଅବଶ୍ୟକତା ଓ ଦାବି ନେଇ ବ୍ଲକର ଗାଁ ଗାଁକୁ ଯାଇ ଜନସାଧାରଣଙ୍କ ସଚେତନ କରାଇବ। ପ୍ରତ୍ୟେକ ପଞ୍ଚାୟତସ୍ତରରେ କମିଟି ଗଠନ ଲକ୍ଷ୍ୟ ରଖା ଯାଇଛି । ବୈଠକରେ ଦଶରଥ ଛତ୍ରିଆ, ଲାଲମନ ନାଗ, ଶ୍ୟାମସୁନ୍ଦର ଭୋଇ, ଗୋପାଳ ମେହେର, ମୋହନ ପୁଟା, ଲଳିତ ପୁଟା, ଗବର ଧରୁଆ, ପ୍ରବୀର ଭୋଇ ପ୍ରମୁଖ ଉପସ୍ଥିତ ରହି ସ୍ୱମତ ଉପସ୍ଥାପନା କରିଥିଲେ ।

## ବିମାନବନ୍ଦର ନାଁରେ ଦ୍ୱିତୀୟ ଠକେଇ

**ଝାରସୁଗୁଡା ଅଫିସ,୧୭।୧୧**

ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନାଁକୁ ବ୍ୟବହାର କରି ପୁଣି ଏକ ଠକେଇ ହୋଇଛି। ୬ ମାସ ଭିତରେ ବିମାନବନ୍ଦର ନାଁକୁ ବ୍ୟବହାର କରି ଏହା ଦ୍ୱିତୀୟ ଠକେଇ ଭାବେ ଅଭିଯୋଗ ହୋଇଛି। ଗତ କିଛିମାସ ପୂର୍ବରୁ ବିମାନବନ୍ଦର ପାଇଁ ଫ୍ଲୋର ଷ୍ଟାଫ୍ ଆବଶ୍ୟକ ଥିବା କହି ଜଣେ ବ୍ୟକ୍ତି ଉଭା ହୋଇଥିବା ବେଳେ ଏବେ ବିମାନବନ୍ଦର ପର୍ଚେଜ୍ ବିଭାଗର ହେଡ୍ କହି ଝାରସୁଗୁଡା ସହରର ଇଲେକ୍‌ଟ୍ରୋନିକ୍ସ ବ୍ୟବସାୟୀଙ୍କୁ ଟାର୍ଗେଟ କରିଛି। ଏହି ଜାଲରେ ପଡିଛନ୍ତି ଅମିତ୍ ଭୁବନିଆ ନାମକ ଜଣେ ବ୍ୟକ୍ତି। ଏସ୍.କେ ସିଂ ନାମକ ବ୍ୟକ୍ତି ଜଣକ ଅମିତଙ୍କୁ ଫୋନ କରି ଏସି, ଟିଭି ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଣ କରିବାକୁ କହିଥିଲେ। ହେଲେ ଟେଣ୍ଡର ପ୍ରକ୍ରିୟାରେ ନାଁ ଏଣ୍ଟ୍ରି କରିବା ଓ ଏହାକୁ ନିଶ୍ଚିତ କରିବା ପାଇଁ ୧୮ ହଜାର ଟଙ୍କା ଜମା କରିବାକୁ ଅମିତଙ୍କୁ କହିଥିଲେ। ତାଙ୍କ କଥାରେ ପଡି ଅମିତ ଟଙ୍କା ଡିପୋଜିଟ କରିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିପାରି ଟାଉନ ଥାନାରେ ଏତଲା ଦେଇଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

**ବୀରମହାରାଜପୁର, ୧୭।୧୧(ଡି.ଏନ୍.ଏ.)**

ଚଳିତ ଶିକ୍ଷାବର୍ଷର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି। ସ୍ଥାନୀୟ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ବୈଠକରେ ବ୍ଲକ ଅନ୍ତଗତ ବିଭିନ୍ନ ବିଦ୍ୟାଳୟର ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭାକାର ମୁଖ୍ୟ ଅତିଥି ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର କର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ କେଁରିଆପାଲିସ୍ଥିତ ଆଞ୍ଚଳିକ ହାଇସ୍କୁଲ ପରିସରରେ ଏଥର ବିଜ୍ଞାନ ମେଳା ଆସନ୍ତା ଡିସେମ୍ବର ୧ ତାରିଖରେ ଆୟୋଜିତ ହେବ ବୋଲି ସୂଚିତ କରାଯାଇଛି।

କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ

# ତହସିଲ ଅଫିସ ସମ୍ମୁଖରେ ରିଲେ ଅନଶନ

**କଣ୍ଟାବାଞ୍ଜି,୧୮।୧୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର କଣ୍ଟାବାଞ୍ଜି ପୌରାଞ୍ଚଳ, ତୁରେକେଲା ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକକୁ ନେଇ ସ୍ୱତନ୍ତ୍ର ନୂତନ ଜିଲା ଦାବି ନେଇ ଜିଲା ସଂଘର୍ଷ ସମିତି ଦାବି କରିଛି । ଏପରିକି ହେମାଲ ସଂଘର ଆବାହକତ୍ୱରେ ନଭେମ୍ବର ୧୩ତାରିଖରେ କଣ୍ଟାବାଞ୍ଜି ସହରର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ଏବଂ ବ୍ୟବସାୟିକ ଅନୁଷ୍ଠାନ ସମର୍ଥନ ଜଣାଇ ବନ୍ଦ ପାଳନ କରାଯାଇ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୩୦ଦିନ ମଧରେ କଣ୍ଟାବାଞ୍ଜି ଜିଲା ଘୋଷଣା ଦାବି କରିଛି ସଂଘର୍ଷ ସମିତି । ଶନିବାରଠାରୁ ତହସିଲ ଅଫିସ ସମ୍ମୁଖରେ ରିଲେ ଅନଶନ ଆରମ୍ଭ କରାଯାଇଛି । ପ୍ରଥମ ଦିନର ରିଲେ ଅନଶନରେ ଆବାହକ ଶେଷଦେବ ପୁଟେଲ, ଓକିଲ ସଂଘ ସଭାପତି ବ୍ରଜଶ୍ୟାମ ଗୁରୁ, ଶୈଳେନ୍ଦ୍ର ବେହେରା, ଭବାନୀଶଙ୍କର ରାଓ, ଯୋଗେନ୍ଦ୍ର ବଛା, ବିଜୟ କୁମାର ପୁଟେଲ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଗୁଣନିଧି ରାଉତରାଏ, ରାମଚନ୍ଦ୍ର ସାହୁ, ନରେନ୍ଦ୍ର ସୁନା ଆନ୍ଦୋଳନରେ ବିସିଛନ୍ତି। ଜିଲା ସଂଘର୍ଷ ଦେଇଥିବା ଦାବି ମୁତାବକ ୩୦ଦିନ ମଧରେ ସରକାର ଜିଲା ଘୋଷଣା ନ କଲେ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ଅଞ୍ଚଳରେ ମଧ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନେଇଥିବା ସଂଘର୍ଷ ସମିତି ତରଫରୁ କୁହାଯାଇଛି।




ରିଲେ ଅନଶନରେ ସାମିଲ ଥିବା ଲୋକେ।

# ସିଏନ୍‌ସି କଲେଜ ପକ୍ଷରୁ ଫୁଡ୍ ଫେଷ୍ଟିଭାଲ

**ବଲାଙ୍ଗୀର ଅଫିସ, ୧୭।୧୧**

ବଲାଙ୍ଗୀର ସିଏନ୍‌ସି କଲେଜ ପକ୍ଷରୁ ସ୍ଥାନୀୟ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ଠାରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା । ଏହି ଫେଷ୍ଟିଭାଲକୁ ସନ୍ଧ୍ୟାରେ ଉଦଘାଟନ କରାଯାଇଥିଲା । ଏହି ଉଦ୍‌ଘାଟନୀ ଉତ୍ସବରେ ସିଏନ୍‌ସି କଲେଜ ଡାଇରେକ୍ଟର ଆଶୁତୋଷ ପୁରୋହିତ ଓ ପ୍ରଦୀପ ସାହୁ, ତିନି ବିଚାରକ ହୋଟେଲ ଗାର୍ଡେନ୍ ଇନ୍‌ର ମନୋଜ ମିଶ୍ର, ରୟଲ ସୁଇଟସ୍‌ର ଗୋପାଳ ଚନ୍ଦ୍ର ମିଶ୍ର ଓ ତାରା ହୋଟେଲର ରାକେଶ ଅଗ୍ରୱାଲ ଯୋଗଦାନ କରିଥିଲେ । କଲେଜ ଛାତ୍ରୀଛାତ୍ରଙ୍କ ତରଫରୁ ୨୮ଟି ଷ୍ଟଲ ଲଗାଯାଇ ବିଭିନ୍ନ କିସମ୍‌ରେ ଖାଦ୍ୟ, ପାନୀୟ ବିକ୍ରୟ କରାଯାଉଥିଲା । ଛାତ୍ରୀଛାତ୍ରମାନେ ନିଜେ ବିଭିନ୍ନ କିସମ୍‌ର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଗାମୀ ଦିନର ନୂଆ ଶିଳ୍ପଦ୍ୟୋଗୀ ଭାବେ ଛାତ୍ରୀଛାତ୍ରମାନେ କିଭଳି ବ୍ୟବସାୟ କରିବେ ଓ ବଜାରରେ ନୂତନ ପ୍ରୟୋଗ କରି ଗ୍ରାହକ ଓ ଉପଭୋକ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ବ୍ୟବସାୟରେ ସଫଳ ହେବେ ସେଦିଗରେ ଏହି ଫୁଡ ଫେଷ୍ଟିଭାଲ୍ସ ପ୍ରେରଣା ଯୋଗାଇ ଥିବା କୁହାଯାଇଛି । ଏହି ଫେଷ୍ଟିଭାଲ୍ସର ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଅଧକ୍ଷ ଧିମନ୍ ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଫୁଡ୍ ଷ୍ଟଲ ବୁଲି ଦେଖିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବଲାଙ୍ଗୀର ସହରର ବହୁ ବୁଦ୍ଧିଜୀବୀ, ଜନସଧାରଣ ଏହି ଫୁଡ୍ ଫେଷ୍ଟିଭାଲ୍ସକୁ ବୁଲି ଆସି ଏଠାରେ ବିଭିନ୍ନ ଖାଦ୍ୟ ସାମଗ୍ରୀ କିଣି ଖାଇବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି ଫୁଡ ଫେଷ୍ଟିଭାଲ୍ସରେ ସିଏନ୍‌ସି କଲେଜର ମୃଗାକ୍ଷୀ ପୁରୋହିତଙ୍କ ସହ ଅନ୍ୟ ଷ୍ଟାଫ୍ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ସିଏନ୍‌ସି କଲେଜ ତରଫରୁ ଅନୁଷ୍ଠିତ ଫୁଡ୍ ଫେଷ୍ଟିଭାଲ୍ସରେ ଛାତ୍ରୀମାନେ ପ୍ରସ୍ତୁତ ଖାଦ୍ୟର ମଜା ଉଠାଉଛନ୍ତି ।

**ଫଟୋରେ ଖବର**





**ବୁଲା ଗୋରୁ, କୁକୁରଙ୍କୁ ନେଇ ବଲାଙ୍ଗୀରବାସୀ ନୟାନ୍ତ..**

ବଲାଙ୍ଗୀର ସହର ମୁଖ୍ୟ ରାସ୍ତା ଉପରେ ଶହ ଶହ ସଂଖ୍ୟାରେ ବୁଲା ଗୋରୁ ଓ କୁକୁରଙ୍କ ପ୍ରାଦୁର୍ଭାବ ଦେଖାଯିବା ସତ୍ତ୍ୱେ ମ୍ୟୁନିସିପାଲିଟି କିଛି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ସହରରେ ଦୁର୍ଘଟଣା ଓ ଟ୍ରାଫିକ୍ ସମସ୍ୟା ବଢୁଛି । (ଫଟୋ-ସୁନୀଲ)

# ସୁବର୍ଣ୍ଣପୁରରେ ୪ ଓଏଏସ୍ ଅଫିସରଙ୍କ ଯୋଗଦାନ

**ସୋନପୁର,୧୭।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୪ ଓଏଏସ ଅଫିସର ଏକକାଳୀନ ଯୋଗଦାନ କରିଛନ୍ତି। ଅରବିନ୍ଦ ବେହେରା ସୋନପୁର ତହସିଲଦାର, ସୌଭାଗ୍ୟ ପଣ୍ଡା ତରଭା ତହସିଲଦାର, ସିତାରା ଜାହାନ ଓ ସୁଯଶ୍ୟାଂଶୁ କୁମାର ରୁଟ ଜିଲାପାଳଙ୍କ କାଯର୍ୟାଳୟରେ ଡେପୁଟି କଲେକ୍ଟର ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋନପୁର ତହସିଲଦାର ପଦ କିଛି ମାସ ପୂର୍ବରୁ ଖାଲି ପଡିଥିବା ବେଳେ ତରଭା ତହସିଲଦାର ପଦବି ଦୀର୍ଘ ୩ ବର୍ଷ ହେବ ଖାଲିଥିଲା। ୨୦୧୬ ବ୍ୟାଚ୍‌ର ଉପରୋକ୍ତ ଅଧିକାରୀମାନେ ସିଧାସଳଖ ଓଏଏସ ନିଯୁକ୍ତି ପାଇଛନ୍ତି। ପ୍ରଶିକ୍ଷଣ ସରିବା ପରେ ଅଧିକାରୀ ମାନଙ୍କର ଏହା ପ୍ରଥମ ନିଯୁକ୍ତି ।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ହକି ତାରକା ଦୀପକ ଲୁଗୁନଙ୍କ ଦେହାନ୍ତରେ ଶୋକ

**ରାଉରକେଲା ଅଫିସ,୧୭।୧୧-** ସୁନ୍ଦରଗଡ ଜିଲାର ଅନ୍ୟତମ ହକି ତାରକା ଦୀପକ ଲୁଗୁନ (୨୫)ଙ୍କ ଗତ ୧୫ ତାରିଖ ବିଳମ୍ବିତ ରାତିରେ ସିଡବ୍ଲୁଏସ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ୨୦୧୪ରୁ ଇଷ୍ଟକୋଷ୍ଟ ରେଲୱେ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସୁନ୍ଦରଗଡ ଜିଲାର ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଏନେଇ ଭେଟେରାନ ହକି ଆସୋସିଏସନ, ପାନପୋଷ ସ୍ପୋର୍ଟସ ଆସୋସିଏସନ, ସ୍ପୋର୍ଟସ ହଷ୍ଟେଲ ପାନପୋଷ, ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏନେଇ ବରିଷ୍ଠ ହକି ଖେଳାଳି ଲାଜରୁସ ବାର୍ଲା, ପ୍ରବୋଧ ତିର୍କୀ, ଭିକ୍ଟର ମିଞ୍ଜ, ବର୍ନାର୍ଡ ଲାକ୍ରା, କୋଚ ଅମୂଲ୍ୟ ବିହାରୀ, ମିଲଟନ ବିଲୁଙ୍ଗ, ପିଟର ତିର୍କୀ, ପିଟର ସୋରେନ, ରାଜୁକାନ୍ତ ସାଇନି, ସୁଶାନ୍ତ ବେହେରା, ବାର୍ଥଲୋମି କେରକେଟା, ଜେମସ କୁଜୁର, ସୁଭଦ୍ରା ପ୍ରଧାନ, ସରିତା ଲାକ୍ରା, ରୋଜାଲିନ ଡୁଙ୍ଗଡୁଙ୍ଗ, ରେଶ୍ମା ଲାକ୍ରା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ ଓ ଫ୍ଲୋରେନସିଆ ଏକ୍କା ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ସ୍ୱର୍ଗତ ଦୀପକ ଲୁଗୁନଙ୍କ ପରିବାର ହକି ପାଇଁ ସମର୍ପିତ। ତାଙ୍କ ପରିବାର ସଭ୍ୟ ହକି ଖେଳାଳି ଭାବେ ଜିଲା ଓ ରାଜ୍ୟରେ ସୁନାମ ଅର୍ଜନ କରିଛନ୍ତି।

### ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣରେ ମନ୍ଥରତା

# ବାଧକ ସାଜିଛି ଜମି ଅଧିଗ୍ରହଣ

**ରାଉରକେଲା ଅଫିସ,୧୭।୧୧**

ତେଲଚେର ବିମଳାଗଡ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ଅଦ୍ୱୈତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରାଉରକେଲା ପ୍ରେସ କ୍ଲବଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ବିଷ୍ଣୁ ମହାନ୍ତି, ହରିହର ରାଉତରାୟ, ରମେଶ ବଳ, ଶ୍ରୀମନ୍ତ ବେହେରା, ଜାହାଙ୍ଗୀର ଅଲି, ଶଶଧର ନନ୍ଦ, ଭବାନୀ କବି, ରାଧାମୋହନ ନାୟକ, ପୀତବାସ ମିଶ୍ର, ନଳିନୀକାନ୍ତ ଧର, ବିମାନ ମାଇତି ଓ ଜଟାଧାରୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ମାରକପତ୍ର ମାଧ୍ୟମରେ ତାଳଚେର ବିମଳାଗଡ ରେଳପଥ ଜମି ଅଧିଗ୍ରହଣ ନେଇ ଲାଗି ରହିଥିବା ଅହେତୁକ ବିଳମ୍ବ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ଏଥିରେ ଆଲୋଚନା କରାଯାଇଥିଲା। ନିକଟରେ ଏ ନେଇ ସୁନ୍ଦରଗଡ ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିବା ଏଥିରେ ସୂଚନା ପ୍ରଦାନ କରାଯାଇଥିଲା। ଜିଲାପାଳ କହିଥିଲେ ରାଜ୍ୟ ସରକାର ସୁନ୍ଦରଗଡ ଜିଲାର ଜମି ଅଧିଗ୍ରହଣ ନେଇ ସ୍ୱତନ୍ତ୍ର ଅଫିସର ଭାବେ ଅବସରପ୍ରାପ୍ତ ଜିଲାପାଳ ଗହର୍ଦ୍ଦୁ ମିର୍ଜ୍ଜା(ଓଏଏସ)ଙ୍କୁ ନିଯୁକ୍ତି ଦେଇଛନ୍ତି। ବଣାଇଁ ଠାରେ ତୁରନ୍ତ ସେ ଜମି ଅଧିଗ୍ରହଣ ନେଇ ଅଫିସ ଖୋଲିବେ ଓ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ବୋଲି ଜିଲାପାଳ ସଂଘ କର୍ମକର୍ତ୍ତାଙ୍କୁ ସୂଚନା ଦେଇଛନ୍ତି। ସେହିଭଳି ଇଷ୍ଟକୋଷ୍ଟ ରେଳବାଇ ମୁଖ୍ୟ ପ୍ରକଳ୍ପ ଅଧିକାରୀ କହିଛନ୍ତି ସୁନ୍ଦରଗଡ ଜିଲାରେ ଜମି ମିଳିଲେ ତୁରନ୍ତ ନିର୍ମାଣ ଅଫିସ ଖୋଲାଯିବ। ଏଥିସହ ତାଳଚେର ବିମଳାଗଡ ରେଳପଥ କାମ ଉଭୟ ପଟୁ ଏକା ସାଙ୍ଗରେ ଆରମ୍ଭ କରାଯିବ। ଫଳରେ କାମ ତ୍ୱରାନ୍ୱିତ ହୋଇ ପାରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ତେବେ ଏହି ବୈଠକରେ ସଂଗ୍ରାମ ସମିତି କର୍ମକର୍ତ୍ତା କହିଥିଲେ ଯେ ଇତି ମଧ୍ୟରେ ବାରକୋଟ, ଖମାର, ପାଲଲହଡା, ଛେଣ୍ଡିପଦା, ଦେବଗଡ ଓ ତାଳଚେର ଅଞ୍ଚଳରେ ବୈଠକ ଆୟୋଜନ କରିବାକୁ ସ୍ଥାନୀୟ ଉତ୍ସାହୀ ଯୁବକ ଆମନ୍ତ୍ରଣ କରିଛନ୍ତି। ପାଲଲହଡା ବିଧାୟକ ମହେଶ ସାହୁ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ପରାମର୍ଶ ପରେ ଡିସେମ୍ବରରେ ସମ୍ପୃକ୍ତ ଅଞ୍ଚଳରେ ସଭା କରାଯିବା ସହ ବିକ୍ଷୋଭ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଭାପତି ଅଦ୍ୱୈତ ବିଶ୍ୱାଳ ଏକ ବିବୃତିରେ ପ୍ରକାଶ କରିଛନ୍ତି।

## ମୋ ରାଉରକେଲା

# ସର୍ବଭାରତୀୟତାର ମନ୍ତ୍ରରେ ଦୀକ୍ଷିତ



ଗତ ୫୦ ବର୍ଷ ଧରି ମୁଁ ରାଉରକେଲାର ସ୍ଥାୟୀ ବାସିନ୍ଦା। ଯୁବକ ବୟସରେ କାମଧନ୍ଦା ଅନ୍ୱେଷଣରେ ଆସି ବ୍ୟବସାୟିକ କ୍ଷେତ୍ରକୁ ପ୍ରବେଶ କଲି। ସେବେଠୁ ଆଉ ପଛକୁ ଫେରି ଚାହିଁନି। ଜନ୍ମମାଟି ଯାଜପୁରକୁ କେବେ କେମିତି ବୁଲାବୁଲି କରିବାକୁ ଯାଏ। ବେଶି ଦିନ ସେଠି ରହି ହୁଏନି। ମନ ଟାଣେ। ଶୀଘ୍ର ବୁଲାବୁଲି ସାରି ଫେରିଆସେ ମୋ ପ୍ରିୟ ସହର ଷ୍ଟିଲ ସିଟିକୁ। ଏଠି ରହଣୀକାଳରୁ ମୁଁ ଲୋକଙ୍କ ଭିତରେ ରହିଥିବା ଆପଣାପଣକୁ ପରଖିଛି। ଅନୁସୂଚିତ ଜନଜାତି ବହୁଳ ସୁନ୍ଦରଗଡ ମାଟି ଖଣିଜ ସଂପଦରେ ପରିପୂର୍ଣ୍ଣ। ଏମାନଙ୍କ ପୂଜା, ପାର୍ବଣ ଓ ଆଦିମ ନୃତ୍ୟକଳା ମୋତେ ଖୁବ ଆକର୍ଷିତ କରେ। ସହର ବଢିବା ସହ ଯାବତୀୟ ପରିବର୍ତ୍ତନ ସତ୍ତ୍ୱେ ଏଠି ମୌଳିକତା ହଜି ଯାଇନି। ଦେଶୀୟ ପର୍ବପର୍ବାଣୀକୁ ଲୋକେ ଖୁବ ଆଦର ସହ ପାଳନ କରନ୍ତି। ପାରସ୍ପରିକ ସୁଖ ଶାନ୍ତିରେ ବିଶ୍ୱାସ ରଖନ୍ତି। ସଂକଟ ସମୟରେ ସହଯୋଗର ହାତ ବଢାନ୍ତି। ବହୁ ଜାତି, ଭାଷା ଓ ସଂପ୍ରଦାୟକୁ ନେଇ ସମୃଦ୍ଧ ରାଉରକେଲାର ଭାଇଚାରା ଅନ୍ୟତ୍ର ପ୍ରାୟ ବିରଳ। ଶୃଙ୍ଖଳିତ ଶିଳ୍ପ ସହର ସର୍ବ ଭାରତୀୟତାର ମନ୍ତ୍ରରେ ଦୀକ୍ଷିତ। ଷ୍ଟିଲ ସିଟିର ସୁନ୍ଦର ରିଂ ରୋଡ, ହନୁମାନ ବାଟିକା, ଆଇଜି ପାର୍କ ଓ ବେଦବ୍ୟାସ ଭଳି ଆକର୍ଷଣୀୟ ଧର୍ମ ପୀଠ ମୋର ଖୁବ ପସନ୍ଦ। ପାହାଡ ତଳି ଗାଁ ବସ୍ତି ଓ ବ୍ୟବସ୍ଥିତ ସେକ୍ଟର ଗୁଡିକୁ ନେଇ ଗଢି ଉଠିଥିବା ରାଉରକେଲା ସହର ବାସ୍ତବରେ ମୋ ପାଇଁ ଅଭୁଲା ଓ ଚିର ଜାଜୁଲ୍ୟମାନ ହୋଇ ରହିବ ।

-ଭାଗୀରଥି କର

### ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ରାଜ୍ୟସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ

# ଗ୍ରାମାଞ୍ଚଳ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ସୁଯୋଗ

**ରାଉରକେଲା ଅଫିସ,୧୭।୧୧**

ସେକ୍ଟର- ୬ ଇସ୍ପାତ ଷ୍ଟାଡିୟମରେ ବନବାସୀ କଲ୍ୟାଣ ଆଶ୍ରମ ଓଡିଶା ପକ୍ଷରୁ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନ ୧୦ ଘଟିକାରେ ଆୟୋଜିତ ଏହି କ୍ରୀଡା ଉତ୍ସବକୁ ଆରଏସପି ସହରସେବା ଅଧିକାରୀ ନିରୋଦ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ପବିତ୍ର କହଁର ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ରାଘବ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅତିଥି ପରିଚୟ ପ୍ରଦାନ




୬ ଇସ୍ପାତ ଷ୍ଟାଡିୟମରେ ବନବାସୀ କଲ୍ୟାଣ ଆଶ୍ରମ ଓଡିଶା ପକ୍ଷରୁ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କରିଥିଲେ ଧନେଶ୍ୱର ମହାନ୍ତ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓମ୍‌ପ୍ରକାଶ ଅଗଓ୍ୱାଲ। ତେବେ ରାଉରକେଲାରେ ଜନଜାତି ଛାତ୍ରୀଛାତ୍ରଙ୍କୁ ନେଇ ଏଭଳି ଏକ ପ୍ରତିଯୋଗିତା ଆୟୋଜନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଦ୍ୱାରା ଗ୍ରାମାଞ୍ଚଳର ଲୁକ୍କାୟତ କ୍ରୀଡା ପ୍ରତିଭା ଲୋକ ଲୋଚନକୁ ଆସି ପାରିବେ। ଏ ନେଇ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ମୁଖ୍ୟଅତିଥି ସାମାନ୍ତରାୟ ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଶ୍ରମିକ ନେତା ହିମାଂଶୁ ବଳ ମଧ୍ୟ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଜୟ ମହାନ୍ତି, ପାଣ୍ଡୁ ମାଝି, ଲକ୍ଷ୍ମୀକାନ୍ତ ଦାସ, ଶଙ୍କର ପଣ୍ଡା, ମହିରାମ ମହାନ୍ତ, ସୁରେନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାର ଶତାଧିକ ପ୍ରତିଯୋଗୀ ଯୋଗ ଦେଇଛନ୍ତି।

## ୩ ସହର, ୯ ଜିଲା ପରିଷଦ ଜୋନ କଂଗ୍ରେସ ସଭାପତି ଚୟନ

**ଝାରସୁଗୁଡା ଅଫିସ,୧୭।୧୧**

ଝାରସୁଗୁଡା ଜିଲା କଂଗ୍ରେସ କମିଟିର ସମସ୍ତ ବ୍ଲକର ୯ଟି ଜିଲା ପରିଷଦ ଜୋନ ଏବଂ ୩ଟି ସହର କଂଗ୍ରେସ ସଭାପତି ଚୟନ କରାଯାଇଛି। କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ ଏହି ଚୟନକୁ ଅନୁମୋଦନ ଦେଇଥିବା ଜିଲା ସଭାପତି ଗିରିଶ ରଞ୍ଜନ ପଣ୍ଡା ଏକ ପ୍ରେସ୍ ବିଜ୍ଞପ୍ତୀରେ ସୂଚନା ଦେଇଛନ୍ତି। ମକରଧ୍ୱଜ ନାଏକ, ସୁରେନ୍ଦ୍ର ନାଏକ, ଘନଶ୍ୟାମ ବାଗ୍, ପ୍ରମୋଦ କୁମାର ତ୍ରିପାଠୀ, ସୁରେଶ ପଟେଲ, ହେମନ୍ତ ସାଗର କୁମୁରା, ଦେବରାଜ ବାରିକ, ରୋହିତ ପ୍ରଧାନ, ସୁବ୍ରତ ପ୍ରଧାନ ପ୍ରମୁଖ ୧ନଂରୁ ୯ନଂ ଜିଲା ପରିଷଦର ସଭାପତି ହୋଇଥିବା ବେଳେ ଭରତ ଅଓ୍ୱସ୍ତୀ, ପ୍ରମୋଦ କୁମାର ପଣ୍ଡା ଏବଂ ବୁଲୁ ପଣ୍ଡା ଯଥାକ୍ରମେ ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ ଟାଉନ କଂଗ୍ରେସ ସଭାପତି ଚୟନ ହୋଇଛନ୍ତି।

# ୧୫୦ ୟୁନିଟ ରକ୍ତ ସଂଗୃହୀତ

**ରାଉରକେଲା ଅଫିସ,୧୭।୧୧**

କୋଏଲ ନଗର ସି ବ୍ଲକ କମ୍ୟୁନିଟି ସେଣ୍ଟର ଠାରେ ଶନିବାର ବଜରଙ୍ଗ ଦଳ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୧୫୦ ୟୁନିଟ ରକ୍ତ ସଂଗୃହୀତ କରାଯାଇଛି। ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ନେତା ସ୍ୱର୍ଗତ ଅଶୋକ ସିଂଘଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସରକାରୀ ଚିକିତ୍ସାଳୟର ରକ୍ତ ଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଭିଏଚପି ପଶ୍ଚିମ ପ୍ରାନ୍ତ କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ଦାସ, ସହ ପ୍ରାନ୍ତ ସେବା ପ୍ରମୁଖ ନିତ୍ୟାନନ୍ଦ ନାୟକ, ବଜରଙ୍ଗ ଦଳର ଗୋରକ୍ଷା ପ୍ରମୁଖ ରାଜୁ ସିଂ, ଭିଏଚପି ଜିଲା ସଂପାଦକ କୃଷ୍ଣ ପଟ୍ଟନାୟକ, ସହ ସଂପାଦକ ଅରୁଣ ମଣ୍ଡଳ, ବଜରଙ୍ଗ ଦଳ ଜିଲା ସଂଯୋଜକ ଶଙ୍କର ବର୍ମା, ବିକାଶ କଛୁଆ, ଶ୍ରୀକାନ୍ତ ରାୟ, ଦେବୀ ପ୍ରସାଦ ପଟ୍ଟନାୟକ, ରଜତ ବିଶ୍ୱକର୍ମା, ଦୀପକ ସାହା ଓ ପ୍ରକାଶ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।



କୋଏଲ ନଗର ସି ବ୍ଲକ କମ୍ୟୁନିଟି ସେଣ୍ଟର ଠାରେ ଆୟୋଜିତ ରକ୍ତଦାନ ଶିବିରରେ ଆୟୋଜକ, ରକ୍ତଦାତା ଓ ଅନ୍ୟମାନେ।

# କବାଡ଼ି ପ୍ରତିଯୋଗିତା, ୧୦ ଦଳର ଅଂଶ ଗ୍ରହଣ

**ରାଉରକେଲା ଅଫିସ,୧୭।୧୧**



କବାଡି ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ଉପସ୍ଥିତ ଅତିଥି।

ସେକ୍ଟର-୭ଠାରେ ଥିବା ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପ୍ରଥମ ଦୁଇ ଦିନିଆ ଆନ୍ତଃ ରାଉରକେଲା ବିଦ୍ୟାଳୟ ସ୍ତରୀୟ କବାଡି ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ସମୁଦାୟ ୧୦ଟି ଦଳ ଭାଗ ନେଇଛନ୍ତି। ଅନ୍ତିମ ପର୍ଯ୍ୟାୟ ଖେଳ ରବିବାର ଖେଳାଯିବ। ଉଦ୍‌ଯାପନୀ ଅବସରରେ ସଂଗଠନର ସାଧାରଣ ସଂପାଦକ ଘନଶ୍ୟାମ ଧଳ ଏ ନେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ସଂଗଠନ ଉପଦେଷ୍ଟା ବିଶ୍ୱନାଥ ବେହେରା, ସଭାପତି ନିରୋଦ ସାମନ୍ତରାୟ, ଉପସଭାପତି ଦିବାକର ମହାନ୍ତି, ରଶ୍ମିରଂଜନ ବୋଇତାଇ, ଅଯୋଧ୍ୟାନାଥ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଖେଳ ଆରମ୍ଭ କରାଯାଇଥିଲା। ପ୍ରତିଯୋଗିତାକୁ ଆନ୍ତର୍ଜାତୀୟ ରେଫରୀ ଅରବିନ୍ଦ ପାତ୍ର ପରିଚାଳନା କରିଥିଲେ। ଏଥିରେ ତାଙ୍କୁ ବିକ୍ରମ ପ୍ରଧାନ, ବଜରଙ୍ଗ ବାଗ, ଆକାଶ ସିନ୍ଧିଆ, ବିରଞ୍ଚି ବେହୁରା ଓ ପ୍ରଦୀପ ଗଡନାୟକ ପ୍ରମୁଖ ସହଯୋଗ କରିଥିଲେ। ରାଧାମୋହନ ନାୟକ, ଶୁଭ୍ରାଂଶୁ ମହାପାତ୍ର, ବିପିନ ପଟ୍ଟନାୟକ, ଇନ୍ଦ୍ରମଣି ମହାପାତ୍ର, ପରିକ୍ଷିତ ଗୁରୁ, ରବୀନ୍ଦ୍ର ପଣ୍ଡା ଓ ରଂଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିର ୩ ମହାପ୍ରବନ୍ଧକ ହେଲେ ନିର୍ବାହୀ ନିର୍ଦ୍ଦେଶକ

**ରାଉରକେଲା ଅଫିସ,୧୭। ୧୧**

ରାଉରକେଲା ଇସ୍ପାତ କାରଖାନାର ୩ ଜଣ ମହାପ୍ରବନ୍ଧକ ନିର୍ବାହୀ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି। ଗୌତମ ବାନାର୍ଜୀ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରୂପେ ପଦୋନ୍ନତି ପାଇଥିବା ବେଳେ ଦିଲୀପ ମହାପାତ୍ର ସାମଗ୍ରୀ ପ୍ରବନ୍ଧନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ରୂପେ ପଦୋନ୍ନତି ପାଇଛନ୍ତି। ସେହିଭଳି କେଭି ରମଣା ପଦୋନ୍ନତି ପାଇ ନୂଆଦିଲ୍ଲୀସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରୂପେ ଅବସ୍ଥାପିତ ହୋଇଛନ୍ତି। ଆରଏସପି ସିଇଓ ଅଶ୍ୱିନୀ କୁମାର ଏ ନେଇ ୩ ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ପଦୋନ୍ନତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ ସମସ୍ତ ୩ ଅଧିକାରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।



ରାଉରକେଲା ଇସ୍ପାତ କାରଖାନାର ୩ ଜଣ ମହାପ୍ରବନ୍ଧକ ନିର୍ବାହୀ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇବା ପରେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ଗହଣରେ।

### ହକି ବିଶ୍ୱକପ୍ ପାଇଁ ବିଜୁ ଯୁବବାହିନୀ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବୈଠକ

# ସ୍ୱତନ୍ତ୍ର ଏଲ୍‌ଇଡି ସ୍କ୍ରିନ୍ ଦ୍ୱାରା ସିଧାପ୍ରସାରଣ

- ୨୫ରେ ସୁନ୍ଦରଗଡ଼, ରାଉରକେଲା ଓ ବଣାଇଁଠାରେ ମିନି ମାରାଥନ୍

**ସୁନ୍ଦରଗଡ଼,୧୭।୧୧ (ଡି.ଏନ୍.ଏ)**

ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୭ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଯୁବ କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ରାଜ୍ୟ ସରକାର ବିଜୁ ଯୁବ ବାହିନୀ ଦ୍ୱାରା ରାଜ୍ୟର ୩୦ଟି ଜିଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସକାଶେ ସ୍ଥିର କରିଛନ୍ତି। ନଭେମ୍ବର ୨୫ ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱ କପ୍ ପାଇଁ ସୁନ୍ଦରଗଡ ଜିଲା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସକାଶେ ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ଅଧ୍ୟକ୍ଷତାରେ ପ୍ରଗତି ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ସ୍ୱତନ୍ତ୍ର ଏଲଇଡି ସ୍କ୍ରିନ୍ ଦ୍ୱାରା ଖେଳର ସିଧାପ୍ରସାରଣ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ଉପଲକ୍ଷେ ହେବାକୁ ଥିବା କ୍ରୀଡା ଉତ୍ସବ ପାଳନ ନିମନ୍ତେ ସ୍ଥିର ହୋଇଛି। ନଭେମ୍ବର ୨୫ରେ ସୁନ୍ଦରଗଡ, ରାଉରକେଲା ଓ ବଣାଇଁଠାରେ ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲା କାର୍ଯ୍ୟାଳୟ, ରାଉରକେଲା ମହାନଗର ନିଗମ ଓ ବଣାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଫିସ୍ କାର୍ଯ୍ୟଦିବସ ମଧ୍ୟରେ ନାମ ପଞ୍ଜିକରଣ ପାଇଁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଜିଲାର ସମସ୍ତ ଗ୍ରାମପଞ୍ଚାୟତ, ସମସ୍ତ ବ୍ଲକ, ସମସ୍ତ ୱାର୍ଡ ଏବଂ ପୌରପାଳିକା ଓ ରାଉରକେଲା ମହାନଗର ନିଗମରେ ନଭେମ୍ବର ୨୫ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ବ୍ୟକ୍ତିଗତସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ, ଗ୍ରାମ ପଞ୍ଚାୟତସ୍ତରୀୟ ଲିଗ ତଥା ନକ୍ ଆଉଟ୍ ମ୍ୟାଚ୍ ( ହକି) ବ୍ଲକ , ପୌରପରିଷଦ ଏବଂ ମହାନଗର ନିଗମ ମଧ୍ୟରେ ହେବ। ବିଜେତା ଦଳକୁ ଡିସେମ୍ବର ୧୦ତାରିଖ ରୁ ୧୩ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଡିସେମ୍ବର ୧୪ ଓ ୧୫ ସେମି ଫାଇନାଲ ଏବଂ ଡିସେମ୍ବର ୧୬ରେ ଭବାନୀପୁର ଜିଲା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ହକି ବିଶ୍ୱକପ୍ ମ୍ୟାଚ୍‌ର ଉଦ୍‌ଘାଟନ ଉତ୍ସବର ସିଧାପ୍ରସାରଣ ୨୭ ରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନ ୫ଟାଠାରୁ ଭବାନୀ ଭବନ ପ୍ୟାରେଡ ପଡିଆ ସୁନ୍ଦରଗଡ, ରାଉରକେଲା ଉଦିତନଗର ପଡିଆ, ବଣାଇଁ ବହୁମୁଖୀ ପଡିଆ ଏବଂ ଗ୍ରାମପଞ୍ଚାୟତ ପୌର ପରିଷଦ ୱାର୍ଡ ଏବଂ ରାଉରକେଲା ମହାନଗର ନିଗମ ସ୍ତରରେ ସ୍ୱତନ୍ତ୍ର ଏଲଇଡି ସ୍କ୍ରିନ୍ ଦ୍ୱାରା ଖେଳର ସିଧାପ୍ରସାରଣ ବ୍ୟବସ୍ଥା ପାଇଁ ସ୍ଥିର ହୋଇଛି। ଡିସେମ୍ବର ୧୬ ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଶିଷ୍ଟ ନାଗରିକ, ଯୁବ ପ୍ରତିଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ବକ୍ତବ୍ୟ, ପୁରସ୍କାର ବିତରଣ ଉତ୍ସବ, ଜିଲା ମୁଁ ହିରୋ ଯୁବ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର ହୋଇଛି।



ପୁରୁଷ ହକି ବିଶ୍ୱ କପ୍ ପାଇଁ ସୁନ୍ଦରଗଡ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ସକାଶେ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ବୈଠକ।



"ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ



**ସଂକ୍ଷେପରେ**

## ନୂତନ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଲହୁଣୀପଡା, ୧୭।୧୧ (ଡି.ଏନ.ଏ)**- ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ନୂତନ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡା ବ୍ଲକ ଶିକ୍ଷା ଅଧିକାରୀ ଆହ୍ଲାଦିନ ନାଏକ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କୁର୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଅବସରପ୍ରାପ୍ତ ବିଇଓ ଶୁଶିଳା କୁଜୁର, ଖୁଣ୍ଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଗୀତାଞ୍ଜଳି ମିଶ୍ର, ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ବ୍ରହ୍ମ, ଲହୁଣୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଣନାଥ ମାହାନ୍ତ, ଏବିଇଓ ନରହରି କିଶାନ, ଇମାକୁଲା ମିଞ୍ଜ ମଞ୍ଚାସୀନ ଥିଲେ। ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଶିକ୍ଷା ସମ୍ପର୍କିତ ବିଭିନ୍ନ ଉଦାହରଣ ମାଧମରେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ ଅତିଥିମାନେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କୁର୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୀବନ ଲାଲ ମାହାନ୍ତ, ଶରଧାପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମାହାନ୍ତ, ଗୁଡିଆଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ମାହାନ୍ତ, ଦର୍ଜିଂ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପିତାମ୍ବର ମାହାନ୍ତ ଏବଂ ସିଆରସିସି ଜୟଦେବ ମାହାନ୍ତ, ଉମେଶ ମାହାନ୍ତ, ଭଜମନ ମାହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାକୁଲ, ଶରତ ସେଠ, ହେମନ୍ତ ମାହାନ୍ତ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।






କୋଇଡା ବ୍ଲକ ଜାମୁଡିହି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି, ବକ୍ତା ଓ ଉପସ୍ଥିତ ପ୍ରଧାନଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ ।

# ବିଦ୍ୟାଳୟରୁ ଶୃଙ୍ଖଳା, ସଂସ୍କାର ଆରମ୍ଭ ହୋଇପାରିବ

**କୋଇଡା ବ୍ଲକ**
- ଜାମୁଡିହିଠାରେ ପ୍ରଧାନ ଶିକ୍ଷକ ସମ୍ମିଳନୀ
- ଯୋଗଦେଇଥିଲେ ଦୁଇଶହ ପ୍ରଧାନଶିକ୍ଷକ

**ଲହୁଣୀପଡା, ୧୭।୧୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡିହି ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କୋଇଡା ବ୍ଲକ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡିପିସି ଅମୂଲ୍ୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ବଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ଲହୁଣୀପଡା ବ୍ଲକ ଶିକ୍ଷାଧିକାରୀ ଆହ୍ଲାଦିନି ନାଏକ, ସବ୍‌ଡେଗା ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ଏକ୍କା, ବଣେଇ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ସଏ, ଗୁରୁଣ୍ଡିଆ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ମାଝି ଏବଂ ଅବସରପ୍ରାପ୍ତ ବିଇଓ ସୁଶିଳା କୁଜୁର, ସରପଞ୍ଚ ଲିଲି ସରିତା ମୁଣ୍ଡା, ସୁଶିଳା ମୁଣ୍ଡା, ସମିତି ସଭ୍ୟ କରମପାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜାମୁଡିହି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପାରମ୍ପାରିକ ଆଦିବାସୀ ନୃତ୍ୟର ତାଳେତାଳେ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭରତଭୂଷଣ ମାହାନ୍ତି ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମାଜକୁ ଶିକ୍ଷିତ କରି ଗଢ଼ିତୋଳିବା ଭଳି ଗୁରୁ ଦାୟୀତ୍ୱ ଶିକ୍ଷକମାନଙ୍କୁ ଦିଆଯାଇଛି। ଏଥିପାଇଁ ଆବଶ୍ୟକ ତାଲିମ, ପାରିଶ୍ରମିକ ସହିତ ଉତ୍ତମ ଭିତ୍ତିଭୂମି ଏବଂ ସହଯୋଗ ମଧ ସରକାର ଯୋଗାଇ ଆସୁଛନ୍ତି ବୋଲି ଅତିଥିମାନେ କହିଥିଲେ। ଏଣୁ ଯିଏ ଯେଉଁ ଦାୟୀତ୍ୱରେ ଅଛନ୍ତି, ସେ ଶୃଙ୍ଖଳାର ସହିତ କର୍ତ୍ତବ୍ୟ ସମ୍ପାଦନ କରିବା ଆବଶ୍ୟକ। ବିଦ୍ୟାଳୟରେ ଶିକ୍ଷକ ଉପସ୍ଥାନଠାରୁ ଶୃଙ୍ଖଳା ଓ ସଂସ୍କାର ଆରମ୍ଭ ହୋଇପାରିବ ବୋଲି ଅତିଥିମାନେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। କୋଇଡା ବ୍ଲକ ଶିକ୍ଷାଧିକାରୀ ହେରମେନ ଟପ୍ପୋ, ଏବିଇଓ କୃଷ୍ଣ ପ୍ରସାଦ ମହାପାତ୍ର, ମହେନ୍ଦ୍ର କୁମାର କର, ଶଶଧର ଆରୁନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସନ୍ନ ବସ୍ତିଆ, ଦିପକ କୁମାର ରାଉତ, କୈଳାସ ଚନ୍ଦ୍ର ରାଉତ, ଭଗବାନ ଦାସ, ଘନଶ୍ୟାମ ମୁଣ୍ଡା, ଇଲିୟାସ ସଏଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଇଡା ବ୍ଲକ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ଦୁଇଶହ ପ୍ରଧାନଶିକ୍ଷକ ଯୋଗଦେଇଥିଲେ । ଶେଷରେ ବିମଳାଗଡ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବକାରୀ ବିଭାଗର ଚଢ଼ାଉ ୨୫ ଲିଟର ମଦ ଜବତ, ୨ ଗିରଫ

**ହେମଗିର, ୧୭।୧୧ (ଡି.ଏନ.ଏ)**

ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ଦେଶୀ ମଦ ଜବତ କରାଯାଇଛି। ଏହାସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଦୁଇ ଜଣ ହେଲେ ବିହାଯୋର ଗ୍ରାମର ପ୍ରତାପ ଓରାମ (୨୫) ଓ ବାଲିଚୁଆଁ ଗ୍ରାମର ପିତାମ୍ବର ନାଏକ (୪୧)। ବିହାଯୋର ଗ୍ରାମରେ ଚଢ଼ାଉ କରି ପ୍ରତାପ ଓରାମଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଥିବାବେଳେ ୨୨୫୦ କେଜି ପୋଚ ନଷ୍ଟ କରାଯାଇଥିଲା। ସେହିପରି ବାଲିଚୁଆଁରେ ପିତାମ୍ବର ନାଏକଙ୍କଠାରୁ ୧୦ ଲିଟର ଦେଶୀ ମହୁଲି ମଦ ଯବତ କରାଯାଇଛି। ଏହି ଚଢ଼ାଉ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶରେ ହୋଇଥିବା ବେଳେ ହେମଗିର ଅତିରିକ୍ତ ତହସିଲଦାର କୁଳମଣି ପଟେଲ ମାଜିଷ୍ଟ୍ରେଟ ଭାବରେ ଥିଲେ । ଏଥିରେ ଅବକାରୀ ବିଭାଗର ଇନ୍ସପେକ୍ଟର ଇନ୍ଦ୍ରଜିତ ସାହୁ, ହିରା ଦଲପତି, ସୁଧିର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ । ଏନେଇ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନବମ ଜାଇସର କପ୍ ଫୁଟବଲ ଉଦ୍‌ଘାଟିତ

**ସୁନ୍ଦରଗଡ, ୧୭।୧୧ (ଡି.ଏନ.ଏ)**

ସବ୍‌ଡେଗା ବ୍ଲକ ଜାଇସର୍ ରୋୟାଲ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ତଲାକୁଜରରେ ୯ମ ଜାଇସର୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଅତିଥି ଭାବେ ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ତଥା ଜାଇସର ସରପଞ୍ଚ ଫକିର ଓରାମ ଯୋଗଦେଇ ଟୁର୍ନାମେଣ୍ଟର ଉଦଘାଟନ କରିଥିଲେ। ଆରଜି କ୍ଲବର ସଭାପତି ରୋହିତ ପଟେଲ ସଭାପତିତ୍ୱ କରିଥିଲେ। ସମ୍ପାଦକ ରୋମାଞ୍ଚ ପଟେଲ ବିବରଣୀ ପଠନ କରିଥିଲେ । ବରିଷ୍ଠ ସଭ୍ୟ ରାଜୀବ ନାଏକ ଅତିଥିଙ୍କୁ ସ୍ୱାଗତ କରିଥିଲେ । କୋଷାଧକ୍ଷ ମନୋଜ ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ। ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହା ୩ଦିନ ଧରି ଆୟୋଜିତ ହେବ। ପ୍ରଥମ ଦିନରେ ଜୟକିଶାନ କ୍ଲବ, ଫଲସାବାହାଲ, ଏକ୍ସନ କ୍ଲବ ସୁନ୍ଦରଗଡ, ଯମୁନା, ଅଲଣ୍ଡା, ଲେଡିମଙ୍କ ଟାଇଗର କ୍ଲବ ଓ ଜେଏମଏ ଦେଉଲି ମଧରେ ଖେଳ ହୋଇଥିଲା। ୧ମ କ୍ୱାଟର ଫାଇନାଲ ମ୍ୟାଚ ଯମୁନା ଓ ଅହଣ୍ଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଡ୍ର ହେବାରୁ ପେନାଲଟି ସୁଟରେ ଅଲଣ୍ଡା ଦଳ ୪-୩ରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଛି। ଖେଳକୁ ରେଫରି ରୋମାଞ୍ଚ ଭୈସାଲ, କୁନୁ ନାଏକ ଓ ପ୍ରଦୀପ ନାଏକ ପରିଚାଳନା କରିଥିଲେ । ଆରଜେ କ୍ଲବର ଯଶକେତନ ନେଗୀ, ପ୍ରତାପ ଲରିଆ, ସୁଶିଲ ନାଏକ, ଶୁଶିଲ ପଟେଲ, ଅଭିଷେକ ନାଏକ, ଗୋଲେକ ବେହେରା, ଚିତ୍ତରଞ୍ଜନ ନେଗୀ, ପ୍ରକାଶ ନାଏକ, ଇନ୍ଦ୍ର ବେହେରା, ହୀରାବନ୍ଦ କୁର, ନରହରି ପଟେଲ, ଅନୁପ ପଟେଲ, କାହ୍ନା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହେଉଛି।

## ବୋଲେରୋ ଚୋରି: ଥାନାରେ ମାମଲା ରୁଜୁ

**ବଡଗାଁ, ୧୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଟିମନା ଗ୍ରାମରୁ ଏକ ବୋଲେରୋ ଗାଡି ଚୋରି ହୋଇଥିବା ଥାନାରେ ଅଭିଯୋଗକ୍ରମେ ପୋଲିସ କେସ ରୁଜୁ କରି ତଦନ୍ତ କରୁଛି । ଅଭିଯୋଗକାରୀ ସରିତା ଲାକ୍ରାଙ୍କ ନାମରେ ଥିବା ବୋଲେରୋ ଗାଡି (ଓଡି ୧୪ ଜି-୪୦୭୮) ଘର ସମ୍ମୁଖରେ ରଖିଥିଲେ । ରାତି ପ୍ରାୟ ୨ଟାରେ ପରିସ୍ରା କରିବାକୁ ଉଠିଥିଲା ବେଳେ ବୋଲେରୋ ନଥିବା ଦେଖିଥିଲେ । ସେ ଡ୍ରାଇଭର ଗାଡି ନେଇଥିବେ ଆଶଙ୍କା କରିଥିଲେ ମଧ ୧୬ ତାରିଖ ୧୨ଟା ପର୍ଯ୍ୟନ୍ତ ନ ଆସିବାରୁ ପଚାରି ବୁଝିବାରେ ସେ ଗାଡି ନେଇନଥିବା ଜାଣି ପାରିଥିଲେ । ଏ ସମ୍ପର୍କରେ ଥାନାରେ ଲିଖିତ ଜଣାଇଛନ୍ତି ।

### ନେକ୍ସଜେନ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ

# ଉତ୍କଳମଣି ବିଦ୍ୟାଳୟ, ଦୀପିକା ଇଂରାଜୀ ମିଡିୟମ ସ୍କୁଲ ବିଜୟୀ

**ସୁନ୍ଦରଗଡ଼, ୧୭।୧୧ (ଡି.ଏନ୍.ଏ)**



ଅତିଥିଙ୍କ ଗହଣରେ ଖେଳାଳିମାନେ।

ସୁନ୍ଦରଗଡ ଷ୍ଟାଡିୟମଠାରେ ଚାଲିଥିବା ନେକ୍ସଜେନ୍ କପ୍ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ପ୍ରଥମ ମ୍ୟାଚରେ ଉତ୍କଳମଣି ବିଦ୍ୟାଳୟ ବଙ୍ଗୋମୁଣ୍ଡା ଏବଂ ବିକାଶ କନସେପ୍ଟ ସ୍କୁଲ ସମ୍ବଲପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ବିକାଶ ସ୍କୁଲ ପ୍ରଥମେ ଟସ୍ ଜିଣି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଉତ୍କଳମଣି ବିଦ୍ୟାଳୟ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୯୮ରନ୍ ସଂଗ୍ରହ କରିଥିଲା। ଏହାର ଉତ୍ତରରେ ବିକାଶ ସ୍କୁଲ ବ୍ୟାଟିଂ କରିବାକୁ ଆସି ଉତ୍କଳମଣି ସ୍କୁଲର ପ୍ରଶାନ୍ତ ଏବଂ ଭୋଳାଙ୍କ ବୋଲିଂକୁ ସମ୍ମୁଖୀନ କରି ନ ପାରି ୧୯ ଓଭରରେ ୭୭ରନ୍ ସଂଗ୍ରହ କରି ୨୧ ରନ୍‌ରେ ଅଲଆଉଟ୍ ହୋଇଥିଲେ। ଚମତ୍କାର ବୋଲିଂ ପାଇଁ ଉତ୍କଳମଣି ବିଦ୍ୟାଳୟର ଭୋଳାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ଦୀପିକା ଇଂରାଜୀ ମିଡିୟମ ସ୍କୁଲ ରାଉରକେଲା, ସମ୍ବଲପୁରର ସେଭେନ୍ ହିଲ୍‌ସକୁ ଭେଟିଥିଲା। ସେଭେନ୍ ହିଲ୍‌ସ ସ୍କୁଲ ଟସ୍ ଜିଣି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ କରିବାର ନିମନ୍ତ୍ରଣ ପାଇ ଦୀପିକା ଇଂରାଜୀ ମିଡିୟମ ସ୍କୁଲ ନିର୍ଦ୍ଧାରିତ ୨୦ ଓଭରରେ ୪ଉଇକେଟ ହରାଇ ୧୬୧ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସେଭେନହିଲ୍‌ସ ସ୍କୁଲ ବ୍ୟାଟିଂ କରି ୧୧ ଓଭରରେ ୫୪ ରନ୍‌ରେ ଅଲଆଉଟ ହୋଇ ୧୦୭ ରନ୍‌ରେ ପରାସ୍ତ ହୋଇଥିଲେ । ଦଳ ପକ୍ଷରୁ ପ୍ରଣବ ଦୁବେ ୪ ଓଭରରେ ୧୪ରନ୍ ଦେଇ ୫ଉଇକେଟ ଅକ୍ତିଆର କରିଥିଲେ। ଶନିବାର ମ୍ୟାଚରେ ଅଲରାଉଣ୍ଡ ସଫଳତା ପାଇଁ ଦୀପିକା ସ୍କୁଲର ଗୌତମଙ୍କୁ ୪୭ ରନ୍ ଏବଂ ଏକ ଉଇକେଟ ପାଇଁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଏଜୁକେସନ ଟ୍ରଷ୍ଟର ଟ୍ରଷ୍ଟି ତଥା ସମ୍ପାଦକ ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ଏବଂ ଜିଲା କଂଗ୍ରେସର ସଭାପତି ବେଣୁମାଧବ ତ୍ରିପାଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଷଡଙ୍ଗୀ ସୁନ୍ଦରଗଡ ଏଜୁକେସନ ଟ୍ରଷ୍ଟ ତରଫରୁ ଏହି ମ୍ୟାଚ ଆୟୋଜନ ପାଇଁ ଆୟୋଜକ ଜିଲା କ୍ରୀଡା ସଂସଦ ଓ ନଜଜୀବନ କ୍ଲବକୁ ପ୍ରତବର୍ଷ ୧୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଥିଲେ।

ନେକ୍ସଜେନ କପର ଶୁକ୍ରବାର ପ୍ରଥମ ମ୍ୟାଚରେ ସୁନ୍ଦରଗଡ ପବ୍ଲିକ ସ୍କୁଲ, ରାଜଗାଙ୍ଗପୁର ନିର୍ମଳା ଇଂରାଜୀ ମିଡିୟମ ସ୍କୁଲକୁ ଭେଟିଥିଲା। ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅନୀଲ ସିଂଙ୍କ ୪୫ରନ ଏବଂ ସୋନି ସାହୁଙ୍କ ୩୬ ରନ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୩୬ ରନ କରିଥିଲା। ଏହାର ଜବାବରେ ନିର୍ମଳା ଇଂରାଜୀ ମିଡିୟମ ସ୍କୁଲ ୧୬.୨ ଓଭରରେ ୮୧ ରନ କରି ଅଲଆଉଟ୍ ହୋଇଯାଇଥିଲେ। ଅନିଲ ସିଂ ୪ ଉଇକେଟ ଅକ୍ତିଆର କରିଥିଲେ। ଶୁକ୍ରବାର ମ୍ୟାଚରେ କଂଜୁସ ବୋଲିଂ କରି ପ୍ରତିପକ୍ଷ ଦଳର ରନ ସଂଗ୍ରହରେ ଅଙ୍କୁଶ ଲଗାଇ ଚାପ ସୃଷ୍ଟି କରିଥିଲେ। ସୁନ୍ଦରଗଡ ପବ୍ଲିକ ସ୍କୁଲର ଅଂଶ ଶର୍ମାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବରେ ବିବେଚିତ କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ମ୍ୟାଚରେ ରାଜଗାଙ୍ଗପୁର ଅରବିନ୍ଦ ସ୍କୁଲକୁ ସୁନ୍ଦରଗଡର କେନ୍ଦ୍ରୀୟ ବିଦ୍ୟାଳୟ ଭେଟିଥିଲା। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ଏକଦା ୬୮ ରନରେ ୫ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ଅଙ୍କିତ ମୁଣ୍ଡାଙ୍କ ଚମତ୍କାର ୯୧ରନ ଦଳକୁ ସଞ୍ଜୀବନୀ ପ୍ରଦାନ କରିଥିଲା। ଏହା ଫଳରେ କେନ୍ଦ୍ରୀୟ ବିଦ୍ୟାଳୟ, ସୁନ୍ଦରଗଡ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୩୯ରନ ସଂଗ୍ରହ କରିଥିଲା। ଜବାବରେ ଅରବିନ୍ଦ ସ୍କୁଲ ୧୮ ଓଭରରେ ୮୪ ରନ କରି ଅଲଆଉଟ୍ ହୋଇ ୫୫ ରନରେ ପରାସ୍ତ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ଗାଙ୍ଗୁଲି ୫ ଉଇକେଟ ଅକ୍ତିଆର କରିଥିଲେ । ବିପର୍ଯ୍ୟରୁ ଦଳକୁ ଉଦ୍ଧାର କରି ବିଜୟୀ କରାଇଥିବା ଅଙ୍କିତ ମୁଣ୍ଡାଙ୍କୁ ତାଙ୍କର ୯୧ ରନ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଆଜିର ଏହି ପରିପ୍ରେକ୍ଷୀରେ ଉମାକାନ୍ତ ଭିତ୍ରିଆ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଜିଲା କ୍ରୀଡା ସଂସଦ ତରଫରୁ ପ୍ରସିଦ୍ଧ କ୍ରୀଡା ବିଶାରଦ ଏବଂ କ୍ରୀଡା ସାମ୍ବାଦିକ ସତିଶ ଶର୍ମାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା କ୍ରୀଡା ସଂସଦ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କ୍ରିକେଟ ସମ୍ପାଦକ ଶିଶିର ପଟେଲଙ୍କ ସହଯୋଗରେ ମ୍ୟାଚ ଗୁଡିକ ପରିଚାଳିତ ହୋଇଥିଲା। ମ୍ୟାଚଗୁଡିକୁ ନରେଶ ଆଚାର୍ଯ୍ୟ, ସନୋଜ ମହାନନ୍ଦ, ଶିଶିର ପଟେଲ, ଉଦିତ ଲାକ୍ରା ପରିଚାଳନା କରିଥିଲେ। ରାହୁଲ ସିଂ ସ୍କୋରର ଏବଂ ପ୍ରତିକ ଜେନା ଧାରାବିବରଣୀ ଦାୟୀତ୍ୱ ତୁଲାଇଥିଲେ। ମ୍ୟାଚଗୁଡିକରେ ମନୋଜ ଧଳ, ରାଜେନ୍ଦ୍ର ମହାନ୍ତି, ଅଜିତ ଦାସ, ଜୟଦେବ ପାତ୍ର, ଆଶିଷ ଦେ, ଜୟନ୍ତ ଧଳ, ବାଳଗୋପାଳ ମିଶ୍ର, ପ୍ରକାଶ ମହାନ୍ତି, ପ୍ରଦୀପ ମହାନ୍ତି, ଅଶ୍ୱିନୀ ଭୋଳ, ନିତ୍ୟକୁମାର ବଳ ଏବଂ ପ୍ରସାଦ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ।

## କୁତ୍ରା ଚେୟାରମ୍ୟାନଙ୍କ ମୋବାଇଲ ଚୋରି: ୨ ଗିରଫ

**ବଡଗାଁ, ୧୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଚେୟାରମ୍ୟାନ ପରାଗଲତା ଲାକ୍ରାଙ୍କ ମୋବାଇଲ ଚୋରି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ବଡଗାଁ ଥାନା, ଏକମା ଗ୍ରାମର ନରୋତ୍ତମ ସା (୩୧) ଓ ସଞ୍ଜିବ ମଙ୍ଗର (୨୪) । ସୂଚନାନୁଯାଇ, ବ୍ଲକ ଚେୟାରମ୍ୟାନ ଲାକ୍ରା କୌଣସି କାମରେ ସମ୍ପର୍କୀୟ ଘର ଏକମା ଗ୍ରାମକୁ ଆସିଥିଲା ବେଳେ ମୋବାଇଲ ଚୋରି ହୋଇଥିଲା ।

## ବିଜେଡି ନେତାଙ୍କ ପରଲୋକ

**ପାଇକମାଲ, ୧୭।୧୧ (ଡି.ଏନ.ଏ)**

ପାଇକମାଲ ବ୍ଲକ ପୂର୍ବତନ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି (୭୫)ଙ୍କର ଶନିବାର ଅପରାହ୍ନ ସାଢ଼େ ୧ଟା ଅପରାହ୍ନରେ ମୃତ୍ୟୁ ଘଟିଛି । ସେ ପ୍ରାୟ ଏକ ସପ୍ତାହ ହେବ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ଶବ ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ । ରାତି ସାଢ଼େ ୭ଟାରେ ସରକାରୀକଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପାଇକମାଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ମରୁଡ଼ି ପ୍ରଭାବିତ ଅଞ୍ଚଳରେ ସରକାରୀ ସହଯୋଗ

**ହେମଗିର, ୧୭।୧୧ (ଡି.ଏନ.ଏ)**

ଚଳିତ ବର୍ଷ ଖରିଫ ଚାଷରେ ବର୍ଷା ଅଭାବରୁ ହେମଗିର ବ୍ଲକରେ ମରୁଡି ସମସ୍ୟା ଦେଖାଯାଇଛି । ହେମଗିର ବ୍ଲକର ୧୯ ପଞ୍ଚାୟତରେ ମୋଟ ୧୨,୯୦୬ ହେକ୍ଟର ଜମିରେ ଚାଷୀମାନେ ଧାନ ଚାଷ କରିଥିଲେ । ଏଥିରେ ୧୧,୦୯୨ ହେକ୍ଟର ଜମିରେ ବର୍ଷା ଅଭାବରୁ ପ୍ରାୟ ୩୩ ପ୍ରତିଶତରୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ଧାନ ନଷ୍ଟ ହୋଇଛି । ଏନେଇ ବିଭିନ୍ନ ଦଳ ତଥା ଚାଷୀମାନଙ୍କ ପକ୍ଷରୁ ହେମଗିର ବ୍ଲକକୁ ମରୁଡି ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିବାକୁ ସରକାରଙ୍କ ଠାରେ ଦାବି କରାଯାଇଥିଲା । ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ସରକାର ମରୁଡି ପ୍ରଭାବିତ ଅଞ୍ଚଳର ଏକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରି ସହଯୋଗ କରିବା ପାଇଁ ଘୋଷଣା କରିଛନ୍ତି । ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପତ୍ର ସଂଖ୍ୟା ୮୯୩୯, ୧୫ ନଭେମ୍ବର, ୨୦୧୮ ଅନୁଯାୟୀ ଏହା ଘୋଷଣା କରାଯାଇଛି । କ୍ଷତିଗ୍ରସ୍ତ ଧାନ ଚାଷ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ଅଣ ଜଳସେଚିତ ଅଞ୍ଚଳ ହେକ୍ଟର ପ୍ରତି ୬,୮୦୦ ଟଙ୍କା, ଜଳସେଚିତ ଅଞ୍ଚଳର ହେକ୍ଟର ପ୍ରତି ୧୩,୫୦ ଓ ସବୁ ଦିନିଆ ଚାଷ ପାଇଁ ହେକ୍ଟର ପ୍ରତି ୧୮,୦୦୦ ଟଙ୍କା ସହଯୋଗ ରାଶି ଘୋଷଣା କରାଯାଇଛି। ଏହି ସହଯୋଗ ରାଶି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସର୍ବାଧିକ ଦୁଇ ହେକ୍ଟର ମରୁଡି ଗ୍ରସ୍ତ ଚାଷ ଉପରେ ମିଳିପାରିବ ।

# ବିର୍ସା ମୁଣ୍ଡାଙ୍କ ବଳିଦାନ ଦେଶ ପାଇଁ ଗୌରବ

- ଜେଏମ୍ଏମ୍ ପକ୍ଷରୁ ନୂଆଗାଁରେ ବିର୍ସା ମୁଣ୍ଡାଙ୍କ ୧୪୩ତମ ଜୟନ୍ତୀ ସମାରୋହ

**ନୂଆଗାଁ, ୧୭।୧୧ (ଡି.ଏନ.ଏ)**



ଜେଏମ୍ଏମ୍ ପକ୍ଷରୁ ନୂଆଗାଁଠାରେ ଆୟୋଜିତ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ବୀର ବିର୍ସା ମୁଣ୍ଡାଙ୍କ ଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଆମ ଦେଶ ପାଇଁ ଗୌରବ। ଓଡ଼ିଶାରୁ ଝାଡଖଣ୍ଡ, ବିହାର, ଛତିଶଗଡଠାରୁ ସମଗ୍ର ଦେଶରେ ତାଙ୍କର ୧୪୩ତମ ଜୟନ୍ତୀକୁ ଧୁମଧାମରେ ପାଳନ କରାଯାଇଛି। ଜାତି ଓ ଦେଶର ସୁରକ୍ଷା, ମା' ମାଟିର ରକ୍ଷା ପାଇଁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରି ନିଜ ଜୀବନକୁ ବଳିଦାନ ଦେଇଥିବା ଏହି ମହାନ ସଂଗ୍ରାମୀଙ୍କୁ ତାଙ୍କ ଜନ୍ମ ତିଥିରେ ପ୍ରଣାମ କରିବା ସହ ତାଙ୍କ ପଥକୁ ଅନୁସରଣ କରିବା ଉଚିତ ବୋଲି ଶୁକ୍ରବାର ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ପକ୍ଷରୁ ଜୟନ୍ତୀ ଉପଲକ୍ଷେ ନୂଆଗାଁଠାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଝାଡଖଣ୍ଡ ରାଜ୍ୟର ତୋରପା ଅଞ୍ଚଳର ବିଧାୟକ ପାଉଲୁସ ସୁରିନ ଯୋଗଦେଇ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଝାଡଖଣ୍ଡ ସିଲି ଅଞ୍ଚଳର ବିଧାୟକ ଅମିତ ମାହାତ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜେଏମଏମର ରାଜ୍ୟ ଉପସଭାପତି ସେବୀୟାନ ଆଇନ୍ଦ, ଅମିତ ବାଡିଙ୍ଗ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଆଦର୍ଶ ଓ ଦେଶ ପାଇଁ ବଳିଦାନ ଉପରେ ଲୋକଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ଗୁଲାମ ଅହମ୍ମଦ ଯୋଗଦେଇଥିଲେ। ନୂଆଗାଁ ଜେଏମ୍ଏମ୍‌ର ଯୁବନେତା କମଲ କିଶୋର ସାହୁ ଓ ଜଗତ କିଶୋର ସାହୁ (ଚାନ୍ଦୁ) ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ବିଭିନ୍ନ ଗାଁରୁ ମହିଳା ଓ ପୁରୁଷମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବ୍ୟାଡ୍‌ମିଣ୍ଟନ କୋର୍ଟ ଉଦ୍‌ଘାଟିତ

**ବରପାଲି, ୧୭।୧୧ (ଡି.ଏନ.ଏ):** ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ୟାଡମିଣ୍ଟନ କୋର୍ଟ ଉଦଘାଟିତ ହୋଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ଶଙ୍କର ପ୍ରସାଦ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, କ୍ରୀଡ଼ା ଶିକ୍ଷକ ମନୋଜ ସାହୁ ଓ ସ୍କୁଲ କମିଟି ସଭାପତି ଯଦୁମଣି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ନିରଦ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ ।

### ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

**ଭଟଲି,୧୭।୧୧(ଡି.ଏନ.ଏ):** ବରଗଡ଼ ଜିଲା ଭଟଲି ସରକାରୀ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ଉଭୟ ଜୁନିୟର ଏବଂ ସିନିୟର ବିଭାଗର ଏହି ପ୍ରତିଯୋଗିତାରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରାୟ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ପ୍ରଧାନ ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନର ଆବଶ୍ୟକତା ବିଷୟରେ କହିବା ସହିତ ପ୍ରତିଯୋଗିତାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ବିଜ୍ଞାନ ଶିକ୍ଷକ ଅଶୋକ ଡନସନା, ବନ୍ଦିତା ପଧାନ ଏବଂ ସୁରେନ୍ଦ୍ର ଗଡ଼ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ଲିପ୍‌ସା ବାରିକ ଓ ଟେକ୍‌ଚାନ୍ଦ ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଜୁନିୟର ବିଭାଗରେ ସ୍ୱସ୍ତିକ ଖମାରୀ ଓ ଶୋଭାମୟୀ ବାରିକ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।

### ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧା

**ଜାମଟିକ୍ରା, ୧୭।୧୧ (ଡି.ଏନ.ଏ):** ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା ଆନ୍ଧ୍ରପଡାର ବିଧବା ଜି. ଏଙ୍କଟରାମା (୮୦) । ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ପ୍ରାୟ ୧୫ ବର୍ଷ ହେଲାଣି । ଏକମାତ୍ର ପୁଅ ଅନ୍ୟ ସ୍ଥାନରେ ରହୁଛନ୍ତି। ଏଙ୍କଟରାମା ଏକ ଭଙ୍ଗାଦଦରା କୁଡିଆ ଘରେ ରହି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଅଫିସର କି ସ୍ଥାନୀୟ ଜନପ୍ରତିନିଧି ତାଙ୍କ ପ୍ରତି ଦୃଷ୍ଟି ଦେଇନାହାନ୍ତି । ଏଯାଏ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ । ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ । ସ୍ଥାନୀୟ ପଞ୍ଚାୟତରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କଲେ ମଧ କୌଣସି ସୁଫଳ ମିଳୁନାହିଁ । ସରକାରୀ ସୁବିଧା କହିଲେ ସେ ରାସନ କାର୍ଡ ଜରିଆରେ ମାସିକ ୫ କେଜି ଚାଉଳ ପାଆନ୍ତି । ଭତ୍ତା ବାବଦରେ ୫ଥର ପଞ୍ଚାୟତରେ ଆବେଦନ କରି ୨ରୁ ୩ ଶହ ଟଙ୍କା ଖର୍ଚ୍ଚ କରି ଏପର୍ଯ୍ୟନ୍ତ ଭତ୍ତା ମିଳିନାହିଁ। ଇ ବାବଦରେ କୁଲୁଣ୍ଡା ସରପଞ୍ଚ ସବିତା ଦୀପଙ୍କୁ ପଚାରିବାରୁ ଉକ୍ତ ବୃଦ୍ଧା ନିକଟକୁ ଭତ୍ତା ଫର୍ମ ପଠାଯାଇଛି । ଖୁବ୍ ଶୀଘ୍ର ତାଙ୍କୁ ଭତ୍ତା ମିଳିଯିବ ।

# ୨୦ରୁ ବରଗଡ଼ ପୁସ୍ତକମେଳା

**ବରଗଡ଼ ଅଫିସ୍,୧୭।୧୧**

**ଖବରଦାତା ସମ୍ମିଳନୀରେ ଘୋଷଣା**




ଖବରଦାତା ସମ୍ମିଳନୀରେ ଗାନ୍ଧୀ ସ୍ମୃତି ପାଠାଗାରର କର୍ମକର୍ତ୍ତାମାନେ ।

- ପୁସ୍ତକମେଳାରେ ୧୨୬ ଷ୍ଟଲ ବ୍ୟବସ୍ଥା
- ରାଜ୍ୟ, ରାଜ୍ୟ ବାହାର ପ୍ରକାଶକ ଆସିବେ
- ସମସ୍ତ ଦର୍ଶକଙ୍କ ପାଇଁ ବୀମାଭୁକ୍ତ ବ୍ୟବସ୍ଥା
- ଗାନ୍ଧିଜୀଙ୍କ ଜୀବନୀ ଉପରେ ଚିତ୍ର ପ୍ରଦର୍ଶନୀ
- ଆଲୋଚନାଚକ୍ର, କବିତା ପାଠୋତ୍ସବ ହେବ

ବରଗଡ଼ ପୁସ୍ତକମେଳା-୨୦୧୮ ଆସନ୍ତା ୨୦ତାରିଖରୁ ଆରମ୍ଭ ହେବ। ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ଆନୁକୂଲ୍ୟରେ ହେବାକୁ ଥିବା ଏହି ପୁସ୍ତକମେଳା ୨୯ତାରିଖରେ ସମାପନ ହେବ। ୧୦ଦିନ ଧରି ହେବାକୁ ଥିବା ପୁସ୍ତକମେଳା ଏଥର ମଧ୍ୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିବ ଏବଂ ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ଆଲୋଚନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ପୁସ୍ତକମେଳାରେ ମୋଟ୍ ୧୨୬ଟି ଷ୍ଟଲର ବ୍ୟବସ୍ଥା ରହିଛି । ନୂଆଦିଲ୍ଲୀ, କଲିକତା, ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଅନୁଗୁଳ, ବଲାଙ୍ଗୀର, ବରଗଡ଼ ଆଦି ଜିଲାର ପ୍ରକାଶକ, ପୁସ୍ତକ ବିକ୍ରେତା ଏବଂ ଅନୁଷ୍ଠାନ ଏଥିରେ ଯୋଗଦେବେ। ଶନିବାର ଗାନ୍ଧୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପାଠାଗାରର ସଭାପତି ଅରୁଣ ମହାନ୍ତି ଏହି ସୂଚନା ଦେଇଛନ୍ତି ।

ସେ କହିଥିଲେ, ଆଞ୍ଚଳିକ ଆବଶ୍ୟକତା ଓ ଜନସାଧାରଣଙ୍କ ଅନୁରୋଧ କ୍ରମେ କ୍ୟାନସର ସମ୍ବନ୍ଧୀୟ ଆଲୋଚନାଚକ୍ର ହେବ ଏବଂ ଏଥିରେ ୨ଜଣ କ୍ୟାନସର ବିଶେଷଜ୍ଞ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଗୋଟିଏ ସନ୍ଧ୍ୟାରେ ଇମ୍ପେରିଏଲ କଲେଜ, ଚଢ଼େଇଗାଁ ପକ୍ଷରୁ ଗାନ୍ଧୀଦର୍ଶନ ଆଲୋଚନାଚକ୍ର ହେବ । ପୁସ୍ତକମେଳାର ସ୍ୱତନ୍ତ୍ର ଆକର୍ଷଣ ଭାବେ ମହାତ୍ମାଗାନ୍ଧୀଙ୍କ ଜୀବନର ବିଭିନ୍ନ ସମୟ ଓ ଘଟଣାର ଶହେଟି ଚିତ୍ର ପ୍ରଦର୍ଶନୀ ଏବଂ ଗୋଟିଏ ସନ୍ଧ୍ୟାରେ ଗାନ୍ଧୀ କବିତା ପାଠୋତ୍ସବର କାର୍ଯ୍ୟକ୍ରମ ରହିଥିବା ସେ କହିଥିଲେ । ଉଦଘାଟନୀ ସଭାରେ ଜିଲାର ୮ଜଣ ବରପୁତ୍ରଙ୍କ ଜୀବନୀକୁ ନେଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପୁସ୍ତକ ବରପୁତ୍ର ଏବଂ ଜିଲାର ପର୍ଯ୍ୟଟନ କ୍ଷେତ୍ର ଉପରେ ଆଧାରିତ ବାର୍ଷିକ ମୁଖପତ୍ର ବରପୁତ୍ର ଉନ୍ମୋଚନ କରାଯିବ । ସେହିପରି ବାର୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉଦଘାଟନୀ ଦିବସର ସନ୍ଧ୍ୟାରେ ପୁରସ୍କୃତ କରାଯିବା ସହିତ ଉଦଯାପନୀ ସନ୍ଧ୍ୟାରେ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ, ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ, ଗଙ୍ଗାଧର ସାହିତ୍ୟ ସମ୍ମାନ, ଡୋଲାମଣି ସାହୁ ସ୍ମୃତି ସମ୍ମାନ, ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ, ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, କିରଣମୟୀ ମହାପାତ୍ର ମେଧା ସମ୍ମାନ, ଆଶା ପଟ୍ଟନାୟକ ମେଧା ସମ୍ମାନ, ସତ୍ୟ ନାରାୟଣ ସାହୁ ମେଧା ସମ୍ମାନ ଏବଂ ଡା. ଆନନ୍ଦ ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ପୁସ୍ତକମେଳାକୁ ଆସୁଥିବା ଦର୍ଶକଙ୍କୁ ଏଥର ବୀମାଭୁକ୍ତ କରାଯିବ । ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଡିସେମ୍ବର ୬ରୁ ୯ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଗାନ୍ଧୀ ଆଦର୍ଶ ସମ୍ପର୍କୀତ ୭ଟି କ୍ଷୁଦ୍ର ନାଟକ ମଞ୍ଚସ୍ଥ କରାଯିବା ଯୋଜନା ରହିଛି ବୋଲି ସୂଚନା ଦିଆଯାଇଥିଲା । ଖବରଦାତା ସମ୍ମିଳନୀରେ ପାଠାଗାର ସଭାପତି ମହାନ୍ତିଙ୍କ ସମେତ ସମ୍ପାଦକ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ବିକ୍ରମାଦିତ୍ୟ ପଣ୍ଡା, ସଭ୍ୟ ଜୟପ୍ରକାଶ ଶତପଥୀ, ସଭ୍ୟ ହୃଷିକେଶ ଦାଶ, ଉମେଶ ବିଶ୍ୱାଳ, ଲଲାଟେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ଶୁଦ୍ଧିକ୍ରିୟା କର୍ମ ବଡଗାଁ ମଣ୍ଡଳ ବଜରଙ୍ଗ ଦଳ କର୍ମୀମାନଙ୍କ ଦ୍ୱାରା କରାଯାଉଛି।

## ଅସହାୟ ମହିଳାଙ୍କ ଶୁଦ୍ଧିକ୍ରିୟା କଲେ ବଜରଙ୍ଗ ଦଳ କର୍ମୀ

**ବଡ଼ଗାଁ, ୧୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁରେ ଦୀର୍ଘ ୪୦ ବର୍ଷ ହେଲା ବିହାର ରାଜ୍ୟରୁ ଆସି ଏଠାରେ ରହି ଆସୁଥିବା ନିଃସନ୍ତାନ ଦମ୍ପତ୍ତିଙ୍କ ମଧ୍ୟରୁ ବୃଦ୍ଧା ଜିରାଦେବୀଙ୍କ ଗତମାସ ୫ ତାରିଖ ମୃତ୍ୟୁ ହୋଇଥିଲା । ବଡଗାଁ ଗୌଡପଡାର ଯୁବକ ଓ ସ୍ଥାନୀୟ ମା' ତାରିଣୀ କ୍ଲବ ସଦସ୍ୟମାନେ ତାଙ୍କ ଶବ ସତ୍କାର କରିଥିଲେ । ଶନିବାର ଦ୍ୱାଦଶ ଦିବସରେ ଶୁଦ୍ଧିକ୍ରିୟା କର୍ମ ବଡଗାଁ ମଣ୍ଡଳ ବଜରଙ୍ଗ ଦଳ କର୍ମୀମାନଙ୍କ ଦ୍ୱାରା କରାଯାଇଛି। ବଡଗାଁ ମଣ୍ଡଳ ସଭାପତି ରାଜେଶ ଦାସ, ସମ୍ପାଦକ ତାପସ ବିଶି, ସାହାଜବାହାଲ ପଞ୍ଚାୟତ ସଭାପତି ଯୋଗିନ୍ଦ୍ର ଲେହେରୀ, ବଜରଙ୍ଗ କର୍ମୀ ରାଜକୁମାର ବରୁଆ, ଗୋପି ଲେହେରୀ, ବିକାଶ ଲେହେରୀ, ଶିତ ଲେହେରୀ, ସାଗର ଲେହେରୀ, ସୁମିତ ସନ୍ୟାସୀ, ବଡଗାଁ ମାଁ ତାରିଣୀ କ୍ଲବର ରମାକାନ୍ତ ଭୈସାଲ, ଟଙ୍କଧର ଦେହୁରୀ, ରିତେଶ କାଲୋ, ଟୈନୁ ଚନ୍ଦନ, ବୁଲୁ ଭୈସାଲ, କୈଳାଶ କର୍ସେଲ ପ୍ରମୁଖ ଯୁବକମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟତୁଲାଇଥିଲେ । ସୂଚନାଯୋଗ୍ୟ ଯେ, ମୃତ ବୃଦ୍ଧାଙ୍କ ଏଠାରେ କେହି ନ ଥିବା ଓ ଘର ନ ଥିବାରୁ କୁନୁ କାଲୋଙ୍କ ଝିଅ ସୀମା ଓ ଶିବାନୀ ରୋଗଗ୍ରସ୍ତ ବୃଦ୍ଧାଙ୍କୁ ନିଜ ଘରେ ରଖି ଦେଖାଶୁଣା କରୁଥିଲେ ।

## ବଢୁଛି ମଦ କାରବାର, ହେଉନି କାର୍ଯ୍ୟାନୁଷ୍ଠାନ

**ଜାମଟିକ୍ରା, ୧୭।୧୧ (ଡି.ଏନ.ଏ)**

ଅତାବିରା ବ୍ଲକ ଅଞ୍ଚଳରେ ଚୋରା ମଦ କାରବାର ବଢିବାରେ ଲାଗିଛି । ଏ ଦିଗରେ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଚୋରାମଦ ବ୍ୟବସାୟୀମାନେ ସେମାନଙ୍କ କାରବାର ଦିନକୁ ଦିନ ବଢ଼ାଇ ଚାଲିଛନ୍ତି । କେତେବେଳେ କେମିତି ଅଭିଯୋଗ ଆସିଲେ ଅବକାରୀ ବିଭାଗ କାଁ ଭାଁ ଚଢ଼ାଉ କରୁଛି । ଏପରିକି ବଡ ବଡ ମଦ ବ୍ୟବସାୟୀଙ୍କୁ ନ ଧରି କେବଳ ଲୋକ ଦେଖାଣିଆ ଛୋଟ ବ୍ୟବସାୟୀଙ୍କୁ ଧରି କୋର୍ଟ ଚାଲାଣ କରାଯାଉଛି । ବର୍ତ୍ତମାନ ଅତାବିରା ବ୍ଲକର ବିଭିନ୍ନ ଗାଁରେ କୁଟିଆ ମଦ କୋଠି ଖୋଲିଛି। ଫଳରେ ଗାଁ ଛକମାନଙ୍କରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ମହିଳାମାନେ ରାସ୍ତାରେ ଯିବା ଆସିବା ପାଇଁ ନିରାପଦ ମଣୁନାହାନ୍ତି । ବ୍ଲକର ବିଭିନ୍ନ ଜନବସତି ସ୍ଥାନ, ଶିକ୍ଷାନୁଷ୍ଠାନ, ମନ୍ଦିର କ୍ଲବ ନିକଟରେ ମଦ କୋଠିଗୁଡିକ ଛତୁ ଫୁଟିଲା ପରି ଗଢ଼ି ଉଠିଛି । ୨୦୦୭ ମସିହା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଖଲିଆପାଲି ଗ୍ରାମରେ କଳାସୀ ଯାତ୍ରା ସମୟରେ ବିଷାକ୍ତ ମଦ ପିଇ ତିନି ଜଣଙ୍କ ମୃତ୍ୟୁ ଘଟିଥିଲା । ସେ ବର୍ଷ ବରଗଡ ଜିଲାପାଳ ଖଲିଆପାଲି ଗ୍ରାମରେ ମଦ ବିକ୍ରି ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେହି ନିର୍ଦ୍ଦେଶକୁ ମାତ୍ର ୨ବର୍ଷ ପାଳନ କରାଗଲା। ୨ବର୍ଷ ପରେ ଗାଁରେ ମଦ ଭାଟି ଠିକା ଦିଆଗଲା । ଆସନ୍ତା ସୋମବାର କଳାସୀ ଯାତ୍ରା ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ଲହୁଣୀପଡା, ୧୭।୧୧ (ଡି.ଏନ.ଏ)**



ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ମୁହୂର୍ତ୍ତ।

ସୁନ୍ଦରଗଡ ଜିଲା ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶଶିଭୂଷଣ ମାହାନ୍ତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶନିବାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲହୁଣୀପଡା ବ୍ଲକ ଶିକ୍ଷା ଅଧିକାରୀ ଆହ୍ଲାଦିନି ନାଏକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. କୁମୁଦବନ୍ଧୁ ପତି ସମ୍ମାନିତ ଅତିଥି ଭାବେ କୁମାର ଗୌତମ ବାରିକ, ହରିହର ମାହାନ୍ତ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାଯର୍ୟ ନିରୋଜ ଚନ୍ଦ୍ର ଦିକ୍ଷିତଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଏହି ଦୁଇ ଦିନିଆ ବାର୍ଷିକ କ୍ରୀଡାରେ ବିଭିନ୍ନ ପ୍ରକାର କ୍ରୀଡାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ଛାତ୍ରୀଛାତ୍ର ଜୀବନରେ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ରହିଛି । କ୍ରୀଡା ଦ୍ୱାରା ମଣିଷକୁ ମାନସିକ ସ୍ତରରେ ସୁସ୍ଥ, ଶାନ୍ତି ରହିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭିନ୍ନ କ୍ରୀଡାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ ପ୍ରଦାନ କରିଥିଲେ । କ୍ରୀଡା ଶିକ୍ଷକ ସୁମନ୍ତ କୁମାର ସାହୁ କ୍ରୀଡା ପରିଚାଳନା କରିଥିବା ବେଳେ ଶେଷରେ ଯଶୋବନ୍ତ ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାଯର୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଗୁରୁମା, ଗୁରୁଜୀ ଓ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ଫଟୋରେ ଖବର




ହମିରପୁର ପାରିସ ଚର୍ଚ୍ଚ ଶତବାର୍ଷିକ ଜୟନ୍ତୀ ସାମରୋହରେ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଅଏଁଲାପାଲିରେ ସଂକ୍ରାନ୍ତି ଉତ୍ସବ ଉଦ୍‌ଯାପିତ

**ଭେଡ଼େନ,୧୭।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଠାରେ ଦୁଇଦିନ ଧରି ଚାଲିଥିବା ଦଶମ ସଂକ୍ରାନ୍ତି ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଏହି ଉତ୍ସବ ପାଇଁ ଶୁକ୍ରବାର ସକାଳେ କଳସ ଶୋଭାଯାତ୍ରା ହୋଇଥିଲା । ପରେ ବନାବିରାର ସ୍ନେହଲତା ସାହୁ, ଭବାନିପାଲିର ନନ୍ଦିଘୋଷ ପାଢ଼ୀ, ରେମତାର ଗୁରୁଦେବ ପଧାନ ପ୍ରମୁଖ ପ୍ରବଚନ ଦେଇଥିଲେ। ଶନିବାର ବୀରମହାରାଜପୁରର ଅଏଁଠୁ ସାହୁ ପ୍ରବଚନ ଦେଇଥିଲେ । ଜୟ ଶ୍ରୀରାମ ସତସଙ୍ଗ ମଣ୍ଡଳୀ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ବଡ଼ଗାଁରେ ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ

**ବଡଗାଁ, ୧୭।୧୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶନିବାର ତଲସରା ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମକର୍ତ୍ତାମାନଙ୍କୁ ନେଇ ସଂଗଠନ ଓ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲା ବିଜେଡିର ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲା ବିଜେଡି ର ସାଧାରଣ ସମ୍ପାଦକ ବିନୟ ପଣ୍ଡା, ଡବ୍ଲୁଓଡିସି ଏକ୍ସପର୍ଟ ମେମ୍ବର ବିନୟ ଟପ୍ପୋ, ତଲସରା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମିନତୀ ଦେବତା, ଜିଲା ଏସଏଚଜି ସଂଗଠିକା ରଶ୍ମିବାଲା ମିଶ୍ର, ବଡ଼ଗାଁ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୋଜାଲିନ ସଏ, ବାଲିଶଙ୍କରା ବ୍ଲକ ସଭାନେତ୍ରୀ କୁଞ୍ଜଲତା ଭିତ୍ରିଆ, ବଡଗାଁ, ବାଲିଶଙ୍କରା, ସବଡେଗା, ଲେଫ୍ରିପଡା ବ୍ଲକ ପର୍ଯ୍ୟବେକ୍ଷକ ଏବଂ ସଭାପତି ଯଥାକ୍ରମେ ଷ୍ଟିଫେନ୍ ସୋରେଙ୍ଗ, ରଣଜିତ ଭିତ୍ରିଆ, ସୁବାଷ ଚନ୍ଦ୍ର ରଣା, ଗୋପାଳ ପ୍ରଧାନ ଏବଂ ତୁଳାରାମ ହୋତା, ଶିଶିର ସାହୁ, ମନୋଜ ପଟେଲ, ରବି ପଟେଲ ଯୋଗଦେଇଥିଲେ । କର୍ମକର୍ତ୍ତାମାନଙ୍କ ଏହି ଆଲୋଚନାରେ ପଞ୍ଚାୟତରୁ ବ୍ଲକସ୍ତରର ସଙ୍ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ବେଳେ ଆଗାମୀ ବିଧାନସଭା ନିର୍ବାଚନରେ କିପରି ରଣନୀତି ପ୍ରସ୍ତୁତ କରାଯିବ ସେନେଇ ଆଲୋଚନା ହୋଇଥିଲା । ବୈଠକରେ ଜିଲା ପର୍ଯ୍ୟବେକ୍ଷକ ନନ୍ଦ ହାଇକମାଣ୍ଡ ଯେଉଁ ପ୍ରାର୍ଥୀ ଚୟନ କରି ଟିକେଟ ଦେବେ ତାଙ୍କୁ ସମସ୍ତେ ସମର୍ଥନ କରି ନିର୍ବାଚନ ଲଢ଼ିବାକୁ କହିଥିଲେ । ଏଥିରେ ସମସ୍ତ କର୍ମକର୍ତ୍ତା ସମ୍ମତି ଜଣାଇଥିଲେ ।



ବଡଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବିଜେଡ଼ି କର୍ମକର୍ତ୍ତାମାନଙ୍କୁ ନେଇ ସଙ୍ଗଠନ ଓ ନିର୍ବାଚନ ପ୍ରସ୍ତୁତି ବୈଠକ।

### ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଛତିଶଗଡର କୁନକୁରୀ ଚାମ୍ପିୟନ

**ବାଲିଶଙ୍କରା, ୧୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ରାଜାବଙ୍ଗଳା ଖେଳ ପଡିଆରେ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୪ଠମ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ରୂପେ ପାଣି ପଞ୍ଚାୟତ ଅଧକ୍ଷ ତଳସରା ଅନୀଲ ବେହେରା ଯୋଗଦେଇ କଠିନ ପରିଶ୍ରମ ଧୈର୍ଯ୍ୟ ଧରି ଏକାଗ୍ରତା ଶାନ୍ତିବଜାୟ ରଖି ପାରିଲେ ଉଚ୍ଚକୋଟିର ଖେଳାଳି ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କଲ୍ୟାଣୀ ଏସଏଚଜି ଗ୍ରୁପ ସଭାପତି ଜୟନ୍ତୀ ଏକ୍କା, ସରପଞ୍ଚ ଦୀନବନ୍ଧୁ ସାଏ, ସାହାରା ଇଣ୍ଡିଆ ଏବିଏମ ସୁବାଷ ସାହୁ, ରଞ୍ଜିତ କୁଜୁର, ରଞ୍ଜନ ବେସେନ, ରଞ୍ଜନ ସିଂ, ଦଧି ଚନ୍ଦ୍ର ଷଣ୍ଢ, ବିପିନ ନାଏକ, ଦୀପ୍ତିରଞ୍ଜନ ପଟେଲ, ଅନୀଲ ବାଘା, ଚନ୍ଦ୍ରମଣି ପ୍ରଧାନ, ସଞ୍ଜିବ ପଟେଲ, ବସନ୍ତ ଗୁପ୍ତା, ମିଥଲେସ କୁମାର ସା, ଅଶୋକ ସା, ସୁନୀଲ ବାଘ ପ୍ରମୁଖ ଖେଳ ଉପରେ ଗୁରୁତ୍ୱାରୋପ କରିଥିଲେ। ସର୍ବମୋଟ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଛତିଶଗଡ କୁନକୁରୀ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ବ୍ୟବଧାନରେ ୩ ଉଇକେଟରେ ୯୩ରନ କରିଥିବାବେଳେ ସୁନ୍ଦରଗଡ ୧୯ ରନ କରିଥିଲା । ଚାମ୍ପିୟାନ ଦଳକୁ ୫୧ ହଜାର ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩୧ ହଜାର ଟଙ୍କ ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ୪ଠମ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟକୁ ବରିଷ୍ଠ ନାଗରିକ ତଥା ଶ୍ରୀକାନ୍ତ ବାରିକଙ୍କ ବାପା ହୃଦାନନ୍ଦ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଲିଥିଲା । ଅମ୍ପାୟାର ଭାବେ ଶ୍ରୀକାନ୍ତ ଦାନୀ, ଅମିତ ପଟେଲ ଓ ସୁଶାନ୍ତ ଦାନୀ ପରିଚାଳନା କରିଥିବା ବେଳେ ଆଜାରଦାନ କୁଜୁର, ପ୍ରଦୀପ ସାହୁ, ରାଜା ଦାନୀ, ମଣ୍ଟୁ ରଣା, ଟୁବଲୁ ଧର, ନିତ୍ୟା ସା, ସୁବାଷ ବରିହା ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଛତିଶଗଡ ରାଜ୍ୟ କୁନକୁରୀ ଗ୍ରାମର ଥୋମେସଙ୍କୁ ଦିଆଯାଇଥିଲା ।



ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଖେଳାଳିଙ୍କ ସହ ଅତିଥି, ଆୟୋଜକ କର୍ମକର୍ତ୍ତା।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ନଭେମ୍ବର ୧୮/୨୦୧୮



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ସଂକ୍ଷେପରେ

### ବିମାନବନ୍ଦର ନାଁରେ ଦ୍ୱିତୀୟ ଠକେଇ

**ଝାରସୁଗୁଡା ଅଫିସ,୧୭।୧୧**-ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନାଁକୁ ବ୍ୟବହାର କରି ପୁଣି ଏକ ଠକେଇ ହୋଇଛି। ୬ ମାସ ଭିତରେ ବିମାନବନ୍ଦର ନାଁକୁ ବ୍ୟବହାର କରି ଏହା ଦ୍ୱିତୀୟ ଠକେଇ ଭାବେ ଅଭିଯୋଗ ହୋଇଛି। ଗତ କିଛିମାସ ପୂର୍ବରୁ ବିମାନବନ୍ଦର ପାଇଁ ଫ୍ଲୋର ଷ୍ଟାଫ୍ ଆବଶ୍ୟକ ଥିବା କହି ଜଣେ ବ୍ୟକ୍ତି ଉଭା ହୋଇଥିବା ବେଳେ ଏବେ ବିମାନବନ୍ଦର ପର୍ଚେଜ୍ ବିଭାଗର ହେଡ୍ କହି ଝାରସୁଗୁଡା ସହରର ଇଲେକ୍ଟ୍ରୋନିକ୍ସ ବ୍ୟବସାୟୀଙ୍କୁ ଟାର୍ଗେଟ କରିଛି। ଏହି ଜାଲରେ ପଡିଛନ୍ତି ଅମିତ୍ ଭୁବନିଆ ନାମକ ଜଣେ ବ୍ୟକ୍ତି। ଏସ୍.କେ ସିଂ ନାମକ ବ୍ୟକ୍ତି ଜଣକ ଅମିତଙ୍କୁ ଫୋନ କରି ଏସି, ଟିଭି ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଣ କରିବାକୁ କହିଥିଲେ। ହେଲେ ଟେଣ୍ଡର ପ୍ରକ୍ରିୟାରେ ନାଁ ଏଣ୍ଟ୍ରି କରିବା ଓ ଏହାକୁ ନିଶ୍ଚିତ କରିବା ପାଇଁ ୧୮ ହଜାର ଟଙ୍କା ଜମା କରିବାକୁ ଅମିତଙ୍କୁ କହିଥିଲେ। ତାଙ୍କ କଥାରେ ପଡି ଅମିତ ଟଙ୍କା ଡିପୋଜିଟ କରିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିପାରି ଟାଉନ ଥାନାରେ ଏତଲା ଦେଇଛନ୍ତି।

### ପାଣିଟାଙ୍କି ଚୋରି ଘଟଣା: ୭ ଗିରଫ

**ଜୁନାଗଡ଼,୧୭।୧୧(ସ୍ୱ.ପ୍ର/ଡି.ଏନ୍.ଏ.)**- କଳାହାଣ୍ଡି ଜଲା ଜୁନାଗଡ଼ ଥାନା ଅଧୀନ ବଲଧିଆମାଲ ପଞ୍ଚାୟତର ୨ଟି ସ୍କୁଲ ସମେତ ପଞ୍ଚାୟତ କାର୍ଯ୍ୟାଳୟରୁ ପାଣି ଟାଙ୍କି ଚୋରି ଅଭିଯୋଗରେ ୭ଜଣଙ୍କୁ ପୋଲିସ ଗିରଫ କରିଛି। ଏମାନେ ହେଲେ ବଲଧିଆମାଲ ଗ୍ରାମର ୫ଜଣ ବ୍ୟକ୍ତି ରୋହିତ ମହାଲିକ(୨୫), ପ୍ରସନ୍ନ ବରମୁଲିଆ(୩୦), ପୂର୍ଣ୍ଣଚନ୍ଦ୍ର ପ୍ରଧାନୀ(୪୨), ସଞ୍ଜୀବ ପ୍ରଧାନୀ(୪୩) ଏବଂ ଅକ୍ଷୟ ବରମୁଲିଆ(୨୩)। ଚୋରି ଟାଙ୍କି କିଣିଥିବା ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ଅଭିମନ୍ୟୁ ମେହେର(୫୮) ଓ ଚୈତନ୍ୟ ମେହେର(୪୩)ଙ୍କୁ ଗିରଫ କରିଛି।

ଅକ୍ଟୋବର ୨୬ତାରିଖରେ ବଲଧିଆମାଲ ପଞ୍ଚାୟତ ଅଫିସ ଏବଂ ୟୁପି ସ୍କୁଲ ଓ ନେହେରୁନଗରଠାରେ ଅବସ୍ଥିତ ୟୁଜିଏମ୍‌ଇ ସ୍କୁଲର ପାଣି ଟାଙ୍କି ଚୋରି ହୋଇଥିଲା। ଏ ନେଇ ସରପଞ୍ଚ ଅର୍ଚ୍ଚନା ମେହେର ଜୁନାଗଡ଼ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୩୧୪/୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୂଚନା ଯୋଗ୍ୟ, ୩ଟି ଟାଙ୍କି ମଧ୍ୟରୁ ୨ଜଣ ଗୋଟାଏ ଲେଖାଏ ଟାଙ୍କି କିଣିଥିଲେ। ଅନ୍ୟ ଏକ ଟାଙ୍କି ନିକଟସ୍ଥ ନାଳରେ ପଡିଥିବା ଦେଖିବାକୁ ମିଳିଥିଲା।

■ କଷ୍ଟମ ମିଲିଂ ପ୍ରକ୍ରିୟା

# ୧୦ ବର୍ଷରେ ୧୫୦ କୋଟି ହେରଫେର

**ଝାରସୁଗୁଡା ଅଫିସ,୧୭।୧୧**

ଗତ ୧୦ ବର୍ଷ ଭିତରେ ରାଜ୍ୟରେ କଷ୍ଟମ ମିଲିଂ କ୍ଷେତ୍ରରେ ମିଲ୍ ମାଲିକଙ୍କ ଦ୍ୱାରା ବହୁମାତ୍ରାରେ ହେରଫେର, ଘୋଟାଲା ହୋଇଛି। ଏହି ୧୦ ବର୍ଷରେ ୨୦ଟି ଜିଲାର ୯୫ ମିଲ୍ ସରକାରଙ୍କ ୧୫୦ କୋଟି ଟଙ୍କା ଗିଳି ଦେଇଛନ୍ତି। ଆର୍ଥିକ ଠକେଇ ପରେ କିଏ ମିଲ୍ ବନ୍ଦ କରି ଦେଇଛି ତ ଆଉ କିଏ ଅଧିକାରୀଙ୍କ ସଲାସୁତରାରେ ନାଁ ପରିବର୍ତ୍ତନ କରି ପୁଣି ବିଭାଗ ସହ ସମ୍ପର୍କ ଯୋଡିଛି। ହେଲେ ସରକାରୀ ଅର୍ଥ ଆଉ ଫେରାଇବାର ନାଁ ଧରୁନାହାନ୍ତି ମିଲ୍ ମାଲିକ। ବର୍ତ୍ତମାନ ରାଜ୍ୟ ଯୋଗାଣ ନିଗମ ହେରଫେର ଅର୍ଥ ମିଲ୍ ମାଲିକଙ୍କଠାରୁ ଆଦାୟ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବାସ୍ତବରେ ନିଗମର ଏହି ପଦକ୍ଷେପ କେତେଦୂର ଫଳପ୍ରଦ ହେବ ତାହା ଜଣାନାହିଁ। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ନିଗମ ଏହି ହେରଫେରର ଏକକାଳୀନ ଫୈସଲା କରିବାକୁ ଇଚ୍ଛା ପ୍ରକାଶ କରିଛି। ସେଥିପାଇଁ ହେରଫେର କରିଥିବା ମିଲ୍ ଗୁଡିକର ଷ୍ଟାଟସ୍ ଜଣାଇବାକୁ ରାଜ୍ୟ ଯୋଗାଣ ନିଗମ ପ୍ରତ୍ୟେକ ଜିଲାର ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସ୍ଥିତି ରିପୋର୍ଟ ଦେବାକୁ ସିଏସ୍‌ଓଙ୍କୁ ନିଗମର ନିର୍ଦ୍ଦେଶ

ବର୍ତ୍ତମାନ ବରଗଡ ଜିଲାରେ ଧାନ କିଣାବିକାରେ ହେରଫେର ହୋଇଥିବା ପୁଣି ସାମ୍ନାକୁ ଆସିଛି। ବାଇକରେ ଧାନ ବୋଝେଇ ହୋଇ ଶହ ଶହ ମେଟ୍ରିକ୍ ଟନ୍ ମିଲକୁ ଯାଇଥିବା ତଥ୍ୟ ଜଣାପଡିବା ପରେ ବିଧାନସଭାରେ ବିରୋଧୀ ଏହାକୁ ନେଇ ହଟ୍ଟଗୋଳ ସୃଷ୍ଟି କରିଛନ୍ତି। ସେହିପରି ଭାବେ ୨୦୦୬-୦୭ ଖରିଫ୍ ମାର୍କେଟିଂ ସିଜିନ୍‌ରୁ ୨୦୧୬-୧୭ ସିଜିନ୍ ମଧ୍ୟରେ ରାଜ୍ୟର ବାଲେଶ୍ୱର, ବରଗଡ, ଭଦ୍ରକ, ଗଞ୍ଜାମ, ବଲାଙ୍ଗୀ, ଝାରସୁଗୁଡା (ବଜରଙ୍ଗବାଲି ରାଇସ୍ ମିଲ୍ ୮ କୋଟି ଟଙ୍କା ହେରଫେର କରିଛି), କଟକ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି ଭଳି ୨୦ଟି ଜିଲାରେ ୧୫୦ କୋଟି ଟଙ୍କାର କଷ୍ଟମ୍ ମିଲିଂ ଧାନ ଏବଂ ଚାଉଳ ହେରଫେର ହୋଇଛି। ଏହି ହେରଫେରରେ ରାଜ୍ୟର ୯୫ଟି ମିଲ ସମ୍ପୃକ୍ତ ରହିଛି। ଠକେଇରେ ସମ୍ପୃକ୍ତ ଥିବା ମିଲ୍ ମାଲିକଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ୧୯ ମିଲ୍ ହେରଫେରରେ ସର୍ବାଗ୍ରେ ରହିଥିବା ବେଳେ ଏହା ପଛକୁ ରହିଛି ଢେଙ୍କାନାଳର ୧୩ ମିଲ୍। ସେହିପରି ଯାଜପୁର, ବଲାଙ୍ଗୀର ଏବଂ ମୟୂରଭଞ୍ଜ ଜିଲାରେ ସର୍ବନିମ୍ନ ଗୋଟିଏ ଲେଖାଏଁ ମିଲ୍ ମାଲିକ ଏହି ହେରଫେରରେ ସାମାଲି ଅଛନ୍ତି। ତେଣୁ ଜିଲା ଯୋଗାଣ ଅଧିକାରମାନେ ହେରଫେରରେ ସମ୍ପୃକ୍ତ ମିଲ ମାଲିକଙ୍କ ସ୍ଥିତି, ମିଲ୍‌ର ସ୍ଥିତି ସମୀକ୍ଷା କରି ରିପୋର୍ଟ ପଠାଇବାକୁ କହିଛନ୍ତି।

# ଚାନ୍ଦା ନ ଦେବାରୁ କାମକୁ ବିରୋଧ

**ଲୋଇସିଂହା,୧୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ଶନିବାର ଏକ ରୋଚକ ଘଟଣା ଘଟିଛି। ପଞ୍ଚାୟତର ଜନୈକ ଜନପ୍ରତିନିଧି ଗ୍ରାମରେ କୌଣସି ଏକ ପୂଜାର ଚାନ୍ଦା ଦେଇ ନ ଥିବାରୁ ଉନ୍ନୟନ କାମକୁ ବିରୋଧ ହୋଇଛି। ସରପଞ୍ଚଙ୍କ ଅନୁରୋଧ ସତ୍ତ୍ୱେ କାମ ପାଇଁ ଯାଇଥିବା ଜେସିବି ମେଶିନକୁ କେତେକ ବ୍ୟକ୍ତି ଫେରାଇ ଦେଇଛନ୍ତି। ପ୍ରାପ୍ତ ସୂଚନାମତେ, ବାଦିବାହଲ ପଞ୍ଚାୟତ ଅଧୀନ ଭାଲୁପାଲି ଗାଁରେ ନାଗବାଚା ମନ୍ଦିର ରହିଛି । ଉକ୍ତ ଅବହେଳିତ ମନ୍ଦିର ବିକାଶ ପାଇଁ ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ନିକଟରେ ରାଜ୍ୟ ସରକାର ଘୋଷଣା କରିଥିବା ଆମ ଗାଁ ଆମ ବିକାଶ ପାଣ୍ଠିରୁ ୨ଲକ୍ଷ ବ୍ୟୟରେ ଉକ୍ତ ମନ୍ଦିର ଉନ୍ନତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମନ୍ଦିର ବିକାଶର ମୂଳଦୁଆ ପାଇଁ ସ୍ଥାନୀୟ ସରପଞ୍ଚ ଶନିବାର ସକାଳେ ଜେସିବି ମେଶିନ ଗାଁକୁ ପଠାଇଥିଲେ। ଗାଁକୁ ମେଶିନ ଯିବା ପରେ କେତେକ ଲୋକେ ପଚରାଉଚରା କରିଥିଲେ । ଜେସିବି ଡ୍ରାଇଭର ଜଣାଇବା ପରେ କେତେକ ବ୍ୟକ୍ତି ଜନୈକ ଜନପ୍ରତିନିଧିମାନଙ୍କ ନାମନେଇ ଗାଁ ପୂଜା ଚାନ୍ଦ ଦେବାରେ ନାରଜ ହୋଇଥିବା କହିଥିଲେ । ସେମାନେ ପୂଜା ଚାନ୍ଦା ଦେବାରେ ଅସମର୍ଥ ତେବେ ଗାଁରେ କୌଣସି ଉନ୍ନୟନକାମ କରିପାରିବେ ନେହିଁ ବୋଲି ଜେସିବି ଡ୍ରାଇଭର ସହ ଯୁକ୍ତିତର୍କ ହୋଇଥିଲେ । ଜେସିବି ଡ୍ରାଇଭର ଘଟଣା ସଂକ୍ରାନ୍ତରେ ସରପଞ୍ଚଙ୍କ ପ୍ରତିନିଧି ବୀରବଳ ଧରୁଆକୁ ଫୋନ ଯୋଗ ଜଣାଇଥିଲେ। ଶ୍ରୀଧରୁଆ ବିରୋଧକାରୀଙ୍କ ସହ କଥା ହୋଇ ଯିଏ ଚାନ୍ଦ ନ ଦେଇଛି ତା କାମକୁ ବିରୋଧ କରନ୍ତୁ ବୋଲି କହିଥିଲେ । କିନ୍ତୁ ବିରୋଧକାରୀ ତାଙ୍କ ଜିଦରେ ଅଟଳ ରହିବାରୁ ଗାଁରୁ ଜେସିବି ମେଶିନ ଫେରି ଆସିଥିଲା।

■ ବିଧାନସଭାରେ ବିଟିଏମ୍ ପ୍ରସଙ୍ଗ

# କର୍ମଚାରୀଙ୍କ ବକେୟା ୭.୯୭ କୋଟି

**ଝାରସୁଗୁଡା ଅଫିସ,୧୭।୧୧**

ଗତ ୧୫ ବର୍ଷରୁ ଅଧିକ ସମୟ ଧରି ସରକାର ଭାସ୍କର ଟେକ୍ସଟାଇଲ୍ ମିଲ୍‌ରେ କାମ କରୁଥିବା କର୍ମଚାରୀଙ୍କ ପ୍ରତି କଠୋର ମନୋଭାବ ପୋଷଣ କରିଛନ୍ତି। ହାଇକୋର୍ଟରେ ମାମଲା ରୁଜୁ ହୋଇଥିବା ଦର୍ଶାଇ ଏହାର କର୍ମଚାରୀଙ୍କୁ ସେମାନଙ୍କ ନ୍ୟାୟୋଚିତ ପ୍ରାପ୍ୟରୁ ବଞ୍ଚିତ ରଖିଛନ୍ତି। ଝାରସୁଗୁଡା ବିଧାୟକ ନବ କିଶୋର ଦାସଙ୍କ ବିଟିଏମ୍ ବାବଦ ପଶ୍ନର ଉତ୍ତର ଦେଇ ବିଧାନସଭାରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଲେ, ଏହି ସୂତା କଳ ୧୯୯୮ ମସିହାରେ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଭାସ୍କର ସୂତା କଳରେ ମୋଟ ୨୨୧୦ ଜଣ କର୍ମଚାରୀ କାମ କରୁଥିଲେ। ସେମାନଙ୍କ ବୈଧାନିକ ଦେୟ ଯଥା ମଜୁରୀ, ଭବିଷ୍ୟନିଧି ପାଣ୍ଠି ଜମା, ଇଏସ୍‌ଆଇ ଓ ଗ୍ରାଚୁଇଟି ବାବଦରେ ମୋଟ ୭ କୋଟି ୯୭ ଲକ୍ଷ ଟଙ୍କା ଦେବାକୁ ବାକି ଅଛି। ହେଲେ ଏ ସମ୍ବନ୍ଧୀୟ ଏକ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି।

ଗୋଟିଏ ପଟେ ସରକାର ମେକ ଇନ୍ ଓଡ଼ିଶା ଜରିଆରେ ବୟନଶିଳ୍ପକୁ ପ୍ରସାର କରିବା ପାଇଁ ଯୋଜନା କରୁଥିବା ବେଳେ ପୁରୁଣା ଶିଳ୍ପର ପୁନରୁତ୍ଥାନ ଦିଗରେ ସାମାନ୍ୟତମ ପଦକ୍ଷେପ ଗ୍ରହଣ କରୁନାହାନ୍ତି। କେବଳ ବୟନଶିଳ୍ପ କାହିଁକି ୨୦୦୦ ମସିହାରେ ଜିଲାରେ ଗଢି ଉଠିଥିବା ଶିଳ୍ପାୟନ ଭିତରୁ ଅଧିକାଂଶ ବନ୍ଦ ହୋଇଗଲାଣି। ସେଗୁଡିକର ପୁନରୁତ୍ଥାନ କରିବା କିମ୍ବା ଏହାର ମାଲିକଙ୍କୁ ଆଇନ ପରିସରକୁ ଆଣି ଦଣ୍ଡଦେବା, ନିଯୁକ୍ତି ହରାଇଥିବା ଏବଂ ବକେୟା ପାଇ ନ ଥିବା କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ରାଜ୍ୟ ସରକାରଙ୍କ ନୀରବତା ଶିଳ୍ପ ଉପଯୋଗୀ ନୁହେଁ ବୋଲି ଲୋକ କହୁଛନ୍ତି।



ଡିଆରଡିଏ ସାମ୍ନାରେ ଗାଁସାଥୀଙ୍କ ଧାରଣା।

# ଗାଁସାଥୀ ସଂଘର ବିକ୍ଷୋଭ, ଧାରଣା

**ଝାରସୁଗୁଡା ଅଫିସ,୧୭।୧୧**

ଏକାଧିକ ଦାବି ନେଇ ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଝାରସୁଗୁଡା ଶାଖା ତରଫରୁ ଶନିବାର ଦିନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆଗରେ ଧାରଣା ଓ ବିକ୍ଷୋଭ କରିଥିଲେ। ଡିଆରଡିଏ ତରଫରୁ ବିଡିଓ ଏବଂ ଅନ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରି ଗାଁସାଥୀଙ୍କୁ ସେମାନଙ୍କ ପକ୍ଷ ରଖିବାକୁ ସୁଯୋଗ ଦେବା, ନୂତନ ନୀତିନିୟମ ଅନୁସାରେ ଗାଁସାଥୀଙ୍କୁ ବ୍ଲକସ୍ତରରେ ମନରେଗାର ସମସ୍ତ ପ୍ରଶିକ୍ଷଣ ଦେବା, ତୁରନ୍ତ ଟ୍ରେନିଂ ପ୍ରଦାନ କରିବା, ଗାଁସାଥୀଙ୍କ ସ୍ୱତନ୍ତ୍ର ଡାଟାବେସ୍ ପ୍ରସ୍ତୁତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ ପାଇଁ ଡିଆରଡିଏ ଅଫିସ ସମ୍ମୁଖରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବି ସମ୍ବଳିତ ସ୍ମାରକପତ୍ର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଏହି ଧାରଣାରେ ଗାଁସାଥୀ ସଂଘର ଲୋକେଶ୍ୱର ପଟେଲ, ଡିଲେଶ୍ୱର ପଟେଲ, ଭାରତୀ ମେହେର, ପ୍ରଫୁଲ୍ଲ ସମେତ ବହୁ ସଂଖ୍ୟକ ଗାଁ ସାଥୀ ଅଂଶଗ୍ରହଣ କରିଥିଲେ।




ଖେଳାଳି, ଟିମ୍ ପରିଚାଳନ ଏବଂ ଫୁଟବଲ୍ ପ୍ରେମୀ।

# ସାହାଣୀ କପ୍ ଫୁଟବଲ ପାଇଁ କୁଚିଣ୍ଡା ଗଲା ଝାରସୁଗୁଡା ଦଳ

**ଝାରସୁଗୁଡା ଅଫିସ,୧୭।୧୧**

ସମ୍ବଲପୁର ଜିଲା କୁଚିଣ୍ଡାରେ ହେବାକୁ ଥିବା ସାହାଣୀ କପ୍ ଆନ୍ତଃଜିଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଶନିବାର ଝାରସୁଗୁଡା ଦଳ ଗସ୍ତ କରିଛି। ଶୁକ୍ରବାର ଟିମ୍ ଚୟନ କରାଯାଇଥିବା ବେଳେ ଶନିବାର ଜିଲା ଫୁଟବଲ ଟିମ୍ କୁଚିଣ୍ଡା ଗସ୍ତ କରିଛି। ଏହି ଟିମରେ ଅଧିନାୟକ କ୍ରିଷ୍ଣା ମୁଣ୍ଡା, ଉପ ଅଧିନାୟକ ବିଦୁର ଭୋଇ, ଟିମ୍ ମ୍ୟାନେଜର ସୁଶାନ୍ତ ମହାନ୍ତି, କୋଚ୍ ସଞ୍ଜୟ ଦାସ ସମେତ ଅନ୍ୟ ଚୟନ ଖେଳାଳିମାନେ ଯାଇଛନ୍ତି। ଝାରସୁଗୁଡା ଦଳ ୨୦ ତାରିଖରେ ଏହାର ପ୍ରଥମ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳକୁ ଭେଟିବ। ଜିଲାର ଫୁଟବଲପ୍ରେମୀ ତାପସ ରାୟଚୌଧୁରୀ, ବିଜୟ ବେହେରା, ବିଜୟ ଦାଶ, ପ୍ରଜ୍ୱଳ ପଟେଲ, ମେହେତାବ ଖାନ୍, ପ୍ରଶାନ୍ତ ଜେନା ପ୍ରମୁଖ ଦଳର ସଫଳତା କମନା କରି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସାମୂହିକ ଖଳା ନିର୍ମାଣକୁ କେନ୍ଦ୍ରକରି ଗଣ୍ଡଗୋଳ: ଜଣେ ଆହତ

**ଭବାନୀପାଟଣା,୧୭।୧୧ (ଡି.ଏନ୍.ଏ.)**

ଭବାନୀପାଟଣା ସଦର ବ୍ଲକ ବୋର୍ଡା ଫାଣ୍ଡି ଅଧୀନ ଡଙ୍ଗାପଖାନ ଗାଁରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସବୁଜ ସାମୂହିକ ଖଳା ନିର୍ମାଣକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଡଙ୍ଗାପଖାନ ଗାଁର ଚାଷୀ ତରଣୀ କେତନୀଙ୍କୁ ଗୁର୍ଜୁଙ୍ଗ ପଞ୍ଚାୟତର ସମିତି ସଭ୍ୟ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଡଙ୍ଗାପଖାନ ଗାଁରେ ଚାଷୀଙ୍କ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟରେ ସାମୂହିକ ଖଳା ନିର୍ମାଣ ପାଇଁ ଶୁକ୍ରବାର କାମ ଆରମ୍ଭ ହୋଇଥିଲା। ହେଲେ ଡଙ୍ଗାପଖାନ ଗ୍ରାମର ତରଣୀ ବହୁ ବର୍ଷ ହେଲା ଉକ୍ତ ଜମିରେ ଚାଷ କରି ନିଜ ଦଖଲରେ ରଖିଥିଲେ । ସମିତି ସଭ୍ୟ ଜଣକ ଜେସିବି ମେଶିନ୍ ଲଗାଇ ଜାଗା ସଫା କରୁଥିବା ବେଳେ ତରଣୀ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସମିତି ସଭ୍ୟ ତରଣୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

# ଓପିଜିସି ପାଉଁଶ ପୋଖରୀରେ ଠିକା ସୁପରଭାଇଜର ନିଖୋଜ

**ଲଖନପୁର,୧୭।୧୧(ଡି.ଏନ୍.ଏ.)**

- ■ଘଟଣାସ୍ଥଳରେ ଉତ୍ତେଜନା, ହୋହଲ୍ଲା
- ■ପାଉଁଶ ଗଦାରେ ଚାପି ହୋଇଯାଇଥିବା ସନ୍ଦେହ
- ■କମ୍ପାନୀ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍ଧାର କାର୍ଯ୍ୟ ଜାରି

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପାଉଁଶ ପୋଖରୀରେ କାର୍ଯ୍ୟରତ ଠିକା ସୁପରଭାଇଜର୍ ନିରୋଜବନ୍ଧୁ ଭୋଇ(୬୦)ଙ୍କ ନିଖୋଜକୁ ନେଇ ପାଉଁଶ ପୋଖରୀ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଛି । ନିଖୋଜ ସୁପରଭାଇଜର ଭୋଇ ପଉଁଶ ଗଦାରେ ପୋତି ହୋଇଯାଇଥିବା ସନ୍ଦେହ କରି ଓପିଜିସି ତରଫରୁ ମେଶିନ୍ ଲଗାଇ ପାଉଁଶ ଖୋଳା ଜାରି ରହିଛି । ଏହି ସ୍ଥାନରେ ନିଖୋଜ ସୁପରଭାଇଜରଙ୍କ ପରିବାର ଓ ଆଖପାଖ ଗ୍ରାମର ଶତାଧିକ ଲୋକେ ଉପସ୍ଥିତ ରହିଛନ୍ତି। ଘଟଣା ସ୍ଥଳରେ କମ୍ପାନୀର ଅଧିକାରୀ ଦୀଲିପ ପଣ୍ଡା, ବିଜୟ ମିଶ୍ର, ଏନ୍‌ଏନ୍ ଷଡଙ୍ଗୀ, ଅନିଲ ପଣ୍ଡା ପ୍ରମୁଖ ରହିଛନ୍ତି। ସେହିଭଳି ପୋଲିସ ତରଫରୁ ବନହରପାଲି ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ରାଜକିଶୋର ସାମଦ, ଜିତେନ୍ଦ୍ର ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ରହିଛନ୍ତି। ହେଲେ ସୁପରଭାଇଜର ଭୋଇଙ୍କ କୌଣସି ସନ୍ଧାନ ମିଳିନାହିଁ । ଏବେ ତାଙ୍କ ପରିବାର ଆଶା ଆଶଙ୍କାରେ ରହିଛନ୍ତି।

ପାଉଁଶ ଡମ୍ପିଂପାଇଁ ଝାରସୁଗୁଡାର ଭିଆର୍ ଟାଟା ନାମକ ଏକ ଠିକାସଂସ୍ଥା ଟେଣ୍ଡରରେ ନେଇ କାମ କରୁଛ। ଏଥିରେ କେତେକ ହାଇୱା ଓ ଡ୍ରୋଜର ମେଶିନ୍ ବ୍ୟବାହର ହେଉଛି । ପାଉଁଶ ଡମ୍ପିଂ ଦିନରାତି ଅହରହ ୩ ସିଫ୍ଟ ଚାଲିଛି। ଏଠାରେ ଏକ ଅସ୍ଥାୟୀ କ୍ୟାମ୍ପ ରହିଛି । ଏଥିରେ ହାଇୱା ଚାଳକ, ହେଲ୍‌ଫର ଓ ସୁପରଭାଇଜର ଆଦି କର୍ମଚାରୀ କାମ କରୁଛନ୍ତି। ପ୍ରତିଦିନ ଭଳି ଶୁକ୍ରବାର ରାତି ୭ଟାରେ କଂଟାଟିକ୍ରା ଗ୍ରାମର ସୁପରଭାଇଜର୍ ନିରୋଜବନ୍ଧୁ ଭୋଇ କାମ କରିବା ପାଇଁ ପାଉଁଶ ପୋଖରୀରେ ପହଞ୍ଚି ଥିଲେ। ରାତିରେ ସେ ସୁପରଭାଇଜର କାମ କରିଥିଲେ । ଶନିବାର ଭୋର ସାଢେ ୪ଟାରେ କର୍ମଚାରୀମାନେ ତାଙ୍କୁ ଦେଖିଥିଲେ। ତାପରେ ସେ କୁଆଡେ ଗଲେ ଆଉ କେହି ଦେଖି ନାହାନ୍ତି। ସେ ଯେଉଁ ସ୍ଥାନରେ ଚେୟାରରେ ବସି କେତେ ଟ୍ରିପ୍ ପାଉଁଶ ଆସିଲା ସେ ସବୁ ଖାତାରେ ଲେଖୁଥିଲେ ସେହି ସ୍ଥାନରେ ଥିବା ଚେୟାର ଓ ଖାତା ନାହିଁ। ଏ ନେଇ ପୋଲିସ୍ ଠିକାସଂସ୍ଥାର ଇନଚାର୍ଜ ରମେଶ ସାମଲ ଓ ଅନ୍ୟକର୍ମଚାରୀମାନଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି।

### ଯୁବତୀଙ୍କୁ ଅପହରଣ କରି ଯୁବକ ଗିରଫ

**ଭବାନୀପାଟଣା ୧୭।୧୧(ଡି.ଏନ୍.ଏ.)**

ସଦର ଥାନା ଅଧୀନ ଫଟାପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଥୁଆମୁଳରାମପୁର ବ୍ଲକର ଭଟଗୁଡା ଗ୍ରାମର ଭୂପେନ୍ଦ୍ର ନାଏକ (୨୩)। ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଭୂପେନ୍ଦ୍ରଙ୍କ ସହିତ ବିବାହ ପ୍ରସ୍ତାବ ଥିଲା। ପରେ ଯୁବତୀଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ଏଣୁ ଭୂପେନ୍ଦ୍ର ନଭେମ୍ବର ୪ ତାରିଖରେ ଯୁବତୀଙ୍କୁ ଅପହରଣ କରି ନେଇଥିଲା । ଏ ନେଇ ଯୁବତୀଙ୍କ ବାପା ଭବାନୀପାଟଣା ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଭୂପେନ୍ଦ୍ରଙ୍କୁ ଗିରଫ କରିଛି।

# ନଦୀରୁ ଉଦ୍ଧାର ମୃତଦେହର ପରିଚୟ ମିଳିଲା

**ଲଖନପୁର,୧୭।୧୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ବନହରପାଲି ଥାନା ଦସୁରୁପାଲି ଗ୍ରାମ ନିକଟ ଇବ୍‌ନଦୀରୁ ଅଖାରେ ବନ୍ଧା ହୋଇଥିବା ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ଉଦ୍ଧାର କରିଥିଲା। ତଦନ୍ତ ପରେ ପରିଚୟ ମିଳିଛି। ଲଖନପୁର ଥାନା ରେମଣ୍ଡା ପଞ୍ଚାୟତ ଅଇଁଲାଝରଣ ଗ୍ରାମର ସୁବାସିନୀ ପ୍ରଧାନ ଓରଫ ଫୁଲ(୪୮)ଙ୍କ ଏହି ମୃତଦେହ ବୋଲି ଜଣାପଡିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ନଦୀରୁ ମୃତଦେହ ଉଦ୍ଧାର ପରେ ଏ ନେଇ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ଏକ ଅପମୃତ ମାମଲା ରୁଜୁ କରିଥିଲା । ସେହିଭଳି ମହିଳାଙ୍କ ନିଖୋଜକୁ ନେଇ ବିଟିଏମ୍ ଫାଣ୍ଡି ପୋଲିସ ଏକ ମିସ୍‌ଂ କେଶ୍ କରି ତଦନ୍ତ ଚଳାଇଥିଲା । ଏବେ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ । ଏହି ହତ୍ୟାକାଣ୍ଡ ପୂର୍ବରୁ ମହିଳାଙ୍କୁ ବଳାତ୍କାର କରାଯାଇଥିଲା କି ନାହିଁ ଏହା ଜାଣିବା ପାଇଁ ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ପୋଲିସ ବାହାରକୁ ପଠାଇଛି । ଏହି ଘଟଣାରେ ଝାରସୁଗୁଡା ପୋଲିସ ମୃତମହିଳାଙ୍କ ସାନଭଉଣୀ ପଙ୍କଜିନୀ ମାଝି, ଭଉଣୀ ଜ୍ୱାଇଁ ଅମେଶ ମାଝିଙ୍କ ସମେତ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ।

ମୃତ ମହିଳା ଜଣଙ୍କ ପୂର୍ବରୁ ବିବାହ କରିଥିଲେ। ବିବାହ ବିଚ୍ଛେଦ ପରେ ବାପା ଘରେ ଆସି ରହୁଥିଲେ । ସାନ ଭଉଣୀ ଓ ଭଉଣୀ ଜ୍ୱାଇଁ ଝାରସୁଗୁଡା କକ୍ସ କଲୋନୀରେ ରହୁଥିବାରୁ ମଝିରେ ମଝିରେ ସୁବାସିନୀ ଆସି ସେମାନଙ୍କ ପାଖରେ ରହୁଥିଲେ। ସୁବାସିନୀ ଗତ ୧୧ତାରିଖରେ ସାନଭଉଣୀ ଘରୁ ବାହାରି ଏକାତାଳି ଗ୍ରାମରେ ରହୁଥିବା ମାମୁଁ ଝିଅ ଭଉଣୀ ଘରକୁ ଯାଇଥିଲେ । ସେଠାରୁ ଅପରାହ୍ନ ୪ଟାରେ ଅଇଁଲାଝରଣ ଗ୍ରାମକୁ ଯାଉଛି କହି ସୁବାସିନୀ ବାହାରିଥିଲେ। ଘରେ ପହଞ୍ଚିଲେ କି ନାହିଁ ଏହା ଜାଣିବା ପାଇଁ ସାନ ଭଉଣୀ ସେହି ଦିନ ସନ୍ଧ୍ୟାରେ ବଡଭଉଣୀଙ୍କ ମୋବାଇଲ୍ ଫୋନ୍‌କୁ କଲ୍ କରିଥିଲେ। ବଡଭଉଣୀଙ୍କ ମୋବାଇଲ୍ ରିଙ୍ଗ୍ ହୋଇଥିଲା କିନ୍ତୁ ସେ ଉଠାଇ ନ ଥିଲେ। ତାପରେ ବଡଭଉଣୀଙ୍କ ସମ୍ପର୍କରେ ଜାଣିବା ପାଇଁ ସାନଭଉଣୀ ଅଇଁଲାଝରଣ ଗ୍ରାମକୁ ଫୋନ୍ କରିଥିଲେ। ସେଠାରୁ ଜାଣିବାକୁ ପାଇଥିଲେ ଯେ ବଡଭଉଣୀ ଘରେ ପହଞ୍ଚି ନାହାନ୍ତି। ଖୋଜା ଖୋଜି କଲା ପରେ ଶେଷରେ ସାନଭଉଣୀ ପଙ୍କଜିନୀ ବିଟିଏମ୍ ଫାଣ୍ଡିରେ ବଡ ଭଉଣୀ ନିଖୋଜ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏ ନେଇ ବିଟିଏମ୍ ଫାଣ୍ଡିରେ ୮୭/୧୮ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହାର ମାତ୍ର ଗୋଟିଏ ଦିନ ପରେ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ୍ ଇବ୍‌ନଦୀରୁ ବସ୍ତାରେ ବନ୍ଧା ହୋଇଥିବା ଜଣେ ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ଏହି ଉଦ୍ଧାର ମହିଳାଙ୍କ ମୃତଦେହର କୌଣସି ପରିଚୟ ମିଳି ନ ଥିଲା । ଏ ନେଇ ବନହରପାଲି ଥାନା ପୋଲିସ୍ ବିଭିନ୍ନ ଥାନାକୁ ଜଣାଇଥିଲା। ଏହା ପୂର୍ବରୁ ବିଟିଏମ୍ ଫାଣ୍ଡିରେ ମହିଳା ନିଖୋଜ ନେଇ ଏକ ମାମଲା ରୁଜୁ ହୋଇଥିଲା । ଏ ନେଇ ଉଭୟ ପୋଲିସ ମଧ୍ୟରେ ସମ୍ପର୍କ ସ୍ଥାପନ ହେଲା ପରେ ମୃତଦେହକୁ ଚିହ୍ନଟ କରିବା ପାଇଁ ପଙ୍କଜିନୀଙ୍କୁ ଡକାଯାଇଥିଲା। ପଙ୍କଜିନୀ ମୃତଦେହକୁ ଚିହ୍ନଟ କରି କହିଥିଲେ ସେ ତାଙ୍କ ବଡଭଉଣୀ ସୁବାସିନୀଙ୍କର ବୋଲି। ସୁବାସିନୀଙ୍କୁ କିଏ ଓ କାହିଁକି ହତ୍ୟାକଲା, ପୁଣି ପ୍ରମାଣ ନଷ୍ଟ କରିବା ପାଇଁ ଅଖାରେ ବାନ୍ଧି ନଦୀରେ ଫିଙ୍ଗି ଦେଲେ ଏସବୁକୁ ନେଇ ପୋଲିସ ଏବେ ତନାଘନା ଚଳାଇଛି।



ସୁବାସିନୀ ପ୍ରଧାନ (ଫାଇଲ୍ ଫଟୋ)